# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ (୧୮ ପୃଷ୍ଠା) | Bhubaneswar, Monday, February 12/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 80 | ମୂଲ୍ୟ₹୭/-




# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ | Bhubaneswar, Monday, February 12/2024




ନୂଆଦିଲ୍ଲୀର କନ୍ନଟ୍ ପ୍ଲେସ୍‌ଠାରେ ରବିବାର ଅନୁଷ୍ଠିତ କ୍ଲାସିକ୍ କାର୍ ରାଲିରେ ଜଣେ ପ୍ରତିଯୋଗୀ ତାଙ୍କ ଭିଣ୍ଟେଜ୍ କାର୍ ସହ ଭାଗ ନେଇଛନ୍ତି। (ଫଟୋ-ଚମନ ଗୌତମ)

# ଚାକିରି ନାଁରେ ୨୦ ମହିଳାଙ୍କୁ ଗଣବଳାତ୍କାର

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୧୦ ଜଣଙ୍କ ବିରୋଧରେ ମାମଲା

**ଜୟପୁର,୧୧।୨**

ରାଜସ୍ଥାନର ସିରୋହି ଜିଲାରେ ଅଙ୍ଗନୱାଡିରେ ଚାକିରି ଦେବାକୁ କହି ୨୦ ମହିଳାଙ୍କୁ ଖାଦ୍ୟରେ ନିଶା ଦେଇ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ବଳାତ୍କାର ବେଳର ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଛି। ୨ରୁ ୩ ମାସ ତଳର ଏହି ବର୍ବରତା ସମ୍ପର୍କରେ ପାଲି ଜିଲାର ଏକ ଥାନାରେ ୮ ଜଣ ପୀଡ଼ିତା ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ସିରୋହି ମ୍ୟୁନିସିପାଲ କାଉନ୍‌ସିଲ ଅଧ୍ୟକ୍ଷ ମହେନ୍ଦ୍ର ମେୱାଡା ଓ କମିଶନର ମହେନ୍ଦ୍ର ଚୌଧରୀଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ୮ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୀଡ଼ିତାମାନଙ୍କ ଅଭିଯୋଗ ହେଉଛି, ସିରୋହି ମ୍ୟୁନିସିପାଲ କାଉନ୍‌ସିଲ୍‌ର ଦୁଇ ମହେନ୍ଦ୍ର ୧୫ରୁ ୨୦ ଜଣ ମହିଳାଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉଭୟେ ମହିଳାମାନଙ୍କୁ ସିରୋହିରେ ଭେଟିବାକୁ କହିଥିଲେ। ଅଧ୍ୟକ୍ଷ ମେୱାଡା ଓ କମିଶନର ଚୌଧରୀ ସେମାନଙ୍କ ପାଇଁ ରହିବା ଖାଇବା ବ୍ୟବସ୍ଥା କରାଇଥିଲେ। ସେମାନଙ୍କୁ ଜଣେ ପରିଚିତ ବ୍ୟକ୍ତିଙ୍କ ଘରେ ରଖି ଖାଦ୍ୟରେ ନିଶା ମିଶାଇଥିଲେ। ମହିଳାମାନେ ଖାଇବା ପରେ ଚେତାଶୂନ୍ୟ ହୋଇଯାଇଥିଲେ। ଉଭୟେ ନିଜ ୮ ସମର୍ଥକଙ୍କ ସହ ମିଶି ସେମାନଙ୍କୁ ଗଣବଳାତ୍କାର କରିଥିଲେ। ସେହି ସମୟରେ ସେମାନେ ଭିଡିଓ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଜଣ ପିଛା ୫ ଲକ୍ଷ ଟଙ୍କା ଲେଖାଏ ନ ଦେଲେ ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ। ଥାନାରେ ଏତଲା ଦେବା ସତ୍ତ୍ୱେ ପୋଲିସ ମାମଲା ରୁଜୁ କରି ନ ଥିଲା। ରାଜସ୍ଥାନ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କୋଟୱାଲି ଥାନରେ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ଡିଏସ୍‌ପି ପାରସ ଚୌଧରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପୋଲିସ କହିଛି, ଏଭଳି ମାମଲା ପୂର୍ବରୁ ମଧ୍ୟ ରୁଜୁ ହୋଇଥିଲା। କିନ୍ତୁ ଏତଲା ଦେଇଥିବା ମହିଳାମାନଙ୍କୁ ଡକାଇ ବୟାନ ରେକର୍ଡ କରିବାକୁ ଦେଖିଲା ବେଳକୁ ସେମାନଙ୍କ ଠିକଣା ଭୁଲ୍ ଥିଲା। ପରେ ସେଗୁଡ଼ିକ ମିଥ୍ୟା ମାମଲା ବୋଲି ଜଣାପଡ଼ିଥିଲା। ମ୍ୟୁନିସିପାଲ କାଉନ୍‌ସିଲ ଅଧ୍ୟକ୍ଷ ମହେନ୍ଦ୍ର ଏବଂ ନିକଟରେ ଅବସର ନେଇଥିବା କମିଶନର ମହେନ୍ଦ୍ର ଚୌଧରୀ ଏହାକୁ ଏକ ମିଥ୍ୟା ମାମଲା କହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ୨ ଦୁର୍ଘଟଣାରେ ୭ ମୃତ, ୪୪ ଆହତ

- **କଳାହାଣ୍ଡିରେ ପିକ୍‌ଅପ୍ ଭ୍ୟାନ ଓଲଟିଲା**
- **ଝାରସୁଗୁଡ଼ାରେ ଟ୍ରକ୍-ଟାଟା ମ୍ୟାଜିକ୍ ଧକ୍କା**

**ବ୍ରଜରାଜନଗର/ ଭବାନୀପାଟଣା/ ଗୋଲାମୁଣ୍ଡା,୧୧।୨(ବିଜୟ ବରାଡ଼/ ଉତ୍ତମ କୁମାର ଦାଶ/ ବଟକୃଷ୍ଣ ପଣ୍ଡା)**

ପଶ୍ଚିମ ଓଡ଼ିଶାର ୨ଟି ସ୍ଥାନରେ ରବିବାର ବଡ଼ ଦୁର୍ଘଟଣା ଘଟି ୭ ଜଣଙ୍କ ଜୀବନ ଯାଇଛି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଡୋକ୍ରିପଡ଼ା ଓ ଚିଲଗାଁ ମଧ୍ୟରେ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିବାରୁ ୨ ଶ୍ରମିକ ଏବଂ ଝାରସୁଗୁଡ଼ା ଜିଲା ଲଖନପୁର ଥାନା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଟାଟା ମ୍ୟାଜିକକୁ ଧକ୍କା ଦେବାରୁ ୫ଜଣଙ୍କ ମୃତ୍ୟୁ ଘଟିଛି। ଉଭୟ ଦୁର୍ଘଟଣାରେ ୪୪ରୁ ଅଧିକ ଗୁରୁତର ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଝାରସୁଗୁଡ଼ା ଜିଲା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ବିଟିଏମ୍‌ଠାରୁ କନକତୁରା ରାସ୍ତା ଏବେ ସାଧାରଣ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ପ୍ରାୟ ୧ମାସ ତଳେ ଏଠାରେ ଦୁର୍ଘଟଣା ଘଟି ଲଖନପୁର ଥାନା ଅଞ୍ଚଳର ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ଏକ ଟ୍ରକ୍ ସହ ଟାଟା ମ୍ୟାଜିକ ଧକ୍କା ହେବାରୁ ୫ଜଣଙ୍କ ଜୀବନ ଯାଇଛି। ଏଥିରେ ଅନ୍ୟ ୮ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଲଖନପୁର ଥାନା ପାଣ୍ଡରୀ ଗ୍ରାମର ଭୁବନେଶ୍ୱର ଭଇଁସାଲ, ଉର୍ମିଳା ରାଉତ, ରେଙ୍ଗାଲିର ଉମା ପ୍ରଧାନ, ଝାଡୁପଦାର ଥଣ୍ଡାରମ ସତାନାମୀ ଓ ମାଛିଦା ଗ୍ରାମର କଳ୍ପନା ମେହେର।

ପୋଲିସ ସୂଚନା ଅନୁଯାୟୀ, ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ଓଡି ୨୩ବି-୧୭୨୭ ନଂ. ବିଶିଷ୍ଟ ଟାଟା ☞ପୃଷ୍ଠା-୮

# ୧୩ ଆଞ୍ଚଳିକ ଭାଷାରେ ହେବ ସିଏପିଏଫ୍‌ର କନଷ୍ଟେବଲ୍ (ଜିଡି) ପରୀକ୍ଷା

**ଭୁବନେଶ୍ୱର, ୧୧।୨(ଅସମାପିକା ସାହୁ)**

ପ୍ରଥମ ଥର ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ୍)ର କନଷ୍ଟେବଲ୍ (ଜେନେରାଲ ଡ୍ୟୁଟି) ନିଯୁକ୍ତି ନିମନ୍ତେ ପରୀକ୍ଷା ହିନ୍ଦୀ ଓ ଇଂଲିଶ ବ୍ୟତୀତ ୧୩ଟି ଆଞ୍ଚଳିକ ଭାଷାରେ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ଓଡ଼ିଆ, ଅସାମୀୟ, ବଙ୍ଗଳା, ଗୁଜରାଟୀ, ମରାଠୀ, ମାଲାୟାଲମ୍, କନ୍ନଡ, ତାମିଲ, ତେଲୁଗୁ, ଉର୍ଦ୍ଦୁ, ପଞ୍ଜାବୀ, ମଣିପୁରୀ ଏବଂ କୋଙ୍କଣୀ ଭାଷା। ଫେବୃଆରୀ ୨୦ରୁ ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ଦେଶର ୧୨୮ଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପ୍ରାୟ ୪୮ ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ଷ୍ଟାଫ୍ ସିଲେକ୍ସନ କମିଶନ(ଏସ୍‌ଏସ୍‌ସି) ☞ପୃଷ୍ଠା-୮

# ସାତକଡ଼ି ହୋତାଙ୍କ ପରଲୋକ

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ)**



ବିଶିଷ୍ଟ ସାହିତ୍ୟିକ, ପ୍ରଶାସକ ତଥା 'ସମୟ' ଖବରକାଗଜର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତାଙ୍କର ରବିବାର ପରଲୋକ ହୋଇଯାଇଛି। ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ତାଙ୍କ ବଡ଼ଝିଅଙ୍କ ଘରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ଦୁଇଦିନ ☞ପୃଷ୍ଠା-୮




ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ | Bhubaneswar, Monday, February 12/2024 | ପୃଷ୍ଠା-୧


# ଗୁଣି ସନ୍ଦେହ: ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ପାତ୍ରପୁର,୧୧।୨(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଆଦିବାସୀ ଅଧ୍ୟୁଷିତ ହଳଦୀବାଡ଼ ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଗୁଣି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଘରୁ ଟାଣିନେଇ ପିଟି ହତ୍ୟା କରିବା ପରେ ପୋଡ଼ି ଦିଆଯାଇଛି। ମୃତକ ହେଲେ ଗୁରୁବାରିଆ ଡାକୁଆ। ତାଙ୍କ ସ୍ତ୍ରୀ ଶ୍ରୀମନ୍ତି ଡାକୁଆ ୭ ଝିଅଙ୍କୁ ଧରି ଆକ୍ରମଣକାରୀଙ୍କ କବଳରୁ ଖସି

## ୭ ଝିଅଙ୍କୁ ଧରି ଅନ୍ୟ ଗାଁକୁ ପଳାଇଲେ ମହିଳା

ଅନ୍ୟତ୍ର ପଳାଇଛନ୍ତି। ରବିବାର ସେ ଫୋନ ଯୋଗେ ଏହି ସୂଚନା ଦେବା ସହ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଶ୍ରୀମନ୍ତି କହିଛନ୍ତି ଯେ, ତାଙ୍କ ସ୍ୱାମୀ ଗୁରୁବାରିଆ ଆନ୍ଧ୍ରପ୍ରଦେଶର ହୁନାଳି ଗ୍ରାମରେ ମଇଁଷି ଜଗୁଥିଲେ। ଶନିବାର ସେ କାମରୁ ଆସି ଖାଇପିଇ ଶୋଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଲୋକ ଘରକୁ ପଶି ଆସି ତମ ପରିବାର ଗୁଣିଆ ବୋଲି କହି ଶ୍ରୀମନ୍ତିଙ୍କୁ ☞ପୃଷ୍ଠା-୮




# କେନ୍ଦୁପତ୍ର ତୋଳାଳିଙ୍କୁ ୫୦% ବୋନସ୍

ଭୁବନେଶ୍ୱର,୧୧।୨(ସୁଜିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ କେତେକ ନୂତନ ପଦକ୍ଷେପ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଅନୁଯାୟୀ କେନ୍ଦୁପତ୍ର ତୋଳାଳିମାନଙ୍କୁ ଚଳିତ ଫସଲ ଋତୁ ପାଇଁ ୫୦% ବୋନସ୍ ମିଳିବ। ଏହି ବୋନସ୍ ପରିମାଣ ଗତବର୍ଷଠାରୁ ୨ ଗୁଣ। ଏହା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ଜମା ହେବ। ସେହିପରି କେନ୍ଦୁପତ୍ର ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀଙ୍କ ପାଇଁ ୧୦% ଇନ୍‌ସେନ୍‌ଟିଭର ବ୍ୟବସ୍ଥା କରାଯାଇଛି। ସାମୟିକ କର୍ମଚାରୀଙ୍କୁ ମାସେ ଅଧିକ କାମ ଦିଆଯିବ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କେନ୍ଦୁପତ୍ର ପ୍ରତି ବିଡ଼ା ମୂଲ୍ୟରେ ବୃଦ୍ଧି ଘୋଷଣା କରିଛନ୍ତି। କୋଡିଏ ପତ୍ର ବିଶିଷ୍ଟ ବିଡ଼ାର ମୂଲ୍ୟ ୧ ଟଙ୍କା ୪୦ ପଇସାରୁ ୧ ଟଙ୍କା ୬୦ ପଇସାକୁ ବୃଦ୍ଧି କରାଯାଇଛି। ସେହିପରି ଚାଳିଶ ପତ୍ର ବିଶିଷ୍ଟ ବିଡ଼ାର ମୂଲ୍ୟ ୨ ଟଙ୍କା ୮୦ ପଇସାରୁ ୩ ଟଙ୍କା ୨୦ ପଇସାକୁ ବୃଦ୍ଧି କରାଯାଇଛି। ସାମୟିକ କର୍ମଚାରୀମାନଙ୍କ ମଜୁରି ସଂଶୋଧନ ପ୍ରସ୍ତାବକୁ ମଧ୍ୟ ସରକାର ଗ୍ରହଣ କରିଛନ୍ତି। ☞ପୃଷ୍ଠା-୮

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ବନ୍ଧେଇ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ୧୦% ପ୍ରୋତ୍ସାହନ ରାଶି
- ସାମୟିକ କର୍ମଚାରୀଙ୍କ ମଜୁରି ସଂଶୋଧନ ପ୍ରସ୍ତାବକୁ ଗ୍ରହଣ କଲେ ସରକାର
- ସାମାଜିକ ସୁରକ୍ଷାରେ ସାମିଲ ହେବା ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି
- କେନ୍ଦୁପତ୍ର ତୋଳାଳି ପରିବାରର ୨ଟି ଝିଅ ବାହାଘର ପାଇଁ ସହାୟତା ଦେବେ ସରକାର

ଆଜିର ସମ୍ପାଦକୀୟ ଆସିପାରନ୍ତି ବିଲାୱଲ






**ଆଜିର ମନ୍ତବ୍ୟ**

"ଇଣ୍ଡିଆ ବ୍ଲକ୍‌ର ଅଳ୍ପକିଛି ଅଂଶୀଦାର ଏନ୍‌ଡିଏ ଆଡ଼କୁ ଢଳିଲେ ବିରୋଧୀ ମେଣ୍ଟ ପ୍ରଭାବିତ ହେବ ନାହିଁ। ଆମ ମିଳିତ ଶକ୍ତିକୁ ଦେଖି ଭାଜପା ଭୟଭୀତ।
– ସଚିନ ପାଇଲଟ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଚତୁର୍ଦ୍ଧା', ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଏଏସିସିଆଇ ବିଜନେସ୍ ସୁମିଟ୍ ଆଣ୍ଡ ଏକ୍ସପୋ ଗ୍ରୀନ କନ୍‌କ୍ଲେଭ, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା।
- ଜେକେ ଫାଉଣ୍ଡେଶନ ଫର୍ ଆର୍ଟ ଆଣ୍ଡ କଲଚର୍, ସ୍ଥାନ: ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ବଚପନ୍ ପ୍ରି-ସ୍କୁଲର ୧୮ତମ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଭାରତ ରଙ୍ଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ୧୪ତମ ଯୁଗଳବନ୍ଦୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍, ସ୍ଥାନ: ଦାରୁଠେଙ୍ଗ ପିଣ୍ଡିକି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ନବୀନ ଓଡ଼ିଶା ଯୋଜନା ଉପରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ- ରଘୁନାଥପୁର ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ୭୬ତମ ସର୍ବୋଦୟ ମେଳା ଓ ଗାନ୍ଧୀ ସ୍ମୃତି ପୀଠ ପ୍ରତିଷ୍ଠା ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବାର୍ଷିକ କାର୍ଯ୍ୟ କାରିଣୀ ବୈଠକ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ବୀରପ୍ରତାପପୁର ଶାସନ, ସମୟ: ଅପରାହ୍ନ ୩ଟା ୩୦।
- ଏସଏସ୍‌ବି ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଚନ୍ଦନପୁର, ସମୟ: ଅପରାହ୍ନ ୪ଟା।
- ସତ୍ୟବାଦୀ ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ନିମନ୍ତେ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର ଓ ଜାତୀୟ ରାଜପଥ ପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୧ଟା।
- ମହାପୁରୁଷ ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ସତ୍ୟବାଦୀ ଶ୍ରୀରାମଚନ୍ଦ୍ରପୁର ଶାସନଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା' ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତସ୍ତରୀୟ ସଚେତନ ଶିବିର, ସ୍ଥାନ: ବାମନାଳ ପଞ୍ଚାୟତ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଅରିଷଣ୍ଢ ପଞ୍ଚାୟତ, ଖରୀପଡ଼ିଆ ପାର୍କ ପଡ଼ିଆ, ଶଳଙ୍ଗ ପଞ୍ଚାୟତ, ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ଦ୍ୱାରା ଆୟୋଜିତ ନବମ ପଦ୍ମଚରଣ ସ୍ମାରକୀ ଅଲ ଓଡିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

## କଟକ

- ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ତିଗିରିଆ ପାଞ୍ଚଗାଁ ମିନି ଷ୍ଟାଡିୟମ,ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ତିଗିରିଆ ନୂଆପାଟଣା ପଞ୍ଚାୟତ, ଗାନ୍ଧୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ମା'ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବେଗୁନିଆ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋଲୁହାପାଟଣା ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ- ବାଲିଆପାଳ ବ୍ଲକ କାର୍ଯ୍ୟାଳୟ, ସମୟ – ପୂର୍ବାହ୍ନ ୧୦ଟା।
- ଆଦର୍ଶ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ-ଗରସଙ୍ଗ, ଖଇରା, ସମୟ- ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଆଭାସୀ ମାଧ୍ୟମରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ବାରିପଦା ଛଉପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ.୨୨ ମିଶନଶକ୍ତି ଗୃହ, ବିନ୍ଧାଣୀସାହି ଏବଂ ମୁନି ସମାଜ ଜନାର୍ଦ୍ଦନପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଜନଶୁଣାଣି ଶିବିର, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ତିହିଡ଼ି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦର ପ୍ରତିବାଦ ସଭା, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସଭା, ସ୍ଥାନ: ମୁସ୍ତାଫାପୁର ପଞ୍ଚାୟତ ଯଜ୍ଞ ମଣ୍ଡପ କାଳୀପଡ଼ିଆ, ସୋହଡ଼ା ଓ କରଦା ପଞ୍ଚାୟତ, ଧାମନଗର, ସମୟ : ପୂର୍ବାହ୍ନ ୧୧ଟା।
- ବିଶିଷ୍ଟ ବ୍ୟବସାୟୀ ଜଗବନ୍ଧୁ ପାତ୍ରଙ୍କ ସ୍ମୃତିସଭା, ସ୍ଥାନ: ରଘୁନାଥପୁର, ମୁସ୍ତାଫାପୁର, ଦୋବଲ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ହରିହର ମନ୍ଦିର କମିଟିର ସାଧାରଣ ପରିଷଦ ବୈଠକ, ସ୍ଥାନ: ହରିହର ମନ୍ଦିର ପ୍ରାଙ୍ଗଣ, ବଡ଼ବିଲ, ସମୟ: ସନ୍ଧ୍ୟା ୭ ଟା।
- ମୋ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କିକୋଟ୍ ହାଇସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ବସ୍ ସ୍କିମ୍ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଧରଣୀଧର ମେଡ଼ିକାଲ କଲେଜ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଗୁରୁ ପଦ୍ମସମ୍ଭବଙ୍କ ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମ, ଲକ୍ଷ୍ମୀଡୁଙ୍ଗୁରୀ, ପୂର୍ବାହ୍ନ ୯ଟା।
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ସୁଇଟ୍ ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ଉତ୍ସବ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ସାଢ଼େ ୧୧ଟା।
- ସମ୍ବଲପୁର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅଇଁଠାପାଲି ବିର୍ସା ମଇଦାନ, ସନ୍ଧ୍ୟା ସାଢ଼େ ୬ଟା।

## ବଲାଙ୍ଗୀର

- ବଲାଙ୍ଗୀର ଜିଲାରେ ଲକ୍ଷ୍ମୀବସ ସେବା ଉଦ୍‌ଘାଟନ, ସ୍ଥାନ: ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ପୋଲିସର ଜନସମ୍ପର୍କ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ବାଘଝରନ ଖେଳ ପଡିଆ ଓ ରେଙ୍ଗାଲି ପଞ୍ଚାୟତ ଆମବାହାଲି ଗାଁ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପାଇକମାଳ ପଞ୍ଚାୟତ ସମିତି ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଇସଲପଦର, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ବସ୍ ଚଳାଚଳ ଶୁଭାରମ୍ଭ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ନୃସିଂହ ଓ ରାମ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଋଷିପାଲି-ଜଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୪ମିନିଟ୍।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆନ୍ଧ୍ର କ୍ୟାମ୍ପ, ଖଣ୍ଡହଥା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଛେଣ୍ଡ, ସମୟ: ସକାଳ ୮ଟା।
- ସେକ୍ଟର-୧ କଲ୍ୟାଣ ବସ୍ତିବାସୀଙ୍କ ଆରଏମସି ଅଫିସରେ ଫେରାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୯ଟା।
- ହକି ପ୍ରୋ ଲିଗ୍, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୫ଟା।
- ସାହିତ୍ୟ ସଭା, ସ୍ଥାନ: ସାଂସ୍କୃତିକ ପରିଷଦ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ନାରୀଶକ୍ତି ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସେକ୍ଟର-୫, ସମୟ: ପୂର୍ବାହ୍ନ ୧୧ଟା।
- ହୃଷୀକେଶ ରାୟ କଲେଜର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଛାତ୍ର ସଂସଦ ଓ ସାଂସ୍କୃତିକ ପରିଷଦର ୬୬ତମ ବାର୍ଷିକ ଉତ୍ସବ,ସ୍ଥାନ- ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ: ସମୟ ଅପରାହ୍ନ ୧ଟା।

## ନୂଆପଡ଼ା

- ଜିଲା ଶ୍ରମିକ ମହାସଂଘ ପକ୍ଷରୁ ୮ଘଣ୍ଟିଆ ବନ୍ଦ, ସ୍ଥାନ: ନୂଆପଡ଼ା ଜିଲା, ସମୟ: ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ।

## କଳାହାଣ୍ଡି

- ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ସମାରୋହ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସ.ମାଲପଡା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ଧବଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ୧୪ ତମ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ, ସ୍ଥାନ: ବନ୍ଧଗୋରା ଖେଳପଡିଆ ସମୟ: ସକାଳ ୮ଟା।
- ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡାସ୍ଥିତ ରେକଡୋଲ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ରେକଡୋଲ , ସମୟ : ସକାଳ ୬ଟା।

## ଦେବଗଡ଼

- ଇସ୍କନ ତରଫରୁ ଦେବଗଡ ସହର ପରିକ୍ରମା, ସମୟ ଅପରାହ୍ନ ୪ ଟା ଓ ପ୍ରବଚନ କାର୍ଯ୍ୟକ୍ରମ ସନ୍ଧ୍ୟା ୭ ଟା,ସ୍ଥାନ: ଗୋପୀନାଥ ମନ୍ଦିର, ଶାସନ ସାହ।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ କୃଷକ ସମାବେଶ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ପାତାଳି ମହୋତ୍ସବ ତୃତୀୟ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇ, ସମୟ : ଅପରାହ୍ନ ୫ଟା ୩୦ମିନିଟ୍।
- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦ମିନିଟ୍।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରି ଖେଳପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଜିଲା କଂଗ୍ରେସ ବୈଠକ, ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ ପଡିଆ, ସମୟ: ପୂର୍ବାହ୍ନ ୧୧ଟା
- ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନ ଶିବିର , ସ୍ଥାନ : ଅଞ୍ଚଳା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାମନାଗୁଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା

## ଅନୁଗୋଳ

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ- ଅନୁଗୋଳ ୱାର୍ଡ ନଂ. ୨୦ ଓ ୨୩, ସମୟ- ପୂର୍ବାହ୍ନ ୧୦ଟା ୩୦।
- ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ- ଆଠମଲ୍ଲିକ ବ୍ଲକ ସଭାଗୃହ, ସମୟ- ପୂର୍ବାହ୍ନ ୧୦ ଘଟିକା।
- ଆଇସିଡିଏସ୍ ସମୀକ୍ଷା ବୈଠକ, ସ୍ଥାନ- ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ସମୟ- ଅପରାହ୍ନ ୨ଟା ୩୦।

## ଗଞ୍ଜାମ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ-ବୁଗୁଡ଼ା ବ୍ଲକ କଳମ୍ବ ପଞ୍ଚାୟତ,ସମୟ-ପୂର୍ବାହ୍ନ ୧୧ଟା
- ରାମଚରିତ ମାନସ ପାରାୟଣ ଶୁଭାରମ୍ଭ, ସ୍ଥାନ-ବୁଗୁଡା ତଳ ଓଡ଼ିଆ ସାହି, ସମୟ- ସନ୍ଧ୍ୟା ୬ଟା
- ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ-ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ : କେରାଣ୍ଡିତୋଳା, ନାରାୟଣପୁର, ସମୟ: ପୂର୍ବାହ୍ନ ୧୧ ଟା।
- ପାସିଂ ଆଉଟ ସେରିମନୀ, ସ୍ଥାନ: ଛତ୍ରପୁର ଅଷ୍ଟମ ବାଟାଲିୟନ, ସମୟ: ଅପରାହ୍ନ ୩ଟା
- ଅନସ୍ଲୋ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା

## କନ୍ଧମାଳ

- ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ, ସ୍ଥାନ-ବିଟିମ୍ ପଡିଆ ଫୁଲବାଣୀ।
- ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡା ମହୋତ୍ସବ, ସ୍ଥାନ-କରୋନେସନ ପଡିଆ ଓ କନ୍ଧମାଳ ଷ୍ଟାଡିୟମ୍।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ- ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟ,ସମୟ- ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆଦିବାସୀ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏରସମା ବ୍ଲକ ରାମତରା, ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ, କୋଷ୍ଟିମଲ୍ଲିକାପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ ଓ ଗୋପାଳପୁର (ଶ) ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଡେରାବିଶ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିବେଣୀ ମେଳା, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ଅପରାହ୍ନ ୧ଟା।
- ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ପୂର୍ବାହ୍ନ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା, ସ୍ଥାନ: ଡେରାବିଶ ବ୍ଲକର ନହଙ୍ଗ, ରଘୁଦେଇପୁର, ବେଣିପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ନଳିନୀକାନ୍ତ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ୪ର୍ଥ କ୍ୱାର୍ଟର ଫାଇନାଲ, ସ୍ଥାନ: ରାଜନଗର ଫିରିକିଦଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ମାର୍ଶାଘାଇ ଓ ଶିଳିପୁର ପଞ୍ଚାୟତ କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବଙ୍ଗାଳପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଶୈବ ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ, ସ୍ଥାନ: ନୟାଗଡ ବରପଲ୍ଲୀ ଶ୍ରୀକପିଳେଶ୍ୱର ମହାଦେବ ପୀଠ, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତିମହାଯଜ୍ଞର ଜଳଯାତ୍ରା, ସ୍ଥାନ: ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ନୟାଗଡ ପୁରୁଣା ସହର କରଣସାହି ବଡମଠ, ସମୟ: ପୂର୍ବାହ୍ନ ୧୦ଟା।
- ଡିଜିଟାଲ ପେମେଣ୍ଟ ଉପରେ ଚାଷୀଙ୍କ କର୍ମଶାଳା, ସ୍ଥାନ: ଘଡୁଆଳ ପଞ୍ଚାୟତ କାର୍ଯ୍ୟାଳୟ, ନୟାଗଡ଼, ସମୟ: ଅପରାହ୍ନ ସାଢ଼େ ୩ଟା।
- ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଡାଇମଣ୍ଡ ଜୁବୁଲି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୯ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରି, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ପାରାୟଣ ସପ୍ତାହର ଶୁଭାରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବେଡାଙ୍ଗୀ, ସମୟ: ସକାଳ ୬ଟା।

## ଯାଜପୁର

- ମୋବାଇଲ ଲିଗାଲ ସର୍ଭିସ ଭ୍ୟାନ୍ ଉଦ୍‌ଘାଟନ, ସ୍ଥାନ: ଯାଜପୁର ଜିଲା କୋର୍ଟ ପରିସର। ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ପୂଜାରୀପୁଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: କୋଟପାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ: ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କୌଣସି ସମ୍ପର୍କକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ସୃଷ୍ଟି ହେବ। ଦ୍ୱିଜା ନକ୍ଷତ୍ର ସକାଶେ କର୍ମ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସାହିତ୍ୟ, କଳା, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହେବେ। ଆପଣ ଉତ୍ସର୍ଗୀକୃତ ମନୋଭାବ ନେଇ କାମକଲେ ମଧ୍ୟ ନିଜ ଲୋକମାନଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ।

**ବୃଷ** ପିଲାଙ୍କ ବିବାହ ସମ୍ପର୍କିତ ବିଷୟକୁ କେନ୍ଦ୍ରକରି କଥା କଟାକଟି ଲାଗିପାରେ। ଆଶା କରୁଥିବା ଧନ ସକାଶେ କଳହ ଓ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି। ଉପରିସ୍ଥ କର୍ମଚାରୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ବାଧ୍ୟବାଧକତାବଶତଃ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** ଆଜିର କର୍ମକ୍ଷେତ୍ରରେ ମିଥ୍ୟା ପ୍ରତିଶ୍ରୁତି ଦେଇ ପଶ୍ଚାତେ ସମାଲୋଚିତ ହୋଇପାରନ୍ତି। ଅସ୍ଥିରତା ଲାଗି ରହିବା କାରଣରୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିପାରନ୍ତି। ନିଜଲୋକ କେହି ହଇରାଣ କରିପାରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଖର୍ଚ୍ଚଭାର ବୃଦ୍ଧି ପାଇବାରୁ ମନରେ ସରସତା ରହିବ ନାହିଁ।

**କର୍କଟ** ଆଜି ଆବଶ୍ୟକତାରୁ ଅଧିକ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ବାଧ ହେବେ। ନୂତନ ଉଦ୍ୟୋଗ କିମ୍ବା ପ୍ରକଳ୍ପ କାମରେ ବିଭିନ୍ନ ପ୍ରକାର ଯୋଜନା କରିବାରେ ମନ ଦେବେ। ସଭାସମିତିର ଆଲୋଚନାରେ ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ସିଂହ** ମାନସିକ ଅସୁସ୍ଥତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସମସ୍ୟା ଲାଗି ରହିବ। ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ଦୀର୍ଘ ଦିନରୁ ଖୋଜୁଥିବା ଜିନିଷ ବନ୍ଧୁଙ୍କ ଜରିଆରେ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ସାମାଜିକ ସ୍ତରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କରିପାରନ୍ତି।

**ତୁଳା** ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହୋଇପାରନ୍ତି। ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ଶାନ୍ତି ଫେରି ଆସିବ। ଚିତ୍ରା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅବଶ୍ୟ ମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା** ବିଭିନ୍ନ ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଭୁଲ୍ ନିଷ୍ପତ୍ତି ପରିପ୍ରେକ୍ଷୀରେ ନୀଚ ସଂସର୍ଗରୁ ଦୂରେଇ ନ ରହିଲେ କଳହର ସମ୍ଭାବନା ରହିଛି। କ୍ରୀଡା, ପ୍ରତିଯୋଗିତା ତଥା ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ। କାମ ହାସଲ ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ଧନୁ** ମନ୍ଥର ଗତିରେ କାମ କରିବା କାରଣରୁ କୌଣସି ବ୍ୟକ୍ତି ଦୁଇପଦ କଡାକଥା ଶୁଣାଇ ପାରନ୍ତି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରସଙ୍ଗକ୍ରମେ କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଖଳଲୋକମାନଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ଆନୁଷ୍ଠାନିକ କ୍ଷେତ୍ରରେ ଅଥବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଉପରିସ୍ଥଙ୍କ ଆଦେଶାନୁକ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଧନିଷ୍ଠା ନକ୍ଷତ୍ର ଅଫିସିଆଲି କାମରେ କାରଣ ନ ଥାଇ ଦୋଷୀ ସାବସ୍ତ୍ୟ ହୋଇପାରନ୍ତି। ସଭାସମିତି, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ କଚେରି ମାମଲା କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେବେ ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କ କୌଣସି କାମ ଅଟକିବ ନାହିଁ। କିନ୍ତୁ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବ୍ୟବସାୟରେ ଅଂଶୀଦାରଙ୍କ ସହିତ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହେବ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଶେୟାର ବଜାର ଓ ପରିବହନରେ ଲାଭବାନ ହେବେ। କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟ ହାନି କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ରହିପାରନ୍ତି।

ଆଜି ଫେବୃଆରୀ ୧୨ ତାରିଖ, ମାଘ ଶୁକ୍ଳ ତୃତୀୟା ସୋମବାର, ରାଶି, ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଦିବା ଘ. ୦୧।୩୬ ଗତେ, ମୀନ ଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୨୧ ଗତେ, ଘ.୦୭।୪୬ ମଧ୍ୟେ, ଘ.୧୦।୫୩ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୬ ଗତେ, ଘ.୦୯।୧୧ ମଧ୍ୟେ ରାହୁ କାଳ ॥

## 'ମୋ କଲେଜ'କୁ 'ସ୍କଚ୍' ସମ୍ମାନ



ଭୁବନେଶ୍ୱର,୧୧।୨(ଅସମାପିକା ସାହୁ)

'ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ' ଶନିବାର ଦେଶର ସମ୍ମାନଜନକ 'ସ୍କଚ୍' ସମ୍ମାନରେ ସମ୍ମାନିତ ହୋଇଛି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ସଫଳ ଯୋଗଦାନ ନେଇ ସଙ୍ଗଠନ ଏହି ପୁରସ୍କାର ଜିତିଛି। ବିଶେଷକରି କଲେଜ ଓ ବିଶ୍ୱବିଦ୍ୟାଳୟ ସହ ପୁରାତନ ବିଦ୍ୟାର୍ଥୀଙ୍କୁ ଯୋଡ଼ିବା, ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟାଧୁନିକ ଶୈକ୍ଷିକ ପରିସର ପ୍ରଦାନ କରିବା, ଆତ୍ମନିଯୁକ୍ତି ନେଇ ତାଲିମ ଓ କର୍ମଶାଳା ଏବଂ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମିର ବିକାଶ ନିମନ୍ତେ ସ୍ୱତନ୍ତ୍ର ଯୋଜନା ଲାଗୁ ନେଇ ସଙ୍ଗଠନ ଶ୍ରେଷ୍ଠ ବିବେଚିତ ହୋଇଛି। ଏନେଇ ନୂଆଦିଲ୍ଲୀସ୍ଥିତ 'କନ୍‌ଷ୍ଟିଚ୍ୟୁଶନ୍ କ୍ଲବ ଅଫ୍ ଇଣ୍ଡିଆ'ଠାରେ ଆୟୋଜିତ ଜାତୀୟ ସମ୍ମାନ ପ୍ରଦାନ ଉତ୍ସବରେ 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସନାୟକ ଉପସ୍ଥିତ ରହି ସମ୍ପୃକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ଅଗ୍ରଣୀ 'ଏକ୍ସେଲେନ୍ସ ପାଭିଲିୟନ' ବର୍ଗରେ 'ମୋ କଲେଜ'କୁ ଏହି ସ୍କଚ୍ ସମ୍ମାନ ମିଳିଛି। ପିଆର୍ ଭୋଟିଙ୍ଗ୍, ଅନଲାଇନ ଭୋଟିଙ୍ଗ୍ ଏବଂ ଖଣ୍ଡପୀଠ ମୂଲ୍ୟାୟନ ପ୍ରକ୍ରିୟାରେ ଶ୍ରେଷ୍ଠ ବିବେଚିତ ହୋଇ ସମ୍ପୃକ୍ତ ସମ୍ମାନ ନେଇ ସଙ୍ଗଠନ ଚୟନ ହୋଇଥିଲା। ଏ ନେଇ ଅଧ୍ୟକ୍ଷ ଦାସନାୟକ କହିଛନ୍ତି, ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଧିକ କ୍ରିୟାଶୀଳ ଓ ବିକଶିତ କରିବା ନେଇ ଯୋଜନା କାର୍ଯ୍ୟକାରୀଠାରୁ ଏଯାବତ୍ ଆମର ଶ୍ରେଷ୍ଠ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ଆଗକୁ ଆହୁରି ଅଧିକ କାର୍ଯ୍ୟ କରିବ। ଅପରପକ୍ଷେ ସମ୍ପୃକ୍ତ 'ସ୍କଚ୍ ସମ୍ମାନ' ଏହି ଅଭିଯାନକୁ ଆଗକୁ ବଢ଼ିବାରେ ଅଧିକ ପ୍ରେରଣା ଯୋଗାଇବ ବୋଲି ପୁରସ୍କାର ଗ୍ରହଣ ପରିପ୍ରେକ୍ଷୀରେ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

## ଯାତ୍ରୀବାହୀ ବସ୍ ଓଲଟିଲା, ୩୦ ଆହତ

ବେଦବ୍ୟାସ,୧୧।୨(ଆଲୋକ ସ୍ୱାଇଁ)

ରାଉରକେଲାରୁ ଗୁରୁଣ୍ଡିଆ ଯାଉଥିବା ଏକ ଯାତ୍ରୀବାହୀ ବସ୍ ରବିବାର ଭାରସାମ୍ୟ ହରାଇ ଓଲଟି ପଡିବାରୁ ୩୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଆର୍‌ଜିଏଚ୍ ଓ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ରବିବାର ଅପରାହ୍ନରେ ବିଟୁ ନାମକ ଏକ ବସ୍ ୩୦ଜଣ ଯାତ୍ରୀଙ୍କୁ ନେଇ ରାଉରକେଲାରୁ ଗୁରୁଣ୍ଡିଆ ଯାଉଥିଲା। ଏହି ସମୟରେ ଉକ୍ତ ବସ୍ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କଲୁଙ୍ଗା ବଜାର ନିକଟରେ ଏକ କାର୍ (ନଂ.ଓଡ଼ି୧୪ଜି୨୧୬୧)କୁ ଧକ୍କା ଦେଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ଥାନାଧିକାରୀ କ୍ଷିତିଶ ଚନ୍ଦ୍ର ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ଓ ଜେପି ହସ୍ପିଟାଲକୁ ପଠାଇଥିଲେ। ତେବେ କୌଣସି ବସ୍ ଯାତ୍ରୀ ଗୁରୁତର ହୋଇ ନ ଥିବା ବେଳେ କାର୍‌ରେ ଥିବା ଲୋକେ ସୁରକ୍ଷିତ ଅଛନ୍ତି ବୋଲି ପୋଲିସ କହିଛି।

## 'ବିଶ୍ୱଭାରତୀ ଏକ ଚଳମାନ ଐତିହ୍ୟ'



### ବିଶ୍ୱଭାରତୀ ପ୍ରାକ୍ତନୀର ୭ମ ବାର୍ଷିକ ସାରସ୍ୱତ ସମାରୋହ

ଭୁବନେଶ୍ୱର,୧୧।୨(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ୭ମ ବାର୍ଷିକ ଉତ୍ସବ ରବିବାର ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ମୁଖ୍ୟଅତିଥି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି ବିଶ୍ୱଭାରତୀର ତତ୍କାଳୀନ ଉପାଚାର୍ଯ୍ୟ ସତ୍ୟେନ୍ଦ୍ରନାଥ ବୋଷଙ୍କ ଗୌରବୋଜ୍ଜ୍ୱଳ ସମୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାକ୍ତନୀ ମୁଖ୍ୟ ଉପଦେଷ୍ଟା ଡ. ବସନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ୟୁନେସ୍କୋ ପକ୍ଷରୁ ବିଶ୍ୱଭାରତୀ ଶାନ୍ତିନିକେତନକୁ ଏକ ଚଳମାନ ଐତିହ୍ୟ ଭାବେ ଯେଉଁ ଗୌରବ ପ୍ରଦାନ କରାଯାଇଛି, ସେଥିରେ ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ସଭ୍ୟମାନେ ଗୌରବାନ୍ୱିତ ଏବଂ ଅଂଶୀଦାର। ଆଗାମୀ ଦିନରେ ଖୁବ୍‌ଶୀଘ୍ର ଚେୟାର ପ୍ରଫେସର ପ୍ରତିଷ୍ଠା ହେବା ନେଇ ସେ ସୂଚନା ଦେଇଥିଲେ। ମମତା ଷଡ଼ଙ୍ଗୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ବର୍ଦ୍ଧନା ପର୍ବରେ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଏବଂ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ 'ପ୍ରାକ୍ତନୀ ସୃଜନୀ ସମ୍ମାନ' ପ୍ରଦାନ କରାଯାଇଥିଲା। ୧୯୭୬ ମସିହା ମଧ୍ୟରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରଙ୍କୁ 'ବିଶ୍ୱଭାରତୀ ଛାତ୍ରଗୌରବ ସମ୍ମାନ', ମମତା ଷଡ଼ଙ୍ଗୀଙ୍କୁ 'ଡ. ମାନସ ରଞ୍ଜନ ସ୍ମୃତି ସମ୍ମାନ' ଏବଂ ୨୦୨୩ ଏସ୍.ଏସ୍.ବି ଓ ୨୦୨୪ ଓ.ପି.ଏସ୍.ସି. ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ 'ଛାତ୍ରପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଡ. ଧୀରେନ ଆଚାର୍ଯ୍ୟଙ୍କ କବିତା ପୁସ୍ତକ 'ସାନିଧ୍ୟ ଶତକ', ଲଲାଟେନ୍ଦୁ ପହିଙ୍କ 'ଏ ଟେନ୍ ମିନିଟ ଗାଇଡ ଟୁ ଇଏଚ୍‌ଆର୍ ଆଣ୍ଡ ଇଏମ୍‌ଆର୍' ଏବଂ ପ୍ରଫେସର ଆଚାର୍ଯ୍ୟ ଭବାନନ୍ଦଙ୍କ 'ଷ୍ଟଡ଼ିଜ ଇନ୍ ଫୋକ୍ କଲ୍‌ଚର୍ ଆଣ୍ଡ୍ ଅଦର ରାଇଟିଙ୍ଗ୍‌ସ' ପୁସ୍ତକର ଲୋକାର୍ପଣ କରାଯାଇଥିଲା। ସଭାପତି ଡ. ମିହିର କୁମାର ସାହୁ କହିଥିଲେ, ବିଶ୍ୱଭାରତୀ ଶାନ୍ତିନିକେତନରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରମାନେ ଆଜି ଓଡ଼ିଶା ଭାଷା ସାହିତ୍ୟ ସୁରକ୍ଷା କ୍ଷେତ୍ରରେ ସର୍ବଦା ଅଗ୍ରଗଣ୍ୟ ଭାବେ ସାମିଲ ହୋଇଆସିଛନ୍ତି। ଡ. ଦେବାନନ୍ଦ ଦାସ, ଡ. ସୁରଞ୍ଜନ ଲେଙ୍କା ଏବଂ ଡ. ଶର୍ମିଷ୍ଠା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ଅନନ୍ତକିଶୋର ଜେନା ଧନ୍ୟବାଦ ଦେଇଥିଲେ। ଡ. ନୀହାର ରଞ୍ଜନ ସାହୁ, ରବୀନ୍ଦ୍ର ବେହେରା, ଡ. ସଂଗ୍ରାମ ରାଉତ, ଡ. ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




# ଅର୍ଥନୈତିକ ଅଗ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ



ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ୍‌ରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ।

## ଆଇଆଇଏମ୍ ସମ୍ବଲପୁର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ସମ୍ବଲପୁର,୧୧।୨(ବି.ଶଙ୍କର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ସମ୍ବଲପୁର ଗସ୍ତରେ ଆସି ଆଇଆଇଏମ୍ ପରିଦର୍ଶନ କରିଛନ୍ତି। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରମୁଖ ସଚିବ ମିଶ୍ର ଆଇଆଇଏମ୍‌ର ପ୍ରଫେସର ଓ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ପଦକ୍ଷେପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଏମ୍ ସମ୍ବଲପୁରର ଅନେକ ପ୍ରକଳ୍ପ ଓ ମାଷ୍ଟର ପ୍ଲାନ ବିକାଶ କରି ରାଜ୍ୟ ଓ ଦେଶର ଅର୍ଥନୈତିକ ଅଗ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। କ୍ୟାମ୍ପସ୍‌ରେ ଥିବା ପ୍ରଶାସନିକ କାର୍ଯ୍ୟାଳୟ, ଅଡିଟୋରିୟମ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ମୁକ୍ତାକାଶ ରଙ୍ଗମଞ୍ଚ କେନ୍ଦ୍ର ବୁଲି ଦେଖିବା ସହ ପ୍ରଶଂସା କରିଥିଲେ। ଏଠାରେ ବିଶ୍ୱସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଇପାରିବ ବୋଲି ମଧ୍ୟ ସେ କହିଥିଲେ। ଏହି ଅବସରରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁରର ମୁଖ୍ୟତଃ ତିନି ମାର୍ଗଦର୍ଶକ ନୀତି ହେଉଛି ଉଦ୍ଭାବନ, ଅନ୍ତର୍ଭୁକ୍ତୀକରଣ ଓ ସଚ୍ଚୋଟତା। ଏହି ଅନୁଷ୍ଠାନ ଭାରତ ସରକାରଙ୍କ ପାଞ୍ଚଟି ପ୍ରମୁଖ ପଦକ୍ଷେପ ଉପରେ ଧ୍ୟାନ ଦେଉଛି। ନୂତନ ଶିକ୍ଷା ନୀତି, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଓ ମହିଳା ସଶକ୍ତୀକରଣ। ମାଷ୍ଟର ବୁଣାକାରଙ୍କ ପାଇଁ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି। ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ମଧ୍ୟ ୫୦:୫୦ ଅନୁପାତ ରହିଛି ବୋଲି ଜୟସ୍ୱାଲ କହିଛନ୍ତି।

# କଗ୍ନିଜେଣ୍ଟ ଟେକ୍ନୋଲୋଜିର ଭୁବନେଶ୍ୱର କେନ୍ଦ୍ରକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ପ୍ରଗତି ଯାତ୍ରାର ଏହା ଆଉ ଏକ ସଫଳ କାହାଣୀ: ନବୀନ

**ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)**



କଗ୍ନିଜେଣ୍ଟ ଟେକ୍ନୋଲୋଜିର ଭୁବନେଶ୍ୱର କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ବିଶ୍ୱର ଅନ୍ୟତମ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନକାରୀ କମ୍ପାନୀ କଗ୍ନିଜେଣ୍ଟ ଟେକ୍ନୋଲୋଜିର ଭୁବନେଶ୍ୱର କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ କଗ୍ନିଜେଣ୍ଟର ସିଇଓ ରବି କୁମାର, ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଆଇଟି, କ୍ରୀଡ଼ା ଓ ଯୁବସେବା, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡାଙ୍କ ସମେତ କମ୍ପାନୀର ବରିଷ୍ଠ ନେତୃତ୍ୱ ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଓଡ଼ିଶାର ପ୍ରଗତି ଯାତ୍ରାର ଏହା ଆଉ ଏକ ସଫଳ କାହାଣୀ। ଖୁସିର ବିଷୟ ଯେ, ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟର ଅଧିକାରୀ କଗ୍ନିଜେଣ୍ଟ ଏବେ ରାଜ୍ୟର କ୍ରମବର୍ଦ୍ଧମାନ ଅର୍ଥନୀତି ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ ପାଇଁ ଭୁବନେଶ୍ୱରକୁ ଦେଶର ଅନ୍ୟତମ ସହର ଭାବରେ ଯୋଡ଼ିଛି। ରାଜ୍ୟ ଦୃଢ଼ ଆତ୍ମବିଶ୍ୱାସର ସହ ଆଗେଇଚାଲିଛି। ମୋର ବିଶ୍ୱାସ ନୂତନ ଉଦ୍ୟୋଗ, ବୈଷୟିକ ଉଦ୍ଭାବନ ଏବଂ ନୂତନ ଯୁଗର ଚିନ୍ତାଧାରାକୁ ପ୍ରୋତ୍ସାହିତ କରି ଏକ ସୁଦୃଢ଼ ଇକୋସିଷ୍ଟମ ଦ୍ୱାରା ଓଡ଼ିଶା ବିକାଶର ପଥକୁ ଅଧିକ ସମ୍ପ୍ରସାରିତ କରିପାରିବ। କଗ୍ନିଜେଣ୍ଟର ଉପସ୍ଥିତି ଓଡ଼ିଶାର ଯୁବକମାନଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ। କମ୍ପାନୀର ସମ୍ପ୍ରସାରଣ ପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। କଗ୍ନିଜେଣ୍ଟର ସିଇଓ ରବି କୁମାର ଏସ୍ କହିଛନ୍ତି ଯେ, ଭୁବନେଶ୍ୱରର ଏହି ନୂଆ ବୈଷୟିକ କେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଆମେ ଉତ୍ସାହିତ ଅଛୁ। ଏଠାରେ ଏକ ନୂତନ କେନ୍ଦ୍ର ଖୋଲିବା ସହିତ ଟାୟାର-୨ ସହରରେ ଆମର ସମ୍ପ୍ରସାରଣ କରିଥିବାରୁ ଆମେ ଉତ୍ସାହିତ। ରାଜ୍ୟର ସୁବ୍ୟବସ୍ଥିତ ପ୍ରଯୁକ୍ତିବିଦ୍ୟା ନୀତି, ବୈଷୟିକ ଶିକ୍ଷାନୁଷ୍ଠାନ, ସୁଦୃଢ଼ ଭିତ୍ତିଭୂମି ଏବଂ ରାଜ୍ୟ ସରକାରଙ୍କ ସହଯୋଗୀ ମନୋଭାବ ଆମକୁ ଆକର୍ଷିତ କରିଛି। ଆମ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ଭୁବନେଶ୍ୱରରେ କଗ୍ନିଜେଣ୍ଟର ନୂଆ କେନ୍ଦ୍ର ରାଜ୍ୟର ଯୁବତୀ, ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଓଡ଼ିଶାରେ କଗ୍ନିଜେଣ୍ଟର ଉପସ୍ଥିତି ରାଜ୍ୟର ସୂଚନାପ୍ରଯୁକ୍ତି ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବ ବୋଲି ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ନିବେଶ ତଥା ସମ୍ପ୍ରସାରଣ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହୋଇପାରିଛି। ଏହି ସେଣ୍ଟରର ପ୍ରତିଷ୍ଠା ଦ୍ୱାରା ରାଜ୍ୟର ବୈଷୟିକ ଅଭିବୃଦ୍ଧି ହୋଇପାରିବ। ରାଜ୍ୟର ଯୁବବର୍ଗଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି ହୋଇପାରିବ। ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର କହିଛନ୍ତି, ଓଡ଼ିଶାକୁ ଆଇଟି କମ୍ପାନୀମାନଙ୍କ ପ୍ରଥମ ପସନ୍ଦ କରିବାରେ ଆମେ ସମସ୍ତ ପ୍ରଚେଷ୍ଟା ଜାରି ରଖିଛୁ, ଯାହାଦ୍ୱାରା ଆଜି ଓଡ଼ିଶା ନିବେଶକଙ୍କ ପାଇଁ ପ୍ରଥମ ପସନ୍ଦ ହୋଇପାରିଛି। ଭୁବନେଶ୍ୱରରେ କଗ୍ନିଜେଣ୍ଟ ପ୍ରୟୋଗ କେନ୍ଦ୍ର ରାଜ୍ୟର ଆଇ.ଟି. ଇକୋସିଷ୍ଟମ୍‌କୁ ଆହୁରି ସୁଦୃଢ଼ କରିବ ଏବଂ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଅନେକ ସୁଯୋଗ ଆଣିଦେବ ବୋଲି ଦୃଢ଼ ବିଶ୍ୱାସ ରହିଛି। ଭୁବନେଶ୍ୱର ସ୍ଥିତ କଗ୍ନିଜେଣ୍ଟର ଏହି ନୂତନ କେନ୍ଦ୍ରରେ ଅତ୍ୟାଧୁନିକ ବୈଷୟିକ ଦକ୍ଷତାସମ୍ପନ୍ନ ୮୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କାର୍ଯ୍ୟ କରିବା ପାଇଁ ଯୋଜନା କରାଯାଇଛି।




## ରାତି ତାପମାତ୍ରା ବଢ଼ିବ, ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)**

୪୮ ଘଣ୍ଟା ପରେ ଏବେ ପୁଣି ରାଜ୍ୟରେ ଶୀତ କମିଛି। ୨ ଦିନ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଥିବାବେଳେ ଉତ୍ତର-ପଶ୍ଚିମାଞ୍ଚଳରେ ହାଲୁକା ଶୀତ ଅନୁଭୂତ ହେଉଥିଲା। ମାତ୍ର ଏବେ ପୁଣି ଥରେ ଓଡ଼ିଶାରୁ ଶୀତ ଉଭାନ ହୋଇଛି। ରାତି ପାରଦ ଉପରମୁହାଁ ହୋଇଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସବୁ ସ୍ଥାନରେ ରାତି ତାପମାତ୍ରା ୧୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ରାଜ୍ୟ ଉପରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗର ପ୍ରଭାବ ନ ଥିବା ବେଳେ ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରଭାବରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।






# ଆସିପାରନ୍ତି ବିଲାୱଲ

ପୃଥିବୀର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା ଧାରଣ କରିଥିବା ୫୦ରୁ ଅଧିକ ଦେଶର ଜାତୀୟ ନିର୍ବାଚନ ୨୦୨୪ରେ ହେବାକୁ ଯାଉଛି। ସେଥିମଧ୍ୟରେ ରୁଷିଆଠାରୁ ଆରମ୍ଭକରି ଆମେରିକା, ବ୍ରିଟେନ, ଭାରତ ଓ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ର ରହିଛନ୍ତି। ଇତିମଧ୍ୟରେ ପାକିସ୍ତାନର ୩୩୬ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିର ୨୬୬ ଆସନ ପାଇଁ ହୋଇଥିବା ସିଧାସଳଖ ନିର୍ବାଚନ ଶେଷ ହୋଇଛି। ସଦ୍ୟ ଘୋଷଣା କ୍ରମେ କୌଣସି ରାଜନୈତିକ ଦଳକୁ ସେଠାରେ ସଂଖ୍ୟାଗରିଷ୍ଠତା ମିଳିନାହିଁ। ସେଥିପାଇଁ ଦେଶରେ କ୍ଷମତାଶାଳୀ କୁହାଯାଉଥିବା ସେନା ମିଳିତ ସରକାର ଗଢ଼ିବା ପାଇଁ ଆହ୍ୱାନ ଦେଇଛି।

ଆଲୋଚନା ହେଉଛି, ସେନା ନିର୍ବାଚନ ପରିଚାଳନାରେ ହସ୍ତକ୍ଷେପ କରି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ପାକିସ୍ତାନ ମୁସ୍‌ଲିମ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ଦଳକୁ ବିଜୟ କରିବା ଲାଗି ଯେତେ ଫନ୍ଦିଫିକର କରିଥିଲା ସେସବୁ ଅସଫଳ ହୋଇଛି। ଫଳ ଘୋଷଣାର ପ୍ରାରମ୍ଭିକ ଅବସ୍ଥାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଅନେକ ଆସନରେ ବିଜୟ ହୋଇଥିବା ଘୋଷଣା ହୋଇଥିଲା। ତେଣୁ ନିର୍ବାଚନ କର୍ତ୍ତୃପକ୍ଷ ଫଳାଫଳ ଘୋଷଣା ଉପରେ ସାମୟିକ ବିରତି ନେଇଥିଲେ। ତେବେ ୧୧ ଫେବୃୟାରୀରେ ବିଧିବଦ୍ଧ ଘୋଷଣା ହୋଇଥିବା ତଥ୍ୟ ଅନୁଯାୟୀ ୨୬୬ ଆସନ ମଧ୍ୟରୁ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୧ ଆସନରେ ବିଜୟୀ ହୋଇଥିବା ବେଳେ ପିଏମ୍ଏଲ୍-ଏନ୍ ୭୫, ବିଲାୱଲ ଭୁଟ୍ଟୋଙ୍କ ନେତୃତ୍ୱାଧୀନ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ୫୪, ମୁତାହିଦା କ୍ୱାମି ମୁଭ୍‌ମେଣ୍ଟ (ଏମ୍‌କ୍ୟୁଏମ୍) ୧୭ ଆସନ ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପିଟିଆଇରୁ ପ୍ରାର୍ଥୀ ହେଲେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ଇମ୍ରାନ୍‌ଙ୍କ ଦଳର ଅନେକ ନେତା ସ୍ୱାଧୀନ ଭାବେ ଲଢ଼ିଥିଲେ। ପାକିସ୍ତାନ ନାଗରିକ ସେମାନଙ୍କୁ ଅଧିକ ଭୋଟ ଦେଇଥିବାରୁ ଇମ୍ରାନ୍‌ଙ୍କ ପ୍ରତି ସମର୍ଥନ ବେଶି ରହିଥିବା ପ୍ରତୀୟମାନ ହୋଇଛି। ଅର୍ଥାତ୍ ସାମରିକ ଶାସନ ଚାପରେ ନୁହେଁ, ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସେମାନେ ଅପଣାଇବାକୁ ଚାହିଁଥାଇପାରନ୍ତି। ଏବେ ଶୁଣିବାକୁ ମିଳୁଛି ପିଏମ୍ଏଲ-ଏନ୍ ଏବଂ ପିପିପି ମିଶି ଅନ୍ୟ ଛୋଟ ଦଳରୁ କିଛି ଆସନ ଆଣି ସରକାର ଗଠନ ପାଇଁ ଉଦ୍ୟମ କରୁଛନ୍ତି। ବହୁ ଜାଗାରେ ବୁଥ୍ ରିଗିଂ ହୋଇଥିବା ଏପରିକି ସେନାର କିଛି ସଦସ୍ୟ ବାଲଟ୍ ପେପରରେ ଷ୍ଟାମ୍ପ୍ ବାଡ଼ଉଥିବା ଦୃଶ୍ୟର ଭିଡିଓ ଭାଇରାଲ ହୋଇଛି। ପାକିସ୍ତାନ ଏବେ ଘୋର ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛି। ଏହା ସହିତ ରାଜନୈତିକ ଅସ୍ଥିରତା,

**ରାଜନୈତିକ ସମୀକରଣ ଦେଖିଲେ ଇମ୍ରାନ୍ ଓ ନୱାଜଙ୍କ ଦଳ ଅଧିକ ଆସନ ଅକ୍ତିଆର କରିଥିଲେ ମଧ୍ୟ କେହି ଏକାକୀ ସରକାର ଗଢ଼ିବା ସମ୍ଭବ ନୁହେଁ। ତେଣୁ ଉଭୟଙ୍କୁ ବିଲାୱଲ ଭୁଟ୍ଟୋଙ୍କ ସାହାରା ନେବାକୁ ପଡ଼ିବ। ଯଦି ଝୁଲା ସରକାର ହୁଏ, ଦୁଇଟି ବଡ଼ ଦଳ ପରସ୍ପରକୁ କ୍ଷମତାରୁ ଦୂରେଇ ରଖିବାକୁ ଯାଇ ବିଲାୱଲଙ୍କୁ ପ୍ରଧାନମନ୍ତ୍ରୀ ଆସନ ଯାଚିପାରନ୍ତି।**

ସବୁ ବିଷୟରେ ସେନାର ସମ୍ପୂର୍ଣ୍ଣ ହସ୍ତକ୍ଷେପ ଓ ନିର୍ବାଚନରେ ସ୍ୱଚ୍ଛତା ବଜାୟ ନ ରହିବା ଆଦି କାରଣରୁ ସେଠାରେ ଅରାଜକତା ଭଳି ସ୍ଥିତି ଦେଖାଦେଇଛି। ଏଭଳି ସ୍ଥଳେ ବିଲାୱଲ କିଙ୍ଗ୍ ହୋଇପାରନ୍ତି ବୋଲି କେତେକ ସୂତ୍ରରୁ ଜଣାପଡୁଛି। ରାଜନୈତିକ ସମୀକରଣ ଦେଖିଲେ ଇମ୍ରାନ୍ ଓ ନୱାଜଙ୍କ ଦଳ ଅଧିକ ଆସନ ଅକ୍ତିଆର କରିଥିଲେ ମଧ୍ୟ କେହି ଏକାକୀ ସରକାର ଗଢ଼ିବା ସମ୍ଭବ ନୁହେଁ। ତେଣୁ ଉଭୟଙ୍କୁ ବିଲାୱଲ ଭୁଟ୍ଟୋଙ୍କ ସାହାରା ନେବାକୁ ପଡ଼ିବ। ଯଦି ଝୁଲା ସରକାର ହୁଏ, ଦୁଇଟି ବଡ଼ ଦଳ ପରସ୍ପରକୁ କ୍ଷମତାରୁ ଦୂରେଇ ରଖିବାକୁ ଯାଇ ବିଲାୱଲଙ୍କୁ ପ୍ରଧାନମନ୍ତ୍ରୀ ଆସନ ଯାଚିପାରନ୍ତି।

ପାକିସ୍ତାନର ୭୬ ବର୍ଷର ଇତିହାସ ଦେଖିଲେ ସେଠାରେ ସେନା ଅନେକ ସମୟରେ କ୍ଷମତାଶାଳୀ ରହିଆସିଛି। ସାମରିକ ବିଦ୍ରୋହ ଜରିଆରେ ଶେଷ ଥର ପାଇଁ ଏହା ୧୯୯୯ରେ ନୱାଜ ଶରିଫ୍‌ଙ୍କ ସରକାରକୁ ଗାଦିଚ୍ୟୁତ କରିଦେଇଥିଲା। କିନ୍ତୁ ଚଳିତ ନିର୍ବାଚନକୁ ଦେଖିଲେ ସେନାର ହସ୍ତକ୍ଷେପ ଥିବା ସତ୍ତ୍ୱେ ସାଧାରଣ ନାଗରିକ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇ ସେମାନଙ୍କ କ୍ରୋଧ ପ୍ରକଟ କରିଥିବା କୁହାଯାଉଛି। ଯେଉଁଭଳି ଭାବେ ଇମ୍ରାନ୍ ଖାନ୍‌ଙ୍କୁ ହଇରାଣ କରାଯାଇ ଜେଲରେ ଭର୍ତ୍ତି କରାଯାଇଛି, ତାହାକୁ ପାକିସ୍ତାନ ସମେତ ଅନ୍ତର୍ଜାତୀୟ ଗଣମାଧ୍ୟମ ନିନ୍ଦା କରିଛନ୍ତି। ଏଭଳି ସ୍ଥଳେ ପାକିସ୍ତାନରେ ସେନାର ହସ୍ତକ୍ଷେପ ବନ୍ଦ ହେବ ନାହିଁ, କିଛି ପରିମାଣରେ ହ୍ରାସ ପାଇପାରେ ବୋଲି କୁହାଯାଉଛି। ଦେଶ ଏକ ଅସ୍ୱାଭାବିକ ସ୍ଥିତି ଦେଇ ଗତି କରୁଥିବା ବେଳେ ସେନା ରାଜନୈତିକ ଦଳଗୁଡ଼ିକୁ ପରିପକ୍ୱ ଓ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଛି। ଏଥିରୁ ବୁଝିବାକୁ ହେବ ଯେ, ଏବର ସ୍ଥିତି ଦେଖି ସେନା ମଧ୍ୟ ଥକି ଗଲାଣି। ଗଣତନ୍ତ୍ରକୁ ଅନୁସରଣ କରା ନ ଗଲେ ଦେଶରେ ଅରାଜକତା ବଢ଼ିବ। କାରଣ ଲୋକମତକୁ ଚାପି ଦେଲେ ତାହା ଦୀର୍ଘସମୟ ଦବି ରହିପାରିବ ନାହିଁ ବୋଲି ପାକିସ୍ତାନ ସେନା ବୁଝିଥାଇପାରେ। ସେଠାକାର ଅର୍ଥନୀତିକୁ ଦେଖିଲେ ଏକ ମିଳିତ ସରକାର ଗଣତନ୍ତ୍ରକୁ ଫେରାଇ ଆଣିବା ସହିତ ଲୋକଙ୍କ ବିଶ୍ୱାସ ନିଜ ଦେଶ ଉପରେ ଦୃଢ଼ୀଭୂତ କରିପାରେ। ହୁଏତ ସେଭଳି ସକାରାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରିଲେ ପାକିସ୍ତାନର ଉନ୍ନତି ଘଟିପାରେ।

# ନୀତି ନୈତିକତାର ଲକ୍ଷ୍ମଣରେଖା



**ସୌଭାଗ୍ୟ ସୁନ୍ଦର ରାୟ**

ନୀତି ନିୟମ ମଧ୍ୟରେ କାର୍ଯ୍ୟ କରାଗଲେ ଏହା ସମାଜ ପାଇଁ ଶୁଭଙ୍କର ହୋଇଥାଏ। ସାଧାରଣ ଜନତାଙ୍କ ନିମନ୍ତେ ମଧ୍ୟ ଉଦାହରଣ ହୋଇଥାଏ। ତେବେ ଯଦି ବା କିଛି ଅନୀତି ଅଜାଣତରେ ହୁଏ, ତାହାର ମଧ୍ୟ ଏକ ଲକ୍ଷ୍ମଣରେଖା ରହିବା ଆବଶ୍ୟକ। ନିକଟରେ ଅନୁଷ୍ଠିତ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନ ମେୟର ନିର୍ବାଚନରେ ନା ନୀତି ରହିଲା ନା ଅନୀତିର ଲକ୍ଷ୍ମଣରେଖା ମଧ୍ୟ ରହିଲା। ଏ ସବୁକୁ ମାଡ଼ିମକଚି ଦେଇଛନ୍ତି ରିଟର୍ନିଂ ଅଫିସର ଅନିଲ ମସି। ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନର ମୋଟ କର୍ପୋରେଟରଙ୍କ ସଂଖ୍ୟା ୪୫। ସେଥିମଧ୍ୟରୁ ୩୫ ଜଣ ନିର୍ବାଚିତ କର୍ପୋରେଟର। ୯ ଜଣ ମନୋନୀତ କର୍ପୋରେଟର, ଯେଉଁମାନଙ୍କର ଭୋଟ ପ୍ରଦାନର ଅଧିକାର ନାହିଁ। କେବଳ ସ୍ଥାନୀୟ ଜଣେ ସାଂସଦଙ୍କର ଭୋଟଦାନ ଅଧିକାର ରହିଛି। ମେୟର ନିର୍ବାଚନ ପାଇଁ ଚଳିତ ଥର କଂଗ୍ରେସ- ଆପ୍ ମଧ୍ୟରେ ମେଣ୍ଟ ହୋଇଥିଲା। ଆପ୍‌ର ୧୨ ଜଣ କର୍ପୋରେଟର ଥିଲା ବେଳେ କଂଗ୍ରେସର ୭ ଜଣ କର୍ପୋରେଟର ଅଛନ୍ତି। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ମେଣ୍ଟ ପ୍ରାର୍ଥୀ ସୁରୁଖୁରରେ ବିଜୟୀ ହେବା ଆଶା କରାଯାଉଥିଲା। କିନ୍ତୁ ରିଟର୍ନିଂ ଅଫିସର ଅସ୍ୱାଭାବିକ ଭାବେ ୮ଟି ଭୋଟ ନାକଚ କରି ମେୟର ପଦବୀ ଭାଜପା ସପକ୍ଷକୁ ନେଇଯାଇଥିଲେ। ଭୋଟ ଦିଆଯାଇଥିବା ବାଲଟ ପେପର ମଧ୍ୟରୁ ରିଟର୍ନିଂ ଅଫିସର ଏହି ୮ଟିକୁ ବିକୃତ କରି ଭୋଟ ନାକଚ କରିଥିଲେ। ତାଙ୍କର ଏ ପ୍ରକାର ଆଚରଣ ନିଶ୍ଚିତ ଜଘନ୍ୟ। ଏହି ପରିପ୍ରେକ୍ଷୀରେ ରିଟର୍ନିଂ ଅଫିସରଙ୍କ ଆଚରଣର ଲକ୍ଷ୍ମଣରେଖା କ'ଣ ତାହା ଏବେ ନିର୍ଣ୍ଣୟ କରିବେ ସୁପ୍ରିମକୋର୍ଟ। ଅନିଲ ମସି ଭାଜପାର ସକ୍ରିୟ କର୍ମୀ ଓ ଜଣେ ମନୋନୀତ କର୍ପୋରେଟର। ସେ ସଂଖ୍ୟାଲଘୁ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ୨୦୨୧ରୁ ଦାୟିତ୍ୱ ତୁଲାଉଛନ୍ତି। ଏହି ଘଟଣାରେ ସୁପ୍ରିମକୋର୍ଟଙ୍କ କଟୁ ମନ୍ତବ୍ୟ ସତ୍ତ୍ୱେ ଭାରତୀୟ ଜନତା ପାର୍ଟି ଶୀର୍ଷ ନେତୃତ୍ୱର କୌଣସି ପ୍ରତିକ୍ରିୟା ନାହିଁ। ଘଟଣାକୁ 'ଗଣତନ୍ତ୍ରର ହତ୍ୟା' ବୋଲି ଅଦାଲତ ମନ୍ତବ୍ୟ ଦେଇଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ କ୍ଷମତାସୀନ କରିବା ନିମନ୍ତେ ମସି ଯେଉଁ ପନ୍ଥା ଆପଣେଇଲେ ତାହା ନୀତି ବିବର୍ଜିତ। ନୀତି ନୈତିକତାର ବକ୍ତବ୍ୟ ରଖୁଥିବା ଦଳର ଜଣେ ସଦସ୍ୟଙ୍କ ଏହି ଆଚରଣ ପ୍ରତି ଭାଜପା ନୀରବ ରହିଥିବା ଆଶ୍ଚର୍ଯ୍ୟଜନକ।

ଏବେ ଆସିବା ବିଲ୍‌କିସ୍ ବାନୋ ଘଟଣାକୁ। ବିଲ୍‌କିସ୍ ଜଣେ ମୁସଲିମ୍ ମହିଳା। ଗର୍ଭବତୀ ଥିବା ସମୟରେ ୨୦୦୨ ମସିହା ଗୋଧ୍ରା ଦଙ୍ଗାରେ ସେ ଗଣବଳାତ୍କାରର ଶିକାର ହେଲେ। ତାଙ୍କ ପରିବାରର ୧୪ ଜଣ ସଦସ୍ୟ ଦଙ୍ଗାରେ ନିହତ ହେଲେ। ଏହି ଘଟଣାରେ ୧୧ ଜଣ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାବାସରେ ଦଣ୍ଡିତ ହେଲେ। ତେବେ ୨୦୨୨ ରେ ଗୁଜରାଟ ସରକାର ଦୋଷୀମାନଙ୍କର ଦଣ୍ଡାଦେଶ କୋହଳ କରିବା ପାଇଁ ନିଷ୍ପତ୍ତି ନେଇ ସମସ୍ତଙ୍କୁ କାରାମୁକ୍ତ କରିଥିଲେ। ନିକଟରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁଜରାଟ ସରକାର ନିଜ କ୍ଷମତାର ଦୁରୁପଯୋଗ କରି ଅଭିଯୁକ୍ତଙ୍କ ଦଣ୍ଡାଦେଶ କୋହଳ କରିଛନ୍ତି ବୋଲି ମନ୍ତବ୍ୟ ଦେଇ ସରକାରଙ୍କ ନିଷ୍ପତ୍ତିକୁ



ରଦ୍ଦ କରି ଦେଇଛନ୍ତି। ଫଳରେ ଅଭିଯୁକ୍ତ ପୁନର୍ବାର ଜେଲ ଯାଇଛନ୍ତି। ବିଲ୍‌କିସ୍ ବାନୋ ମାମଲାର ଶୁଣାଣି ଗୁଜରାଟରେ ନ ହୋଇ ମହାରାଷ୍ଟ୍ରରେ ଚାଲିଥିଲା। ମହାରାଷ୍ଟ୍ର ଅଦାଲତ ଦଣ୍ଡାଦେଶ ଘୋଷଣା କରିଥିଲେ। ଏଣୁ ଦଣ୍ଡାଦେଶ କୋହଳ କରିବାର କ୍ଷମତା କେବଳ ମହାରାଷ୍ଟ୍ର ସରକାରଙ୍କର ରହିଛି। କିନ୍ତୁ ଗୁଜରାଟ ସରକାର ଓ ଅଭିଯୁକ୍ତ ସୁପ୍ରିମକୋର୍ଟରେ କେତେକ ତଥ୍ୟ ଲୁକ୍କାୟିତ ରଖି ଦଣ୍ଡାଦେଶ କୋହଳ କରିବାରେ ସମର୍ଥ ହୋଇଥିଲେ। ଏଣୁ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆଚରଣ ଆଇନକୁ ଆଖିମିଟିକା ମାରିବା ସଦୃଶ ହୋଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏ କ୍ଷେତ୍ରରେ ମହାରାଷ୍ଟ୍ର ସରକାରଙ୍କ କ୍ଷମତାକୁ ଗୁଜରାଟ ସରକାର ଅପହରଣ କରିଥିବା ପରି ମନେହୁଏ। ବିଲ୍‌କିସ୍ ବାନୋ ଅଘଟଣ ସମୟରେ ଗୁଜରାଟରେ ଭାଜପା ସରକାର ଥିଲା। ଏବେବି ଗୁଜରାଟରେ ଭାଜପା ସରକାର ରହିଛି। ତେବେ ଯେଉଁ ପରିସ୍ଥିତିରେ ଗୁଜରାଟ ସରକାର ନୀତି ନିୟମକୁ ଜଳାଞ୍ଜଳି ଦେଇ ସମସ୍ତ ଅଭିଯୁକ୍ତଙ୍କ ସଜା ସମୟ କୋହଳ କଲେ, ସେଥିନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ। ପ୍ରଥମତଃ ଦେଖିଲେ ଏମାନେ ୧୧ ଜଣ ଭିନ୍ନ ବ୍ୟକ୍ତି। ସେମାନଙ୍କ ମାନସିକତା ଓ ଚରିତ୍ର ନିଶ୍ଚୟ ଭିନ୍ନ ହୋଇଥିବ। ତାହାଲେ ସେମାନଙ୍କ ଜେଲ ସମୟର ଆଚରଣ କିପରି ଗୋଟିଏ ସମୟରେ ପରିବର୍ତ୍ତନ ହୋଇଗଲା, ଯଦ୍ୱାରା ସରକାର ଗୋଟିଏ ସମୟରେ ସମସ୍ତଙ୍କ ସଜା କୋହଳ କରି ସେମାନଙ୍କୁ ମୁକ୍ତ କରିଦେଲେ। ସଜା ସମୀକ୍ଷା ପାଇଁ ଗୁଜରାଟ ସରକାର ଯେଉଁ କମିଟି ଗଠନ କରିଥିଲେ, ସେଥିରେ ଦୁଇ ଜଣ ସଦସ୍ୟ ଶାସନ କ୍ଷମତାରେ ଥିବା ଭାଜପା ବିଧାୟକ ଥିଲେ। ଏହା ନିର୍ବାଚନରେ ସହାୟକ ହେବ ବୋଲି ଆଶା କରି ସଜା କୋହଳ କରାଯାଇଥିବା ମନେକରାଯାଏ। ଏହା ପରେ ୨୦୨୨ ଡିସେମ୍ବରରେ ଗୁଜରାଟରେ ବିଧାନସଭା ପାଇଁ ନିର୍ବାଚନ ହେଲା। ଭାଜପା ପୁନର୍ବାର କ୍ଷମତାସୀନ ହେଲା। ଏହି ଅପରାଧୀଙ୍କର ସଜା କୋହଳ ରାଜନୈତିକ ଦୃଷ୍ଟିକୋଣରୁ କରାଯାଇଥିଲା ବୋଲି ଜଣାପଡୁଛି, ଯାହା ଆଇନ ବ୍ୟବସ୍ଥା ପ୍ରତି କୁଠାରାଘାତ ସଦୃଶ।

ସେହିପରି ବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରୁମିତ ରାମ ରହିମ ସିଂହଙ୍କୁ ନିକଟରେ ହରିୟାଣା ସରକାର ୫୦ ଦିନ ପାଇଁ ପାରୋଲ ଅନୁମତି ପ୍ରଦାନ କରିଛନ୍ତି। ଗତ ୨ ବର୍ଷରେ ୭ ପର୍ଯ୍ୟାୟରେ ରାମ ରହିମ ୨୩୨ ଦିନ ପାଇଁ ପାରୋଲ ପାଇଲେଣି। ୨୦୨୨ରୁ ଏହି ଧାରା ଆରମ୍ଭ ହୋଇ ଜାରି ରହିଛି। ପଞ୍ଜାବ ବିଧାନସଭା ନିର୍ବାଚନ, ହରିୟାଣା ମ୍ୟୁନିସିପାଲ ନିର୍ବାଚନ, ହରିୟାଣା ପଞ୍ଚାୟତ ନିର୍ବାଚନ, ରାଜସ୍ଥାନ ବିଧାନସଭା ନିର୍ବାଚନ ସମୟରେ ସେ ପାରୋଲ ପାଇଛନ୍ତି। ଏବେ ଯେଉଁ ଅବଧିର ପାରୋଲ ସେ ପାଇଛନ୍ତି, ସେହି ସମୟ ମଧ୍ୟରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ସାଧାରଣତଃ ସଜା କାଟୁଥିବା ଜଣେ ଅଭିଯୁକ୍ତକୁ କେତେକ ଜରୁରିକାଳୀନ ପରିସ୍ଥିତିରେ ପାରୋଲ ବା ଫର୍ଲୋ ଦିଆଯାଇଥାଏ। ଏହା ଏକ ଆଇନଗତ ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ସମୟର ସଜା ଭୋଗ କରିସାରିବା ପରେ ରାଜ୍ୟର ଜେଲ ନିୟମାବଳୀ ଅନୁଯାୟୀ ଏହି ବ୍ୟବସ୍ଥା ଲାଗୁ ହୋଇଥାଏ। ଏଥିପାଇଁ ସଜା ସମୟରେ ଦୋଷୀର ଆଚରଣ ଓ ଚରିତ୍ରକୁ ମୁଖ୍ୟତଃ ବିଚାରକୁ ନିଆଯାଇଥାଏ ଓ କିଛି ସର୍ତ୍ତ ରଖାଯାଇଥାଏ। ପାରୋଲ ପାଇଁ ଅଭିଯୁକ୍ତ ଦାବି କରିଥାଏ। କିନ୍ତୁ ଏହା ତାହାର ଏକ ଅଧିକାର ନୁହେଁ। ପାରୋଲରେ ଯିବା ପାଇଁ ଅଭିଯୁକ୍ତ ଯୋଗ୍ୟ ବୋଲି ସରକାରଙ୍କ ହୃଦ୍‌ବୋଧ ହେବା ପରେ ଏଥିପାଇଁ ଅନୁମତି ମିଳିଥାଏ। ରାମ ରହିମ୍‌ଙ୍କ କ୍ଷେତ୍ରରେ କେଉଁ କାରଣରୁ ଏକାଧିକ ଥର ପାରୋଲ ଅନୁମତି ପ୍ରଦାନ କରାଯାଉଛି ? ଏହାର ପ୍ରମୁଖ କାରଣ ହେଉଛି ରାଜନୈତିକ ଆଭିମୁଖ୍ୟ। ନିର୍ବାଚନ ସମୟରେ ହିଁ ତାଙ୍କୁ ପାରୋଲ ଅନୁମତି ପ୍ରଦାନ କରାଯାଉଥିବା ପୂର୍ବରୁ ଦେଖାଯାଇଛି। ଚଳିତ ଥର ମଧ୍ୟ ତାହା ହୋଇଛି। ଲୋକ ସଭା ନିର୍ବାଚନ ପାଇଁ ମାର୍ଚ୍ଚ ମାସରେ ପ୍ରାୟତଃ ଆନୁଷ୍ଠାନିକ ଘୋଷଣାନାମା ପ୍ରକାଶ ପାଇ ଆଚରଣବିଧି ଲାଗୁ ହେବାର ସମ୍ଭାବନା ରହିଛି। ଏହାର ଅବ୍ୟବହିତ ପୂର୍ବରୁ ଡେରା ସୌଚା ସୌଦା ମୁଖ୍ୟଙ୍କୁ ହରିୟାଣା ସରକାର ବାହାରକୁ ଆଣିବା ପାଇଁ ପଦକ୍ଷେପ ନେଲେ। ଡେରାର ଅନୁଗାମୀ ବିଭିନ୍ନ ରାଜ୍ୟରେ ଭାଜପା ପାଇଁ କାର୍ଯ୍ୟରେ ନିୟୋଜିତ ହୋଇପାରିବେ, ଯାହା ପୂର୍ବ ନିର୍ବାଚନରେ ହୋଇଥିଲା। ପାରୋଲରେ ଆସିବା ପରେ ରାମ ରହିମ ଏବେ ପ୍ରବଚନ ଦେଉଛନ୍ତି।

ଉପରୋକ୍ତ ଘଟଣା ସମୂହ ଗୋଟିଏ ସଙ୍କେତ ଦେଉଛି ଯେ ରାଜନୀତି ନିଜକୁ ସୁହାଇବା ପରି ଏକ ନୀତିରେ ପରିଣତ ହୋଇଗଲାଣି। ଏହି ନୀତି ନିଜ ଦଳ ପାଇଁ ଗୋଟିଏ ହୋଇଥିବାବେଳେ ଅନ୍ୟ ଦଳ ପାଇଁ ଭିନ୍ନ ଭାବେ ଲାଗୁ ହୋଇଥାଏ। ଅର୍ଥାତ୍ ସମାନ ଆଚରଣ ପାଇଁ ନିଜ ଦଳ ନିମନ୍ତେ ଯାହା ଲାଗୁ ହୋଇଥାଏ, ଅନ୍ୟ ଦଳ ପାଇଁ ତାହା ଲାଗୁ ହୋଇନଥାଏ। ଉଭୟ କ୍ଷେତ୍ରରେ ତାହାର ତର୍ଜମା ଭିନ୍ନ ହୋଇଥାଏ। ରାଷ୍ଟ୍ରର ବିକାଶ ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ଭାଜପାର ଦୁଇ ରାଜ୍ୟ ସରକାର ଓ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନରେ ଦଳୀୟ ସଦସ୍ୟଙ୍କ ଉପରୋକ୍ତ ଆଚରଣକୁ ଗ୍ରହଣ କରିହେଉ ନାହିଁ। ଯେ କୌଣସିମତେ ବିରୋଧୀ ପକ୍ଷଙ୍କୁ ହଟାଇ କ୍ଷମତାରେ ରହିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ ଥିବା ପରି ମନେହେଉଛି। ଏଥିପାଇଁ ନୀତି, ନୈତିକତା ଆଦିକୁ ଜଳାଞ୍ଜଳି ଦିଆଯାଇପାରେ। ମାମଲା ଅଦାଲତକୁ ଯାଇ ରାୟ ଆସିବାରେ ବିଳମ୍ବ ହେବ। ସେହି ସମୟ ମଧ୍ୟରେ ଦଳ ନିଜର ଲକ୍ଷ୍ୟ ଅନେକାଂଶରେ ହାସଲ କରିସାରିଥିବ। ଏହା ଗଣତନ୍ତ୍ର ପାଇଁ ହିତ ନୁହେଁ।

**ମୋ: ୯୪୩୭୨୨୯୨୩୩**

# ସାମ୍ପ୍ରତିକ ସମୟରେ ମୃତ୍ତିକା ସୁରକ୍ଷା



**ଡି ଶୁଭମ**

ମାଟି ନ ଥିଲେ ଚାଷ ନ ଥାନ୍ତା। ଆଉ ଚାଷ ନ ଥିଲେ ଜୀବ ନ ଥାନ୍ତା। ଏକଥା କାହାକୁ ବା ଅଜଣା। ମାଟିକୁ ମା' ବୋଲି ଅଭିହିତ କରାଯାଏ। ଏଇଠାରୁ ହିଁ ଜୀବନ ଜିଇବାର ଅଧ୍ୟାୟ ଆରମ୍ଭ ହୁଏ। ମାଟି ଚାଷର ଅନ୍ତୁଡ଼ିଶାଳ। ମାଟିର ଉର୍ବରତା ବୃଦ୍ଧି ହିଁ ଉତ୍ପାଦନର ହାରକୁ ଦ୍ୱିଗୁଣିତ କରେ। ପରନ୍ତୁ ସାମ୍ପ୍ରତିକ ସମୟରେ ଅନେକ ସମସ୍ୟା ହେତୁ ମୃତ୍ତିକାର ଉର୍ବରତା ହାର ହ୍ରାସ ପାଇବା ସହ ଉତ୍ପାଦକତା କମୁଛି। ମୃତ୍ତିକା ଖଣିଜ ଲବଣ, ପାଣି, ବାୟୁ, ଜୈବିକ ପଦାର୍ଥ ତଥା ଅଣୁଜୀବମାନଙ୍କ ସମାହାରରେ ଗଠିତ। କହିବାକୁ ଗଲେ ଏହି ପାଞ୍ଚଟି ଉପାଦାନକୁ ନେଇ ମାଟିର ସଂଜ୍ଞା ନିରୂପଣ କରାଯାଏ। ଭାରତର ମୋଟ ଭୌଗୋଳିକ କ୍ଷେତ୍ର (ପାଖାପାଖି ୩୨୮.୭ ନିୟୁତ ହେକ୍ଟର)ର ୨୯% (୯୬ ନିୟୁତ ହେକ୍ଟର) ଏଯାବତ୍ ନଷ୍ଟ ହୋଇଛି। ଏ ସମ୍ବନ୍ଧୀୟ ବିଭିନ୍ନ କାରଣ ଏଠାରେ ଉପସ୍ଥାପନ କରୁଛି।

ମୃତ୍ତିକାରେ ଲବଣୀକରଣ ବା ସାଲିନିଟି ଏକ ପ୍ରମୁଖ ସମସ୍ୟା। ଏହା ଫସଲ ବଢ଼ିବାକୁ ଠିକ୍ ଭାବରେ ଦିଏ ନାହିଁ। ଲବଣ ଜମିରେ ଫସଲର ଅମଳ ପରିମାଣ କମାଇଦେଇଥାଏ। ତେଣୁ ଏହାକୁ କିପରି ଠିକ୍ ଭାବରେ ସମାଧାନ କରାଯାଇପାରିବ, ମୃତ୍ତିକାରେ ଲବଣର ପରିମାଣକୁ ଅନୁପାତ ଅନୁସାରେ ରଖାଯାଇପାରିଲେ ଫସଲର ଗୁଣାତ୍ମକ ମାନ ବୃଦ୍ଧି ହୋଇପାରିବ। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ୧୯୯୦ରୁ ୨୦୧୪ ମସିହା ମଧ୍ୟରେ ପାଖାପାଖି ୫୦୦୦ଏକର ଜମି ଏହି ଲବଣୀକରଣ ସମସ୍ୟା ଯୋଗୁ ନଷ୍ଟ ହୋଇଛି। ତେଣୁ ଆଜିର ଦିନରେ ଏ ଲବଣୀକରଣର ସମାଧାନ ଏକ ଆହ୍ୱାନ।

ଚାଷୀଭାଇମାନେ ଜମିରେ ରାସାୟନିକ ସାର ପ୍ରୟୋଗ କରି ଅଧିକ ଫସଲ ଅମଳ କରିପାରୁଥିଲେ ମଧ୍ୟ ମାଟିର ଉର୍ବରତା ପ୍ରତି ସାଧାରଣତଃ ଦୃଷ୍ଟି ଦିଅନ୍ତି ନାହିଁ। କାରଣ ରାସାୟନିକ ସାର ଫସଲକୁ ତା'ର ଆବଶ୍ୟକତା ଅନୁସାରେ ସମସ୍ତ ପୋଷକ ତତ୍ତ୍ୱ ପ୍ରଦାନ କରିପାରିଲେ ମଧ୍ୟ ଏହି ଉର୍ବରତା କ୍ଷଣସ୍ଥାୟୀ ହୋଇଥାଏ। ୧୯୭୩, ୧୯୮୫ ଏବଂ ୨୦୦୬ରେ ଯଥାକ୍ରମେ ୩୧, ୩୮ଏବଂ ୫୬ ଟନ୍ ହେକ୍ଟର ପ୍ରତି ମୃତ୍ତିକା କ୍ଷୟ ବୃଦ୍ଧି ପାଇଲା। ମାଟିର ଉର୍ବରତା ବଜାୟ ରଖିବା ପାଇଁ ରାସାୟନିକ ସାରର ସମୁଚିତ ପ୍ରୟୋଗ କରିବା ସଙ୍ଗେସଙ୍ଗେ ଜମିରେ ଜୈବିକ ସାର ମଧ୍ୟ ପ୍ରୟୋଗ କରାଯିବା ନିତାନ୍ତ ଆବଶ୍ୟକ। ସମ୍ପ୍ରତି ଦେଶରେ ୧୨୦.୭ ମିଟର ହେକ୍ଟର ଚାଷ ଜମି ଅବନତି ଦ୍ୱାରା ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୮୫.୭ ମିଟର ହେକ୍ଟର ଜମି ଜଳ ଏବଂ ପବନ ଦ୍ୱାରା ମୃତ୍ତିକା କ୍ଷୟ ହୋଇଛି। ୨୦୦୧ରୁ ୨୦୨୧ପର୍ଯ୍ୟନ୍ତ ଜଙ୍ଗଲ ନଷ୍ଟ, ମାତ୍ରାଧିକ ବର୍ଷା, ଗୋରୁ ତଥା ଅଧିକ ସାରର ବ୍ୟବହାର ମଧ୍ୟ ଅନ୍ୟାନ୍ୟ କାରଣ ମଧ୍ୟରେ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସମୟରେ ଆଶାତୀତ ଭାବରେ ଯେପରି ରାସାୟନିକ ସାର ବ୍ୟବହାର କରାଯାଉଛି ଏହା ମୃତ୍ତିକାର ମାନ ହ୍ରାସ କରିବା ସହ ଆମ ଶରୀରର ବି ହାନି କରୁଛି ଏକଥାକୁ ବୁଝିବାର ସମୟ ଆସିଛି।



ଉତ୍ପାଦନକୁ ସର୍ବାଧିକ ଗୁରୁତ୍ୱ ଦେଇ ଚାଷୀମାନେ ଉତ୍ପାଦିତ ଫସଲକୁ ଠିକ୍ ଭାବରେ ବିକ୍ରୟ କରିବାକୁ ଶତ ଚେଷ୍ଟା କରି ମଧ୍ୟ ବିଫଳ ହୁଅନ୍ତି। କିଛିବର୍ଷ ହେବ ଜଳବାୟୁ ପରିବର୍ତ୍ତନ କୃଷି କ୍ଷେତ୍ରରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ସମୟ ଥିଲା ଖରାଦିନେ ଖରା, ବର୍ଷା ଦିନେ ବର୍ଷା ଆଉ ଶୀତ ଦିନେ ଶୀତ – ଏସବୁ ଠିକ୍ ଭାବରେ ଲୋକେ ଅନୁଭବ କରିପାରୁଥିଲେ। ଆଜି ଆମେ ଆଷାଢ଼ର ଧାରା ଶ୍ରାବଣ ସମୟରେ ନିଦାଘର ତାପକୁ ଅନୁଭବ କରୁଛୁ। ଜଳବାୟୁ ପରିବର୍ତ୍ତନ କୃଷିକୁ ଏବେ ଏକ ଅବନତି ଦିଗରେ ଟାଣି ନେଲାଣି।

ଜୈବ ବିବିଧତା ମୃତ୍ତିକା ଗଠନରେ ସାହାଯ୍ୟ କରେ। ଏହା ଭୂତଳ ଜଳ ସଂରକ୍ଷଣ, ମାଟିର ସଂରଚନା, ଗଠନ, ଉର୍ବରତାଠାରୁ ଆରମ୍ଭ କରି ପରିବେଶ ସନ୍ତୁଳନରେ ମୁଖ୍ୟ ଭୂମିକା ନେଇଥାଏ। ଜଳବାୟୁ ପରିବର୍ତ୍ତନ ଏବଂ ମୃତ୍ତିକାର ପରିଚାଳନା ପରସ୍ପର ସହ ଜଡିତ ପ୍ରକ୍ରିୟା। ଗ୍ଲୋବାଲ ୱାର୍ମିଂ – ଏବେ ଏକ ପରିଚିତ ଶବ୍ଦ। ଆମେ ଏହା ବିଷୟରେ ଏବେ ପାଠ ପଢୁଛନ୍ତି କିନ୍ତୁ ଏହାର କୁପ୍ରଭାବ ବିଷୟରେ ଅବଗତ ହେବା ବି ସେତିକି ଜରୁରୀ। କାରଣ ଗ୍ଲୋବାଲ ୱାର୍ମିଂ ଆମ ଜଳବାୟୁ ପରିବର୍ତ୍ତନର ପ୍ରଥମ ଓ ମୁଖ୍ୟ କାରଣ। ମୃତ୍ତିକାର ଗୁଣବତ୍ତା ହ୍ରାସ ହେବା ସହ ତାପମାତ୍ରା, ବର୍ଷାର ପରିମାଣ ଏବଂ ରୋଗ ପୋକର ଅଚାନକ ବୃଦ୍ଧି ଏସବୁର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନ। ଏହାର ପ୍ରଭାବ ବି ମାଟିର ଗଠନ ଉପରେ ପଡ଼ିବା ଯୋଗୁ ତାହା ପ୍ରଭାବିତ ହେଉଛି।

ଏସବୁକୁ ଦେଖିଲେ ଏହା ସ୍ପଷ୍ଟ ଭାବେ ଅନୁମେୟ ଯେ ମୃତ୍ତିକା କ୍ଷୟ ଏକ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବାକୁ ଯାଉଛି। କାରଣ ମାଟି ନ ଥିଲେ ଚାଷର ପରିକଳ୍ପନା କରିବା ଏକ ଅସମ୍ଭବ ବ୍ୟାପାର। ତେଣୁ ମୃତ୍ତିକା ସୁରକ୍ଷା ଦିଗରେ ସଭିଏ ଆଗଭର ହେବା ଆବଶ୍ୟକ। ପରିବେଶ ସ୍ଥିରତା ପାଇଁ ମୃତ୍ତିକା ସଂରକ୍ଷଣ ହେଉଛି ଚାବିକାଠି। ଏହା ପ୍ରାକୃତିକ ସମ୍ପଦକୁ ସୁରକ୍ଷା କରିବାରେ ସାହାଯ୍ୟ କରେ, ଉଦ୍ଭିଦ ଏବଂ ବନ୍ୟଜନ୍ତୁଙ୍କ ପାଇଁ ବାସସ୍ଥାନ ପୁନରୁଦ୍ଧାର କରେ, ଜଳର ଗୁଣବତ୍ତା ଉନ୍ନତ କରେ ଏବଂ ମୃତ୍ତିକାକୁ ସୁସ୍ଥ କରିଥାଏ। ନୋ-ଟିଲ୍ ଚାଷ ଉଚ୍ଚ ତାପମାତ୍ରା ହେତୁ ମୃତ୍ତିକାକୁ ଆର୍ଦ୍ରତା କ୍ଷୟରୁ ରକ୍ଷା କରିଥାଏ କାରଣ କଭର କ୍ରପ୍ ବା ଆଚ୍ଛାଦିତ ଫସଲର ଅବଶିଷ୍ଟ ଅଂଶ ମାଟି ପୃଷ୍ଠରେ ରହିଥାଏ। ଅବଶିଷ୍ଟ ସ୍ତର ମଧ୍ୟ ମାଟିରେ ଜଳ ପ୍ରବେଶ କରିବାରେ ସାହାଯ୍ୟ କରେ ଏବଂ ମାଟିକୁ ଆହୁରି ସମୃଦ୍ଧ କରିଥାଏ। ଏହା ସହ ଟେରାସ୍ ଚାଷ ହେଉଛି ଏକ କୃଷି ଅଭ୍ୟାସ, ଯାହା ଫସଲ ପାଇଁ ଜଳଧାରଣ ପ୍ରଣାଳୀ ସୃଷ୍ଟି କରେ। ଏହା ଦ୍ୱାରା ବର୍ଷା ଜଳ ପୁଷ୍ଟିକର ଖାଦ୍ୟ ଏବଂ ଉଦ୍ଭିଦକୁ ଗୋଟିଏ ଟେରାସ୍‌ରୁ ଅନ୍ୟ ସ୍ଥାନକୁ ନେଇଥାଏ, ତେଣୁ ମାଟି ସୁସ୍ଥ ରହିଥାଏ। ଟେରାସ୍ ଚାଷ ମଧ୍ୟ ମୃତ୍ତିକା କ୍ଷୟକୁ ହ୍ରାସ କରିଥାଏ ଏବଂ ମୃତ୍ତିକା ଉତ୍ପାଦକତାକୁ ବୃଦ୍ଧି କରିଥାଏ। ଏହା ସହ ବଫର ଷ୍ଟ୍ରିପ୍ସ୍, କଣ୍ଟୋର ଚାଷ, ଫସଲ ଘୂର୍ଣ୍ଣନ ବା କ୍ରପ୍ ରୋଟେଶନ୍ ପରି ବିଭିନ୍ନ ଉପାୟ ଅବଲମ୍ବନ କରି ଆମେ ମାଟିକୁ ରକ୍ଷା କରିପାରିବା। ଏ ଦିଗରେ ସମସ୍ତଙ୍କର ମିଳିତ ସହଭାଗିତା ଏକାନ୍ତ ଆବଶ୍ୟକ। କାରଣ ମାଟି ରହିଲେ ଜୀବ ବଞ୍ଚିବାର ରାହା ପାଇବ। ପୁଣିଥରେ ପରିବେଶ ସବୁଜିମାର ମହକରେ ମହକି ଉଠିବ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ : ୯୪୩୮୪୬୭୦୭୯**

## ଏଇ ଭାରତରେ

କୁହାଯାଏ କର୍ତ୍ତବ୍ୟ ହେଉଛି କର୍ମଚାରୀଙ୍କ ପାଇଁ ସର୍ବୋତ୍ତମ ଏବଂ ଗୁରୁତ୍ୱପୂର୍ଣ୍ଣ। ମାତ୍ର ବେଳେବେଳେ ପ୍ରଥା ପରମ୍ପରା ଆଗରେ ଏହି କର୍ତ୍ତବ୍ୟବୋଧ ତୁଚ୍ଛ ପାଲଟି ଯାଇଥାଏ। ଏହାର ସଦ୍ୟତମ ଉଦାହରଣ ରେଲ୍‌ୱେର ମୁମ୍ବାଇ ଡିଭିଜନରେ ଦେଖିବାକୁ ମିଳିଛି। ସହକର୍ମୀ ମୁରଲୀଧର ଶର୍ମାଙ୍କ ମୃତ୍ୟୁ ଯୋଗୁ ଏହି ଡିଭିଜନର ମୋଟରମ୍ୟାନ ଡ୍ୟୁଟିରେ ନ ରହିବାରୁ ୧୪୭ ଟ୍ରେନ ବାତିଲ ହୋଇଥିଲା। ଏହି ଘଟଣା ଶନିବାର ଘଟିଥିଲା। ବାଇକୁଲ୍ଲା ଏବଂ ସେଣ୍ଡହର୍ଷ୍ଟ ରୋଡ ଷ୍ଟେଶନ ମଧ୍ୟରେ ସେଣ୍ଟ୍ରାଲ ଏବଂ ହାରବର୍ ଲାଇନ ଉପରେ ଉପାନ୍ତ ସହର ଟ୍ରେନ ସେବା ବିଳମ୍ବିତ ହୋଇଥିଲା। ଅନେକ କର୍ମଚାରୀ (ମୋଟରମ୍ୟାନ) ଶର୍ମାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଚାଲିଯାଇଥିଲେ। ସନ୍ଧ୍ୟାରେ ରେଳ ସେବାରେ ବିଳମ୍ବ ଯୋଗୁ ବହୁ ଯାତ୍ରୀ ଅଟକି ରହିଥିଲେ। ଜଣେ ଅଧିକାରୀ କହିଛନ୍ତି, ଟ୍ରେନ ବିଳମ୍ବ ହେବାର କାରଣ ଅନେକ ମୋଟରମ୍ୟାନ କଲ୍ୟାଣ ଯାଇ ଶର୍ମାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେଇଥିଲେ। ଶୁକ୍ରବାର ଟ୍ରାକ ଅତିକ୍ରମ କରୁଥିବାବେଳେ ଶର୍ମାଙ୍କର ମୃତ୍ୟୁ ଘଟିଥିଲା। ଶର୍ମାଙ୍କ ଶେଷକୃତ୍ୟରେ ବିଳମ୍ବ ହେବାରୁ ୮୮ ଟି ସ୍ଥାନୀୟ ଟ୍ରେନ ସେବା ସମେତ ପ୍ରାୟ ୧୪୭ ଟି ଟ୍ରେନ ବାତିଲ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ଫେବୃଆରୀ ୧୯୭୫**

- କଶ୍ମୀରର ଭାବୀ ରାଜନୈତିକ ବ୍ୟବସ୍ଥା ସମ୍ପର୍କରେ ଶେଖ୍ ଅବ୍‌ଦୁଲାଙ୍କ ସହିତ ଦୀର୍ଘକାଳ ବ୍ୟାପୀ ଆଲୋଚନା ପରେ ସମ୍ପନ୍ନ ହୋଇଥିବା ରାଜିନାମାକୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟାପାର କମିଟି ଅନୁମୋଦନ କରିଛନ୍ତି।
- ଭାରତ ସୋଭିଏତ ୟୁନିୟନ ମଧ୍ୟରେ ବୈଜ୍ଞାନିକ ଓ କାରିଗରି ସହଯୋଗ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବରଷା ଆସିଲା ଚଷା
କି ଭାବନା କରେ ବସି
ଚୁଲିରେ ପଶଇ ପାଣି
ଅଧେ ଚାଳ ପଡେ ଖସି।
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜରି ପତାକା ନିଷିଦ୍ଧ କରାଯାଉ

ମହାଶୟ,

ବର୍ତ୍ତମାନ ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳ ଗାଁଠାରୁ ଆରମ୍ଭ କରି ସହର ବିଭିନ୍ନ ସ୍ଥାନରେ ସଭାସମିତି କରୁଛନ୍ତି। ଦଳୀୟ ଚିହ୍ନ ଥିବା ଜରି ପତାକାମାନ ସୁତୁଲିରେ ଗୁଡ଼ାଇ ଟେଲିଫୋନ ଖୁଣ୍ଟି, ଇଲେକ୍ଟ୍ରିକ୍ ଖୁଣ୍ଟି ଓ କାନ୍ଥକୁ କାନ୍ଥ, ଗଛକୁ ଗଛ ଆଦିରେ ବାନ୍ଧୁଛନ୍ତି। ସଭା ସରିଗଲା ପରେ ପତାକାଗୁଡିକ ଛିଣ୍ଡି ରାସ୍ତାରେ ପଡ଼ିରହୁଛି। ଜରି ପତାକା ଯୋଗୁ ପ୍ରଦୂଷଣ ହେଉଛି। ତେଣୁ ସେଗୁଡ଼ିକର ବ୍ୟବହାର ନିଷିଦ୍ଧ କରାଯାଉ।

**–କହ୍ନେଇ ଚରଣ ନନ୍ଦୀ, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 7 | 1 | |
| | 2 | | | | | | | 3 |
| | | 8 | | | | 9 | 5 | |
| | | | | | | | | 4 |
| 8 | | 9 | 1 | | | | 7 | |
| | | | | | | 1 | 8 | |
| 9 | | | 8 | | 5 | | | |
| 7 | | 3 | 6 | 1 | | | 4 | |
| | 6 | 1 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଠାରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 6 | 5 | 3 | 9 | 7 | 2 |
| 6 | 2 | 7 | 9 | 4 | 8 | 5 | 1 | 3 |
| 9 | 3 | 5 | 2 | 1 | 7 | 8 | 4 | 6 |
| 3 | 8 | 4 | 5 | 6 | 2 | 7 | 9 | 1 |
| 1 | 7 | 6 | 3 | 8 | 9 | 4 | 2 | 5 |
| 2 | 5 | 9 | 1 | 7 | 4 | 6 | 3 | 8 |
| 8 | 9 | 1 | 4 | 3 | 6 | 2 | 5 | 7 |
| 7 | 4 | 3 | 8 | 2 | 5 | 1 | 6 | 9 |
| 5 | 6 | 2 | 7 | 9 | 1 | 3 | 8 | 4 |

ଗତକାଲିର ଉତ୍ତର

# ଆସୁଛି ପରୀକ୍ଷା, ବଢୁଛି ଚିନ୍ତା

**ଭୁବନେଶ୍ୱର, ୧୧।୨(ଅସମାପିକା ସାହୁ):** ଆସିଲାଣି ପରୀକ୍ଷା ଋତୁ। ମାଟ୍ରିକ ପରୀକ୍ଷାଠାରୁ ଆରମ୍ଭ କରି ଯୁକ୍ତ୨, ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷା ଚଳିତ ମାସରୁ ଆରମ୍ଭ ହେବ। ପରୀକ୍ଷା ଯେତେ ପାଖେଇ ଆସୁଛି ଛାତ୍ରୀଛାତ୍ରଙ୍କ ମନରେ ସେତିକି ଚିନ୍ତା ବଢୁଛି। କିଏ ପ୍ରଶ୍ନପତ୍ରକୁ ନେଇ ଚିନ୍ତାରେ ଅଛି ତ ଆଉ କେହି ନିର୍ଦ୍ଦିଷ୍ଟ ବିଷୟ ପ୍ରତି ଦୁର୍ବଳ ଥିବାରୁ ଆଶଙ୍କାରେ ରହିଛି। ପୁଣି ଆଉ କିଏ ଶୀଘ୍ର ପରୀକ୍ଷା ହେଉଥିବାରୁ ଚିନ୍ତାରେ ପଡ଼ିଛନ୍ତି। ସେପଟେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ଚିନ୍ତା ଦୂର କରିବା ପାଇଁ ଟୋଲ୍ ଫ୍ରି ନମ୍ବର ଜାରି କରିଛନ୍ତି। ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରମାନେ କାଉନ୍‌ସେଲରଙ୍କ ସହ କଥା ହୋଇ ପରାମର୍ଶ ନେଇପାରିବେ। ତେବେ ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ କିଭଳି ଚିନ୍ତାରେ ଅଛନ୍ତି ଏବଂ ତାହା କିପରି ଦୂର କରାଯାଇପାରିବ ତାହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ମତାମତଭିତ୍ତିକ ଏକ ଉପସ୍ଥାପନା।





କୋଶ୍ଚିନ ପାଟର୍ନକୁ ନେଇ ଟେନସନ ରହୁଛି। ଗଣିତ ଭଲ ହେଉନି। ସେଥିପାଇଁ ସକାଳେ ୨ ଘଣ୍ଟା ଏବଂ ରାତିରେ ଏକଘଣ୍ଟା ସମୟ ଗଣିତ ଅଭ୍ୟାସ କରୁଛି। ଏଥିସହିତ ଗଣିତ ପାଇଁ ଏକ୍ସଟ୍ରା କ୍ଲାସ ମଧ ନେଉଛି। ଅନ୍ୟ ସବୁ ବିଷୟରେ ଭଲ ହେବ ବୋଲି ମୋର ଆଶା ରହିଛି।

**- ଶୁଭ୍ରାଂଶୁ ଶେଖର ମାଝୀ, ସିବିଏସ୍‌ଇ ଦଶମ ଛାତ୍ର, ଭୁବନେଶ୍ୱର**



ପରୀକ୍ଷା ପାଖେଇ ଆସିବାରୁ ଭୟ ଲାଗୁଛି। କୋଶ୍ଚିନ ପାଟର୍ନ ପ୍ରତି ଭୟ ନାହିଁ। ଏଥର ଶୀଘ୍ର ପରୀକ୍ଷା ହେଉଛି, ସେଥିପାଇଁ ଚିନ୍ତା ଲାଗୁଛି। ଦିନକୁ ପ୍ରାୟ ୧୦ଘଣ୍ଟା ପାଠ ପଢୁଛି। କେମିଷ୍ଟ୍ରିରେ ଦୁର୍ବଳ ରହିଛି। ତେଣୁ ଏହି ବିଷୟ ପ୍ରତି ଅଧିକ ଗୁରୁତ୍ୱ ଦେଉଛି।

**- ଅର୍ପିତା ପତି, ଯୁକ୍ତ୨ ବିଜ୍ଞାନ ଛାତ୍ରୀ, ଯାଜପୁର**



ପରୀକ୍ଷା ପାଇଁ ଭୟ ଲାଗୁଛି। ପ୍ରଶ୍ନପତ୍ର କେମିତି ଆସିବ ତାକୁ ନେଇ ଆଶଙ୍କା ରହୁଛି ସତ, କିନ୍ତୁ ପରୀକ୍ଷା କିପରି ଭଲ ହେବ ତାକୁ ମୁଁ ଅଧିକ ଗୁରୁତ୍ୱ ଦେଉଛି। ଦିନକୁ ୮ଘଣ୍ଟାରୁ ଅଧିକ ସମୟ ପଢୁଛି। ଗଣିତ ଭଲ ହୁଏ ନାହିଁ। ତେଣୁ ଗଣିତ ଅଭ୍ୟାସ କରିବା ପାଇଁ ଅଧିକ ସମୟ ଦେଉଛି।

**- ଚନ୍ଦନା ମିଶ୍ର, ମାଟ୍ରିକ ଛାତ୍ରୀ, ଭଦ୍ରକ**



ପରୀକ୍ଷା କିମ୍ବା ପ୍ରଶ୍ନପତ୍ରକୁ ନେଇ କୌଣସି ଚିନ୍ତା ନାହିଁ। କାରଣ ସିବିଏସ୍‌ଇ କୋଶ୍ଚିନ ବ୍ୟାଙ୍କ ଜାରି କରିଥିଲା। ଯେଉଁଥିରୁ ଅଭ୍ୟାସ ମଧ କରିଦେଇଛି। ପରୀକ୍ଷା ପାଇଁ ଦିନକୁ ୯ ରୁ ୧୦ଘଣ୍ଟା ପଢୁଛି। ତେବେ ଗଣିତ ପ୍ରତି ଅଧିକ ଫୋକସ ଦେବାକୁ ପଡୁଛି, କିନ୍ତୁ ସବୁ ବିଷୟରେ ଅଭ୍ୟାସ କରୁଛି। ପରୀକ୍ଷା ବି ଭଲ ହେବ ବୋଲି ଆଶା ରଖିଛି।

**- ଶୁଭମ ବିଶ୍ୱାଳ, ସିବିଏସ୍‌ଇ ଦ୍ୱାଦଶ ଛାତ୍ର, ଭୁବନେଶ୍ୱର**



ପରୀକ୍ଷା ଯେତେ ପାଖେଇ ଆସୁଛି ସେତେ ଚିନ୍ତା ବଢୁଛି। ଯଦିଓ ମାଟ୍ରିକ ବୋର୍ଡ ପରୀକ୍ଷା ଦେଇସାରିଛି, ତଥାପି ଯୁକ୍ତ୨ ପରୀକ୍ଷା ପାଇଁ ଆଶଙ୍କା ରହିଛି। ବିଶେଷକରି ପ୍ରଶ୍ନପତ୍ର କେଉଁ ପାର୍ଟନରେ ଆସିବ ତାକୁ ନେଇ ଚିନ୍ତା ଲାଗୁଛି। ଦିନକୁ ୧୦ରୁ ୧୨ଘଣ୍ଟା ପାଠ ପଢ଼େ। ତେବେ ମୋର ଇତିହାସ ବିଷୟରେ ଭଲ ହୁଏନାହିଁ। ତେଣୁ ଏହି ବିଷୟ ପାଇଁ ପ୍ରାୟ ୬ଘଣ୍ଟା ସମୟ ଦେଉଛି।

**- ସୁଶ୍ରୀ ଅଦିତି ପ୍ରିୟଦର୍ଶିନୀ, ଯୁକ୍ତ୨ କଳା ବିଭାଗ ଛାତ୍ରୀ, ଢେଙ୍କାନାଳ**



ମୋ' ଝିଅ ଏଥର ମାଟ୍ରିକ ପରୀକ୍ଷା ଦେବ। ପରୀକ୍ଷା ପାଇଁ ସେ ସବୁ ପ୍ରକାର ପ୍ରସ୍ତୁତି କରିସାରିଛି। ତଥାପି ପ୍ରଥମ ଥର ପାଇଁ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବାରୁ ଚିନ୍ତାରେ ରହୁଛି। ତେଣୁ ଅଧିକ ପାଠ ପଢ଼ିବା ପାଇଁ ମୁଁ ତାକୁ ବାଧ କରୁନାହିଁ। ଏଥିସହିତ ତା' ମାନସିକତା ପରିବର୍ତ୍ତନ କରିବା ପାଇଁ ଖାଲି ସମୟରେ ବାହାରକୁ ବୁଲେଇ ନେବା ସହିତ ମଜା ମଜା କଥା କହି ତା' ମନ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛି।

**- ଯତୀନ ମହାନ୍ତି, ଅଭିଭାବକ**



ସବୁ ବିଷୟରେ ମୋର ଭଲ ହୁଏ। ପ୍ରି-ବୋର୍ଡ ପରୀକ୍ଷା ଭଲ ହୋଇଥିଲା। ବୋର୍ଡ ପରୀକ୍ଷା ବି ଭଲ ହେବ ବୋଲି ମୋର ଆଶା ଅଛି। କିନ୍ତୁ ପରୀକ୍ଷାରେ କିଭଳି ପ୍ରଶ୍ନ ଆସିବ ତାକୁ ନେଇ କେବଳ ଚିନ୍ତା ଲାଗୁଛି। ଯଦିଓ ଘରେ ଏବଂ ସ୍କୁଲରେ ଚିନ୍ତାମୁକ୍ତ ରହିବା ପାଇଁ କହୁଛନ୍ତି, ତଥାପି ମୋ' ମନରେ ଭୟ ରହିଛି। ପାଖାପାଖି ୯୦% ନମ୍ବର ରଖିବା ପାଇଁ ଲକ୍ଷ୍ୟ ରଖିଛି।

**- ଈପ୍‌ସିତା ମହାନ୍ତି, ମାଟ୍ରିକ ଛାତ୍ରୀ, କୋରାପୁଟ**



ପିଲାମାନେ ଯେତେ ଚିନ୍ତାମୁକ୍ତ ରହିବେ ସେତେ ଅଧିକ ପାଠପଢ଼ାରେ ମନୋନିବେଶ କରିପାରିବେ। ଅଭିଭାବକମାନେ ପରୀକ୍ଷା ପୂର୍ବରୁ ପିଲାମାନେ କିପରି ଚିନ୍ତାମୁକ୍ତ ରହିବେ ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ। ବର୍ତ୍ତମାନ ଟ୍ୟୁଶନ ବା କୋଚିଙ୍ଗ ସେଣ୍ଟର ଉପରେ ନିର୍ଭରଶୀଳ ରହିବା ପରିବର୍ତ୍ତେ ନିଜେ ପଢ଼ନ୍ତୁ। ଏଥିପାଇଁ ପ୍ରଥମେ ଛାତ୍ରୀଛାତ୍ରମାନେ ପାଠପଢ଼ାକୁ ନେଇ ଏକ ସାରଣୀ ପ୍ରସ୍ତୁତ କରିବା ଉଚିତ। ସମୟାନୁବର୍ତ୍ତୀ ହୋଇ ପାଠ ପଢ଼ିଲେ ଠିକ ସମୟରେ ପାଠ୍ୟଖସଡ଼ା ଶେଷ କରାଯାଇପାରିବ ଏବଂ ପରୀକ୍ଷାଫଳ ମଧ ଭଲ ହୋଇପାରିବ।

**- ପ୍ରଫେସର ଅରୁଣ କୁମାର ସାମଲ, ଶିକ୍ଷାବିତ୍**

# ମଦ ପାଇଁ ଶିଶୁପୁତ୍ରକୁ କଚାଡ଼ି ମାରିଲେ ବାପା

ପାଇକମାଲ,୧୧।୨
(ବଡ଼ ଶତପଥୀ)



ଗିରଫ ଅଭିଯୁକ୍ତ ହେମନ୍ତ ଭୁଏ।

ବରଗଡ଼ ଜିଲା ପାଇକମାଲ ଥାନା ଅଧୀନ ଚେରେଙ୍ଗାଝାଞ୍ଜି ଗ୍ରାମରେ ଶନିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ ପାଇଁ ୫ ମାସର ଶିଶୁପୁତ୍ରକୁ ବାପା ତଳେ କଚାଡ଼ି ଦେବାରୁ ତା'ର ମୃତ୍ୟୁ ହୋଇଛି। ମୃତକ ହେଲେ ହେମନ୍ତ ଭୁଏ(୩୫)ଙ୍କ ପୁଅ ଭୂମିତ୍(୫ମାସ)। ପାଇକମାଲ ପୋଲିସ ମୃତଦେହ ଜବତ କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ସେହିପରି ଅଭିଯୁକ୍ତ ହେମନ୍ତଙ୍କୁ ଗିରଫ ସହ ଏକ ମାମଲା (ନଂ.୩୨/୨୪) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ହେମନ୍ତ ମଦ ପିଇବା ପାଇଁ ସ୍ତ୍ରୀ ସୁନାମୁଖୀଙ୍କୁ ୨୦୦ ଟଙ୍କା ମାଗିଥିଲେ। ସୁନାମୁଖୀ ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ କଳିଗୋଳ ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ହେମନ୍ତ ଏକ ବାଡ଼ିରେ ସୁନାମୁଖୀଙ୍କୁ ପିଟିବାକୁ ଉଦ୍ୟମ କରିବାରୁ ଶିଶୁପୁତ୍ର ଭୂମିତକୁ ଛାଡ଼ି ସେ ଭୟରେ ଦୌଡ଼ି ପଳାଇଥିଲେ। ଏହାପରେ ହେମନ୍ତ ଶିଶୁପୁତ୍ରକୁ ଉଠାଇ ଆଣି ତଳେ କଚାଡ଼ି ଦେଇଥିଲେ। ଫଳରେ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଗୁରୁତର ଶିଶୁପୁତ୍ରକୁ ଉଦ୍ଧାର କରି ସୁନାମୁଖୀ ଚିକିତ୍ସା ପାଇଁ ନୂଆପଡ଼ା ଡାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ଭୀମସାର୍ ନେବା ବାଟରେ ବରିକେଲ ନିକଟରେ ଭୂମିତ୍‌ର ମୃତ୍ୟୁ ହୋଇଥିଲା। ଏ ନେଇ ଗ୍ରାମର ୱାର୍ଡସଭ୍ୟ ତୁଳସୀ ମାଝି(୩୫) ପାଇକମାଲ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଉକ୍ତ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଅଖାରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ଯାଜପୁର,୧୧।୨
(ହର୍ଷବର୍ଦ୍ଧନ ବେହେରା)

- ମିଳିନି ପରିଚୟ
- ପୋଲିସର ତଦନ୍ତ ଆରମ୍ଭ
- ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି

ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ କୁଆଁରସାହି ଗ୍ରାମ ନିକଟ ବୈତରଣୀ ନଦୀପଠାରୁ ରବିବାର ସକାଳେ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ସଦର ଡାକ୍ତରଖାନାକୁ ପଠାଇଛି। ମୃତଦେହ ଏକ ପ୍ଲାଷ୍ଟିକ ଅଖାରେ ଭର୍ତ୍ତିହୋଇ ନଦୀକୂଳରେ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସର ଏକ ଟିମ୍ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଖାରୁ ମୃତଦେହ ବାହାର କରିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ମହିଳାଙ୍କ ପରିଚୟ ମିଳି ପାରି ନ ଥିଲା। ତାଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ। ମୃତଦେହ ୧ ମାସରୁ ଊର୍ଦ୍ଧ୍ୱ ସମୟର ହେବ ବୋଲି ପୋଲିସ ସନ୍ଦେହ କରୁଛି। ଏହାବାଦ ଘଟଣାସ୍ଥଳରୁ ସମୁଦ୍ରର ଦୂରତା ପ୍ରାୟ ୧୨ କି.ମି. ହେବ। ସମୁଦ୍ରରେ ଦିନକୁ ପ୍ରାୟ ୨ଥର ଜୁଆର ଉଠୁଛି। ବୈତରଣୀ ତଳମୁଣ୍ଡରୁ ଜୁଆର ପାଣି ଉପରକୁ ଉଠି ଆସୁଛି। ତେଣୁ ମୃତଦେହ ତଳମୁଣ୍ଡରୁ ଉପରକୁ ଭାସି ଆସିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କେହି ମହିଳାଙ୍କୁ ମାରି ତଳମୁଣ୍ଡ ଭଦ୍ରକ ଜିଲା ଚାନ୍ଦବାଲି ତଥା ଧୁଷୁରୀ ଥାନା ଅଞ୍ଚଳରେ ପକାଇ ଦେଇଥାଇପାରେ ବୋଲି ସନ୍ଦେହ ଉପୁଜିଛି। ତେଣୁ ଧୁଷୁରୀ ଥାନା ଅଞ୍ଚଳରୁ ପୋଲିସ ଓ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ତଦନ୍ତ କରିବାକୁ ଆସିଥିଲେ। ହେଲେ ଘଟଣାସ୍ଥଳଟି ଯାଜପୁର ଜିଲାର ହୋଇଥିବାରୁ ସେମାନେ ଫେରି ଯାଇଥିଲେ। ଅଧିକ ସୂଚନା ପାଇଁ ଯାଜପୁର ପୋଲିସ ଆଖପାଖ ଜିଲାର ବିଭିନ୍ନ ଥାନାକୁ ମିସିଂ ରିପୋର୍ଟ ସମ୍ପର୍କରେ ତଥ୍ୟ ମାଗିଛି। ଯାଜପୁର ଏସ୍‌ପି ଭିନୀତ ଅଗ୍ରୱାଲ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ମଙ୍ଗଳପୁର ଆଇଆଇସି ଚିନ୍ମୟୀ ସାହୁ, ଦଶରଥପୁର ଆଇଆଇସି ବଦ୍ରିକାନାଥ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗ ଉପରେ ତଦନ୍ତ କରିଛନ୍ତି।

# ଏସ୍‌ସିବିରୁ ପୁଣି ୩ ଦଲାଲ ଗିରଫ

କଟକ,୧୧।୨ (କାର୍ତ୍ତିକ ସାହୁ)

- ଉତ୍ତମ ଚିକିତ୍ସାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକୁଥିଲେ
- ପରୀକ୍ଷା ନାମରେ ମୋଟା ଅର୍ଥ ରୋଜଗାର ଲକ୍ଷ୍ୟ
- ରୋଗୀ ବେଶରେ ଧରିଲା ପୋଲିସ

ଏସ୍‌ସିବି ମେଡିକାଲରୁ ପୁଣି ୩ ଜଣ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦପୁର ଥାନା ଅଧୀନ ତରଫପଦା ଗ୍ରାମର ସେକ୍ ସଇଫୁ ରେହେମାନ, ମଧୁପାଟଣା ଥାନା ଅନ୍ତର୍ଗତ ସାହୁଲେନ୍‌ର ହିମାଂଶୁ ଶେଖର ପଣ୍ଡା, ସିଆର୍‌ଆର୍‌ଆଇ ଥାନା ଅଧୀନ ତଅଁରପାର ବାବୁନା ଓରଫ ସରୋଜ ଭୋଇ।

ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟାନୁଷ୍ଠାନ ଏସ୍‌ସିବି ମେଡିକାଲକୁ ଦଲାଲମୁକ୍ତ କରିବା ପାଇଁ କମିଶନରେଟ୍ ପୋଲିସ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। କଟକ ଡିସିପି କନ୍‌ଓ୍ୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ସିବି ମେଡିକାଲରେ ଦୂରରୁ ଆସୁଥିବା ରୋଗୀମାନେ ଯେପରି ବିନା ବାଧାରେ ସ୍ୱାସ୍ଥ୍ୟସେବା ପାଇବେ ସେନେଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ମେଡିକାଲ କ୍ୟାମ୍ପସରୁ ଦଲାଲ ଓ ମଧ୍ୟସ୍ଥଙ୍କୁ ହଟାଇବା ପାଇଁ ଏସିପି ଅମିତାଭ ମହାପାତ୍ର, ମଙ୍ଗଳାବାଗ ଥାନାଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଟିମ୍ କାର୍ଯ୍ୟ କରୁଛି। ଯୋଜନା ମୁତାବକ ଏହି ଟିମ୍‌ର ଦୁଇ ସଦସ୍ୟ ରୋଗୀ ବେଶରେ ରବିବାର ଏସ୍‌ସିବି ମେଡିକାଲକୁ ଯାଇଥିଲେ। ନନ୍ ଟ୍ରମା କାଜୁଆଲ୍‌ଟି ନିକଟରେ ଗିରଫ ଅଭିଯୁକ୍ତମାନେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ମିଥ୍ୟା ପ୍ରତିଶ୍ରୁତି ଦେଇ ଅର୍ଥ ଆଦାୟ ଭଳି ଠକାମି କରୁଥିବାବେଳେ ରୋଗୀ ବେଶରେ ଥିବା ପୋଲିସ ସେମାନଙ୍କୁ କାବୁ କରିଥିଲା। ଦଲାଲମାନେ ନିରୀହ, ସାଧାରଣ ରୋଗୀଙ୍କୁ ଘରୋଇ ମେଡିକାଲରେ ଉତ୍ତମ ଚିକିତ୍ସା ଦିଆଯାଉଥିବା କହି ପ୍ରବର୍ତ୍ତାଉଥିଲେ। ସେଠାରେ ଶସ୍ତାରେ ସମସ୍ତ ପ୍ରକାର ଭଲ ଚିକିତ୍ସା କରାଯାଉଛି କହି ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ଏଭଳି ଯୋଗାଯୋଗ ଚାଲିଥିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ଘରୋଇ ହସ୍ପିଟାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟରର ଏଜେଣ୍ଟ। ସେମାନେ ରୋଗୀଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ପରେ ବିଭିନ୍ନ ପ୍ରକାର ପରୀକ୍ଷା କରିବା ବାହାନାରେ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୬/୨୪) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗତ ୮ ତାରିଖରେ ଏସ୍‌ସିବି ମେଡିକାଲରୁ ୫ ଜଣ ଦଲାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା କଥା କହି ଘରୋଇ କ୍ଲିନିକକୁ ଗରିବ ରୋଗୀଙ୍କୁ ପ୍ରବର୍ତ୍ତାଇ ପଠାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ଆମ୍ବୁଲାନ୍ସ ଡ୍ରାଇଭର୍ ସାମିଲ ଥିଲେ। ସେମାନଙ୍କ ନିକଟରୁ ବିଭିନ୍ନ ଘରୋଇ ଡାକ୍ତରଖାନାର କାଗଜପତ୍ର ପୋଲିସ ଜବତ କରିଥିଲା।

# ଆଧ୍ୟାତ୍ମିକତା ନ ରହିଲେ ଜଣେ ଦାୟିତ୍ୱବାନ୍ ହେବ ନାହିଁ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)



ଜୀବନରେ ଆଧ୍ୟାତ୍ମିକତା ନ ରହିଲେ ଜଣେ ଦାୟିତ୍ୱବାନ୍ ହେବ ନାହିଁ କି ମନ ଭିତରେ ସମବେଦନା ତିଆରି ହେବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ବରୁଣେଇ ପାଦଦେଶରେ ଇସ୍କନ ୟୁଥ୍ ଫୋରମ, ଭୁବନେଶ୍ୱରର 'ଭକ୍ତିବେଦାନ୍ତ ଇଣ୍ଟରନ୍ୟାଶନାଲ ଏକାଡେମୀ ଫର୍ ଆପ୍ଲାଏଡ୍ ସ୍ପିରିଚୁଆଲ୍ ଟେକ୍ନୋଲୋଜି'ର ଭୂମିପୂଜନ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସମାଜ ଭିତରେ ଭଗବତ ସମର୍ପଣ, ଶାନ୍ତି ଏବଂ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଭକ୍ତିଭାବ ବଜାୟ ରଖିବା ପାଇଁ ମନ୍ଦିରଗୁଡ଼ିକ ତିଆରି ହୋଇଛି। ଅର୍ଥନୈତିକ ଦିଗ ସହ ସ୍ୱାଭିମାନୀ, ସ୍ୱାବଲମ୍ବୀ ଓ ଦାୟିତ୍ୱବାନ ହେବାର ଦୁର୍ମୂଲ୍ୟ ବାର୍ତ୍ତା ମଧ ଏହା ମଧ୍ୟରେ ଅନ୍ତର୍ନିହିତ। ହଜାର ହଜାର ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିବା ପୁରୀ ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ସମାଜକୁ ଅନେକ ଶିକ୍ଷା ଦେଉଛି। ଶିକ୍ଷା ସହ ଆଧ୍ୟାତ୍ମିକତା ଓତପ୍ରୋତ ଭାବେ ଜଡ଼ିତ। ଯଦି ଜ୍ଞାନ ଆହରଣରେ ଆଧ୍ୟାତ୍ମିକତା ରହିବ ନାହିଁ ତେବେ ସେ ଜ୍ଞାନୀ ଲୋକଟି ଶକ୍ତିଶାଳୀ ରାବଣର ସ୍ୱରୂପ ହୋଇପାରେ। ମନରେ ଅବସାଦ, ଦୁଃଖ ଓ ଗ୍ଲାନି ଆସିଲେ ଇସ୍କନ କଥା ଆସିଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂକସାକ୍ଷୀ ବରୁଣେଇ ପାହାଡ଼ର ପାଦଦେଶରେ ଇସ୍କନ ପକ୍ଷରୁ ନିର୍ମାଣ ହେବାକୁ ଥିବା ଆଧ୍ୟାତ୍ମିକ କେନ୍ଦ୍ରରେ ଯୋଗ, ମେଡିଟେସନ, ବୈଦିକ ଶିକ୍ଷା ତଥା ଆଧ୍ୟାତ୍ମିକତା ମାଧ୍ୟମରେ ଯୁବବର୍ଗଙ୍କ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଓ ସଚେତନତା ସୃଷ୍ଟି ପାଇଁ ଯୋଜନା କରିବା ପ୍ରଶଂସନୀୟ। ଏହା ଛାତ୍ର ସମୁଦାୟ ଏବଂ ସମାଜ ପାଇଁ ବେଶ୍ ଲାଭଦାୟକ ହେବ। ଇସ୍କନ ସମାଜ ମାନବ ଜାତିକୁ ଭାବନାତ୍ମକ ଏବଂ ଆଧ୍ୟାତ୍ମିକ ମାର୍ଗଦର୍ଶନ ମାଧ୍ୟମରେ ଦେଉଥିବା ବାର୍ତ୍ତା ସର୍ବୋପରି ଜାରି ରହୁ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କୃଷ୍ଣ ଭଗବାନଙ୍କ ପାଖରେ ଧର୍ମେନ୍ଦ୍ର ପ୍ରାର୍ଥନା କରିଛନ୍ତି।

# ପୃଥକ ସଡ଼କ ଦୁର୍ଘଟଣା, ୨ ମୃତ

ଲହୁଣୀପଡା,୧୧।୨
(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନଂ ଜାତୀୟ ରାଜପଥ କୁଚେଇତା ଛକ ଓ ଗୋପାଳପୁର ନିକଟରେ ରବିବାର ପୃଥକ ସଡ଼କ ଦୁର୍ଘଟଣାରେ ୨ଜଣ ମହିଳାଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ କୁଚେଇତା ଗ୍ରାମର ଲାଲମନୀ ମାହାଲି (୬୫)। ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ସେହିପରି ଅନ୍ୟ ଜଣେ ଗୁରୁତର ଆହତଙ୍କ ପରିଚୟ ମିଳିପାରିନାହିଁ। ସୂଚନାରୁ ପ୍ରକାଶ ଯେ, ରବିବାର ମଧ୍ୟାହ୍ନରେ ଲାଲମନୀ କୌଣସି କାର୍ଯ୍ୟରେ ନିକଟସ୍ଥ ଗୋପାଳପୁର ଗ୍ରାମକୁ ଯାଇଥିଲେ। ସେ ରାସ୍ତା ଅତିକ୍ରମ କରୁଥିବା ବେଳେ ରାଉରକେଲା ପଟେ ଯାଉଥିବା ଏକ ଓଡି୨୩ବି-୪୯୭୧ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଚାନ୍ଦିପୋଷ ପୋଲିସ ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଘଟଣାର ତଦନ୍ତ କରୁଛି। ସେହିଭଳି କୁଚେଇତା ଛକରେ ଅପରାହ୍ନରେ ଆଉ ଏକ ଦୁର୍ଘଟଣା ଘଟିଥିଲା। ଛକରେ ଛିଡା ହୋଇଥିବା ଏକ ଟ୍ରକକୁ ରାଜାମୁଣ୍ଡା ପଟୁ ଆସୁଥିବା ଏକ କାର ପଛପଟୁ ଧକ୍କା ଦେଇଥିଲା। ଫଳରେ କାର ଭିତରେ ଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ମର୍ଗ ହାଉସରେ ରଖିବା ସହ ଗୁରୁତର ଆହତ ପୁରୁଷଙ୍କୁ ରାଉରକେଲା ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ଉଭୟ ଗାଡ଼ି ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଆଉ ୫ ଜିଲାରେ ଗଡ଼ିବ ଲକ୍ଷ୍ମୀ ବସ୍

ଭୁବନେଶ୍ୱର,୧୧।୨
(ଅନୁରାଧା ମହାରଣା)

**ଆଜି ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ**

ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସୋମବାର ୫ଟି ଜିଲାରେ ଲକ୍ଷ୍ମୀ ବସ୍ ଗଡ଼ିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍‌ସେବାର ଶୁଭାରମ୍ଭ କରିବେ। ମୟୂରଭଞ୍ଜ, ବଲାଙ୍ଗୀର, ବରଗଡ଼, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାରେ ଏହି ସେବା ଆରମ୍ଭ ହେବ।

ପଞ୍ଚାୟତରେ ବିକାଶ ତଥା ଗାଁକୁ ଗାଁ ଯୋଡ଼ିବା ସହ ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆଣିବା ଲକ୍ଷ୍ୟରେ ଲକ୍ଷ୍ମୀ ବସ୍ ଚଳାଚଳ କରାଯାଉଛି। ଏହା ଲୋକଙ୍କ ସାମାଜିକ ସମ୍ପର୍କ ଏବଂ ଅର୍ଥନୀତି ଆହୁରି ମଜଭୁତ କରି ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ ବୋଲି ଆଶା କରାଯାଉଛି। ପିଲାଙ୍କ ସ୍କୁଲ ଯିବାଠୁ ଆରମ୍ଭ କରି ଚାଷୀଙ୍କ ପାଇଁ ବଜାର ଓ ରୋଗୀଙ୍କ ନିମନ୍ତେ ଡାକ୍ତରଖାନାକୁ ଗାଁ ସହିତ ଯୋଡ଼ିବ। ପର୍ଯ୍ୟଟନ ଓ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବ, ଏଥିରେ ଯାତ୍ରୀ ଏବଂ ସଡ଼କ ସୁରକ୍ଷାକୁ ଗୁରୁତ୍ୱ ସହ ସ୍ୱଚ୍ଛ ଓ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ସାଧାରଣ ପରିବହନ ଏହି ଲକ୍ଷ୍ମୀ ବସ୍‌ର ବୈଶିଷ୍ଟ୍ୟ ରହିଛି। ୫ଟଙ୍କା ଦେୟରେ ମହିଳାମାନେ ପଞ୍ଚାୟତରୁ ବ୍ଲକକୁ ଯାତାୟାତ କରିପାରିବେ। ଅପରପକ୍ଷେ ଆସନ୍ତା ୧୬ତାରିଖରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ନୟାଗଡ଼ ଆଦି ୬ଟି ଜିଲାରେ ଏହି ସେବା ଆରମ୍ଭ ହେବ। ୧୯ ତାରିଖଠାରୁ ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଝାରସୁଗୁଡ଼ା ଓ କନ୍ଧମାଳ ଜିଲାରେ ଲକ୍ଷ୍ମୀ ବସ୍ ଗଡ଼ିବ। ୨୧ ତାରିଖରୁ ବାଲେଶ୍ୱର, ନୂଆପଡ଼ା, ବୌଦ୍ଧ, ଗଞ୍ଜାମ ଓ ଜଗତ୍‌ସିଂହପୁର ଆଦି ୫ଟି ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।

ସୂଚନାଥାଉ କି, ଅକ୍ଟୋବର ୧୨ରେ ପ୍ରଥମ ପର୍ଯ୍ୟାୟରେ ମାଲକାନଗିରିରେ 'ଲକ୍ଷ୍ମୀ ବସ' ସେବା ଆରମ୍ଭ ହୋଇଥିଲା। ଏହାପରେ ଅକ୍ଟୋବର ୨୦ରେ ଗଜପତି ଏବଂ ନଭେମ୍ବର ୧ରେ କଳାହାଣ୍ଡି ଏବଂ ନଭେମ୍ବର ୨୫ରେ ରାୟଗଡା ଜିଲାରେ ଏହି ସେବାର ଶୁଭାରମ୍ଭ କରାଯାଇଥିଲା। ଡିସେମ୍ବର ୧୪ରେ କୋରାପୁଟ, ୨୦୨୪ ଜାନୁଆରୀ ୩୧ରେ ଢେଙ୍କାନାଳ, କୋରାପୁଟ ଓ ଦେବଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଥିଲା।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଟିଟିଲାଗଡ,(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ପରାସରା ଗ୍ରାମ ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଟିଟିଲାଗଡ଼ ବ୍ଲକ ଦାୟିତ୍ୱରେ ଥିବା ସହପର୍ଯ୍ୟବେକ୍ଷକ ଭେଲମନ ନାୟର ସାମିଲ ହୋଇଥିଲେ। ଦେବାଶିଷ ସୌରା, ପଙ୍କଜ ଅଗ୍ରୱାଲ, ପଞ୍ଚାୟତ ସଭାପତି ଭିକାରି ସାହୁ, ହରି କୁମାର, ମାଙ୍ଗେ ବାବୁ, ଦିଲୀପ ବେହେରା, ବନ ବେହେରା, ଲୁଦ୍ର ବେହେରା, ବଇଚନ୍ଦ୍ର ଠେଲା, ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାର୍ଲାଡ ଗ୍ରାମ ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି।

## ସଂକ୍ଷେପରେ

### ଲୁଥୁରବନ୍ଧ ଭାଜପାର ମଣ୍ଡଳସ୍ତରୀୟ ବୈଠକ

ଟିଟିଲାଗଡ,୧୧।୨(ଶରତ ମିଶ୍ର)

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୁଥୁରବନ୍ଧ ମଣ୍ଡଳସ୍ତରୀୟ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଲୁଥୁରବନ୍ଧ ଗୋଚର ପଡ଼ିଆରେ ରବିବାର ଅନୁଷ୍ଠିତ ହେଇଯାଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ ମୁକେଶ କୁମାର ଜୈନଙ୍କ ଆବାହତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ ସହିତ ଗାଁ ଚାଲ ଅଭିଯାନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ଶିବାଜୀ ମହାନ୍ତ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ମହେନ୍ଦ୍ର ଠାକୁର, ଜିଲା ସମ୍ପାଦକ ଅଶୋକ ମିଶ୍ର, ବିଧାନସଭା ସଂଯୋଜକ ଆଶିଷ ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ନରସିଂହ ସିଂହ, ଟିଟିଲାଗଡ଼ ନଗର ଏସଟି ମୋର୍ଚ୍ଚା ସଭାପତି ଅଶୋକ ଭୋଇ, ମଣ୍ଡଳ ସଭାପତି ଜୀବର୍ଦ୍ଧନ ଖରସେଲ, କୁରସୁଡ ମଣ୍ଡଳ ସଭାପତି ନିମାଇଁ ଚରଣ ବେହେରା, ମଣ୍ଡଳ ପ୍ରଭାରୀ ବିପିନ ଠାକୁର, କୃଷକ ମୋର୍ଚ୍ଚା ଜିଲା ଉପସଭାପତି ରଞ୍ଜିତ ଆଡଜୁଆଡ, ଯାଦବ ନେତା ଝସକେତନ ଛତର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେଡ଼ି ଓ କଂଗ୍ରେସ ଦଳର କେତେକ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ଏଠାରେ ଦଳ କିପରି ବିଜୟ ଲାଭ କରିବ ସେ ବିଷୟରେ ଜିଲା ସଭାପତି ମହାନ୍ତି କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ।

### ରାସ୍ତା, ପୋଲ ନିର୍ମାଣ କର

ଲାଠୋର,୧୧।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣିଠାରୁ କରୁଆଝର ପର୍ଯ୍ୟନ୍ତ ୫ କିମି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏଠାରେ ରାସ୍ତା ଏବଂ ପୋଲ ନିର୍ମାଣ ପାଇଁ ବାରମ୍ବର ଦାବି ହେଉଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହେଉଛି। ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଏହି ରାସ୍ତା ଉପରେ ଅଞ୍ଚଳର ପ୍ରାୟ ୩୦ ଖଣ୍ଡ ଗ୍ରାମର ଅଧିବାସୀ ନିର୍ଭର କରନ୍ତି। ହେଲେ ୫ କିମି ରାସ୍ତାର ବହୁ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଛି। ଏଥିଯୋଗୁ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବିଶେଷ କରି ସ୍କୁଲ ଏବଂ କଲେଜକୁ ପାଠ ପଢି ଯାଉଥିବା ଛାତ୍ରୀଛାତ୍ର ଯିବା ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ଟଙ୍କପାଣି ଏବଂ କରୁଆଝର ମଧ୍ୟସ୍ଥ ସାନଗୁର୍ଜିଭଟା ଗ୍ରାମ ନିକଟରେ ଥିବା ପୋଲ ଅତି ଛୋଟ ହୋଇଥିବା ହେତୁ ବର୍ଷା ଦିନେ ଏହା ଉପରେ ବର୍ଷା ପାଣି ପ୍ରବାହିତ ହୋଇଥାଏ। ଯାତାୟାତ ବାଧାପ୍ରାପ୍ତ ହୋଇଥାଏ। ଉକ୍ତ ପୋଲ ଏବଂ ରାସ୍ତା ନିର୍ମାଣ ପାଇଁ ଲୋକ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏନେଇ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କନିଷ୍ଠ ଯନ୍ତ୍ରୀ ନବୀନ ବହଲଙ୍କୁ ପଚାରିବାରୁ ଘଟଣାସ୍ଥଳ ପରିଦର୍ଶନ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ୧୬ ତାରିଖ ଭାରତବନ୍ଦ ସଫଳ କରିବାକୁ ଆହ୍ୱାନ

ମୁରିବାହାଲ,୧୧।୨(ଶ୍ରୀବତ୍ସ ବେହେରା)

ଆଗାମୀ ୧୬ତରିଖ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଆହୂତ ଭାରତ ବନ୍ଦକୁ ସଫଳ କରିବାକୁ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ୪ଟି ସଙ୍ଗଠନର କର୍ମକର୍ତ୍ତା ସ୍ଥାନୀୟ ଯାଦବ ଭବନରେ ଏକାଠି ହୋଇଥିଲେ। ନିର୍ମାଣ ଶ୍ରମିକ ସଙ୍ଗଠନ ଜିଲ୍ଲା ସଂଯୋଜକ ପ୍ରବୀର କୁମାର କମ୍ପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏଆଇଟିୟୁସି ଜିଲା ସଭାପତି ତୀର୍ଥ ପଧାନ ଯୋଗଦେଇ ଭାରତ ବନ୍ଦକୁ ସଫଳ କରିବା ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସହ ସମ୍ପାଦକ ସାଏବୁ ନନ୍ଦ, ପାଚିକା ସଂଘ ଜିଲ୍ଲା ସଭାପତି ପାଣ୍ଡ ଭୋଇ, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ମୁରିବାହାଲ ବ୍ଲକ ପୂର୍ବତନ ସଭାପତି ପୁଷ୍ପାଲତା ଧୀର, କୋଷାଧକ୍ଷ ଦାଇ ରଣା ବୈଠକରେ ଉପସ୍ଥିତ ରହି ୯ ଦଫା ଦାବି ଉପରେ ଆଲୋଚନା କରିଥିଲେ । ବୈଠକରେ ନମିତା ନାୟକ, କ୍ଷୀରକାନ୍ତି ପୁଟେଲ, ଜାନକୀ କୁମ୍ଭାର, ଶୋଭାଗିନୀ ତାଣ୍ଡି, ମାନଭାଙ୍ଗି ମାଝି, ଦୁର୍ବଳ ମାଝି, ମହେନ୍ଦ୍ର ରଣା, ଭୁଲା ମାଝି ଉପସ୍ଥିତ ଥିଲେ ।

# ଭାଷାକୁ ସମୃଦ୍ଧ, ସୁରକ୍ଷିତ କରିବା ଧ୍ୟେୟ ହେଉ

ବଲାଙ୍ଗୀର,୧୧।୨(ବୀରେନ୍ଦ୍ର କୁମାର ଝାଙ୍କର)


ଉଦ୍‌ଯାପନୀ ଉତ୍ସବର ଅତିଥି, ଆଲୋଚକ, ଆୟୋଜକ ଏବଂ ଛାତ୍ରୀଛାତ୍ର।

**ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ**

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଧ୍ୟାପିକା ଡ଼. ଭଗବତୀ କର ଆଲୋଚିକାଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶା ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଡ଼. ଅଶୋକ କୁମାର ମହାପାତ୍ର ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଷୟରେ ଆଲୋଚନା କରି ଭାଷାକୁ ସମୃଦ୍ଧ ଓ ସୁରକ୍ଷିତ କରିବା ଆମର ଉତ୍ତର ପିଢ଼ିର ଧ୍ୟେୟ ହେବା ଉଚିତ ବୋଲି କହିଥିଲେ। ଭାଷାକୁ ବ୍ୟବହାର କଲେ, ସଠିକ ଉଚ୍ଚାରଣ କଲେ ଆମର ଓଡ଼ିଆତ୍ୱ ରହିବ ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଅଧ୍ୟାପକ ହୃଷୀକେଶ ଦାସ ଓଡ଼ିଆ ଜାତି ଓ ନୀଳ କନ୍ଦରର ନୀଳ ଗୋସେଇଁ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସାହିତ୍ୟିକ ଆନନ୍ଦ ଚନ୍ଦ୍ର ସାହୁ ଓ ଡ଼. ଜଗନ୍ନାଥ ସାହୁ ମୁଁ କାହିଁକି ଲେଖେର ଉତ୍ତର ଦେଇ ଜଣେ ସମ୍ବେଦନଶୀଳ ମଣିଷ, ପ୍ରେମିକ ମଣିଷ ହିଁ ପ୍ରକୃତ କବି ବୋଲି କହିଥିଲେ। ଅଧକ୍ଷ ପ୍ରଫେସର ଘନଶ୍ୟାମ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଭିନ୍ନ ବିଷୟକୁ ନେଇ ହେଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ଼. କୌତୁକ ପନ୍ଦର ସଭା ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଡ଼. ରମଣୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅମୃତ ସିଂ ବରିହା, ଡ଼ ଅଶୋକ କୁମାର ମହାରଣା, ଅମିତୋଷ ତ୍ରିପାଠୀ, ରାମ ଶଙ୍କର ମେହେର, ପୁରୁଷୋତ୍ତମ କିଶାନ, ମଳୟ କଅଁର, ବିଶ୍ୱଭୂଷଣ ବିଶ୍ୱାଳ, ନୀଳକଣ୍ଠ ନାଗ, ଅଧ୍ୟାପିକା ବନ୍ଦନା ବାଗ, ମଧୁସ୍ମିତା ମିଶ୍ର, ରିଚା ବିଶ୍ୱାଳ, କ୍ଷୀରୋଦିନୀ ଭୁଏ, ରଶ୍ମିତା ପ୍ରଧାନ, ଅମୃତା ମହାପାତ୍ର, ଈଶ୍ୱରୀ ଇପ୍ସିତା, ଅଞ୍ଜଳି ସିଂ, ଛାତ୍ରୀ ଗାର୍ଗୀ ଗିରିଜା ବହିଦାର ସହଯୋଗ କରିଥିଲେ।

# ପୋଲିସ ଜନସମ୍ପର୍କ ଶିବିର

ଖପ୍ରାଖୋଲ, ୧୧।୨(ଅଭୟ ତ୍ରିପାଠୀ)

**ମାଗଣା ସ୍ୱାସ୍ଥ୍ୟସେବା, କ୍ରିକେଟ ଟୁର୍ନାମେଣ୍ଟ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ତେଲେନପାଲି ପଞ୍ଚାୟତ ୟୁନାନିବାହାଲ ଗାଁ ଖେଳ ପଡିଆରେ ଜିଲା ପୋଲିସ ତରଫରୁ ଜନ ସମ୍ପର୍କ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତଥା ପ୍ରୋବିସନାରି ଆଇପିଏସ ଅମୃତାପାଲ କୌର, ସମ୍ମାନୀତ ଅତିଥି ପାଟଣାଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଜାରୀ, ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା ଯୋଗଦେଇ ଜନସାଧାରଣ ପୋଲିସକୁ ବନ୍ଧୁଭାବେ ଦେଖି ଭୟ ନକରିବାକୁ କହିଥିଲେ। ପୋଲିସ ଜନସାଧାରଣଙ୍କ ଧନ ଜୀବନ ରକ୍ଷା କରିବାକୁ ସଜାଗ ଥିବା କହିଥିଲେ। ଏହି ଅବସରରେ ତେଲେନପାଲି ପଞ୍ଚାୟତର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଏବଂ ବୃଦ୍ଧାବୃଦ୍ଧଙ୍କୁ ସାଲ, କମ୍ବଳ, ଲାଇଟ, ଛତା, ସାଉଣ୍ଡ ବାକ୍ସ, ବାଦ୍ୟଯନ୍ତ୍ରର ଆଦି ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା। ସେହିପରି ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ୧୪୧ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥଲେ। ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁର ୮ଟି କ୍ରିକେଟ ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଖେଳ ଅନୁଷ୍ଠିତ ହେଇଥିଲା। ଏଥିରେ ଚାମ୍ପିୟନ ୟୁନାନିବାହାଲ ଓ ରନର ଅପ ବାଘଝରଣ ଦଳକୁ ଜର୍ସି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଖପ୍ରାଖୋଲ ଥାନା ଏସଆଇ ଲିଙ୍ଗରାଜ କିଶାନ, ଏ ଏସ ଆଇ ସେବନ କେରକେଟା, ରାମ ଗୋପାଳ କୁମୁରା ସମେତ ୱାର୍ଡ ମେମ୍ବର, ପୋଲିସ ଉପସ୍ଥିତ ଥିଲେ।


ପୋଲିସ ଅଧିକାରୀ ଜଣେ ମହିଳାଙ୍କୁ ବସ୍ତ୍ର ପ୍ରଦାନ କରୁଛନ୍ତି।

# ଲନ୍‌ବଲ୍ କୋର୍ଟର ଭୂମି ପୂଜନ

ବଲାଙ୍ଗୀର,୧୧।୨(ବୀରେନ୍ଦ୍ର କୁମାର ଝାଙ୍କର)


ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଲନ୍ ବଲ କୋର୍ଟ ତିଆରି ପାଇଁ ଭୂମି ପୂଜନ କରାଯାଉଛି।

**ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ**

ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ରବିବାର ଲନ୍ ବଲ୍ କୋର୍ଟର ଭୂମିପୂଜନ ସମାରୋହ ସମ୍ପନ୍ନ ହୋଇଛି। ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତନ ଲୋକ ସଭା ସଦସ୍ୟ କଳିକେଶ ନାରାୟଣ ସିଂଦେଓ ଏବଂ ପୌରାଧକ୍ଷା ଲିକା ସାହୁ ଅତିଥିଭାବେ ଯୋଗଦେଇ ଭୂମି ପୂଜନ ସମ୍ପନ୍ନ କରିଥିଲେ। ଏହି ଅବସରରେ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ୍, ରାଜ୍ୟ ଲନବଲ୍ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ପୂର୍ବତନ ଏମ୍‌ପି ସିଂଦେଓ କହିଥିଲେ ଯେ, ଗତ ୩/୪ ବର୍ଷ ହେଲା ଓଡ଼ିଶା ଲନ୍‌ବଲ ଦଳ ଜାତୀୟସ୍ତରରେ ଚମତ୍କାର ଖେଳ ପ୍ରଦର୍ଶନ କରି ପଦକ ହାସଲ କରିଆସୁଛି। ଏହା ରାଜ୍ୟ ପାଇଁ ଗୌରବର ବିଷୟ। ସମସ୍ତ ଲନ୍ ବଲ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ୱଳ କ୍ରୀଡା ଭବିଷ୍ୟତ କାମନା କରିଥିଲେ। ଏଠାରେ ଜାତୀୟସ୍ତରର ଲନ୍ ବଲ କୋର୍ଟ ତିଆରି କରାଯିବ ବୋଲି ସେ କହିଥିଲେ। ଚଳିତ ବର୍ଷ ମଧ ୩୭ ତମ ଜାତୀୟ କ୍ରୀଡାରେ ତିନୋଟି ପଦକ ହାସଲ ରାଜ୍ୟ ପାଇଁ ଲନ୍ ବଲ ଦଳ ଗୌରବ ଆଣିଛନ୍ତି। ରାଜ୍ୟ କ୍ରୀଡା ବିଭାଗ କୃତୀ ୯ ଜଣ ଖେଳାଳିଙ୍କୁ ୧୮ ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରି ପ୍ରୋତ୍ସାହିତ ମଧ କରିଛନ୍ତି। କିନ୍ତୁ ଲନ ବଲ ଖେଳପଡିଆ ନ ଥିବାରୁ ଓଡିଶାର ଖେଳାଳିମାନେ ବାହାର ରାଜ୍ୟର ଲନ୍ ବଲ ଖେଳ ପଡିଆରେ ପ୍ରାକ୍ଟିସ କରୁଥିଲେ। ଏହାକୁ ନେଇ ରାଜ୍ୟ ଲନ୍‌ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ରାଜ୍ୟ କ୍ରୀଡା ସଚିବଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ଲନ୍ ବଲ ପଡିଆ ପାଇଁ ୨ କୋଟି ୪ ଲକ୍ଷ ୩୬ ହଜାର ଟଙ୍କା ଅନୁଦାନ ଦିଆଯାଇଥିଲା। ରବିବାର ସ୍ଥାନୀୟ ଆରଏନ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଭୂମି ପୂଜନ କାର୍ଯ୍ୟକ୍ରମରେ ସହର ବହୁ ବୁଦ୍ଧିଜୀବୀ, ବରିଷ୍ଠ କ୍ରୀଡାବିତ୍ ଏବଂ ଖେଳାଳୀ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ଟିଟିଲାଗଡ,୧୧।୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ସତୀଘାଟ ଗ୍ରାମର କୈଳାସ ଯାନୀ(୨୮)ଙ୍କର ରବିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଯୁଗୀରତା ଗ୍ରାମରେ ଥିବ ଏକ ଢ଼ାବାରେ ଚାର୍ଜରେ ବସାଇଥିବା ମୋବାଇଲ ଫୋନ କଡ଼ରୁ ଖୋଲୁଥିବା ସମୟରେ ବିଦ୍ୟୁତଘାତ ହେବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିଟିଲାଗଡ ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ଦଳଗତ ନୃତ୍ୟ ମାଧ୍ୟମରେ ଜନସଚେତନତା

ଦେଓଗାଁ,୧୧।୨
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ସଞ୍ଚାର, ପାଲା, ଦାସକାଠିଆ ମାଧ୍ୟମରେ କଳାକାରମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନ ସୃଷ୍ଟି କରୁଛନ୍ତି । ବ୍ଲକ କଳା ସଂସ୍କୃତି ସଂଘ ତରଫରୁ ଗ୍ରାମାଞ୍ଚଳରେ ଥିବା କଳାକାରମାନେ ଗାଁକୁ ଗାଁ ଯାଇ ନିଜ ପାରମ୍ପରିକ କଳା ମାଧ୍ୟମରେ ଲୋକଙ୍କ ମନୋରଞ୍ଜନ କରିବା ସହ ସରକାରୀ ଯୋଜନା ଗୁଡିକର ଲାଭ ଉପରେ ଅବଗତ କରୁଛନ୍ତି। ରବିବାର ହାତିସରା, ସିଂହାମୁଣ୍ଡା, ଜୁର୍ଲାକାନୀ, ଜରାସିଂହା, କଛାରପାଲି, କୁଲୁତାପଡା, ଖଇରଗୁରା, ନାଇକେନସିରା, ଦେଷଣ୍ଡ ଓ ଗୌରଗୋଠରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଦେଓଗାଁ,୧୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା,ଡୁମେରପିଟା ଓ ଲଣ୍ଡାପଥର ପଞ୍ଚାୟତରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନ୍ଧପଡା ପଞ୍ଚାୟତ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱ, କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ବାଗଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମମତା କୁମୁରା, ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ଜରସିଂହା ସରପଞ୍ଚ କୁଶମଣି ମେହେର, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ହାତିସରା ସରପଞ୍ଚ କେଲୋ ଡାଙ୍ଗ, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା ମଞ୍ଚାସୀନ ଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ । ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଥିଲା । ଏହି ଅବସରରେ ବିଭିନ୍ନ ବିଭାଗର ଷ୍ଟଲ ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଡୁମେରପିଟା ପଞ୍ଚାୟତରେ ସରପଞ୍ଚ ବାସନ୍ତୀ ପଟେଲଙ୍କ ସଭାପତିତ୍ୱ ଏବଂ ବିପିଏମ ପ୍ରଦୀପ କୁମାର ଛତ୍ରିଆଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷ ଖମାରୀ, ଜିଲା ପରିଷଦ ସଭ୍ୟା କୁମୁରା, ସମିତି ସଭ୍ୟ ସଂକୀର୍ତ୍ତନ ବାଗ ଯୋଗଦେଇଥିଲେ । ଇଓ ସୂର୍ଯ୍ୟମଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଲଣ୍ଡାପଥର ପଞ୍ଚାୟତରେ ସରପଞ୍ଚ ଦେବାନ୍ତୀ କ୍ଷେତିଙ୍କ ସଭାପତିତ୍ୱ ଓ ଇଓ ଅରୁଣ ନାଗଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଖମାରୀ, ବରିଷ୍ଠ ନେତା ଲକ୍ଷ୍ମଣ ମେହେର ଓ ବିଡିଓ କ୍ଷମାନିଧି ଭୋଇ ମଞ୍ଚାସୀନ ଥିଲେ ।


ଡୁମେରପିଟା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସମାଜ ସଙ୍ଗଠିତ ହେଲେ ବିକାଶ ହେବ

ମୁରିବାହାଲ ,୧୧।୨(ଶ୍ରୀବତ୍ସ ବେହେରା)



**ତୈଳିକ ବୈଶ୍ୟ ସାହୁ ସମାଜର ବୈଠକ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ଅନ୍ତର୍ଗତ ଚିତ୍ରାମୁଣ୍ଡା ଗ୍ରାମରେ ବ୍ଲକସ୍ତରୀୟ ତୈଳିକ ବୈଶ୍ୟ ସାହୁ ସମାଜର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବୈଧୃତ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ତୈଳିକ ବୈଶ୍ୟ ସାହୁ ସମାଜ ଉପସଭାପତି ରାଜକୁମାର ସାହୁ, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦୟାନିଧି ସାହୁ, ଉପଦେଷ୍ଟା ଲିଙ୍ଗରାଜ ସାହୁ, ବ୍ଲକ ଉପସଭାପତି ବୈଶାଖୁ ସାହୁ, କୃତ୍ତିବାସ ସାହୁ, ଉପଦେଷ୍ଟା ହରେକୃଷ୍ଣ ସାହୁ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଧରିତ୍ର ବ୍ଲକ ଖବରଦାତା ତଥା ବଲାଙ୍ଗୀର ଲୋକ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ଗୋଇମୁଣ୍ଡା ସରପଞ୍ଚ କାଳିଆ ସରାଫ, ଯୁବନେତା କଶ୍ୟପ ସରାଫ ଯୋଗଦେଇଥିଲେ। ସଙ୍ଗଠିତ ହେଲେ ତୈଳିକ ବୈଶ୍ୟ ସାହୁ ସମାଜର ସାମଗ୍ରିକ ବିକାଶ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ହେରାମ ସାହୁ ସଭା ସଂଯୋଜନା କରିଥିଲେ। କୁବେର ସାହୁ, କମଳାକାନ୍ତ ସାହୁ, ଡିଲେଶ୍ୱର ସାହୁ, ଶ୍ୟାମ ସାହୁ, କୁବେର ସାହୁ, ଲଳିତ ସାହୁ ପ୍ରମୁଖଙ୍କ ସହ ବୈଠକରେ ବହୁ ସଂଖ୍ୟାରେ ସମାଜର ଜାତିଭାଇ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୧୧।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ସୀମାଞ୍ଚଳ ପୁରୋହିତଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ଉପାଧକ୍ଷ ସୁଖିରାମ ସାଣ୍ଡ, ସମିତି ସଭ୍ୟ ରମେଶ ପାଢ଼ୀ, ପବିତ୍ର ପଟେଲ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଇଓ ଡୋଳାମଣି ଦୀପ, ଜିଆରଏସ ସୁନୀତା ବାରିକ, ଯୋଗାଣ ସହାୟକ କୁମୁଦ ରଞ୍ଜନ ଦାଶଙ୍କ ସମେତ ସରକାରୀ କର୍ମଚାରୀ, ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ ଓ ଅତିଥି।

# ଟ୍ରକ ଚାଳକଙ୍କୁ ଆକ୍ରମଣ କରି ୧.୫ଲକ୍ଷ ଲୁଟିଲେ

ମୁରିବାହାଲ,୧୧।୨(ଶ୍ରୀବତ୍ସ ବେହେରା)


ଆକ୍ରମଣର ଶିକାର ଭରତ ମେହେର।

- **ମୁଖାପିନ୍ଧା ଦୁର୍ବୃତ୍ତ ଲଙ୍କାଗୁଣ୍ଡ ପକାଇଥିଲେ**
- **ଲୁଟିବା ପରେ ବାଇକ୍‌ରେ ଖସି ପଳାଇଲେ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ୫୯ ଜାତୀୟ ରାଜପଥ ଗୁରୁଣ୍ଡା ଗ୍ରାମ ନିକଟରେ ଶନିବାର ସକାଳେ ଜଣେ ଟ୍ରକ ଚାଳକ ଡକାୟତିର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଦେଢଲକ୍ଷ ଟଙ୍କା ଓ ଏକ ଦାମୀ ମୋବାଇଲ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଡକାୟତିର ସମ୍ମୁଖୀନ ହୋଇଥିବା ସମ୍ପୃକ୍ତ ଟ୍ରକର ମାଲିକ ତଥା ଚାଳକ ହେଲେ ଆଗଲପୁର ଥାନା ଅଧୀନ ରାଜ ଆଗଲପୁର ଗାଁର ଭରତ ମେହେର(୩୦)। କନ୍ଧମାଳ ଜିଲା ଗଣ୍ଡାପିପିଲିରୁ ଭରତ ଟ୍ରକ(ନଂ.ଓଡି୧୫ଡବ୍ଲ୍ୟୁ୮୮୭୧)ରେ କପା ଲୋଡ କରି ସେ ପାଟଣାଗଡ଼ ଆସୁଥିଲେ। ଶନିବାର ସକାଳେ ମୁରିବାହାଲ ଥାନା ଅଧିନ ଗୁରାଣ୍ଡା ଗ୍ରାମ ନିକଟରେ ସେ ଗାଡି ରଖି ତା' ଭିତରେ ବିଶ୍ରାମ ନେଇଥିଲେ। ଏହି ସମୟରେ ୪ଜଣ ଯୁବକ ୨ଟି ବାଇକରେ ଟ୍ରକ ପାଖକୁ ଆସି ନିଜକୁ ପୋଲିସ ପରିଚୟ ଦେଇ ଡାକିଥିଲେ। ଭରତ ଗେଟ ଖୋଲିବା ମାତ୍ରେ ମୁଖାପିନ୍ଧା ଉକ୍ତ ଯୁବକମାନେ ମିରିଚା ଗୁଣ୍ଡ ତାଙ୍କ ମୁହଁକୁ ପକାଇଥିଲେ। କୌଣସିମତେ ସେ ଆରପଟକୁ ଖସି ଟ୍ରକ ଭିତରକୁ ଚାଲିଯିବାକୁ ଉଦ୍ୟମ କଲାବେଳେ ସେମାନେ ଭୁଜାଲି ଓ ଅନ୍ୟ ଧାରୁଆ ଅସ୍ତ୍ରରେ ଭରତଙ୍କୁ ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କ ପାଖରେ ଅପୋ ରିମୋ ୫ଜି ମୋବାଇଲ ଓ ୧ ଲକ୍ଷ ୫୦ ହଜାର ଟଙ୍କା ଛଡେଇ ନେଇ ଘଟଣାସ୍ଥଳରୁ ବାଇକରେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଏହାପରେ ଭରତ ନିକଟସ୍ଥ ବଙ୍ଗୋମୁଣ୍ଡା ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ହେଲେ ପୋଲିସ ଡକାୟତି ଅଞ୍ଚଳ ଆମ ଏରିଆ ନୁହେଁ କହି ତାଙ୍କୁ ଫେରାଇ ଦେଇଥିଲେ। ଏହାପରେ ଭରତ ଏକ ଘରେଇ କ୍ଲିନିକରେ ଚିକିତ୍ସା ହୋଇଥିଲେ। ରବିବାର ସେ ମୁରିବାହାଲ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରଛନ୍ତି। ପୋଲିସ ଏକ ଡ଼କାୟତି ମାମଲା (ନ.୫୫/୨୪)ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ସିପରା ସରାୟ ଲୁଗୁନ କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଘଣ୍ଟାପଡ଼ା,୧୧।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ପୋଲିସ ପକ୍ଷରୁ ପୁଣି ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ଘଣ୍ଟାପଡ଼ା ଥାନା ଏସ୍ଆଇ ବିଶ୍ୱାମିତ୍ର ଲୋଇଙ୍କ ନେତୃତ୍ୱରେ ଏକ ଦଳ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାଦେନ ଗ୍ରାମ ଜଙ୍ଗଲରେ ଚଢ଼ାଉ କରି ପ୍ରାୟ ୧୨ଏକର ଜମିରେ ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟିବା ସହିତ ପୋଡି ନଷ୍ଟ କରି ଦେଇଥିଲେ । ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୧.୨୦କୋଟି ଟଙ୍କା ହେବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ବଳଭଦ୍ର ଗଣ୍ଡା ସୂଚନା ଦେଇଛନ୍ତି ।

### ବିଶିଷ୍ଟ ସଂକୀର୍ତ୍ତନ ଗୁରୁଙ୍କ ପରଲୋକ

ଘଣ୍ଟାପଡ଼ା,୧୧।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ନୂଆଁପାଲି ଗ୍ରାମର ବିଶିଷ୍ଟ ସଂକୀର୍ତ୍ତନ ଗୁରୁ ଶ୍ରୀବତ୍ସ ସାହୁ (୯୦)ଙ୍କ



ଗତ ଶୁକ୍ରବାର ସନ୍ଧ୍ୟାରେ ଆମ୍ବଗାଁସ୍ଥିତ ନିଜ ମଧ୍ୟମ ପୁତ୍ର ଅର୍ଜୁନଙ୍କ ଘରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ଜଣେ ସଂକୀର୍ତ୍ତନ ପ୍ରେମୀ ଗାୟକ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ । ମୃତ୍ୟୁ ବେଳକୁ ତାଙ୍କର ୩ ପୁଅ, ବୋହୂ, ଝିଅ ଜ୍ୱାଇଁ ଓ ନାତୁଣୀ ନାତି ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ନୂଆଁପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଜନହିତକର ଯୋଜନା ଉପରେ ସଚେତନତା

**ପଞ୍ଚାୟତସ୍ତରୀୟ ସଚେତନତା ଶିବିର**

ଘଣ୍ଟାପଡ଼ା,୧୧।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ତରଫରୁ ହାଇସ୍କୁଲ ଖେଳପଡ଼ିଆରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁରାଜ୍ୟ ସରକାରଙ୍କ ପ୍ରୟାସକୁ ଲୋକଲୋଚନରେ ପହଞ୍ଚାଇବା ପାଇଁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଘଣ୍ଟାପଡ଼ା ଗ୍ରା.ପ.ର ନିର୍ବାହୀ ଅଧିକାରୀ ଗୁରୁଚରଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୀତା କହଁର ଯୋଗଦେଇ ବିଭିନ୍ନ ଜନହିତକର ଯୋଜନାର ଲାଭ କିପରି ଜନସାଧାରଣ ପାଇପାରିବେ ସେନେଇ ସମସ୍ତଙ୍କୁ ସଚେତନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା, ପୋଡାପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ ଭୋଇ, ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି,ପୂର୍ବତନ ଘଣ୍ଟାପଡ଼ା ସରପଞ୍ଚ ଚିତ୍ତରଞ୍ଜନ ପାତ୍ର, ସାମାଜିକ କର୍ମୀ ଗୋପୀନାଥ କହଁର, ହୃଦାନନ୍ଦ କହଁର, ବରିଷ୍ଠ ନାଗରିକ ଉଛେଇ ବାରିକ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ମଲିକୁଦ ମହିଳା ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଓଡ଼ିଶା ସରକାରଙ୍କ ଜନହିତକାରୀ ଯୋଜନା ଉପରେ କଳାକାରମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ । ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟଗୀତର ଆସର ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଏହି ଅବସରରେ ଅତିଥିଙ୍କ ଦ୍ୱାରା କଳାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସାମାଜିକ, ସାହିତ୍ୟ, କଳା ଓ ସଂସ୍କୃତି, ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ପ୍ରତିଭାଧାରୀଙ୍କୁ ପଞ୍ଚାୟତ ତରଫରୁ ସମ୍ମାନିତ କରାଯାଇଥିଲା । ଅତିଥି ପରିଚୟ, ମଞ୍ଚ ପରିଚାଳନା ଜିଆରଏସ ଶଙ୍କର୍ଷଣ ପ୍ରଧାନ କରିଥିଲେ । ଧରଣୀଧର ବିଭାର ଧନ୍ୟବାଦ ଅର୍ପଣ କରିଥିଲେ ।

# କେଉଟିପାଲିକୁ ହରାଇ ସୁବଳୟା ଚାମ୍ପିୟନ

**ମା' ଖମ୍ମେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଅମରପାଲି,୧୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଟେଭାପଦର ଖେଳପଡ଼ିଆରେ ହେଉଥିବା ୧୩ତମ ମା' ଖମ୍ମେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କେଉଟିପାଲିକୁ ହରାଇ ସୁବଳୟା ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା । ପ୍ରଥମ ଫର୍ମାଟରେ ସୁବଳୟା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୫୯ ରନ କରିଥିଲା । ଜବାବରେ କେଉଟିପାଲି ଦଳ ନିର୍ଦ୍ଧାରିତ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୬ ରନ କରିଥିଲା । ଦ୍ୱିତୀୟ ଫର୍ମାଟରେ ସୁବଳୟା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରିଥିଲା । ଜବାବରେ କେଉଟିପାଲି ଦଳ ୮ ଓଭରରେ ୫ ଉଇକେଟ ହରାଇ ୬୫ ରନ କରିଥିଲା । ଉଭୟ ଫର୍ମାଟରେ ବିଜୟୀ ହୋଇ ସୁବଳୟା ଚାମ୍ପିୟନ ହୋଇଥିଲା । ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ସଭାପତି ରୁଦ୍ରପ୍ରସାଦ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ହିଲୁଙ୍ଗ ୟୁପି ସ୍କୁଲର ପ୍ରଧାନଶିକ୍ଷକ ମହେନ୍ଦ୍ର ମହାଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ମନୋରଞ୍ଜନ ବାଘ, ବହଳପଦର ସେବା ସମବାୟ ସମିତିର ସଂପାଦକ ପ୍ରଫୁଲ୍ଲ ଦନ୍ତା, ସରପଞ୍ଚ ପ୍ରତିନିଧି ପ୍ରଦୀପ ବଢିଆ,ପୂର୍ବତନ ସରପଞ୍ଚ ସରୋଜ ବାରିକ, କ୍ରୀଡ଼ାବିତ ଶ୍ରୀକାନ୍ତ କର୍ମୀ,ସତ୍ୟପ୍ରିୟ ମହାକୁର, କୁଶଧର ମହାକୁର, ଚମରା ବାଘ, ଚୈତନ୍ୟ ମେହେର ଓ ଜଗଦୀଶ ଡାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କେଉଟିପାଲିର ଦୈତାରି ବେହେରାଙ୍କୁ ଶ୍ରେଷ୍ଠ ଫିଲ୍ଡର, ସୁବଳୟାର ପ୍ରକାଶ ବେହେରାଙ୍କୁ ମ୍ୟାନ ଅଫ ଦି ଫାଇନାଲ, ଉମାକାନ୍ତ ନାଏକଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଚାମ୍ପିୟନ ସୁବଳୟା ଦଳକୁ ନଗଦ ୯ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା କେଉଟିପାଲି ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚରେ ଅରୁଣ ମହାକୁର ଓ ଜଟେଶ୍ୱର ବାଦୀ ଅମ୍ପାୟାର, ଦେବାଶିଷ ଖେତି ସ୍କୋରର ଏବଂ ବିନୋଦ ମହାକୁର ଓ ଧୀରେନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସୁଧୀର ମହାକୁର, ଘନଶ୍ୟାମ କର୍ମୀ, ଆଶିଷ ଖେତି, ରତନ କର୍ଡିଆ, ସନତ ମହାକୁର, ଅରବିନ୍ଦ ଓ ମନୋଜ କର୍ମୀ ସହଯୋଗ କରିଥିଲେ ।



ଉଭୟ ଦଳର ଖେଳାଳିଙ୍କ ସହିତ ଅତିଥି ।

# ୧୪ରୁ ଇଙ୍କ୍‌ଫେଷ୍ଟ-୨୦୨୪



କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

**ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା**

ସୋନପୁର,୧୧।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ-୨୦୨୪ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ । ଏହା ୨୧ ତାରିଖରେ ଉଦ୍‌ଯାପିତ ହେବ । ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ୬ଷ୍ଠ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ରୟାଲ ପଡିଆ ଠାରେ ଅନୁଷ୍ଠିତ ହେବ । ଏ ସମ୍ପର୍କରେ ଆୟୋଜନ କମିଟି ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୫୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଯୋଗ ଦେବେ ବୋଲି ଇଙ୍କ୍‌ଫେଷ୍ଟର ସଭାପତି ସ୍ୱାଧୀନ କୁମାର ମେହେର କହିଛନ୍ତି । ସୁବର୍ଣ୍ଣପୁର କଳାତ୍ମକ ସୃଜନର ଅନନ୍ୟ ନିଦର୍ଶନ ସୁବର୍ଣ୍ଣପୁରୀ ଗଞ୍ଜପାକୁ ନେଇ ଚଳିତ ଥର ଇଙ୍କ୍‌ଫେଷ୍ଟର ସାମଗ୍ରିକ ପରିକଳ୍ପନା କରାଯାଇଛି । ସେହିପରି ପ୍ରସିଦ୍ଧ ସିନେ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମଞ୍ଚରେ ସ୍ୱତନ୍ତ୍ର ସମ୍ମାନ ପ୍ରଦର୍ଶନ କରାଯିବ ବୋଲି କମିଟିର ଉପଦେଷ୍ଟା ଡ. ଜ୍ୟୋତିରଞ୍ଜନ ବହିଦାର, ଘାସିରାମ ପଣ୍ଡା, ଡ. ଦେବାଶିଷ ପାଣ୍ଡିଆ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଗତିକୃଷ୍ଣ ମିଶ୍ର, ବେଣୁଧର ପ୍ରଧାନ ଓ ଶିବ ନାରାୟଣ ମହାକୁଡ ପ୍ରମୁଖ ଜଣାଇଛନ୍ତି । ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମନୋରଞ୍ଜନ ପାଇଁ କାର୍ଯ୍ୟକ୍ରମ ଆୟୋଜନ ହେବ । ସେହିପରି ବିଭିନ୍ନ ଦିବସରେ ବହୁଭାଷୀ କବିତା ଆସର, ସାହିତ୍ୟ, ସାଇବର ଅପରାଧ, ଜାତୀୟ ଶିକ୍ଷାନୀତି, ବ୍ୟଙ୍ଗ କବିତା ଆସର ଓ ସାମ୍ପ୍ରତିକ ଜୀବନଶୈଳୀକୁ ନେଇ କଥାଚକ୍ର ଆୟୋଜନ ହେବ ବୋଲି ସ୍ଥିରୀକୃତ ହୋଇଛି । ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଆଲୋଚକ ଭାବେ ଯୋଗଦାନ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଲିପୁ ମେମୋରିଆଲ ଭେଟେରାନ ଫୁଟବଲ ଟୁର୍ଣ୍ଣାମେଣ୍ଟ

ସୋନପୁର,୧୧।୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସୁରେଶ୍ୱରୀ ଫୁଟବଲ ଏକାଡେମୀ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଲିପୁ ମେମୋରିଆଲ ଭେଟେରାନ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ସୋନପୁର କଲେଜ ପଡିଆରେ ଆୟୋଜିତ ଏହି ଏକ ଦ୍ୱିବସୀୟ ଟୁର୍ଣ୍ଣାମେଣ୍ଟରେ ମୋଟ ୯ଟି ଭେଟେରାନ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ଏମ୍‌ସିଏଲ ବୁର୍ଲା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ଦଳ ୧-୦ ଗୋଲରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଥିଲା । ସମ୍ବଲପୁରର ବିବେକାନନ୍ଦ ମହାନ୍ତିଙ୍କୁ ବେଷ୍ଟ ଡିଫେଣ୍ଡର, ଅଶୋକ ଖଡିଆଙ୍କୁ ବେଷ୍ଟ ସ୍କୋରର, ବୁର୍ଲାର ମହମ୍ମଦ ଜିଲାନିଙ୍କୁ ବେଷ୍ଟ ଗୋଲକିପର, ହିରୋ ଅଫ ଦି ମ୍ୟାଚ୍ ଭାବେ ବୁର୍ଲାର ଅରୁଣ ମେହେର ଓ ସୁରଟି ଦୀପଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା ।



ଟ୍ରଫି ସହିତ ଚାମ୍ପିୟନ ସମ୍ବଲପୁର ଦଳର ଖେଳାଳିମାନେ ।

**ସମ୍ବଲପୁର ଚାମ୍ପିୟନ**

ବିବେକାନନ୍ଦ ମହାନ୍ତି, ଜୟମାଧବ ମିଶ୍ର, ଗୁଣନିଧି ମେହେର, ସାନନ୍ଦ ମେହେର, ଗୋରେଖନାଥ ସାହୁ ଓ ଅଭୟ ପାଢୀ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ । ପୀତବାସ ଭୋଇ, ସଞ୍ଜୟ ସାହୁ, ଦିଲିପ ପାତ୍ର ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ । ଫୁଟବଲ ଏକାଡେମୀର ନିଶାନ୍ତ କୁମାର ମହାନ୍ତି, ସୁବ୍ରତ ସେଠୀ, ଜ୍ୟୋତିର୍ମୟ ମିଶ୍ର, ସ୍ୱରୂପ ପାତ୍ର, ସନ୍ତୋଷ ନାଏକ, ଅନିଲ ସାହୁ ଓ ବିଶ୍ୱାମିତ୍ର ନାଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।

# ରକ୍ତଦାନ ଶିବିର: ୨୮ ୟୁନିଟ୍ ରକ୍ତ ସଂଗ୍ରହ

ବିନିକା,୧୧।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୧୦ନଂ ୱାର୍ଡ ଉର୍ଲେ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରାଜେନ୍ଦ୍ର ସ୍ମୃତି କମିଟି ପକ୍ଷରୁ ଦ୍ୱିତୀୟ ରକ୍ତଦାନ ଶିବିର ବିନିକା ସ୍ପୋର୍ଟ୍ସ କ୍ଲବଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବିନିକା ସହରର ସାମାଜିକ କର୍ମୀ ଶ୍ୟାମ ପ୍ରସାଦ ଅଗ୍ରୱାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଫିତା କାଟି ଶିବିର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପ ଉଦ୍ୟୋଗୀ ମମତାଜ ପଣ୍ଡା, କାଉନସିଲର ବୈରାଗୀ ପଧାନ ଯୋଗ ଦେଇଥିଲେ । ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ପଣ୍ଡା ସୃତି କମିଟିର ପ୍ରତିଷ୍ଠାତା ରାମ ଗୋପାଳ ବାଘଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଶିବିରରେ ବୁର୍ଲା ରକ୍ତଭଣ୍ଡାରର ଡା. ଅୟସ ଅଗ୍ରୱାଲଙ୍କ ନେତୃତ୍ୱରେ ପିଆରଓ ଦେବାଶିଷ ମିଶ୍ର, ପ୍ରହଲ୍ଲାଦ କୁମାର ଭୋଇ, ଗଣେଶ ପ୍ରଧାନ, ଅଗ୍ନି ମହାନନ୍ଦ ପ୍ରମୁଖ ଆସି ସ୍ୱେଚ୍ଛାସେବୀଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ମୋଟ ୨୮ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସାମାଜିକ କର୍ମୀ ଅର୍ଜୁନ ପଣ୍ଡା, ସିଦ୍ଧାର୍ଥ ଜୁନିୟର କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ, ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଡି.କେ.ସାହୁ, ଗରିବ ସାଲମା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିର ପରିଚାଳନାରେ ପ୍ରତାପ କୁମାର ସାହୁ, ଜୟରାମ ସେଠ, ବିଜେ ସାମଲ, ଓମ ପ୍ରଭାସ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ ।

# କୁଶଙ୍ଗ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ



ନୂତନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ।

ବୌଦ୍ଧ,୧୧।୨(ଅଜିତ କୁମାର ବାରିକ)

୨ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କୁଶଙ୍ଗଠାରେ ନୂତନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଶନିବାର ଦିନ ୧୦୮ କଳସ ଶୋଭାଯାତ୍ରା ହୋଇଥିବା ବେଳେ ରବିବାର ସକାଳୁ ପୂଜାର୍ଚ୍ଚନା ପରେ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀ ଓ ଆଖପାଖ ଗ୍ରାମର ଲୋକେ ବିଭିନ୍ନ ପ୍ରକାର ଶସ୍ୟ ଓ ଧାତୁ ଧରି ଆସି ରତ୍ନମୁଦରେ ଦେଇ ସମାପନ କରିଥିଲେ । ଉତ୍ସବ ସମୟରେ ପୁରା ମନ୍ଦିର ପରିସର ନାମ ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳିରେ କମ୍ପି ଉଠିଥିଲା । ଉତ୍ସବରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଗ୍ରାମ୍ୟ କମିଟି ସଭାପତି ଅନାଦି ପ୍ରଧାନ, କବିରାଜ ସାହୁ, ଅଭୟ ଭୋକ୍ତା, ଭଗବାନ ହୋତା, କିଶୋରୀ ଭୋକ୍ତା, ପ୍ରଫୁଲ ମହାପାତ୍ର, ସଞ୍ଜୟ ଦେହୁରୀ, ଅକ୍ଷୟ ସାହୁ, ପ୍ରମୋଦ ସାହୁ, ବୈକୁଣ୍ଠ ଦନାୟକ, ବଳରାମ ସାହୁ, ନାରାୟଣ ତ୍ରିପାଠୀ, ନିରଞ୍ଜନ ମିଶ୍ର ଓ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ବୌଦ୍ଧ ପୋଲିସର ଜନମୈତ୍ରୀ କାର୍ଯ୍ୟକ୍ରମ

ବଘିଆପଡା,୧୧।୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଚିକରପଡା ହାଟପଦାଠାରେ ରବିବାର ଦିନ ବୌଦ୍ଧ ଜିଲା ପୋଲିସ ପକ୍ଷରୁ ଜନମୈତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲାରେ ବର୍ତ୍ତମାନ ମାଓବାଦୀ ଚଳପ୍ରଚଳ ଲାଗି ରହିଛି । ଫଳରେ ମାଓବାଦୀଙ୍କ ଅସାମାଜିକ, ଅସମ୍ବିଧାନିକ କାର୍ଯ୍ୟକୁ ନେଇ ଏହି ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାରିଆନସ ମିଞ୍ଜ, ସରପଞ୍ଚ ଝରଣା ଜାନୀ, ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ,ବଘିଆପଡା ଫାଣ୍ଡି ଅଧିକାରୀ ଅଭୟ କୁମାର ପ୍ରଧାନ ଓ ବଘିଆପଡା ମେଡିକାଲ କର୍ମଚାରୀ ଯୋଗଦେଇ ମାଓବାଦୀଙ୍କ କାର୍ଯ୍ୟକଳାପ ନେଇ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ । ଏହାସହ ମାଓବାଦୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ସରକାରୀ ନିୟମ ଅନୁଯାୟୀ ସୁବିଧା ନେବାକୁ କହିଥିଲେ । ଏହାଛଡା ସ୍ଥାନୀୟ ଲୋକଙ୍କୁ ଗଞ୍ଜେଇ ଚାଷରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏକ ବନ୍ଧୁତାପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ।



ବୌଦ୍ଧ ପୋଲିସର ଜନମୈତ୍ରୀ କାର୍ଯ୍ୟକ୍ରମରେ ଅଧିକାରୀ ଓ ଜନସାଧାରଣ ।

# ସୁବର୍ଣ୍ଣପୁରରୁ ୭୫ଜଣଙ୍କ ଅଯୋଧ୍ୟା ଅଭିମୁଖେ ଯାତ୍ରା

ସୋନପୁର,୧୧।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ୭୫ ଜଣ ସେବକ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଦର୍ଶନ ପାଇଁ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ହୃଷିକେଶ ଭୋଇଙ୍କ ନେତୃତ୍ୱରେ ଶନିବାର ସମ୍ବଲପୁର ରେଳ ଷ୍ଟେଶନରୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଏହି ଯାତ୍ରା କରିଥିଲେ । ୫୦୦ ବର୍ଷ ପରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ହୋଇ ପ୍ରଭୁ ନିଜ ଜନ୍ମସ୍ଥାନକୁ ଫେରିଛନ୍ତି । ଗତ ଜାନୁୟାରୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶ୍ରୀରାମଙ୍କ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ହୋଇଥିଲା । ଉକ୍ତ ଦିନ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁ ମାନେ ଅଯୋଧ୍ୟା ଯାଇ ନ ଥିଲେ । ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ପ୍ରଥମ ପର୍ଯ୍ୟାୟରେ ଜିଲାର ଶ୍ରଦ୍ଧାଳୁମାନେ ଏହି ଯାତ୍ରା କରିଛନ୍ତି ।




ଟ୍ରେନ୍‌ରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବାକୁ ଥିବା ଶ୍ରଦ୍ଧାଳୁମାନେ ।

# ଖଣ୍ଡହତାକୁ ହରାଇ କେନଝିରିଆପାଲି ଚାମ୍ପିୟନ

ଅମରପାଲି,୧୧।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଶାଳପାଲି ୟୁପି ସ୍କୁଲ ପଡିଆରେ ହେଉଥିବା ୧୦ମ ଜୟ ଜଗନ୍ନାଥ କ୍ରିକେଟ ଟର୍ନାମେଣ୍ଟର ଫାଇନାଲରେ ଖଣ୍ଡହତାକୁ ହରାଇ କେନଝିରିଆପାଲି ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା । ପ୍ରଥମ ଫର୍ମାଟରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୬ ରନ କରିଥିଲା । ଜବାବରେ କେନଝିରିଆପାଲି ଦଳ ଆବଶ୍ୟକ ୮୭ ରନକୁ ୮.୫ ଓଭରରେ ୬ ଉଇକେଟ ହରାଇ ସଂଗ୍ରହ କରିଥିଲା । ଦ୍ୱିତୀୟ ଫର୍ମାଟରେ ଖଣ୍ଡହତା ଦଳ ନିର୍ଦ୍ଧାରିତ ୮ ଓଭର ରେ ୪ ଉଇକେଟ ହରାଇ ୧୦୪ ରନ କରିଥିଲା । ଜବାବରେ କେନଝିରିଆପାଲି ଦଳ ଆବଶ୍ୟକ ୧୦୫ ରନକୁ ୬.୧ ଓଭରରେ ୨ଟି ଉଇକେଟ ହରାଇ ସଂଗ୍ରହ କରିଥିଲା । ଉଭୟ ଫର୍ମାଟରେ ବିଜୟୀ ହୋଇ କେନଝିରିଆପାଲି ଦଳ ଚାମ୍ପିୟନ ହୋଇଥିଲା । ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜୋନ



ଅତିଥିଙ୍କ ଗହଣରେ ଚାମ୍ପିୟନ କେନଝିରିଆପାଲି ଦଳ ।

**୧୦ମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

- ଆକାଶ ସାହୁ ମ୍ୟାନ୍ ଅଫ ଫାଇନାଲ
- ଜଗନ୍ନାଥ ମାଝୀ ମ୍ୟାନ୍ ଅଫ ସିରିଜ

-୨ ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା,ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ପ୍ରଧାନ ଶିକ୍ଷକ ରମେଶ ପ୍ରଧାନ, ସିଆରସିସି ବାଙ୍କାବିହାରୀ ମହାକୁର, ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟିର ସଭାପତି ଲଳିତ ପ୍ରଧାନ, ସମ୍ପାଦକ କ୍ଷୀରୋଦ ପ୍ରଧାନ, କ୍ରୀଡାବିତ ଲଳିତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଖଣ୍ଡହତାର ଜଗନ୍ନାଥ ମାଝୀଙ୍କୁ ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ସିକ୍ସର, ମ୍ୟାନ୍ ଅଫ ଦି ସିରିଜ, ହରେକୃଷ୍ଣ ବାରିକଙ୍କୁ ଶ୍ରେଷ୍ଠ ବୋଲର, କେନଝିରିଆପାଲିର ଆକାଶ ସାହୁଙ୍କୁ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା । ଚାମ୍ପିୟନ କେନଝିରିଆପାଲି ଦଳକୁ ନଗଦ ୧୬ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଖଣ୍ଡହତା ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚରେ ସୁରେଶ ବିଶି ଓ ସତ୍ୟ ଧଳ ଅମ୍ପାୟାର, ନେପାଳ ପ୍ରଧାନ ସ୍କୋରର ଏବଂ ପ୍ରଦୀପ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ବାଲିଶଙ୍କରା,୧୧।୨ (ହୃଦାନନ୍ଦ ବାରିକ)

କିଞ୍ଜିରକେଲା ଥାନା ଅନ୍ତର୍ଗତ ଭଣ୍ଡାରକରୁଆବାହାଲର ପାଣିଟାଙ୍କି ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଭଣ୍ଡାରକରୁଆବାହାଲ ଗ୍ରାମ ସହରାଇପଡାର ସମ୍ବାରୁ ଟପ୍ପୋ(୬୧)। ମିଳିଥିବା ସୂଚନା ଅନୁଯାୟୀ, ପାଣିଟାଙ୍କି ଛକରେ ବୃଦ୍ଧ ଜଣଙ୍କ ଛିଡ଼ା ହୋଇଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### କନାକୁଣ୍ଡରେ ବୁଡ଼ି ଯୁବକ ମୃତ

**ବାଲିଶଙ୍କରା,୧୧।୨(ହୃଦାନନ୍ଦ ବାରିକ):** ତଲସରା ଥାନା ଅନ୍ତର୍ଗତ ଘୋଘର କନାକୁଣ୍ଡରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଘୋଘର ଗ୍ରାମର ରଞ୍ଜନ ଗୁରୁ (୨୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ରଞ୍ଜନ କନାକୁଣ୍ଡରେ ଗାଧୋଉଥିବା ବେଳେ ହଠାତ୍ ତାଙ୍କ ଗୋଡ ଖସିଯିବାରୁ ସେ ପାଣି ଭିତରେ ପଡିଯାଇଥିଲେ। ପାଖରେ ଗାଧୋଉଥିବା ୨ ଯୁବକ ତାଙ୍କୁ ପାଣି ଭିତରୁ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହନୁମାନ ମନ୍ଦିରର ଦ୍ୱାଦଶତମ ପ୍ରତିଷ୍ଠା ଉତ୍ସବ

**ଲହୁଣୀପଡ଼ା,୧୧।୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଛକସ୍ଥିତ ଜୟ ହନୁମାନ ଶ୍ରୀ ସାଇ ମନ୍ଦିରର ଦ୍ୱାଦଶତମ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରଥମ ଦିବସରେ ତୁମକେଲା ବ୍ରାହ୍ମଣୀ ନଦୀରୁ ଶତାଧିକ ମହିଳା କଳସ ଧରି ଏକ ବିଶାଳ ଶୋଭାଯାତ୍ରାରେ ଲହୁଣୀପଡା ମୁଖ୍ୟ ବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ। ପରେ ଅଧିବାସ ଘଟସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଇ ବାବାଙ୍କ ପାଲିଙ୍କି ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟ ବଜାର ପରିକ୍ରମା କରିଥିଲା। ଏହାର ଦ୍ୱିତୀୟ ଦିନରେ ହୋମଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନରେ ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ ବିଶ୍ୱନାଥ ରାୟ ଓ ତାଙ୍କ ସହଧର୍ମିଣୀ ସକୁନା ଦେବୀ, ନାମଯଜ୍ଞରେ ରୀଙ୍କୁ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ରୁବି ଚୌଧୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୋପାଳ ଝା, ସିତାରାମ ଝା, ନାମଯଜ୍ଞରେ ସୁନ୍ଦରମଣି ଦାସ ଯଜ୍ଞ ସଞ୍ଚାଳନ କରିଥିଲେ। ଏଥିରେ ଲହୁଣୀପଡ଼ା, କେନାପଲି, ମହୁଲଡିହା, ବନେଇକଳା, ହାତିବାହାଲ,ମହୁଲଡିହା ଗାୟତ୍ରୀ ଦଳ, କରିଆଡ଼ିହି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଉମେଶ ରାୟ, ଗଙ୍ଗା ମାହାନ୍ତ, ଅରବିନ୍ଦ ରାୟ,ହୃଦାନନ୍ଦ ମାହାନ୍ତ, ଉପେନ୍ଦ୍ର ରାୟ, ରାମ କୁମାର ସା, ପିଙ୍କୁ ରାୟ, ଜଗନ୍ନାଥ ରାୟ, ବଲିଲ ରାୟଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଦ୍ମଭୂଷଣ ରାଧାନାଥଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଲାଠିକଟା,୧୧।୨(ରାମେଶ୍ୱର ଖଡାଙ୍ଗା):** ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଡିଆଇଜି ସିଆରପିଏଫ୍ ଦୟାନିଧି ତନ୍ତୀ, ବେଦବ୍ୟାସ ସଂସ୍କୃତ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା, ରାଜ୍ୟ କର୍ମଚାରୀ ବୀମା ଯୋଜନାର ପ୍ରାକ୍ତନ ଅଧିକାରୀ ଡ. ବିଷ୍ଣୁପ୍ରିୟା ଦେଇ, ସାମାଜିକ କର୍ମୀ ଡ. ଫକୀର ଚରଣ ହୋତା ଯୋଗଦେଇଥିଲେ। ସ୍ଥାୟୀ ସ୍ମୃତି ରକ୍ଷା ପାଇଁ କିଛି ଜନହିତକର କାର୍ଯ୍ୟ ବାବୁଜୀଙ୍କ ନାମରେ ନାମିତ କରିବା ପାଇଁ ବକ୍ତାମାନେ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଓ ମହାନଗର ନିଗମରର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜିକ କର୍ମୀ, ଶିକ୍ଷାବିତ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା,ମିସନ୍ ଶକ୍ତିର କର୍ମକର୍ତ୍ତା ଏବଂ ଶତାଧିକ ମହିଳା ଓ ସ୍ଥାନୀୟ ଗ୍ରାମବାସୀମାନେ ଯୋଗ ଦେଇଥିଲେ।

# ଭୂୟାଁ ସମାଜକୁ ନ୍ୟାୟ ନ ମିଳିଲେ ଆନ୍ଦୋଳନ

**ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ୨ ଦିନିଆ ମହାସଭା ଉଦ୍‌ଯାପିତ**

କୁଆଁରମୁଣ୍ଡା,୧୧।୨(ମହେନ୍ଦ୍ର କୁମାର ସାହୁ)



ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ମହାସଭାର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

କୁଆଁରମୁଣ୍ଡା ବ୍ଲକ ପଦ୍ମପୁର ଗ୍ରାମ ସ୍କୁଲ ପଡ଼ିଆରେ ଚାଲିଥିବା ୨ ଦିନିଆ ୩୭ତମ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ମହାସଭା ରବିବାର ଉଦ୍‌ଯାପିତ ହୋଇଯାଇଛି। ନାଗ୍ରା ସଭାପତି ରଘୁନାଥ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଦିବସର ସଭା କାର୍ଯ୍ୟ ଆରମ୍ଭରେ ଝାଡଖଣ୍ଡ, ଛତିଶଗଡ଼, ଓଡ଼ିଶାର ବିଭିନ୍ନ ଅଞ୍ଚଳରୁଆସିଥିବା ବନ୍ଧୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଦିବସ ମହାସଭାରେ ମୁଖ୍ୟ ଅତିଥିଭାବେ ତଳସରା ନିର୍ବାଚନମଣ୍ଡଳୀର ବିଧାୟକ ଭବାନୀ ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟା ମୈଥିଳୀ ବେହେରା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ସୁଖରାମ ନାଏକ, ବରିଷ୍ଠ ସଦସ୍ୟ ରବି ପଟେଲ, ଝାଡ଼ଖଣ୍ଡରୁ ହରିଶ ମାଝି, ମୁରଲୀଧର କୋଟୱାର, ଜଗନ୍ନାଥ୍ ନାଏକ, ଛତିଶଗଡ଼ର ଭୀଷ୍ମ ସିଦାର୍, ଜନକ ଆଜାଦ, ସୁନ୍ଦରମଣି ବଡାଇକ, କେନ୍ଦ୍ର କମିଟି ଉପସଭାପତି ଦେବେନ୍ଦ୍ର ଅମାତ, ସାଧାରଣ ସମ୍ପାଦକ ଧ୍ରୁବ କାଲୋ, ଜିଲା ସଭାପତି ଉଦିତ ଅମାତ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝି, ବିମ୍ବାଧର ଅମାତ, ଜୟ ମା' ଦୁର୍ଗା ମହିଳା ସଂଗଠନର ସଭାନେତ୍ରୀ ଇନ୍ଦୁମତି ନାଏକ, ଯୁବ ସଂଗଠନର ସଭାପତି ବିଭୂତି ଭୂଷଣ ନାଏକ, ସମ୍ପାଦକ ଚନ୍ଦ୍ରଭାନୁ ଜୁରା, ଗୁପ୍ତେଶ୍ୱର ସିଂ, ଦିବାକର ନାଏକ ପ୍ରମୁଖ ଯୋଗଦେଇଥିଲେ। ସରକାର ଯେପରି ଭୂୟାଁ ସମାଜକୁ ଅବହେଳା କରୁଛନ୍ତି ତାହା ଆଉ ବରଦାସ୍ତ କରାଯିବ ନାହିଁ। ମାଡ୍ରି କାଲୋକୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା, ଖଣ୍ଡାୟତ ଭୂୟାଁଙ୍କୁ ଆଦିବାସୀ ଶ୍ରେଣୀରେ ଅତିଶୀଘ୍ର ଅନ୍ତର୍ଭୁକ୍ତ କରା ନ ଗଲେ ସୁନ୍ଦରଗଡ ମାଟିର ସ୍ୱାଭିମାନ ପାଇଁ ବ୍ୟାପକ ଆନ୍ଦୋଳନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହା ସହ ସମାଜର ଶିକ୍ଷା, ସଂସ୍କୃତି, ପରମ୍ପରା, ଯୁବ ମହିଳା ସଂଗଠନକୁ ଉନ୍ନତି ଦିଗରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। କେନ୍ଦ୍ରୀୟ ସମ୍ପାଦକ ରାମ ଚନ୍ଦ୍ର ଅମାତ ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମ ସଂଯୋଜକ ନରୋତ୍ତମ ଅମାତ, ପ୍ରଦୀପ ବେହେରା, ଚକ୍ରଧର ସା, ଖିତୀ ପତି ରାଉତ, ରଞ୍ଜନ ବେହେରା, ଖଗେଶ୍ୱର ଅମାତ ପ୍ରମୁଖ ସହଯୋଗ କରିବା ସହ ଭୂୟାଁ ସମାଜର ଯୁବ ସଙ୍ଗଠକ ରାଜେଶ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାସଭାରେ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ରାଜ୍ୟର ସାମାଜିକ ବନ୍ଧୁ ଓ ପ୍ରତିନିଧି ଯୋଗଦେଇ ମହାସଭାରେ ଭୂୟାଁ ସମାଜର ସଂସ୍କୃତି, ପରମ୍ପରା, ଶିକ୍ଷା, ଯୁବ, ମହିଳା ସଂଗଠନର ଉନ୍ନତି ଓ ସମାଜର ସାମୂହିକ ବିକାଶ ସହ ଜିଲାର ବିକାଶରେ ଭୂୟାଁ ସମାଜ କେଉଁ ପ୍ରକାର ଭୂମିକା ଗ୍ରହଣ କରିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଗ୍ରାମବାସୀଙ୍କ ଦୁଃଖ ଜଣାଇଲେ ବିଧାୟିକା କୁସୁମ



ସୁନ୍ଦରଗଡ଼,୧୧।୨(ଜୟ ନାରାୟଣ ମେଣ୍ଟୁଲି)

**ରାଜ୍ୟପାଳଙ୍କ ୨ଦିନିଆ ସୁନ୍ଦରଗଡ଼ ଗସ୍ତ**

୨ ଦିନିଆ ସୁନ୍ଦରଗଡ ଗସ୍ତରେ ରାଜ୍ୟପାଳ ରଘୁବର ଦାସ। ସନ୍ଧ୍ୟାରେ କିରୋଇରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବା ବେଳେ ଜବରଦସ୍ତପଡା ନିକଟରେ ବିଧାୟିକା କୁସୁମ ଟେଟେ ତାଙ୍କୁ ଅଟକାଇ ଗ୍ରାମବାସୀଙ୍କ ଦୁଃଖ ଦେଖାଇ ଥିଲେ। ଏହି ବସ୍ତିଅଞ୍ଚଳରେ ରହୁଥିବା ୫୦ରୁ ଊର୍ଦ୍ଧ୍ୱ ପରିବାର ମୌଳିକ ସୁବିଧାରୁ ଏବେବି ବଞ୍ଚିତ ଅଛନ୍ତି। ଅଞ୍ଚଳକୁ ଭଲ ରାସ୍ତାଟିଏ ନାହିଁ। ପକ୍କା ଘରୁ ନ ଥିବାରୁ ବସ୍ତିବାସୀ ଜରିପାଲ ବାନ୍ଧି ରହୁଛନ୍ତି। ଶୌଚ ଓ ପିଇବା ପାଣି ପାଇଁ ଗୋଟିଏ ପୋଖରୀ ଉପରେ ନିର୍ଭର କରିବାକୁ ପଡୁଛି, ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସନ୍ଧ୍ୟା ହେଲେ ବସ୍ତିବାସୀ ଅନ୍ଧାରରେ ରହୁଛନ୍ତି। ତେବେ ଏହି ସବୁ ସମସ୍ୟାର ସମାଧାନ ପାଇଁ ବସ୍ତିବାସୀ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ସୋମବାର ରାଜ୍ୟପାଳ ସବ୍‌ଡେଗା ଓ ବଡଗାଁ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ୫୦୦ ଘର ଢେଲକି ଖଡ଼ିଆ ସମାଜର ବାର୍ଷିକ ବୈଠକ



ବାଲିଶଙ୍କରା,୧୧।୨( ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ଧୁଡିଢିପାଠାରେ ୫୦୦ ଘର ଢେଲକି ଖଡ଼ିଆ ସମାଜର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉଗ୍ରେସନ ପ୍ରଧାନ ଯୋଗଦେଇ କୁସଂସ୍କାର, ନିଶାନିବାରଣ ଦୂରକରିବା ସହ ଶିକ୍ଷାପ୍ରତି ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରୂପନ ପ୍ରଧାନ, ଶାନ୍ତିଲତା ବରୁଆ, କିଶୋର ମାଝି, ପଦ୍ମଲୋଚନ ବାଗ, ମହେନ୍ଦ୍ର ବାଗ, ଇନ୍ଦ୍ରମଣି ଦଣ୍ଡସେନା, ଜବ ଦଣ୍ଡସେନା, ନୀଳାମ୍ବର ବରିହା ପ୍ରମୁଖ ଯୋଗଦେଇଥିଲେ। ସମସ୍ତେ ଏକତ୍ରିତ ହୋଇ ରହିବା ସହିତ ସମାଜର ଦୁର୍ବଳ ପରିବାରକୁ ସମାଜର ମୁଖ୍ୟ ସ୍ରୋତରେ ଆଣିବାକୁ ହେଲେ ସମାଜ ପକ୍ଷରୁ ସହାୟତା ରାଶି ଦେବାକୁ ହେବ ବୋଲି ମତପ୍ରକାଶ କରିଥିଲେ। ଘୋଘର, ତେଲିଯୋର, ସଉନାମରା, ଭଣ୍ଡାରୀଶଙ୍କରା, ଚାନ୍ଦିନୀମାଲ, ଧୁଡିଢିପା, ଗଇକନପାଲି, ଧୁଡି ନୂଆଗାଁ ଗ୍ରାମରୁ ୫୦୦ ଘର ଢେଲକି ଖଡ଼ିଆ ସମାଜର ଲୋକ ଏଥିରେ ଯୋଗଦେଇଥିଲେ। ସମାଜର ମହିଳା ପୁରୁଷଙ୍କ ଦ୍ୱାରା ନାଚଗୀତ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଉତ୍ତମ ପ୍ରଦର୍ଶନ କରିଥିବା ଦଳକୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସମାଜର ପାରମ୍ପରିକ ନାଚଗୀତକୁ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରହିବ ବୋଲି ମତପ୍ରକାଶ ପାଇଥିଲା। ଶେଷରେ ରୂପନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ରିକେଟ: ଡ୍ୟାନୋମସ ଦଳ ଚାମ୍ପିୟନ

ବରପାଲି,୧୧।୨(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ହାଇସ୍କୁଲ ଖେଳ ପଡିଆଠାରେ ବରପାଲି ୟଙ୍ଗଷ୍ଟାର ଇୟୁ ଆସୋସିଏଶନ ପକ୍ଷରୁ ଦୁଇଦିନ ବ୍ୟାପୀ ବରପାଲି ପ୍ରିମିୟମ ଲିଗ୍-୯ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଡ୍ୟାନୋମସ ଓ ଲାଇଟ୍ ହକ୍ସ ମଧ୍ୟରେ ହୋଇ ବରପାଲି ଡ୍ୟାନୋମସ ଦଳ ବିଜୟୀ ହୋଇଥିଲା। ବିଜେତା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୧୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରିୟାଂଶୁ ଦାସ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିବା ବେଳେ ରଞ୍ଜୁ ଛତ୍ରୀୟା, ସୁଜିତ ଥଇତ, କିଶୋର ପଧାନ ଖେଳ ପରିଚାଳନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ତହସିଲଦାର ରକ୍ସଣ କୁମାର ମେହେର, ଯୁବ ନେତା ସୌର ସାହୁ, ଖେଳ ଶିକ୍ଷକ ମନୋଜ ସାହୁ, କାଉନସିଲର ଦେବାନନ୍ଦ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଟ୍ରେଜେରି ଅଫିସର ଦୟାଲାଲ ବାଗ, ଯୁବ ନେତା ସୁମିତ ସାହୁ, ପ୍ରମୋଦ ସେଠ୍, ସାମାଜିକ କର୍ମୀ ବନ୍ତରାମ ସେଠ୍, ବିଜନ ଦାସ, ଚିତ୍ତରଞ୍ଜନ ସାହୁ, ଶିକ୍ଷକ ଆନନ୍ଦ ଦାସ ଉପସ୍ଥିତ ଥିଲେ।

### ଜୟନଗ୍ର ଉତ୍କଳୀୟ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ

ଲହୁଣୀପଡ଼ା,୧୧।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଗୁଡିଆଲି ଯୁବକ ସଂଘ ଗୃହରେ ରବିବାର ଜୟନଗ୍ର ଉତ୍କଳୀୟ ବ୍ରାହ୍ମଣ ସମାଜର ପକ୍ଷରୁ ଏକ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜାମୁଣ୍ଡା,ଗୁଡିଆଲି, ତୁମକଲା,ତୁରାମୁରା,ବିଶିପାଲି,ଜୀବିକା ଓ ଅର୍କେଇକଳା ଗ୍ରାମର ଶତାଧିକ ବ୍ରାହ୍ମଣ ଯୋଗଦେଇଥିଲେ। ସୁରେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ପୂର୍ବ ପାଠର ବିବରଣୀ ପାଠ କରାଯାଇଥିଲା। ସର୍ବସମ୍ମତିକ୍ରମେ ପୁରୁଣା କମିଟିକୁ ଭାଙ୍ଗି ନୂତନ କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ନୂତନ କମିଟିର ସଭାପତି ଭାବେ ଯୁଧିଷ୍ଠିର ତ୍ରିପାଠୀଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ବିଭୂତି ଭୂଷଣ କରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସମ୍ପାଦକଭାବେ ସୁଦାମ ଚରଣ ତ୍ରିପାଠୀ, ସହ ସମ୍ପାଦକ ଭାବେ ବୈଷ୍ଣବ କର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ ତ୍ରିପାଠୀଙ୍କୁ ମନୋନୀତ କରାଯାଇଥିଲା। ଅନୁରୂପ ଭାବେ ୧୧ ଜଣଙ୍କୁ ନେଇ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ଦୟାନିଧି କର, ପଞ୍ଚାନନ କର, ସୁରେନ୍ଦ୍ର ପଣ୍ଡା, ମହେଶ୍ୱର ପଣ୍ଡା, ବଂଶୀଧର ପଣ୍ଡା, ଶେଷଦେବ ପଣ୍ଡା, ରମେଶ ନନ୍ଦ, ଶେଷଦେବ ତ୍ରିପାଠୀ, ଗୋବିନ୍ଦ ତ୍ରିପାଠୀ, ଜଗଦୀଶ ତ୍ରିପାଠୀ, ଫକୀର କରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା।

# ସେଣ୍ଟ ଜାଭିଅର୍ ସ୍କୁଲର ବାର୍ଷିକ ଉତ୍ସବ

ବନ୍ଧମୁଣ୍ଡା,୧୧।୨(ସୁବ୍ରତ ଦେ)


ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ବିସ୍ରା ସେଣ୍ଟ୍ ଜାଭିଅର୍ ପବ୍ଲିକ୍ ସ୍କୁଲରେ ୬ଷ୍ଠତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିସ୍ରା ଜିଲା ପରିଷଦ ହାଲୁ ମୁଣ୍ଡାରୀ ମୁଖ୍ୟ ଅତିଥି, ଆଡ୍‌ଭୋକେଟ ସତ୍ୟବ୍ରତ ଓଝା, ବ୍ଲକ ଅଧ୍ୟକ୍ଷା ଫୁଲମନି କେରକେଟ୍ଟା, ବିଜେଡି ଯୁବ ନେତା ସୋମନାଥ ରାହା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାଇଭେଟ ସ୍କୁଲ ଆସୋସିଏଶନର ସଂଯୋଜକ ଜ୍ୟୋତ୍ସ୍ନା ନନ୍ଦା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ବିଭୂତି କୁମାର ଗୁପ୍ତା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ ବିଦ୍ୟାଳୟର ୱେବ୍‌ସାଇଟ୍ ଉନ୍ମୋଚନ କରିଥିଲେ। କାର୍ଯ୍ୟକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ବିଦ୍ୟାଳୟ କମିଟିକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସାମାଜିକ କର୍ମୀ ତାରିକ ଅଜିଜ୍ ଅନ୍‌ସାରୀ, ଗୋପାଳ ସିଂ, ବାବୁ ଖାନ୍, ବିଜୟ ପ୍ରସାଦ ସାହୁ, ବିଲାସୀ ଚେରୁଆ, ଶିକ୍ଷକ ବିଦ୍ୟାଧର ସେଠୀଙ୍କୁ ସମ୍ମାନିତ କରାଯାଇଥିଲା।

# ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ


ଥାନା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଥାନାଧିକାରୀ ଓ ଅନ୍ୟମାନେ।

ରାଜଗାଙ୍ଗପୁର,୧୧।୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ସୁବାସ ଛକରେ ରବିବାର ଏକ ନୂତନ ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ସହ ସମ୍ମାନିତ ଅତିଥିଭାବେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସରେଙ୍ଗ, ସୂରଜ ପ୍ରଡକ୍ଟର ଲୋକସମ୍ପର୍କ ଅଧିକାରୀ ଅଭିମନ୍ୟୁ ସାହୁ, ବରିଷ୍ଠ ଡାକ୍ତର ହରେକୃଷ୍ଣ ପଣ୍ଡା, ଉପନଗରପାଳ ମହମ୍ମଦ ଇର୍‌ଫାନ ପ୍ରମୁଖ ଯୋଗଦେଇଥିଲେ। ସହରର ସୁବାସଛକ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏହି ସହାୟତା କେନ୍ଦ୍ର ଜନସାଧାରଣ ତଥା ପୋଲିସକୁ ସହାୟକ ହେବ ବୋଲି ଥାନାଧିକାରୀ କହିଥିଲେ। ଏହି ସହାୟତା କେନ୍ଦ୍ରକୁ ନିର୍ମାଣ କରିଥିବା ସୂରଜ ପ୍ରଡକ୍ଟକୁ ଧନ୍ୟବାଦ ଦେଇଥିଲେ। ଉକ୍ତ କେନ୍ଦ୍ରରେ ସବୁବେଳେ ଏକ ପୋଲିସ ଅଫିସରଙ୍କ ସହ କନଷ୍ଟେବଲ ରହିବେ।

# ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ ପରିଦର୍ଶନ କଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି

ସୁନ୍ଦରଗଡ,୧୧।୨(ଜୟ ନାରାୟଣ ମେଣ୍ଟୁଲି)

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ରବିବାର ସୁନ୍ଦରଗଡ ମାହେଶ୍ୱରୀ ଗ୍ରୁପ ଅଫ ଇନିଷ୍ଟିଚ୍ୟୁଟର ଶଙ୍କରାସ୍ଥିତ ରାଉରକେଲା ସିନିୟର ନର୍ସିଂ କଲେଜକୁ ପରିଦର୍ଶନରେ ଆସିଥିଲେ। ଆନୁଷ୍ଠାନର ନିର୍ଦ୍ଦେଶକ ଫକୀର କର୍ଣ୍ଣ ସ୍ୱାଗତ ଅଭିଭଷଣ ପ୍ରଦାନ କରିଥିଲେ। ପ୍ରଫେସର ମିଶ୍ର ଛାତ୍ରୀଛାତ୍ରଙ୍କୁ ମଣିଷ ଜୀବନରେ ଶିଶୁଠାରୁ ବୃଦ୍ଧ ବୟସ ପର୍ଯ୍ୟନ୍ତ ତାଙ୍କର ଆବଶ୍ୟକତାକୁ ବୁଝାଇଥିଲେ। ମାହେଶ୍ୱରୀ ଯୁକ୍ତ ୨ ବିଜ୍ଞାନର ଛାତ୍ରୀ ରୋହିଣ ଲୋହାରସ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପାଇଥିବାରୁ କୁଳପତି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କୁଳପତିଙ୍କ ଏହି ପରିଦର୍ଶନ ବେଳେ ରାଉରକେଲା ନର୍ସିଂ କଲେଜ ଓ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଶେଷରେ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୟନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



# ଭୂୟାଁ ବ୍ରଦର୍ସ ଚାମ୍ପିୟନ

**ଅଲ୍ ଇଣ୍ଡିଆ ଭୂୟାଁ ସମାଜ ପକ୍ଷରୁ କ୍ରିକେଟ୍ ଟୁର୍ନାମେଣ୍ଟ**

ସୁନ୍ଦରଗଡ/ ବଡ଼ଗାଁ,୧୧।୨
(ଜୟ ନାରାୟଣ ମେଣ୍ଟୁଲୀ/ଅଶୋକ ଷଡ଼ଙ୍ଗୀ)


ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ସୁନ୍ଦରଗଡ ଜିଲା ସଦର ବ୍ଲକ ବଲଦମାଲ ଗ୍ରାମରେ ରବିବାର ଅଲ ଇଣ୍ଡିଆ ଭୂୟାଁ ସମାଜ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଭୂୟାଁ ବ୍ରଦର୍ସ ବଲଦମାଲ ଓ କୁଚିଣ୍ଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୮ଓଭରରେ ଭୂୟାଁ ବ୍ରଦର୍ସ ୬୫ ରନ କରିଥିବା ବେଳେ କୁଚିଣ୍ଡା ୪୧ ରନ କରିଥିଲା। ଆୟୋଜକ କମିଟିର ଚନ୍ଦ୍ର ଶେଖର ଭୋଇ, ନରେଶ ବରିହା, ରଞ୍ଜନ ପ୍ରଧାନ, ପ୍ରଦୀପ ପ୍ରଧାନ, ରମେଶ ବିଶ୍ୱାଳ, ବିକ୍ରମ ନାଏକ, ଦେବାଶିଷ ପ୍ରଧାନ, ବିକାଶ ବିଶ୍ୱାଳଙ୍କ ସହିତ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝି, ନେହେରୁ ଢମେଲ, ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଅବସରପ୍ରାପ୍ତ ଡିଏସପି ଦାମୋଦର ମାଝି, ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ବାଲେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ସନାତନ ପ୍ରଧାନ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୮ ହଜାର ଟଙ୍କା ସହିତ ଟ୍ରଫି ଓ ରନରସ ଟିମ୍‌କୁ ୧୪ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ସମ୍ବଲପୁର, ୧୧।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜର ଝାଙ୍କରପାଲି ଖଡିଆପଡାରେ ଶନିବାର ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାତ୍ର ଭୋଇ(୭୦)। ପାତ୍ର ପରିବାର ସହ ରାତିରେ ଶୋଇଥିବା ବେଳେ ହଠାତ୍ ଏକ ଦନ୍ତା ହାତୀ ଆସି ତାଙ୍କର ଘର ଭାଙ୍ଗିବା ସହ ଘର ଭିତରୁ ତାଙ୍କୁ ଟାଣିନେଇ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହାତୀ ଅକ୍ରମଣରେ ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଘଟଣା ବିଷୟରେ ଖବର ପାଇ ସଦର ରେଞ୍ଜର ବନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ପଠାଇଥିଲେ। ବନବିଭାଗ ପକ୍ଷରୁ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡାଇବା ପାଇଁ ଚେଷ୍ଟା କରାଯାଇଥିବା ସଦର ବନ ଅଧିକାରୀ ଗିରୀଷ ଦୋରା ସୂଚନା ଦେଇଛନ୍ତି।

### ବସ୍ ଦୁର୍ଘଟଣାରେ ଯୁବକ ମୃତ

ରେଙ୍ଗାଲି, ୧୧।୨ (ଦେବବ୍ରତ ପଣ୍ଡା)

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେର ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ସମ୍ମୁଖରେ ରବିବାର ଏକ ଘରୋଇ ବସ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାରସୁଗୁଡ଼ା ମଙ୍ଗଳ ବଜାର ଅଞ୍ଚଳର ସଲିମ ଖାଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ଝାରସୁଗୁଡ଼ା ପଟୁ ସମ୍ବଲପୁରକୁ ସାଇକେଲ ଯୋଗେ ସଲିମ ଆସୁଥିବାବେଳେ ଠେଲକଲୋଇରୁ ଲପାଙ୍ଗ ମଧ୍ୟରେ ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ରେଙ୍ଗାଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି। ତଦନ୍ତ ପରେ ପୋଲିସ ମୃତଦେହ ଚିହ୍ନଟ କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### 'ପ୍ରକୃତିରୁ ଜୀବନର ଶିକ୍ଷା' ଶୀର୍ଷକ ସଚେତନତା

ସମ୍ବଲପୁର, ୧୧।୨ (ପ୍ରମୋଦ ବହିଦାର)

ହୀରାକୁଦ ବନ୍ୟପ୍ରଣୀ ବିଭାଗ ପକ୍ଷରୁ 'ପ୍ରକୃତିରୁ ଜୀବନର ଶିକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଚିଡ଼ିଆଖାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଯୋଗଦେଇ ସମବେତ ଛାତ୍ରୀଛାତ୍ରଙ୍କୁ ପ୍ରକୃତିରୁ ବିଭିନ୍ନ ଶିକ୍ଷଣୀୟ ବିଷୟ ଶିକ୍ଷା ଦେଇଥିଲେ। ଏଥିରେ ସମ୍ବଲପୁର ଶାସନସ୍ଥିତ ବିକାଶ ଯୁକ୍ତ ଦୁଇ କଲେଜର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷାନୁଷ୍ଠାନ ପରିବେଶରୁ ବାହାରି ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ବନ୍ୟଜନ୍ତୁ ଓ ପକ୍ଷୀଙ୍କ ଗହଣରେ ଭାଗନେଇ ଛାତ୍ରୀଛାତ୍ର କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସୂଚନାଯୋଗ୍ୟ, ହୀରାକୁଦ ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ପ୍ରତି ସପ୍ତାହରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

### ୧୯୭୭ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

ପଡିଆବାହାଲ, ୧୧।୨ (ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ପଧାନପାଲି ନୋଡାଲ ହାଇସ୍କୁଲର ୧୯୭୭ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ଖଲିଆପାଲି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସୁଶୀଲ କୁମାର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପଧାନପାଲି ହାଇସ୍କୁଲର ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ୨୭ଜଣ ସହପାଠୀ ସାମିଲ ହୋଇ ନିଜ କର୍ମମୟ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଇତିମଧ୍ୟରେ ଦିବଂଗତ ସହପାଠୀମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୋହନ ଚନ୍ଦ୍ର ସାହୁ ଓ ଦେବଦତ୍ତ ରାଉତଙ୍କ ଉଦ୍ୟମରେ ହୋଇଥିବା ବନ୍ଧୁମିଳନ ଆଗକୁ ନିୟମିତ କରିବାକୁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୈବଲ୍ୟ ପଧାନ, ସଂଯୁକ୍ତା ପଣ୍ଡା, ସୁରୁଚି ମିଶ୍ର, ଭରତ ନାୟକ, ବିଳାସିନୀ ପଣ୍ଡା, ମହେନ୍ଦ୍ର ମେହେର ପ୍ରମୁଖ ଅତୀତର ସ୍ମୃତି ବଖାଣିଥିଲେ। ଶେଷରେ ସୁଦାମ ମହାନା ଧନ୍ୟବାଦ ଦେଇଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

- ଭିଏସ୍‌ଏସ୍ ଷ୍ଟାଡିୟମ ଆଧୁନିକୀକରଣର ସମୀକ୍ଷା
- ଭିମ୍‌ସାରର ବିକାଶ ପାଇଁ ୧ ହଜାର କୋଟିର ମାଷ୍ଟରପ୍ଲାନ ପ୍ରସ୍ତୁତ ହେବ


ଏସ୍‌ଏମ୍‌ସି ସମ୍ମିଳନୀ କକ୍ଷରେ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ୫-ଟି ଅଧ୍ୟକ୍ଷଙ୍କ ଆଲୋଚନା।

ସମ୍ବଲପୁର, ୧୧।୨ (ପ୍ରମୋଦ ବହିଦାର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତରେ ଆସି ରବିବାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ଶନିବାର ରାତିରେ ସମ୍ବଲପୁରରେ ପହଞ୍ଚି ସର୍କିଟ ହାଉସ୍‌ରେ ରାତ୍ରିଯାପନ ପରେ ପ୍ରାତଃ ୬ଟା ବେଳେ ମା' ସମଲେଶ୍ୱରୀ ମନ୍ଦିରର ଦ୍ୱିତୀୟ ଫାଟକ ସମ୍ମୁଖସ୍ଥ ରିଂରୋଡ୍‌ରେ ପତାକା ଦେଖାଇ ମହାନଦୀ ହାଫ୍ ମାରାଥନର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବୟସ ବର୍ଗର ପ୍ରାୟ ୪ ହଜାର ପ୍ରତିଯୋଗୀ ସାମିଲ ହୋଇଥିଲେ।

ଏହି ଅବସରରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀ ଏ ଅଞ୍ଚଳରେ କ୍ରୀଡ଼ାର ବିକାଶକୁ ଗୁରୁତ୍ୱ ଦେଇଆସିଛନ୍ତି। ସେଥିପାଇଁ କିଛିଦିନ ପୂର୍ବେ ବୁର୍ଲାରେ ୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ ହୋଇଥିବା ବେଳେ ସମ୍ବଲପୁର ଫୁଟବଲ ଏକାଡେମୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଶିଳାନ୍ୟାସ ହୋଇଛି। ଏଠାରେ ହକି ଷ୍ଟାଡିୟମ ସହ ଇନ୍‌ଡୋର ସ୍ପୋର୍ଟ୍ସ ପାଇଁ ମଧ୍ୟ ବ୍ୟବସ୍ଥା ରହିବ। ସେହିପରି ସମ୍ବଲପୁରରେ ଏକ ନୂତନ ଫୁଟବଲ ଷ୍ଟାଡିୟମ ନିର୍ମାଣ ଓ ଭିଏସ୍‌ଏସ୍ ଷ୍ଟାଡିୟମର ଆଧୁନିକୀକରଣ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି ବୋଲି ସେ କହିଥିଲେ। ଏହାବାଦ ସେ ମା' ସମଲେଇଙ୍କ ଦର୍ଶନ କରି ନିର୍ମାଣାଧୀନ ସମଲେଇ ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ଓ ସେବାୟତଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ତାଙ୍କୁ ମା' ସମଲେଇ ଓ ସମଲେଇ ପ୍ରକଳ୍ପର ପ୍ରତିକୃତୀର ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲ।

ପରେ ସେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଯାଇ ସେଠାରେ ଅଭ୍ୟାସରତ ଖେଳାଳିଙ୍କ ସହ କିଛିସମୟ କ୍ରିକେଟ୍ ଖେଳିଥିଲେ। ପ୍ରାୟ ୩୫୦ କୋଟି ବ୍ୟୟ ଅଟକଳରେ ହୋଇଥିବା ଭିଏସ୍‌ଏସ୍ ଷ୍ଟାଡିୟମର ଆଧୁନିକୀରଣ ପ୍ରକଳ୍ପ ନେଇ ୫-ଟି ଅଧ୍ୟକ୍ଷ ସେଠାରେ ଜିଲା କ୍ରୀଡ଼ା ସଂଘ କର୍ମକର୍ତ୍ତା ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭିମ୍‌ସାର ନିର୍ଦ୍ଦେଶକ ଓ ବରିଷ୍ଠ ଚିକିତ୍ସକଙ୍କ ସହ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଭିମ୍‌ସାର ଓ ଏହାର କ୍ୟାମ୍ପସର ସାମଗ୍ରିକ ବିକାଶ ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏଠାରୁ ଯାଇ କିଛିସମୟ ପାଇଁ ସର୍କିଟହାଉସରେ ରହଣି ମଧ୍ୟରେ ସମ୍ବଲପୁରର ବିଭିନ୍ନ ସଂଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ କେନ୍ଦୁପତ୍ର କର୍ମଚାରୀ ସଂଘ ସମାବେଶରେ ଯୋଗଦେବାକୁ ଚାରମାଲ ଅଭିମୁଖେ ଯାଇଥିଲେ।

# ଦୃଢ ଇଚ୍ଛାଶକ୍ତି ଲକ୍ଷ୍ୟସ୍ତରରେ ପହଞ୍ଚାଇଥାଏ

## ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ନାକଟିଦେଉଳ, ୧୧।୨ (ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ ମୁଖଅତିଥି, କିସିଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ପୂର୍ବତନ ଜିଲାପରିଷଦ ସଭ୍ୟ ବିପିନ ବିହାରୀ ପ୍ରଧାନ, ବନପାଳ ପ୍ରବୀଣ କୁମାର ସାହୁ, ସିଆର୍‌ସିସି ଲୋକନାଥ ସାମଲ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବରାଜ କାଲୋ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱାମିତ୍ର ଦେହୁରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୃଢ ଇଚ୍ଛାଶକ୍ତି ଓ ମନୋବଳ ବ୍ୟକ୍ତିର ଲକ୍ଷ୍ୟପଥକୁ ସୁଗମ କରିଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ବିରିଷ୍ଠ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବା ୧୦ମ ଶ୍ରେଣୀ ଛାତ୍ରୀ ପୂଜା କିଷାନ, ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ନାତଲେନ ଜୁଯୋ ଏବଂ କନିଷ୍ଠ ବର୍ଗ ବାଳକ ବିଭାଗରେ ଚାମ୍ପିନ ହୋଇଥିବା ୭ମ ଶ୍ରେଣୀ ଛାତ୍ର ଜଶମିନ୍ଦର ତିର୍କି ଓ ବାଳିକା ବିଭାଗରେ ୮ମ ଶ୍ରେଣୀ ଛାତ୍ରୀ ଭବବତୀ କିଷାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ୧୦ମ ଶ୍ରେଣୀ ଛାତ୍ର ଅନୁକରଣ ଡୁଙ୍ଗଡୁଙ୍ଗ ସର୍ବଭାରତୀୟ ସ୍ତରରେ ହକି ଖେଳରେ କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦିପ୍ତିମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲା ଆର୍‌ୱାଇସିସି ଚାମ୍ପିୟନ



ଅତିଥିଙ୍କଠାରୁ ବିଜେତା ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ ଦୀନବନ୍ଧୁ ସ୍ମାରକୀ କ୍ରିକେଟ ଉଦ୍‌ଯାପିତ

ସମ୍ବଲପୁର, ୧୧।୨ (ବି.ଶଙ୍କର)

ରାଜ୍ୟସ୍ତରୀୟ ୧୨ତମ ଦୀନବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ହାୱା ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ରାଉରକେଲା ଆର୍‌ୱାଇସିସି ଚାମ୍ପିୟନ ଓ ଆୟୋଜକ ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚରେ ଟସ ଜିଣି ଗୋବିନ୍ଦତୋଲା ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ସମସ୍ତ ଉଇକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ଦଳ ୧୯.୫ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅମ୍ପାୟାର ଭାବେ ସୌମ୍ୟ ଦର୍ଶନ ମହାନ୍ତି, ମହାମ୍ମଦ ଇସାକ, ବିକାଶ ହୋତା ମ୍ୟାଚ ପରିଚାଳନା କରିଥିଲେ। ଯୁବ ବିଜେଡି ନେତା ବିଶାଳ ଦାସ, ପ୍ରଭାତ ବିଶ୍ୱାଳ, ସନ୍ଦିପ ପଟ୍ଟନାୟକ, ଅମିତ କୁମାର ଶତପଥି, ବାର୍ଜେନ ପଣ୍ଡା, ଅଭିଷେକ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ସଞ୍ଜିବ କୁମାର ନାୟକ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ଭାଗିରଥି ସିଂଦେଓ ଅତିଥିଙ୍କୁ ସ୍ୱାଗତ ଓ କାର୍ଯ୍ୟକାରୀ ସଭାପତି ପ୍ରଦୀପ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ନାକଟିଦେଉଳ, ୧୧।୨ (ବୈକୁଣ୍ଠ ନାଥ ସାହୁ)

ସାହିତ୍ୟ ଓ ସଂସ୍କୃତି ଧର୍ମୀ ଫିଚର୍ ପତ୍ରିକା ସୁଚିତ୍ରାର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ରବିବାର ନାକଟିଦେଉଳ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କବି ରଘୁନାଥ ପ୍ରଧାନଙ୍କ ସଭାପତିତ୍ୱ ତଥା ଗୀତାରାଣୀ ସାହୁ, ଆକାଶ ସାହୁ ଓ ଅଧ୍ୟାପକ ଶେଷଦେବ ବିଶ୍ୱାଳଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ସମ୍ମାନିତ ଅତିଥି ଭାବେ ମାନିନୀ ମିଶ୍ର, ବିପିନ ମହାନନ୍ଦ ଓ ରମେଶ ମିଶ୍ର ଯୋଗ ଦେଇଥିଲେ। ଡ. ତପସ୍ୱିନୀ ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ସଭ୍ୟ ଡ. ମନୋଜ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଖବରଦାତା ଲକ୍ଷ୍ମୀନାରାୟଣ ହୋତା, କଳିଙ୍ଗ କେଶରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ କନ୍ଦର୍ପ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମମତା ପଟ୍ଟନାୟକଙ୍କୁ ସୁଚିତ୍ରା ସ୍ମୃତି ସମ୍ମାନ, ପ୍ରଶାନ୍ତ ମଙ୍ଗରାଜଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ପିନାକୀ ମିଶ୍ରଙ୍କୁ କବିତା ସମ୍ମାନ, ହରିହର ସାହୁଙ୍କୁ ପୀତାମ୍ବର ବିଶ୍ୱାଳ ସ୍ମୃତିସମ୍ମାନ, କୁଳମଣି ମେହେରଙ୍କୁ ଯୁବ ପ୍ରତିଭା ସମ୍ମାନ ଓ ପ୍ରଗତି ବଳଙ୍କୁ ପ୍ରଚ୍ଛଦ ପଟ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା।

# ସାହାସପୁରରେ ପଞ୍ଚାୟତସ୍ତରୀୟ ସଚେତନତା


କାର୍ଯ୍ୟକ୍ରମରେ ଅତିଥି ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର, ୧୧।୨ (ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁର ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦିବାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମାନେଶ୍ୱର ବିଡ଼ିଓ ଜନ୍ମେଜୟ ବେହେରା ମୁଖ୍ୟ ଅତିଥି ଓ ଏଏଇ ପ୍ରଜ୍ଞା ପରିଣୀତା, କନିଷ୍ଠ ଯନ୍ତ୍ରୀ ରଞ୍ଜିତ ମହାରଣା, ବିଜୁ ଜନତା ଦଳ ବ୍ଲକ ସଭାପତି ଗୋପିରଞ୍ଜନ ବେହେରା, ମହିଳା ସଭାନେତ୍ରୀ ବୀଣାପାଣି ବେହେରା, ଯୁବ ବିଜେଡି ବ୍ଲକ ସଭାପତି ସମିର ପାଢ଼ୀ, ସ୍ଥାନୀୟ ସମିତି ସଭ୍ୟା ଲିନା ମହାପାତ୍ର, ନାଏବ ସରପଞ୍ଚ ମିନାକ୍ଷୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଚାୟତବାସୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ବ୍ୟକ୍ତିବିଶେଷ ଓ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସଏଚଜି ଗ୍ରୁପ ମହିଳାଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ସାମଗ୍ରୀ ଷ୍ଟଲ, ଛାତ୍ରୀଛାତ୍ରଙ୍କ ଚିତ୍ରକଳା ସହିତ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ନୃତ୍ୟ ଓ ଅର୍ଡ଼ା ଦଳର ଘୁବକୁଡୁ ନୃତ୍ୟ ଲୋକଙ୍କୁ ବିମୋହିତ କରିଥିଲା। ଶିକ୍ଷକ କ୍ଷୀରୋଦ୍ର ପଧାନ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଘନଶ୍ୟାମ ପାଣ୍ଡେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୀରାକୁଦ ହତ୍ୟାକାଣ୍ଡ: ୩ ଟିମ୍ ଦ୍ୱାରା ତଦନ୍ତ ଜାରି

ସମ୍ବଲପୁର, ୧୧।୨ (ଭବାନୀ ଶଙ୍କର ଭୋଇ)

ଶାସନ ଥାନା ଅନ୍ତର୍ଗତ ବଲବସପୁରଠାରେ ଶନିବାର ସକାଳେ ହୀରାକୁଦର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଥିଲା। ହୀରାକୁଦ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ସୂଚନା ଅନୁସାରେ ଘଟଣାର ତଦନ୍ତ ପାଇଁ ସମ୍ବଲପୁର ଏସ୍‌ପିଙ୍କ ନେତୃତ୍ୱରେ ତିନୋଟି ଟିମ୍ ଗଠନ କରାଯାଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଆକ୍ରୋଶ ଦେଖାଦେଇଥିବା ବେଳେ ଲୋକେ ହୀରାକୁଦ ଥାନା ଆଗରେ ମୃତଦେହ ରଖି ଦୋଷୀଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପୂର୍ବତନ ସମ୍ବଲପୁର ଓକିଲ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଡ. ପ୍ରମୋଦ ରଥ ଆନ୍ଦୋଳନ ସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରି ମୃତା ମହିଳାଙ୍କ ପରିବାରକୁ ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, କରୋନା ସମୟରେ ନିଜ ସ୍ୱାମୀଙ୍କୁ ହରାଇଥିବା ମୃତକ ଶଶୀ ପଗଡ ଜଣେ ନେତାଙ୍କ ଘରେ ରୋଷେଇ କରି ପରିବାର ପୋଷଣ କରିଥାନ୍ତି। ଗତ ଶୁକ୍ରବାର ସେ ଘରକୁ ନ ଫେରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ହୀରାକୁଦ ଥାନା ଅଧିକାରୀ ସାହୁ ତଦନ୍ତକାରୀ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍‌ଶୀଘ୍ର ଦୋଷୀ ଗିରଫ ହେବେ ବୋଲି କହିଛନ୍ତି।

## କବରାପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକ ସମ୍ମିଳନୀ

ସମ୍ବଲପୁର, ୧୧।୨ (ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ବ୍ଲକର କବରାପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ କୌଶଲ୍ୟା ବେହେରା ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ଆଗାମୀ ହାଇସ୍କୁଲ ପରୀକ୍ଷା ଓ ଅଧାରୁ ସ୍କୁଲ ଛାଡୁଥିବା ଛାତ୍ରୀଛାତ୍ରଙ୍କ ବିଷୟରେ ଆଲୋଚନା ହୋଇଥିଲା। ସେମାନଙ୍କ ସ୍କୁଲ ଛାଡିବାର କାରଣ ଓ ସେମାନଙ୍କୁ କିଭଳି ସ୍କୁଲ ଫେରାଇ ଅଣାଯିବ ସେ ବିଷୟରେ ଚର୍ଚ୍ଚା ହେଇଥିଲା। ସ୍କୁଲରେ ୧୦୦ ପ୍ରତିଶତ ଉପସ୍ଥାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବ୍ଲକ ଅନ୍ତର୍ଗତ ୧୯ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ସାମିଲ ହୋଇଥିଲେ। ଜୟନ୍ତପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ବିନାୟକ ମହାପାତ୍ର, ବଡସାହି ହାଇସ୍କୁଲ ପ୍ରଧାନଶିକ୍ଷକ ଯୁଗଳ କିଶୋର ନାୟକ, ଓଷ୍ଟାର ସମ୍ବଲପୁର ସହ ସମ୍ପାଦକ ବିଭୁତି ଭୁଷଣ ଚାନ୍ଦ ମଞ୍ଚାସୀନ ରହି ମତାମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା କାର୍ଯ୍ୟକ୍ରମ ସଂଯୋଜିକା ସୁନିତି ସାହୁ ପରିଚାଳନା କରିଥିଲେ। ଶେଷରେ କବରାପାଲି ପ୍ରଧାନ ଶିକ୍ଷୟିତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜରେ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

କୁଚିଣ୍ଡା, ୧୧।୨ (ବିରଞ୍ଚି ଦର୍ଶୀ)

ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ପଣ୍ଡିତ ଅଲେଖ କୁମାର ପତି ମୁଖ୍ୟବକ୍ତା, କଲେଜ ପରିଚାଳନା କମିଟି ପ୍ରତିଷ୍ଠାତା ସଭାପତି ସଜନ କୁମାର ଖଣ୍ଡେଲୱାଲ, ପ୍ରତିଷ୍ଠାତା ଅଧ୍ୟକ୍ଷ ଘାସିରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ମୁଖ୍ୟ ନୋଡାଲ ଅଫିସର ଅଧ୍ୟାପକ ହରେଶ ସାହୁ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ଅତିଥିଗଣ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପିକା ମନୋରମା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ନମିତା ନାଏକ, ମନୀଷା ବେହେରା, ସୁସ୍ମିତା କିଷାନ, ମଞ୍ଜରି ସିଂ, ସୁରମା ସାହୁ, ସୁବାସିନୀ ପଟେଲ, ଆରତି ବେହେରା, ଅଧ୍ୟାପକ ବିନୋଦ ବିହାରି ପୃଷେଠ, ରୋଶନ ଶର୍ମାଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ମହାନଦୀ ସ୍ୱଚ୍ଛତା ବାର୍ତ୍ତାରେ ହାଫ୍ ମାରାଥନ

- ସାମିଲ ହେଲେ ରାଜ୍ୟ ଓ ରାଜ୍ୟ ବାହାର ପ୍ରତିଯୋଗୀ
- ୨୧ କିଲୋମିଟର ମହିଳାରେ ଲିଲି ଓ ପୁରୁଷରେ ରାହୁଲ ଶ୍ରେଷ୍ଠ



୫-ଟି ଅଧ୍ୟକ୍ଷ ମହାନଦୀ ହାପ ମାରାଥନକୁ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର, ୧୧।୨ (ବି.ଶଙ୍କର)

ମହାନଦୀ କିପରି ଅଧିକ ସ୍ୱଚ୍ଛ ରହିବ ସେ ନେଇ ଜନଜାଗରଣ ସୃଷ୍ଟି ସକାଶେ ମାରାଥନର ପରିକଳ୍ପନା କରାଯାଇଛି । ଏହି କ୍ରମରେ ରବିବାର ସମ୍ବଲପୁର ଜିଲା ପ୍ରଶାସନ ଓ ମହାନଗର ନିଗମ ପକ୍ଷରୁ ମହାନଦୀ ହାପ୍ ମାରାଥନ ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ମନ୍ଦିର ପ୍ରବେଶ ପଥ-୨ରେ ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା, ସମ୍ବଲପୁର ଜିଲାପାଳ ସୁନୀଲ ଅକ୍ଷୟ ଅଗ୍ରୱାଲ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମ୍ବଲପୁର ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩ହଜାରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୧, ୧୦, ୫ ଓ ୧ କିଲୋମିଟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। କୃତୀମାନଙ୍କୁ ଅର୍ଥ ରାଶି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ୨୧ କିଲୋମିଟର ପୁରୁଷ ବର୍ଗରେ ରାହୁଲ କୁମାର ପ୍ରଥମ, ଯସ ଶର୍ମା ଦ୍ୱିତୀୟ ଓ ଅଶୋକ ଡନସନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ମହିଳା ବର୍ଗରେ ଲିଲି ଦାସ, ରକ୍ମଣୀ ସାହୁ, ମମିନା ମୁର୍ମୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

## ସଂକ୍ଷେପରେ

### ଜିପିଏସ୍ ଆଧାରିତ ଟୋଲ୍ ସଂଗ୍ରହ ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୧୧।୨:** ସୁବିଧାଜନକ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଟୋଲ୍ ପ୍ଲାଜାଗୁଡ଼ିକୁ ହଟାଇ ଦିଆଯିବ। ଏହା ବଦଳରେ ଜାତୀୟ ରାଜପଥଗୁଡ଼ିକରେ ଜିପିଏସ୍ ଆଧାରିତ ଟୋଲ ସଂଗ୍ରହ ବ୍ୟବସ୍ଥା ଆରମ୍ଭ ହେବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ କହିଛନ୍ତି। ଆସନ୍ତା ଏପ୍ରିଲ ସୁଦ୍ଧା ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିପାଇଁ ସରକାର ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ଫାସ୍‌ଟାଗ୍ ସହ ଏହି ବ୍ୟବସ୍ଥା ପାଇଲଟ୍ ଭିତ୍ତିରେ କାର୍ଯ୍ୟକାରୀ ହେବ। ରାସ୍ତାର ଗାଡ଼ି ଭିଡ଼ କମାଇବା ଏବଂ ଜାତୀୟ ରାଜପଥରେ ଜଣେ ଗାଡ଼ିଚାଳକ ଯେତିକି ରାସ୍ତା ଅତିକ୍ରମ କରିଛି, ସେହି ଅନୁଯାୟୀ ତାଙ୍କଠାରୁ ଟୋଲ ସଂଗ୍ରହ କରିବା ଜିପିଏସ୍ ଆଧାରିତ ଟୋଲ୍ ସଂଗ୍ରହ ବ୍ୟବସ୍ଥାର ଲକ୍ଷ୍ୟ। ବର୍ତ୍ତମାନ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ଟୋଲ ସଂଗ୍ରହ ୪୦ ହଜାର କୋଟି ଟଙ୍କା ରହିଥିବାବେଳେ ୨-୩ ବର୍ଷରେ ଏହା ୧.୪୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଗଡ଼କରୀ ପୂର୍ବରୁ କହିଥିଲେ।

### ରାଜ୍ୟ ସଭା ନିର୍ବାଚନ: ୪ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ଟିଏମ୍‌ସି

**କୋଲକାତା, ୧୧।୨:** ଆସନ୍ତା ୨୭ ତାରିଖରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ପକ୍ଷରୁ ୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପୂର୍ବତନ ଏମ୍‌ପି ସୁସ୍ମିତା ଦେବ ଓ ମମତାବାଳା ଠାକୁରଙ୍କ ସହ ବରିଷ୍ଠ ସାମ୍ବାଦିକା ସାଗରିକା ଘୋଷ ଏବଂ ମହମଦ ନଦୀବୁଲ ହକ୍‌ଙ୍କ ନାମ ଘୋଷଣା କରିଛି ଟିଏମ୍‌ସି। ପୂର୍ବରୁ କଂଗ୍ରେସର ଏମ୍‌ପି ଥିବା ସୁସ୍ମିତା ଦେବ ୨୦୨୧ରେ ଦଳ ପରିବର୍ତ୍ତନ କରି ଟିଏମ୍‌ସିରେ ଯୋଗ ଦେଇଥିଲେ। ବର୍ତ୍ତମାନ ଟିଏମ୍‌ସିର ଜାତୀୟ ମୁଖପାତ୍ର ଥିବା ସୁସ୍ମିତା ୨୦୨୧ ଅକ୍ଟୋବରରୁ ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ଦଳର ରାଜ୍ୟ ସଭା ଏମ୍‌ପି ଥିଲେ। ସେହିପରି ମମତା ବାଳା ଠାକୁର ପୂର୍ବରୁ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ବେଳେ ଗତ ଲୋକ ସଭା ନିର୍ବାଚନରେ ସେ ବନ୍‌ଗାଁଓ ଆସନରୁ ଭାଜପା ପ୍ରାର୍ଥୀ ଶାନ୍ତନୁ ଠାକୁରଙ୍କଠାରୁ ପରାସ୍ତ ହୋଇଥିଲେ। ସୂଚନାଯୋଗ୍ୟ ଚଳିତ ମାସ ୨୭ ତାରିଖରେ ପଶ୍ଚିମବଙ୍ଗର ୫ଟି ଆସନ ସହ ୧୫ଟି ରାଜ୍ୟର ୫୬ଟି ଆସନରେ ରାଜ୍ୟ ସଭା ନିର୍ବାଚନ ହେବ। ପଶ୍ଚିମବଙ୍ଗ ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଟିଏମସି ୪ଟି ଓ ଭାଜପା ଗୋଟିଏ ଆସନରେ ଜିତିବା ଏକ ପ୍ରକାର ନିଶ୍ଚିନ୍ତ।

### ୟୁଏନ୍‌ଡବ୍ଲ୍ୟୁଆର୍‌ଏ କାର୍ଯ୍ୟାଳୟ ତଳେ ହମାସ୍‌ର ଗୁପ୍ତ ସୁଡ଼ଙ୍ଗ

**ଗାଜା ସିଟି,୧୧।୨:** ଗାଜା ସିଟିରେ ପାଲେଷ୍ଟାଇନ୍ ଶରଣାର୍ଥୀମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଜାତିସଂଘର ରିଲିଫ୍ ଆଣ୍ଡ ୱାର୍କ ଏଜେନ୍ସି (ୟୁଏନ୍‌ଡବ୍ଲ୍ୟୁଆର୍‌ଏ) ମୁଖ୍ୟାଳୟ ତଳେ ହମାସ୍ ଆତଙ୍କବାଦୀଙ୍କ ଗୁପ୍ତ ସୁଡ଼ଙ୍ଗ ରହିଥିବା ଇସ୍ରାଏଲ୍ ସେନା ଠାବ କରିଛି। ହମାସ୍ ଆତଙ୍କବାଦୀମାନେ ଏହାକୁ ବୈଦ୍ୟୁତିକ ସରଞ୍ଜାମର ଯୋଗାଣ ରୁମ୍ ଭାବେ ବ୍ୟବହାର କରୁଥିଲେ ବୋଲି ଇସ୍ରାଏଲ୍ କହିଥିଲେ ମଧ୍ୟ ଏହାର ନିର୍ଦ୍ଦିଷ୍ଟ ପ୍ରମାଣ ଦେଇପାରି ନାହିଁ। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ୟୁଏନ୍‌ଆର୍‌ଡବ୍ଲ୍ୟୁଏ କମିଶନର ଜେନେରାଲ ଫିଲିପେ ଲାଜାରିନି କହିଛନ୍ତି।

# ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

## ଏମ୍‌ଏସ୍‌ପି ଦାବି: ୧୩ରେ ଦିଲ୍ଲୀ ଚଲୋ, ୧୬ରେ ଭାରତ ବନ୍ଦ

**ନୂଆଦିଲ୍ଲୀ,୧୧।୨**

୨୦୨୦ ସେପ୍ଟେମ୍ବର ୨୭ରେ କେନ୍ଦ୍ର ସରକାର ୩ଟି କୃଷି ଆଇନ ପ୍ରଣୟନ କରିଥିଲେ। ସେଗୁଡ଼ିକ ହେଲା କୃଷକଙ୍କ ଉତ୍ପାଦ ବ୍ୟାପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସରଳୀକରଣ) ଆଇନ, କୃଷକ (ସଶକ୍ତୀକରଣ ଓ ପ୍ରୋତ୍ସାହନ) ମୂଲ୍ୟ ଆଶ୍ୱାସନା ଓ କୃଷି ସେବା ଚୁକ୍ତି ସମ୍ପର୍କିତ ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ)। ଏହାକୁ ନେଇ ସାରା ଦେଶର କୃଷକମାନେ ଆନ୍ଦୋଳନ କରିଥିଲେ। କୃଷି ଆଇନରେ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥା ନ ଥିବା ଏବଂ ଖାଦ୍ୟଶସ୍ୟ ଦର ନିର୍ଦ୍ଧାରଣ ଉପରେ ବୃହତ୍ ଶିଳ୍ପଗୋଷ୍ଠୀଙ୍କ ଏକଚାଟିଆ ଅଧିକାର ରହିବା ଆଶଙ୍କା କରି ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ପ୍ରାୟ ବର୍ଷେ ଧରି ଏହି ଆନ୍ଦୋଳନ ଚାଲିଥିଲା। ଶେଷରେ ୨୦୨୧ ନଭେମ୍ବର ୧୯ରେ ସରକାର କୃଷକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ୩ ବିବାଦୀୟ ଆଇନ ପ୍ରତ୍ୟାହାର ଘୋଷଣା କରିଥିଲେ। ସେତେବେଳେ ସରକାର ଚାଷୀମାନଙ୍କୁ ଏମ୍‌ଏସ୍‌ପି ଆଇନ ଆଣିବା ନେଇ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏମ୍‌ଏସ୍‌ପି ଉପରେ ଅଦ୍ୟାବଧି କୌଣସି ଆଇନ ଅଣାଯାଇ ନ ଥିବାରୁ ପୁଣି ଥରେ ଦେଶରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି।

ଉତ୍ତର ପ୍ରଦେଶ, ହରିୟାଣା ଓ ପଞ୍ଜାବର କୃଷକମାନେ ଫେବୃଆରୀ ୧୩ରେ 'ଦିଲ୍ଲୀ ଚଲୋ' ଆହ୍ୱାନ ଦେଇଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍‌ଏମ୍) ସମେତ ୨୬ଟି କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ୧୬ରେ 'ଭାରତ ବନ୍ଦ' ପାଇଁ ମଧ୍ୟ ଡାକରା ଦିଆଯାଇଛି। ଏହି ୩ କୃଷିବହୁଳ ରାଜ୍ୟ ସମେତ ଦେଶର ବିଭିନ୍ନ ଭାଗରୁ ପ୍ରାୟ ୨୦୦ କୃଷକ ସଙ୍ଗଠନର ୨୦ ହଜାର ଚାଷୀ ଏମ୍‌ଏସ୍‌ପି ଆଇନ ଦାବିରେ ଦିଲ୍ଲୀରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ଜାତୀୟ ରାଜଧାନୀର ଉତ୍ତରପୂର୍ବ ଜିଲାରେ ୧୪୪ ଧାରା ଜାରି କରିଛି। କାହାକୁ ଆଇନଶୃଙ୍ଖଳା ଭଙ୍ଗ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ନର୍ଥଇଷ୍ଟ ପୋଲିସ ଡେପୁଟି କମିଶନର ଜୟ ତିର୍କୀ ସ୍ପଷ୍ଟ କରିଛନ୍ତି। ଦିଲ୍ଲୀ ସୀମାଗୁଡ଼ିକୁ ସିଲ୍ କରିଦିଆଯାଇଛି। ହରିୟାଣା, ପଞ୍ଜାବ, ୟୁପି, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ମଧ୍ୟପ୍ରଦେଶରୁ ଆସୁଥିବା ଟ୍ରାକ୍ଟର, ଟ୍ରଲି, ବସ୍, କମର୍ସିଆଲ ଭେହିକିଲ ଓ ଘୋଡ଼ାଗୁଡ଼ିକରେ ଆସୁଥିବା ବିକ୍ଷୋଭକାରୀଙ୍କୁ ଦିଲ୍ଲୀକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ହରିୟାଣା ପୋଲିସ ଯାତ୍ରୀମାନଙ୍କୁ ଭିନ୍ନ ରାସ୍ତା ଦେଇ ଯାତାୟାତ କରିବାକୁ ପରାମର୍ଶ ଦେଇଛି। ଏଥିସହ ବିକ୍ଷୋଭରେ ସାମିଲ ହେବାକୁ ଯାଉଥିବା କୃଷକମାନଙ୍କ ପାସ୍‌ପୋର୍ଟ ମଧ୍ୟ ରଦ୍ଦ କରାଯିବ ବୋଲି ଚେତାବନୀ ଦେଇଛି। ଏସ୍‌କେଏମ୍ (ଅଣରାଜନୈତିକ) ନେତା ଜଗଜିତ ସିଂ ଦଲେୱାଲ କହିଛନ୍ତି, ଦିଲ୍ଲୀକୁ ଯିବା ପାଇଁ ହରିୟାଣାର ଖଟ୍ଟର ସରକାର ପଥ ଅବରୋଧ କରିବା ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଆମେ ଆଲୋଚନା ପାଇଁ ପ୍ରସ୍ତୁତ। କିନ୍ତୁ ସରକାର ସମାଧାନର ପନ୍ଥା ବାହାର ନ କରି ଆତଙ୍କ ସୃଷ୍ଟି କରୁଛନ୍ତି। ୨୦୨୦-୨୧ରେ ଆନ୍ଦୋଳନ ବେଳେ କୃଷକମାନଙ୍କ ବିରୋଧରେ ରୁଜୁ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ, ଯାହାକି ଅଦ୍ୟାବଧି ପ୍ରତ୍ୟାହୃତ ହୋଇନାହିଁ। ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ସମେତ ସ୍ୱାମୀନାଥନ୍ କମିଶନ ସୁପାରିସ କରିଥିବା କୃଷକ ଓ କୃଷି ଶ୍ରମିକମାନଙ୍କ ପାଇଁ ପେନ୍‌ସନ, କୃଷିଋଣ ଛାଡ଼, ଲଖିମପୁର ଖେରି ହିଂସା ବେଳେ ଚାଷୀଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ମଧ୍ୟ କୃଷକ ସଙ୍ଗଠନଗୁଡ଼ିକର ଦାବି ମଧ୍ୟରେ ରହିଛି। ଦିଲ୍ଲୀ ସୀମାକୁ ଅବରୋଧ କରାଯିବା ଗଣତନ୍ତ୍ର କି ବୋଲି ଦଲେୱାଲ ପ୍ରଶ୍ନ କରିଛନ୍ତି। ଏନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, କୃଷକମାନେ ସେମାନଙ୍କ ହକ୍ ପାଇଁ 'ଦିଲ୍ଲୀ ଚଲୋ' ଡାକରା ଦେଇଥିବାବେଳେ ମୋଦି ସରକାର ଦିଲ୍ଲୀ ସୀମାଗୁଡ଼ିକୁ ସିଲ୍ କରୁଛନ୍ତି। କୃଷକଙ୍କ ଆୟ ଦୁଇଗୁଣା କରିବାକୁ ପ୍ରତିଶ୍ରୁତି ଦେଇ ସେମାନଙ୍କ ସ୍ୱରକୁ ଚପାଇବା କ'ଣ ଅମୃତ କାଳ ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି।




ଗାଜିଆବାଦ ସୀମାରେ କୃଷକଙ୍କ ପ୍ରବେଶ ରୋକିବା ପାଇଁ ଦିଲ୍ଲୀ ପୋଲିସର ବ୍ୟାରିକେଡ୍। (ଫଟୋ: ଚମନ ଗୌତମ)

## ଇସ୍ତଫା ଦେଲେ ହଙ୍ଗେରୀ ରାଷ୍ଟ୍ରପତି



କାଟାଲିନ୍ ନୋଭାକ୍

**ବୁଡାପେଷ୍ଟ,୧୧।୨**

ହଙ୍ଗେରୀରେ ଏକ ଶିଶୁ ଯୌନ ନିର୍ଯାତନା ମାମଲାରେ ଦୋଷୀସାବ୍ୟସ୍ତ ଜଣେ ବ୍ୟକ୍ତିଙ୍କୁ ରାଷ୍ଟ୍ରପତି କାଟାଲିନ୍ ନୋଭାକ୍ କ୍ଷମା ପ୍ରଦାନ କରିବାରୁ ଏହାକୁ ନେଇ ସପ୍ତାହେ ହେଲା ଦେଶବ୍ୟାପୀ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ରାଷ୍ଟ୍ରପତିଙ୍କ ଏଭଳି ନିଷ୍ପତ୍ତି ଦୀର୍ଘଦିନ ଶାସନ କରୁଥିବା ଜାତୀୟତାବାଦୀ ସରକାର ପାଇଁ ଏକ ଅଭୂତପୂର୍ବ ରାଜନୈତିକ ଦୁର୍ନୀତି ବୋଲି ପ୍ରଚାର ହୋଇଥିଲା। ଶେଷରେ ୪୬ ବର୍ଷୀୟ ନୋଭାକ୍ ଶନିବାର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଛନ୍ତି। ୨୦୨୨ରୁ କ୍ଷମତାରେ ଥିବା ନୋଭାକ୍ ଇସ୍ତଫା ଦେବା ନେଇ ଟେଲିଭିଜନ ବାର୍ତ୍ତାରେ ଘୋଷଣା କରିଛନ୍ତି। ଅପରାଧୀ ଜଣକ ସରକାରୀ ଶିଶୁ ଗୃହର ଅନେକ ପିଲାଙ୍କୁ ଯୌନ ନିର୍ଯାତନା ଦେଇଥିବାବେଳେ ଗତବର୍ଷ ଏପ୍ରିଲରେ ରାଷ୍ଟ୍ରପତି ତାଙ୍କୁ କ୍ଷମା ଦେଇଥିଲେ। ଏହା ତାଙ୍କର ଭୁଲ୍ ନିଷ୍ପତ୍ତି ଥିଲା ବୋଲି ନୋଭାକ୍ ଶନିବାର କହିଛନ୍ତି।

**ଶିଶୁ ଯୌନ ନିର୍ଯାତନାକାରୀଙ୍କୁ କ୍ଷମା ମାମଲା**

# ପାକ୍‌ରେ ମେଣ୍ଟ ସରକାର ପାଇଁ ଉଦ୍ୟମ



ନୱାଜ ଶରିଫ୍



ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ

**ଇସ୍‌ଲାମାବାଦ/ ଲାହୋର,୧୧।୨(ପି.ଟି.)**

ପାକିସ୍ତାନ ସାଧାରଣ ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ନ ମିଳି ଝୁଲା ପାର୍ଲାମେଣ୍ଟ ହୋଇଛି। ଫଳରେ ମେଣ୍ଟ ସରକାର ଗଢ଼ିବା ପାଇଁ ୩ ପ୍ରମୁଖ ଦଳ ରବିବାର ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥିତ ପ୍ରାର୍ଥୀମାନେ ସର୍ବାଧିକ ୧୦୧ ଆସନରେ ଜିତିଥିଲେ ମଧ୍ୟ ଇମ୍ରାନ୍‌ଙ୍କୁ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ଷଡ଼ଯନ୍ତ୍ର ଚାଲିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ଦଳର ଅଧ୍ୟକ୍ଷ ନୱାଜ ଶରିଫ୍‌ଙ୍କ ପଛରେ ସୈନ୍ୟବାହିନୀର ସମର୍ଥନ ରହିଥିବାବେଳେ ମିଳିତ ସରକାର ଗଢ଼ିବା ପାଇଁ ସେନା ମୁଖ୍ୟ ଜେନେରାଲ ଅସିମ୍ ମୁନିର୍ ଶନିବାର ଆହ୍ୱାନ ଦେଇଥିଲେ। ମେଣ୍ଟ ସରକାର ଗଢ଼ିବା ପାଇଁ ପିଏମ୍‌ଏଲ୍-ଏନ୍ ଉଦ୍ୟମ ଚଳାଇଥିବାବେଳେ ରବିବାର ଲାହୋରଠାରେ ଏହାର ନେତାମାନେ ଏମ୍‌କ୍ୟୁଏମ୍-ପି ନେତାଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ନୀତିଗତ ଭାବେ ଏକାଠି କାମ କରିବାକୁ ସହମତ ହୋଇଥିବା ଜଣାପଡ଼ିଛି। ପିଏମ୍‌ଏଲ୍-ଏନ୍ ନେତା ଶୋହବାଜ ଶରିଫ୍ ଶୁକ୍ରବାର ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଏବଂ ଶନିବାର ଅସିଫ୍ ଅଲି ଜର୍ଦ୍ଦାରୀଙ୍କ ସହ ଆଲୋଚନା କରିଥିଲେ। ସମର୍ଥନ ବଦଳରେ ପିପିପି ନେତା ପ୍ରଧାନମନ୍ତ୍ରୀ ପଦ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ମାଗିଥିବା ଶେହବାଜ ତାଙ୍କ ଦଳୀୟ ନେତାମାନଙ୍କୁ କହିଛନ୍ତି। ତେବେ ପିଏମ୍‌ଏଲ୍-ଏନ୍ ପ୍ରଧାନମନ୍ତ୍ରୀ ପଦ ପିପିପିକୁ ଦେବା ପାଇଁ ରାଜି ନୁହେଁ। ପିପିପି ସହ ବୁଝାମଣା ବିଫଳ ହେଲେ ପିଏମ୍‌ଏଲ୍-ଏନ୍ ଅନ୍ୟ ଦଳ ମାନଙ୍କୁ ନେଇ ସରକାର ଗଢ଼ିପାରେ। ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ଶେହବାଜଙ୍କୁ ପ୍ରଧାନମନ୍ତ୍ରୀ ଏବଂ ନୱାଜଙ୍କ ଝିଅ ମାର୍ୟମ ଶରିଫଙ୍କୁ ପଞ୍ଜାବ ମୁଖ୍ୟମନ୍ତ୍ରୀ କରିବା ନେଇ ଆଲୋଚନା ହେଉଛି। ଅନ୍ୟପକ୍ଷରେ ପିପିପିର ସମର୍ଥନ ବିନା କେହି କେନ୍ଦ୍ର, ପଞ୍ଜାବ କିମ୍ବା ବେଲୁଚିସ୍ତାନରେ ସରକାର ଗଢ଼ିପାରିବେ ନାହିଁ ବୋଲି ବିଲାୱଲ କହିଛନ୍ତି।

ଗତ ଗୁରୁବାର ପାକ୍ ନ୍ୟାଶନାଲ ଆସେମ୍ବ୍ଲି ପାଇଁ ମତଦାନ ହୋଇଥିବାବେଳେ ଫଳାଫଳ ଘୋଷଣାରେ ବିଳମ୍ବ ହେଉଥିବାରୁ ଏଥିରେ ଜାଲିଆତି ହେବା ନେଇ ବିଭିନ୍ନ ଦଳ ଅଭିଯୋଗ କରିବା ସହ ରାସ୍ତାକୁ ଓହ୍ଲାଇଥିଲେ। ରାଗିଂ ଅଭିଯୋଗ ମଧ୍ୟରେ ନିର୍ବାଚନ କମିଶନ ଭୋଟ ହୋଇଥିବା ୨୬୫ ଆସନ ମଧ୍ୟରୁ ୨୬୪ ଆସନରେ ଫଳାଫଳ ରବିବାର ପ୍ରକାଶ କରିଛନ୍ତି। ଜାଲିଆତି ଅଭିଯୋଗକୁ ନେଇ ଗୋଟିଏ ଆସନର ଫଳାଫଳ ଘୋଷଣା ହୋଇନାହିଁ। ୨୬୪ ଆସନରୁ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ୧୦୧ ଆସନ ଜିତିଥିବାବେଳେ ପିଏମ୍‌ଏଲ୍-ଏନ୍‌କୁ ୭୫ ଏବଂ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)କୁ ୫୪ ଆସନ ମିଳିଛି।

### ଆନ୍ଦୋଳନମୁହାଁ ଇମ୍ରାନ୍‌ଙ୍କ ଦଳ

ମତଦାନରେ ଜାଲିଆତି ହୋଇଥିବା ଅଭିଯୋଗ କରି ଦେଶବ୍ୟାପୀ ରିଟର୍ଣ୍ଣିଂ ଅଫିସରମାନଙ୍କ ବିରୋଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପାଇଁ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ବାରିଷ୍ଟର ଗୋହର ଅଲି ଖାନ୍ ରବିବାର ଆହ୍ୱାନ ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଉପରେ ପାକିସ୍ତାନ ଜନସାଧାରଣ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଥିବା ସେ କହିଛନ୍ତି। ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସତ୍ତ୍ୱେ ପିଟିଆଇ ସପକ୍ଷରେ ସ୍ପଷ୍ଟ ଓ ସ୍ୱଚ୍ଛ ଜନାଦେଶ ଯାଇଛି। ରିଟର୍ଣ୍ଣିଂ ଅଫିସରମାନେ ଜନାଦେଶକୁ ପ୍ରଭାବିତ କରିବା ପାଇଁ ଫଳାଫଳରେ ଜାଲିଆତି କରିବାକୁ ଉଦ୍ୟମ କରିଥିବାରୁ ଏହାକୁ ଗୋହର ନିନ୍ଦା କରିଛନ୍ତି।



୨ ଦିନର ବିରତି ପରେ ଛତିଶଗଡ଼ର ରାୟଗଡ଼ରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ପୁନଃ ଆରମ୍ଭ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ଅଙ୍ଗ ପ୍ରତିରୋପଣରେ ଲିଙ୍ଗଗତ ଅସମାନତା

**ନୂଆଦିଲ୍ଲୀ, ୧୧।୨**

୧୯୯୫ରୁ ୨୦୨୧ ମଧ୍ୟରେ ସମସ୍ତ ଜୀବିତ ଓ ମୃତ ଅଙ୍ଗଦାତା ମାନଙ୍କର ଅଙ୍ଗ ପ୍ରତିରୋପଣ ପୁରୁଷଙ୍କ ଉପରେ ଅଧିକ ହୋଇଛି। ଏହି ସମୟ ମଧ୍ୟରେ ସମୁଦାୟ ୩୬,୬୪୦ ଥର ଅଙ୍ଗ ପ୍ରତିରୋପଣ ହୋଇଥିବାବେଳେ ଏଥିମଧ୍ୟରୁ ପୁରୁଷଙ୍କ ଉପରେ ୨୯,୬୯୫ ଥର ଅଙ୍ଗ ପ୍ରତିରୋପଣ ହୋଇଥିବାବେଳେ ମହିଳାଙ୍କ ଉପରେ ୬,୯୪୫ ଥର ହୋଇଛି। ଶୁକ୍ରବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଉଥିବା ସମୟରେ ଏହି ତଥ୍ୟ ରଖିଛନ୍ତି ସ୍ୱାସ୍ଥ୍ୟ ରାଜ୍ୟ ମନ୍ତ୍ରୀ ଏସ୍. ପି. ସିଂ ବଘେଲ। ତେବେ ଦେଶରେ ଅଙ୍ଗ ପ୍ରତିରୋପଣ ଦ୍ୱାରା ଧୀରେଧୀରେ ଅଧିକ ମହିଳା ମଧ୍ୟ ଲାଭବାନ ହେଉଥିବା ସେ ସୂଚନା ଦେଇଥିଲେ। ଅଙ୍ଗ ପ୍ରତିରୋପଣ ଦ୍ୱାରା ଲାଭବାନ ହେଉଥିବା ମହିଳାଙ୍କ ଭାଗ ୨୦୧୯ରେ ୨୭.୬ରୁ ବଢ଼ି ୨୦୨୨ରେ ୩୦ ପ୍ରତିଶତରେ ପହଞ୍ଚିଛି। ସେହିପରି ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ରହିଥିବା ଲିଙ୍ଗଗତ ଅସମାନତାକୁ ଦୂର କରିବାକୁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଥିଲେ।

# ଇସ୍ରାଏଲ୍ ସହ ଶାନ୍ତି ଚୁକ୍ତି ସ୍ଥଗିତ ରଖିବାକୁ ଇଜିପ୍ଟର ଚେତାବନୀ

**ରାଫାହ,୧୧।୨**

ଗାଜାର ଦକ୍ଷିଣ ଭାଗରେ ଥିବା ଜନବହୁଳ ରାଫାହ ସହରରେ ଇସ୍ରାଏଲ୍ ସୈନ୍ୟ ପ୍ରବେଶ କରି ଯଦି ସ୍ଥଳଯୁଦ୍ଧ ଆରମ୍ଭ କରନ୍ତି, ତେବେ ବିପର୍ଯ୍ୟୟ ଓ ଭୟାବହ ପରିଣାମ ସୃଷ୍ଟି ହେବ ବୋଲି ଏହାର ପଡୋଶୀ ତଥା ମୁଖ୍ୟ ମଧ୍ୟସ୍ଥ ଇଜିପ୍ଟ ଚେତାବନୀ ଦେଇଛି। ଇସ୍ରାଏଲ୍ ସହ ଶାନ୍ତି ଚୁକ୍ତି ସ୍ଥଗିତ ରଖିବାକୁ ଇଜିପ୍ଟ କହିଛି। ରାଫାହରେ ଯୁଦ୍ଧ ହେଲେ ଗାଜାକୁ ସହାୟତା ପଠାଇବାର ମୁଖ୍ୟ ଯୋଗାଣ ରାସ୍ତା ବନ୍ଦ ହୋଇଯିବ ବୋଲି ଇଜିପ୍ଟର ଦୁଇଜଣ ଅଧିକାରୀଙ୍କ ସମେତ ପାଶ୍ଚାତ୍ୟ ଦେଶର ଜଣେ କୂଟନୀତିଜ୍ଞ ରବିବାର କହିଛନ୍ତି। ହମାସ୍ ଆତଙ୍କବାଦୀଙ୍କ ବିରୋଧରେ ୪ ମାସ ଧରି ଚାଲିଥିବା ଯୁଦ୍ଧ ସମାପ୍ତ କରିବାକୁ ହେଲେ ରାଫାହକୁ ସେନା ପଠାଇବା ଜରୁରୀ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିବା ପରେ ଇଜିପ୍ଟ କ୍ୟାମ୍ପ୍ ଡାଭିଡ୍ ଆକୋର୍ଡ ସ୍ଥଗିତ ରଖିବାକୁ କହିଛି। ଅର୍ଦ୍ଧଶତାବ୍ଦୀ ଧରି ଆଞ୍ଚଳିକ ସ୍ଥିରତା ବଜାୟ ରଖିବାରେ ଉକ୍ତ ଚୁକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି।

ଗାଜାର ବିଭିନ୍ନ ଅଞ୍ଚଳରେ ଇସ୍ରାଏଲ୍ ଆକ୍ରମଣରୁ ବର୍ତ୍ତିବା ଲାଗି ସେଠାର ୨୩ ଲକ୍ଷ ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ରାଫାହ ପଳାଇଆସି ଆଶ୍ରୟ ନେଇଛନ୍ତି। ଏହି ସୀମାନ୍ତ ସହରରେ ଅସ୍ଥାୟୀ ଶିବିର ଏବଂ ଜାତିସଂଘ ଆଶ୍ରୟ ସ୍ଥଳରେ ଭର୍ତ୍ତି ହୋଇଯାଇଛି। ଏହି ଲକ୍ଷ ଲକ୍ଷ ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ନିଜ ଅଞ୍ଚଳକୁ ଫେରିବା ଲାଗି ହୁଏତ ଆଉ ଅନୁମତି ମିଳି ନ ପାରେ ବୋଲି ଇଜିପ୍ଟ ଆଶଙ୍କା ବ୍ୟକ୍ତ କରିଛି। ଗାଜାରେ ମାନବୀୟ ସଙ୍କଟ ସୃଷ୍ଟି ହୋଇଥିବାବେଳେ ରାଫାହରେ ସ୍ଥଳଯୁଦ୍ଧ ପରିସ୍ଥିତିକୁ ଆହୁରି ଖରାପ କରିବ ବୋଲି ସହାୟତା ପ୍ରଦାନକାରୀ ସଂଗଠନଗୁଡ଼ିକ ସତର୍କ କରାଇବା ପରେ ଆମେରିକାର ଦୁଇ ଘନିଷ୍ଠ ସହଯୋଗୀ ଇସ୍ରାଏଲ୍ ଏବଂ ଇଜିପ୍ଟ ମୁହାଁମୁହିଁ ହୋଇଛନ୍ତି।

# ଏ ବର୍ଷ ଭଲ ମୌସୁମୀ ବର୍ଷା ହୋଇପାରେ

### ଦୁର୍ବଳ ହେଉଛି ଏଲ୍ ନିନୋ ସ୍ଥିତି

**ନୂଆଦିଲ୍ଲୀ,୧୧।୨(ପି.ଟି.)**



୨୦୨୩ରେ ପ୍ରବଳ ଗ୍ରୀଷ୍ମପ୍ରବାହ ପରେ ଆସନ୍ତା ଜୁନ୍ ସୁଦ୍ଧା ଏଲ୍ ନିନୋ ସ୍ଥିତି ଦୁର୍ବଳ ହେବାକୁ ଥିବାରୁ ଚଳିତବର୍ଷ ଭଲ ମୌସୁମୀ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି। ପ୍ରଶାନ୍ତ ମହାସାଗରର ବିଷୁବ ମଣ୍ଡଳୀୟ ଅଞ୍ଚଳକୁ ଉତ୍ତପ୍ତ କରୁଥିବା ଏଲ୍ ନିନୋ ସାରା ବିଶ୍ୱର ପାଣିପାଗକୁ ପ୍ରଭାବିତ କରିଥାଏ। ତେବେ ଏହା ଦୁର୍ବଳ ହେବା ଆରମ୍ଭ କରିଛି ବୋଲି ଗତ ସପ୍ତାହରେ ବିଶ୍ୱର ଦୁଇଟି ଜଳବାୟୁ ସଂସ୍ଥା ଘୋଷଣା କରିଥିଲେ। ଏଥିସହିତ ଅଗଷ୍ଟ ସୁଦ୍ଧା ଲା ନିନା ସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଲା ନିନା ସ୍ଥିତି ଦେଖାଦେବାକୁ ଥିବାରୁ ଗତବର୍ଷ ତୁଳନାରେ ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି। ଏଥିସହିତ ସେମାନେ 'ସ୍ପ୍ରିଙ୍ଗ ପ୍ରେଡିକ୍ଟେବିଲିଟି ବାରିଅର' ନେଇ ସତର୍କ କରାଇଛନ୍ତି, ଯାହା ପାଣିପାଗ ସମ୍ପର୍କରେ ଠିକ୍ ପୂର୍ବାନୁମାନ କରିବାରେ ଅନ୍ତରାୟ ସୃଷ୍ଟି କରିଥାଏ।

ଭୂବିଜ୍ଞାନ ମନ୍ତ୍ରଣାଳୟର ପୂର୍ବତନ ସଚିବ ମାଧବନ ରାଜୀବନଙ୍କ କହିବା ଅନୁଯାୟୀ, ଜୁନ୍-ଜୁଲାଇ ବେଳକୁ ଲା ନିନା ସୃଷ୍ଟି ହେବାର ଭଲ ସମ୍ଭାବନା ରହିଛି। ଏପରିକି ଏଲ୍ ନିନୋ ନିଷ୍କ୍ରିୟ ସ୍ଥିତିକୁ ପରିବର୍ତ୍ତନ ଜାରି ରହିଲେ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମୌସୁମୀ ଭଲ ରହିବ ବୋଲି ସେ କହିଛନ୍ତି। ଭାରତରେ ବାର୍ଷିକ ବୃଷ୍ଟିପାତର ୭୦ ପ୍ରତିଶତ ଦକ୍ଷିଣ-ପଶ୍ଚିମ ମୌସୁମୀରୁ ମିଳିଥାଏ, ଯାହା କି ଦେଶର କୃଷି କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତର ଜିଡିପିକୁ କୃଷି କ୍ଷେତ୍ରର ଅବଦାନ ୧୪ ପ୍ରତିଶତ ହୋଇଥିବାବେଳେ ଏଥିରେ ଜନସଂଖ୍ୟାର ଅଧାରୁ ଅଧିକ ନିୟୋଜିତ ହୋଇଥାନ୍ତି। ଏପ୍ରିଲ-ଜୁନ୍ ସୁଦ୍ଧା ଏଲ୍ ନିନୋ ଇଏନ୍‌ଏସ୍‌ଓ-ନିଷ୍କ୍ରିୟତାରେ ପହଞ୍ଚିବାର ୭୯ ପ୍ରତିଶତ ସମ୍ଭାବନା ରହିଛି ବୋଲି ଜାତିସଂଘର ନ୍ୟାଶନାଲ ଓସନିକ୍ ଆଣ୍ଡ ଆଟ୍‌ମୋସ୍ଫିୟରିକ୍ ଆଡମିନିଷ୍ଟ୍ରେଶନ (ଏନ୍‌ଓଏଏ) ଗତ ସପ୍ତାହରେ କହିଥିଲା। ସେହିପରି ଜୁନ୍-ଅଗଷ୍ଟ ବେଳକୁ ଲା ନିନୋ ବିକଶିତ ହେବାର ୫୫ ପ୍ରତିଶତ ସମ୍ଭାବନା ଥିବା କୁହାଯାଇଥିଲା। ଏଲ୍-ନିନୋ ଦୁର୍ବଳ ହେବା ଆରମ୍ଭ ହୋଇଛି ବୋଲି ୟୁରୋପୀୟ ସଂଘର କୋପରନିକସ୍ କ୍ଲାଇମେଟ୍ ଚେଞ୍ଜ୍ ସର୍ଭିସ୍ (ସି୩ଏସ୍) ସ୍ପଷ୍ଟ କରିଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ପାଣିପାଗ ସ୍ଥିତି ନେଇ କିଛି ନିଶ୍ଚିତ କରାଯାଇପାରିବ ନାହିଁ। ତେବେ ଏଲ୍ ନିନୋ ଶେଷ ହେବା ନେଇ ସମସ୍ତ ମଡେଲ୍‌ରୁ ସୂଚନା ମିଳୁଛି ବୋଲି ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଡି. ଶିବାନନ୍ଦ ପାଇ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେ ଖରଚା, କର ଚରଚା, ନେ ପାରଚା,**
**ଅଇଲେରେ ବାବା, ଅମିନ ବଚା।**

ଅମିନ ଜମି ମପାମପି କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଅମିନ ପିଛା କିଛି ଖର୍ଚ୍ଚାପାଣି କରି ନିଜକୁ ସୁହେଇଲା ଭଳି ଜମି ମପାମପି କରାଇନେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିନ ଦିନକର ସୁଆଗ କଥା;**
**ଝୁରି ମରିବାକୁ କଲା ବିଧାତା।**

ଖୁବ୍ ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ତା' କଥା ଭାବିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ଆତ୍ମୀୟସ୍ୱଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ସେମାନେ ଅଳ୍ପ ଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ବାହୁଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କେନ୍ଦୁପତ୍ରରୁ ରାଜସ୍ୱ ଆଦାୟ ସରକାରଙ୍କ ଲକ୍ଷ୍ୟ ନୁହେଁ: ପାଣ୍ଡିଆନ

ଭୁବନେଶ୍ୱର/ସମ୍ବଲପୁର,୧୧।୨
(ସୁନିତ୍ ମିଶ୍ର/ପ୍ରମୋଦ ବହିଦାର)



ଚାରମାଲ ସମାବେଶରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

କେନ୍ଦୁପତ୍ରରୁ ରାଜସ୍ୱ ଆଦାୟ ବା ସେଥିରୁ ଲାଭ କରିବା ସରକାରଙ୍କ ଲକ୍ଷ୍ୟ ନୁହେଁ। କେନ୍ଦୁପତ୍ର ତୋଳାଳି ଓ କେନ୍ଦୁପତ୍ରକୁ ଜୀବନ ଜୀବିକା କରିଥିବା ଲୋକଙ୍କ କଲ୍ୟାଣ ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରାଥମିକତା। ସମ୍ବଲପୁର ଚାରମାଲରେ କେନ୍ଦୁପତ୍ର ତୋଳାଳି ବନ୍ଧାଳି ଓ କର୍ମଚାରୀଙ୍କ ଲାଗି ମୁଖ୍ୟମନ୍ତ୍ରୀ ବଡ଼ ଘୋଷଣା କରିବା ପରେ ସରକାରଙ୍କ ଆଭିମୁଖ୍ୟକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସ୍ପଷ୍ଟ କରିଛନ୍ତି।

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଲ ହାଇସ୍କୁଲ ପଡ଼ିଆରେ ରବିବାର କେନ୍ଦୁପତ୍ର କର୍ମଚାରୀ ସଂଘର ଆୟୋଜିତ ସମାବେଶରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କେନ୍ଦୁପତ୍ରରୁ ମିଳୁଥିବା ଲାଭକୁ ସରକାରଙ୍କ ରାଜସ୍ୱ ଭାବି ଯୋଜନା କରୁଥିଲେ। ନିର୍ବାଚନ ଆସିଲେ କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଖାଲି ପ୍ରତିଶ୍ରୁତି ଦେଉଥିଲେ ସିନା ତାହା କେବେହେଲେ କାର୍ଯ୍ୟକାରୀ କରୁ ନ ଥିଲେ। ତେବେ ନବୀନ ସରକାର କେନ୍ଦୁପତ୍ରକୁ କେବେ ଲାଭ ବୋଲି ବିଚାର କରିନାହାନ୍ତି। ଉଦାହରଣ ହେଉଛି କେନ୍ଦୁପତ୍ରରୁ ଯେତିକି ଲାଭ ମିଳୁଛି ବା ଆୟ ହେଉଛି ତା'ଠୁ କାହିଁ କେତେଗୁଣା ଅଧିକ ଅର୍ଥ କେନ୍ଦୁପତ୍ର ଉପରେ ନିର୍ଭର କରୁଥିବା ଲୋକଙ୍କ କଲ୍ୟାଣ ଲାଗି ବଜେଟରେ ବରାଦ କରାଯାଉଛି। ଏହି ରାଜସ୍ୱ ଗରିବ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଅଛି। ଜଙ୍ଗଲକୁ ଯାଇ ଖଟି, ପରିଶ୍ରମ କରୁଥିବା କେନ୍ଦୁପତ୍ର ତୋଳାଳିଙ୍କୁ ସମସ୍ତ ଲାଭ ମିଳିବ। କେନ୍ଦୁପତ୍ର ତୋଳାଳି ୨୦୧୩-୧୪ ଆର୍ଥିକ ବର୍ଷରୁ ବୋନସ ପାଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ କେନ୍ଦୁପତ୍ର ତୋଳାଳିଙ୍କ ଯତ୍ନ ନେଇ ଆସିଛନ୍ତି। ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କଥା କମ୍ କାମ ବେଶି କରନ୍ତି। ପଦମପୁର ଉପନିର୍ବାଚନରେ ମୁଖ୍ୟମନ୍ତ୍ରୀ ୨ଟି କଥା କହିଥିଲେ, ତାହା ଆଜି ପୂରଣ କରିଛନ୍ତି। କେନ୍ଦୁପତ୍ର ଉପରେ ଥିବା ଜିଏସ୍‌ଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଭାଗ ଉଚ୍ଛେଦ କରିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ଝିଅଙ୍କ ବିବାହ ଲାଗି ମଧ୍ୟ ସହାୟତା ଯୋଜନା ଜାରି ରଖିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଏବେ କେନ୍ଦୁପତ୍ର ତୋଳାଳିଙ୍କୁ ୨ ଗୁଣା ବୋନସ ମିଳିବ। ପୂର୍ବରୁ ମିଳୁଥିବା ୨୫% ବୋନସକୁ ୫୦%କୁ ବୃଦ୍ଧି କରାଯାଇଛି। ଏଥିରୁ ରାଜ୍ୟର ୮ ଲକ୍ଷ ୫୦ ହଜାର କେନ୍ଦୁପତ୍ର ତୋଳାଳି ଉପକୃତ ହେବେ। ଏଥିପାଇଁ ସରକାର ୯୮ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିପରି କେନ୍ଦୁପତ୍ର ବନ୍ଧାଳି ଓ ଋତୁକାଳୀନ ଶ୍ରମିକଙ୍କ ଇନସେଣ୍ଟିଭ ୨ଗୁଣା ଅର୍ଥାତ ୫ରୁ ୧୦%କୁ ବୃଦ୍ଧି କରାଯାଇଛି। ଏଥିଲାଗି ସରକାର ୧୧ କୋଟି ଟଙ୍କା ଖର୍ଚ୍ଚ କରିବେ। ରାଜ୍ୟରେ ଥିବା ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ ଏଥିରୁ ଉପକୃତ ହେବେ। ସେହିପରି ଋତୁକାଳୀନ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେଇଛନ୍ତି। ହେଡ ଚେକରଙ୍କ ମାସିକ ଦରମା ୨୨,୬୩୧ରୁ ୨୪, ୪୨୦କୁ ବୃଦ୍ଧି ପାଇଛି। ମହଙ୍ଗା ଭତ୍ତା ୪ଶହ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି ପାଇଛି। ସର୍କଲ ଚେକରଙ୍କ ଦରମା ୧୭, ୭୪୦ରୁ ୨୧ ହଜାରରୁ ଅଧିକ ହୋଇଛି। ଡିଏ ୩୦୦ ରୁ ୪୫୦କୁ ବୃଦ୍ଧି ପାଇଛି। ସେହିପରି ବନ୍ଧାଳି ଚେକରଙ୍କ ଦରମା ୧୪, ୮୦୦ ଟଙ୍କାରୁ ୧୭, ୬୮୦କୁ ବୃଦ୍ଧି ପାଇଛି। ଡିଏ ୨ଶହରୁ ୩ଶହ ଟଙ୍କାକୁ ବୃଦ୍ଧି ପାଇଛି। ମୁନସିଙ୍କ ଦରମା ୧୨, ୪୨୦ରୁ ୧୫ , ୨୧୫ ଟଙ୍କାକୁ ବୃଦ୍ଧି ପାଇଛି। ମୁନସି-୨ଙ୍କ ଦରମା ୯, ୮୫୦ରୁ ୧୨, ୩୮୫ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାସହ ସମ୍ବଲପୁର ଚାରମାଲ ଗସ୍ତ ଅବସରରେ ଧର୍ମାନୁଷ୍ଠାନ ଏବଂ କମ୍ୟୁନିଟି ସେଣ୍ଟର ଦାବି ନେଇ ଆସନ୍ତା ୧୦ ଦିନରେ ଖୁସି ଖବର ମିଳିବ ବୋଲି ପାଣ୍ଡିଆନ କହିଛନ୍ତି। ଖୁବଶୀଘ୍ର ଜିଲାରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେବ। ମହିଳାମାନଙ୍କ ସହ ଛାତ୍ରୀଛାତ୍ର ଏହି ବସରେ ୫ ଟଙ୍କା ଦେଇ ବ୍ଲକ ମୁଖ୍ୟାଳୟ ସହ ନିଜ ଶିକ୍ଷାନୁଷ୍ଠାନକୁ ଯାଇପାରିବେ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସାତକଡ଼ି ହୋତାଙ୍କ ...

ତଲୁ ହୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ସେ ଖାଇବା ଛାଡ଼ିଦେଇଥିଲେ। ରବିବାର ସକାଳେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଅପରାହ୍ଣ ୧୨ଟା ୨୫ ମିନିଟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଓ ଦୁଇ ଝିଅଙ୍କ ସମେତ ଅନ୍ୟ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ହୋତାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ମୟୂରଭଞ୍ଜ ଜିଲା ଜଗନ୍ନାଥଖୁଣ୍ଟା ଗ୍ରାମରେ ୧୯୨୯ ମସିହା ଅକ୍ଟୋବର ୨୯ରେ ସ୍ୱର୍ଗତ ହୋତା ଜନ୍ମଗ୍ରହଣ କରିଥିଲେ। ବାରିପଦାରେ ସ୍କୁଲ ପାଠପଢ଼ା ଶେଷ କରିବା ପରେ ପୁରୀ ଓ କଟକରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ୧୯୫୨ରେ ଓଏଏସ୍ ପାଇବା ପରେ ରାଜ୍ୟ ସରକାରଙ୍କ ଅଧୀନରେ କମର୍ସିଆଲ ଟ୍ୟାକ୍ସ ଅଫିସର ଭାବେ ନିଯୁକ୍ତି ପାଇଥିଲେ। ୧୯୫୪ରେ ସିଭିଲ ସର୍ଭିସ ପାଇବା ପରେ ଭାରତୀୟ ରେଲୱେରେ ଚାକିରି ଜୀବନ ଆରମ୍ଭ କରିଥିଲେ। ସ୍ୱର୍ଗତ ହୋତା ଗଳ୍ପ, ଉପନ୍ୟାସ, କବିତା, ଅନୁବାଦ ଆଦି ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଲେଖନୀ ଚାଳନା କରିଥିଲେ। କବିତାରୁ ସେ ନିଜ ସାହିତ୍ୟ ସର୍ଜନା ଆରମ୍ଭ କରିଥିଲେ। ଗଳ୍ପ ସଙ୍କଳନ, ପ୍ରବନ୍ଧ ସଙ୍କଳନ, ଉପନ୍ୟାସ ଓ ଅନୁବାଦ କ୍ଷେତ୍ରରେ ପ୍ରାୟ ୬୭ଟି ପୁସ୍ତକ ସେ ରଚନା କରିଛନ୍ତି। ୧୯୬୭ରେ ତାଙ୍କର ପ୍ରଥମ ଉପନ୍ୟାସ 'ବ୍ୟାକୁଳ ହୃଦୟ' ପ୍ରକାଶ ପାଇଥିଲା। ୧୯୮୭ରେ ଉପନ୍ୟାସ 'ଅଶାନ୍ତ ଅରଣ୍ୟ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ମଧ୍ୟ ଥିଲେ। 'ମୁକ୍ତିମନ୍ତ୍ର' ଓ 'ଜନନୀ ଜନ୍ମଭୂମି' ଗଳ୍ପ ସଙ୍କଳନ ପାଇଁ ୨୦୦୪ରେ ସେ ସମ୍ମାନଜନକ ଶାରଳା ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ସାହିତ୍ୟ ଭାରତୀ ସମ୍ମାନ ଓ ଉତ୍କଳ ସାହିତ୍ୟ ସମାଜ ଉପନ୍ୟାସ ସମ୍ମାନ ଭଳି ଅନେକ ସମ୍ମାନ ଏବଂ ପୁରସ୍କାର ପାଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ତାଙ୍କ ସହଧର୍ମିଣୀ ଗୀତା ହୋତାଙ୍କର ପରଲୋକ ଘଟିଥିଲା। ହୋତାଙ୍କ ପରଲୋକରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ସାରସ୍ୱତ ସାଧକ ହୋତାଙ୍କ ପରଲୋକରେ ଗଭୀର ଶୋକ ବ୍ୟକ୍ତ କରି ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟ ସଜନଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଜଣେ ପ୍ରତିଷ୍ଠିତ ତଥା ଖ୍ୟାତିସମ୍ପନ୍ନ ସାହିତ୍ୟିକ ଭାବେ ସାତକଡ଼ି ହୋତାଙ୍କ ସୁନାମ ରହିଥିଲା। ଅନେକ ଉଚ୍ଚକୋଟୀର ଗଳ୍ପ, ଉପନ୍ୟାସ, କବିତା ଓ ଅନୁବାଦ ସାହିତ୍ୟ ରଚନା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତରେ ସେ ତାଙ୍କର ଅମଳିନ ସ୍ମୃତି ଛାଡ଼ି ଯାଇଛନ୍ତି। ଏଥିସହିତ ଜଣେ ଦକ୍ଷ ସଂଗଠକ ଓ ସାମ୍ବାଦିକ ଭାବରେ ମଧ୍ୟ ତାଙ୍କର ସୁନାମ ରହିଥିଲା। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଡ. ହୋତାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଓ ବଳିଷ୍ଠ କରିବାରେ ସେ ନିଜ ଜୀବନକୁ ସମର୍ପି ଦେଇଥିଲେ। ଆତ୍ମପ୍ରଚାର ନୁହେଁ ବରଂ ସମୂହ ଉନ୍ନତି ଉପରେ ସେ ଧ୍ୟାନ ଦେଉଥିଲେ। ତାଙ୍କ ବିୟୋଗରେ ଆମେ ଓଡ଼ିଆ ଭାଷା ସାହିତ୍ୟର ଜଣେ ଅଗ୍ରଣୀ ସ୍ରଷ୍ଟାଙ୍କୁ ହରାଇଲେ। ସେ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

### କେନ୍ଦୁପତ୍ର ତୋଳାଳିଙ୍କୁ ...

ସେମାନଙ୍କ ଟି.ଏ. ଓ ସାଇକେଲ ଆଲାଉନ୍ସରେ ୫୦% ବୃଦ୍ଧି କରାଯାଇଛି। କେନ୍ଦୁପତ୍ର ତୋଳାଳିମାନେ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିବେ। ପୂର୍ବରୁ ଏହି ବୟସ ସୀମା ୬୦ ବର୍ଷ ଥିଲା। ଘୋଷଣା ଅନୁଯାୟୀ ଆଗାମୀ ଏପ୍ରିଲରୁ ଆରମ୍ଭ ହେଉଥିବା ନୂଆ ଫସଲ ଋତୁରେ କେନ୍ଦୁପତ୍ର ତୋଳାଳି ପରିବାରକୁ ୨ଟି ଝିଅ ବାହାଘର ପାଇଁ ସହାୟତା ମିଳିବ। ପ୍ରତ୍ୟେକ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ତାଙ୍କ ସମ୍ବଲପୁର ଜିଲା ଗସ୍ତ ଅବସରରେ ରେଢ଼ାଖୋଲ ସଭାରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ପର୍କିତ ଭିଡିଓ ମେସେଜ ବଜାଇ ଶୁଣାଇଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦୁପତ୍ର ହିତାଧିକାରୀଙ୍କ ମଧ୍ୟରୁ ଶତକଡ଼ା ୮୦ ଭାଗ ମହିଳା ଏବଂ ୯୫%ରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ମୁଖ୍ୟତଃ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗର। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହିସବୁ ପଦକ୍ଷେପ ଦ୍ୱାରା ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀ ଉପକାର ପାଇବେ ଏବଂ ରାଜ୍ୟ ସରକାର ଏଥିପାଇଁ ୧୫୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବେ।

### ୨ ଦୁର୍ଘଟଣାରେ ୭ ମୃତ...

ମ୍ୟାଜିକ୍ ୧୩ଜଣ ଯାତ୍ରୀଙ୍କୁ ପଞ୍ଚଗାଁରୁ ଧରି ବେଲପାହାଡ଼ ଅଭିମୁଖେ ଆସୁଥିଲା। ଲଖନପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଓଡି୨୩ଏନ-୩୧୫୬ ନଂ. ବିଶିଷ୍ଟ ୧୮ଚକିଆ ଟ୍ରକ୍ ଟାଟା ମ୍ୟାଜିକ୍‌କୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭୁବନେଶ୍ୱର, ଉର୍ମିଳା, ଉମା ଓ ଥଣ୍ଡାରମଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଗୁରୁତର ୯ଜଣଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ସେଠାରେ କଳ୍ପନାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ୮ଜଣଙ୍କ ମଧ୍ୟରୁ ଜଣଙ୍କୁ ବୁର୍ଲା ଓ ଅନ୍ୟଜଣଙ୍କୁ ବରଗଡ଼ର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଲଖନପୁର ଥାନାରେ ଏକ ମାମଲା (ନଂ.୪୪/୨୪) ରୁଜୁ କରିବା ସହ ଦୁଇ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

ସେହିପରି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଡୋକ୍ରିପଡ଼ା ଓ ଚିଲଗାଁ ମଧ୍ୟରେ ରବିବାର ଅପରାହ୍ଣରେ ଏକ ପିକଅପ୍ ଭ୍ୟାନ ଓଲଟି ପଡ଼ିଛି। ଏଥିରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩୬ ଜଣ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ମିଚାଗାଁ ନୂଆପଡ଼ାର ମୋହନ ବିଶ୍ୱାଳ (୫୦) ଓ ମଞ୍ଜୁଲତା ବିଶ୍ୱାଳ (୨୩)। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ, ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭବାନୀପାଟଣା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜିଲାର ଜୁନାଗଡ଼ ବ୍ଲକ ଆଡିଗାଁ ବଂଶୀବଟପଡ଼ା, ବିଶାଳପଡ଼ା ଓ ମିଚାଗାଁ ନୂଆପଡ଼ାର ପ୍ରାୟ ୬୦ଜଣ ଶ୍ରମିକ ନିକଟସ୍ଥ ଗୋଲାମୁଣ୍ଡା ବ୍ଲକ ବୋରଗୁଡ଼ାକୁ ଧାନ ରୋଇବା ପାଇଁ ଯାଇଥିଲେ। ସେମାନେ କାର୍ଯ୍ୟ ସାରି ଅପରାହ୍ଣ ପ୍ରାୟ ୫ଟାରେ ଏକ ପିକ୍‌ଅପ୍ ଭ୍ୟାନ ନଂ. ଓଡି ୦୮କେ-୪୧୭୫ରେ ଫେରୁଥିଲେ। ବାଟରେ ଡୋକ୍ରିପଡ଼ା ଓ ଚିଲଗାଁ ମଧ୍ୟରେ ପିକ୍‌ଅପ୍ ଭ୍ୟାନ ହଠାତ୍ ଓଲଟି ପଡିଥିଲା। ଫଳରେ ଏଥିରେ ବସିଥିବା ଶ୍ରମିକମାନେ ଏଣେତେଣେ ରାସ୍ତା କଡ଼କୁ ଛିଟିକି ପଡି ଗୁରୁତର ହୋଇଥିଲେ। ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ୧୪ ଓ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ ଗୁରୁତର ଚିକିତ୍ସିତ ହେଉଥିଲେ। ଉଭୟ ଡାକ୍ତରଖାନାରୁ ୨୩ ଜଣ ଗୁରୁତର ଶ୍ରମିକଙ୍କୁ ରାତିରେ ଭବାନୀପାଟଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ପିକ୍‌ଅପ୍ ଭ୍ୟାନ ଦ୍ରୁତ ଗତିରେ ଆସୁଥିବାବେଳେ ହଠାତ୍ ରାସ୍ତା ଖରାପ ଯୋଗୁ ଚାଳକ ବ୍ରେକ୍ ଦେବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। କଳାହାଣ୍ଡି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବାକୁ ଘୋଷଣା କରିଛନ୍ତି। ଏହା ସହ ଆହତମାନଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୧୩ ଆଞ୍ଚଳିକ ଭାଷାରେ..

ଦ୍ୱାରା ପରିଚାଳିତ କନଷ୍ଟେବଲ୍ ଜିଡି ପରୀକ୍ଷା ହେଉଛି ଦେଶର ଲକ୍ଷାଧିକ ଯୁବକଙ୍କୁ ଆକୃଷ୍ଟ କରୁଥିବା ଏକ ପ୍ରମୁଖ ପରୀକ୍ଷା। ତେଣୁ ହିନ୍ଦୀ ଓ ଇଂଲିଶ ବ୍ୟତୀତ ଉପରୋକ୍ତ ୧୩ଟି ଆଞ୍ଚଳିକ ଭାଷାରେ ପରୀକ୍ଷା ଆୟୋଜନ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ କର୍ମଚାରୀ ଚୟନ ଆୟୋଗ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ସେହି ଅନୁଯାୟୀ ଇଂଲିଶ ଓ ହିନ୍ଦୀ ବ୍ୟତୀତ ଅନ୍ୟ ୧୩ଟି ଆଞ୍ଚଳିକ ଭାଷାରେ କନଷ୍ଟେବଲ (ଜିଡି) ପରୀକ୍ଷା- ୨୦୨୪ ଆୟୋଜନ ପାଇଁ ଏସ୍‌ଏସ୍‌ସି ବିଜ୍ଞପ୍ତି ଜାରି କରିଛି। ଏହି ନିଷ୍ପତ୍ତି ଫଳରେ ଲକ୍ଷାଧିକ ଯୁବକ ନିଜ ମାତୃଭାଷା/ଆଞ୍ଚଳିକ ଭାଷାରେ ପରୀକ୍ଷାରେ ଅଂଶଗ୍ରହଣ କରିବା ସହ ସେମାନଙ୍କ ଚୟନ ସମ୍ଭାବନାରେ ଉନ୍ନତି ଆଣିବେ। ଫଳରେ ସମଗ୍ର ଦେଶରେ ପ୍ରାର୍ଥୀଙ୍କ ମଧ୍ୟରେ ଏହି ପରୀକ୍ଷାର ପହଞ୍ଚ ବୃଦ୍ଧି ପାଇବ ଏବଂ ସମସ୍ତଙ୍କୁ ରୋଜଗାର ପାଇଁ ସମାନ ସୁଯୋଗ ମିଳିବ।

### ଗୁଣି ସନ୍ଦେହ: ସ୍ତ୍ରୀ ଆଗରେ ...

ଟଣାଓଟରା କରିଥିଲେ। ଗୁରୁବାରିଆ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଟାଣି ନେଇ ଦାଣ୍ଡରେ ପ୍ରବଳ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ଶ୍ରୀମତି କହିଛନ୍ତି। ଏପରିକି ସେ ସମୟରେ ତାଙ୍କୁ ମଧ୍ୟ କେତେଜଣ ଯୁବତୀ ଆକ୍ରମଣ କରିଥିଲେ ବୋଲି ସେ କହିଛନ୍ତି। ଦାଣ୍ଡରେ ସ୍ୱାମୀଙ୍କୁ ମାଡ଼ହେବା ଦେଖି ଶ୍ରୀମତି ତାଙ୍କର ୭ ଝିଅଙ୍କୁ ଧରି ଭୟରେ ଜଙ୍ଗଲ ରାସ୍ତାରେ ତିତିରିସିଙ୍ଗି ଗ୍ରାମକୁ ପଳାଇଥିଲେ। ରବିବାର ସକାଳେ ଗଣମାଧ୍ୟମକୁ ସେ ଏହି ବିଷୟ ଜଣାଇଛନ୍ତି। ତେବେ ଗୁରୁବାରିଆ ଝଡ଼ାଫୁଙ୍କା କରୁଥିବା ଯୋଗୁଁ ଗାଁରେ କାହାକୁ ରୋଗ ହେଲେ ସେ ଗୁଣିଗାରେଡ଼ି କରୁଥିବା ଅଭିଯୋଗ ହେଉଥିଲା। ସେଥିପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଖାଡ଼ାବାନ୍ଧିରେ ଗୁରୁବାରିଆଙ୍କ ମୃତ୍ୟୁ ଘଟିଛି ବୋଲି ଗ୍ରାମର କେତେଜଣ ପ୍ରକାଶ କରିଛନ୍ତି।

# ଥାନାରେ ଅଟକ ଯୁବକ ଗଳା କାଟିଦେଲେ

ବାରିପଦା,୧୧।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନାରେ ଅଟକ ଥିବା ଜଣେ ଯୁବକ ରବିବାର ପୂର୍ବାହ୍ଣରେ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଥିପାଇଁ ଯୁବକଙ୍କ ପରିବାର ଲୋକେ ପୋଲିସକୁ ଦାୟୀ କରୁଥିବା ବେଳେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଶନିବାର ରାତିରେ ଏକ ରଙ୍ଗ ଦୋକାନରୁ ଚୋରି କରିଥିବା ଅଭିଯୋଗରେ ବାରିପଦା ପୌର ପରିଷଦ ୧୯ନଂ. ୱାର୍ଡ ବଢେଇସାହିର ରିଙ୍କୁ ଜେନା(୨୩)ଙ୍କୁ ନେଇ ପୋଲିସ ଥାନାରେ ଅଟକ ରଖିଥିଲା। ମା' ଲକ୍ଷ୍ମୀ ଥାନାକୁ ଯାଇ ପୁଅଠାରୁ ଘଟଣା ସମ୍ପର୍କରେ ବୁଝିଥିଲେ। ନିଶାଗ୍ରସ୍ତ ଅବସ୍ଥାରେ ରଙ୍ଗ ଦୋକାନ ବାରଣ୍ଡାରେ ଶୋଇ ପଡ଼ିଥିବାରୁ ଚୋର ଭାବି ତାଙ୍କ ପୁଅକୁ ଉଠାଇ

**ଡାକ୍ତରଖାନା ପରିସରରେ ଉତ୍ତେଜନା**

ନିଆଯାଇଥିବା ସେ ପୋଲିସକୁ କହିଥିଲେ। ପୁଅ ନିର୍ଦ୍ଦୋଷ ଓ ତାଙ୍କୁ ଛାଡ଼ିଦେବାକୁ ଲକ୍ଷ୍ମୀ ପୋଲିସକୁ ନେହୁରା ହୋଇଥିଲେ। ପୋଲିସକୁ ମା' କାହିଁକି ଗୁହାରି କରୁଛନ୍ତି ବୋଲି ଭାବି ଥାନା ମଧ୍ୟରେ ପଡ଼ି ରହିଥିବା ଏକ ଧାରୁଆ ଅସ୍ତ୍ରରେ ରିଙ୍କୁ ନିଜ ବେକକୁ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବା ଦେଖି ପୋଲିସ ତୁରନ୍ତ ତାଙ୍କୁ ନିକଟସ୍ଥ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲା। ଖବରପାଇ ଅଞ୍ଚଳର ଲୋକେ ଡାକ୍ତରଖାନାରେ ପହଞ୍ଚି ପୋଲିସ ଜାଣିଶୁଣି ଏଭଳି କାଣ୍ଡ ଭିଆଇଛି ବୋଲି କହି ପାଟିତୁଣ୍ଡ କରିଥିଲେ। ମିଥ୍ୟା ଅଭିଯୋଗରେ ପୋଲିସ ଏପରି ନିର୍ଯାତନା ଦେଉଥିବା ପରିବାର ଲୋକେ ସୋସିଆଲ ମିଡିଆ ମାଧ୍ୟମରେ



ରିଙ୍କୁ ଜେନା

ପ୍ରକାଶ କରିଛନ୍ତି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା।

ଏ ସମ୍ପର୍କରେ ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ରିଙ୍କୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବାବେଳେ ସେ ଭଲ ଭାବେ କଥାବାର୍ତ୍ତା କରିପାରୁଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ମା' ତାଙ୍କୁ ଛୋଟରୁ ବଡ଼ କରିଛନ୍ତି। ସେ କାହିଁକି ପୋଲିସର ଗୋଡ଼ ଧରିବେ ବୋଲି ରିଙ୍କୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ପଞ୍ଚଭୂତରେ ଲୀନହେଲେ ସୁଜ୍ଞାନ ଦେଓ

ଖଲ୍ଲିକୋଟ,୧୧।୨
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ରାଣୀ ତଥା ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓଙ୍କ ପାର୍ଥିବ ଶରୀର ରବିବାର ରାଜବାଟୀ ଶ୍ମଶାନରେ ପଞ୍ଚଭୂତରେ ଲୀନ ହୋଇଯାଇଛି। ହିନ୍ଦୁ ରାଜକୀୟ ରୀତିନୀତିରେ ତାଙ୍କୁ ଅନ୍ତିମ ବିଦାୟ ଜଣାଇଛନ୍ତି ଶତାଧିକ ପ୍ରଶଂସକ, ଶୁଭେଚ୍ଛୁ। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ରାଣୀ ମା'ଙ୍କୁ ବିଦାୟ ଦିଆଯାଉଥିବା

**ରାଜବାଟୀ ଶ୍ମଶାନରେ ଦିଆଗଲା ଗାର୍ଡ ଅଫ୍ ଅନର**

ବେଳେ ଶୋକାକୁଳ ହୋଇପଡ଼ିଥିଲା ପୂରା ଅଞ୍ଚଳ। କିଏ ନିଜର ପ୍ରିୟ ରାଣୀ ମା'ଙ୍କୁ ତ ଆଉ କିଏ ନିଜର ନେତାଙ୍କୁ ହରାଇ ମ୍ରିୟମାଣ ହୋଇପଡ଼ିଥିଲେ।

ଶନିବାର ରାତିରେ ଖଲ୍ଲିକୋଟ ନିର୍ମଳଝର ବାସଭବନରେ ତାଙ୍କ ମରଶରୀର ପହଞ୍ଚିଥିଲା। ରାଣୀ ମା'ଙ୍କୁ ଦେଖିବା ପାଇଁ ରବିବାର ତାଙ୍କ ବାସଭବନ ଲୋକାରଣ୍ୟ ହୋଇଯାଇଥିଲା। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପଞ୍ଚାନନ କାନୁନ୍‌ଗୋ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଆସିକା ଏମପି ପ୍ରମିଳା ବିଶୋଇ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନା, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, କୋଦଳା ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ହର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ସେଠୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଏସ୍‌ପି ଜଗଦୀଶ ମୀନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଧ୍ୟାହ୍ନରେ ପାର୍ଥିବ ଶରୀରକୁ ପ୍ରଥମେ ଖଲ୍ଲିକୋଟ ରାଜବାଟୀକୁ ନିଆଯାଇଥିଲା। ପରେ ଶ୍ମଶାନ ଘାଟକୁ ନିଆଯାଇଥିଲା। ସେଠାରେ ଗାର୍ଡ ଅଫ ଅନର ଦିଆଯାଇଥିଲା। ଖଲ୍ଲିକୋଟ ଜଗନ୍ନାଥ ମନ୍ଦିରରୁ ରୋଷ ନିଆଁ ଅଣାଯିବା ପରେ ରାଜପରିବାରର କୌଣସି ଦାୟାଦ ନ ଥିବାରୁ ଶ୍ୟାମସୁନ୍ଦରପୁର ବ୍ରାହ୍ମଣ ଶାସନର ଯୁବକ କରେଶ ଆଚାର୍ଯ୍ୟ ରାଣୀମା'ଙ୍କୁ ମୁଖାଗ୍ନି ଦେଇଥିଲେ। ମାଡ୍ରାସରୁ ନିଜ ଦୁଇ ଭଉଣୀ, ଜଣେ ଭାଇ ଏବଂ ଉତ୍ତରାଧିକାରୀ କରିଥିବା ପୁତୁରା ଡା.ସାକେତ ରାମାରାଓ ଓ ପରିବାର ଲୋକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ରାଣୀମା'ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



ଖଲ୍ଲିକୋଟ ରାଣୀଙ୍କୁ ଶ୍ୟାମସୁନ୍ଦରପୁର ବ୍ରାହ୍ମଣ ଶାସନର ଯୁବକ କରେଶ ଆଚାର୍ଯ୍ୟ ମୁଖାଗ୍ନି ଦେଉଛନ୍ତି।

**କିନ୍ନର ସଂଘର କମ୍ୟୁନିଟି ହଲ୍ ଉଦ୍‌ଘାଟନ**

ନର୍ଲା/ଛତିକୁଡ଼ା,(ସନ୍ତୋଷ ପାତ୍ର/ଦୀପକ ସାହୁ): କଳାହାଣ୍ଡି ଜିଲା ନର୍ଲା ବ୍ଲକ ସର୍ଗିଗୁଡା ପଞ୍ଚାୟତର ବେହେରାପାଟିଠାରେ ନର୍ଲା ସେବାକାରୀ କିନ୍ନରମାନଙ୍କ ପାଇଁ ଏକ କମ୍ୟୁନିଟି ହଲ୍ ଉଦ୍‌ଘାଟିତ ହୋଇଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଗୋଛାୟତ, ସର୍ଗିଗୁଡ଼ା ଗ୍ରାମପଞ୍ଚାୟତର ସମିତିସଭ୍ୟ ଚିରଞ୍ଜିବୀ ଗୌଡ଼ିଆ ପ୍ରମୁଖ ଯୋଗ ଦେଇଥିଲେ। କିନ୍ନରମାନଙ୍କୁ ଭିନ୍ନ ଦୃଷ୍ଟିରେ ନ ଦେଖି ସରକାରଙ୍କ ସହିତ ସମାଜର ସମସ୍ତେ ସହଯୋଗର ହାତ ବଢାଇଲେ ସେମାନେ ଆହୁରି ଦୁଇ ପାଦ ଆଗକୁ ଯାଇପାରିବେ ବୋଲି ମତବ୍ୟକ୍ତ କରିଛନ୍ତି।

**ସଂକ୍ଷେପରେ**

## କୋକସରା ବ୍ଲକ ବିଜେଡି ସଭାପତି ନିଯୁକ୍ତ

କୋକସରା,୧୧।୨(ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲାର ୧୩ଟି ବ୍ଲକ ଓ ୪ ସହରାଞ୍ଚଳରେ ବିଜେଡି ସଭାପତି ନିଯୁକ୍ତ ହୋଇଛନ୍ତି। କୋକସରା ବ୍ଲକ ପାଇଁ


ସୁଶାନ୍ତ କୁମାର ବେହେରା

ପୁଣି ଥରେ ସୁଶାନ୍ତ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ବେହେରା ଦୀର୍ଘ ୨୮ବର୍ଷ ଧରି ଜନତା ଦଳ ସମୟରୁ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ଯୁବ ସଭାପତି ଭାବେ ୨ଥର ଓ ବ୍ଲକ ସଭାପତି ଭାବେ ଲଗାତାର ୫ ରହି ସେ ଦଳୀୟ ନେତୃବୃନ୍ଦଙ୍କ ନିକଟରେ ପ୍ରିୟଭାଜନ ହୋଇ ରହିଛନ୍ତି। ପୁଣି ଥରେ କୋକସରା ବ୍ଲକର ଦଳୀୟ ନେତୃତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ମୋଷଧି ବାଗ ଓ ଦଳୀୟ ନେତୃବୃନ୍ଦ ଓ ସହକର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କୋକସରା,୧୧।୨(ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତରେ ସରପଞ୍ଚ ନିରୂପମା ସେଠିଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ବଡପୋଡ଼ାଗୁଡ଼ା ସରପଞ୍ଚ ଯମୁନା ନାଏକ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ପୂର୍ବତନ ସରପଞ୍ଚ ମନୋଜ କୁମାର ନାଏକ, ଗୋକୁଳ ନାଏକ, ପୂର୍ବତନ ସମିତି ସଭ୍ୟା ଶକୁନ୍ତଳା ଚଳାନ ମଞ୍ଚରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୁଗାନ୍ତକାରୀ, ଲୋକାଭିମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ସୂଚିତ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗର ଷ୍ଟଲରେ ଲୋକଙ୍କୁ ରାଜ୍ୟ ସରକାରଙ୍କ ସରକାରୀ ସ୍ତରରେ ରହିଥିବା ଯୋଜନା ବିଷୟରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଘୁମୁରା, ବଜାସାଲ, ଘୁଡୁକା କଳାକାର ଓ ସ୍ଥାନୀୟ କଳାକାରମାନେ ଲୋକକଳା ନୃତ୍ୟ ସମ୍ବଲପୁରୀ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡି କର୍ମୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମ ରୋଜଗାର ସେବକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ବରାଡ଼ଙ୍ଗା ପିଇଓ ଗିରିଶ ଚନ୍ଦ୍ର ନାଏକ ଓ ସମାଜସେବୀ ଚିକେଚନ ସେଠି ପଞ୍ଚାୟତ କର୍ମଚାରୀ ସହଯୋଗ କରିଥିଲେ।

## ଚାଷୀମାନଙ୍କୁ ନେଇ ଜରୁରୀ ବୈଠକ

ଖଡ଼ିଆଲ,୧୧।୨(ସୁଜିତ କୁମାର ପ୍ରଧାନ)

ଅଣଜଳସେଚିତ ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି କୋମନା ଓ ଖଡ଼ିଆଳ ବ୍ଲକର ସାନ ମହେଶ୍ୱର ଗ୍ରାମର ପଞ୍ଚାୟତ ନିକଟରେ ଏକ ବୈଠକ ୧୩ ଗ୍ରାମର ଚାଷୀମାନଙ୍କୁ ନେଇ ହୋଇଥିଲା। ଏଥିରେ କମିଟିର ସ୍ଥାୟୀ ସଭାପତି ଜଗତ ରାମ ଶବର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଅମ୍ବିକା ପ୍ରସାଦ ତ୍ରିବେଦୀ, ପ୍ରଥମ ସରପଞ୍ଚ ସାନ ମହେଶ୍ୱର ଗ୍ରାମ ପଞ୍ଚାୟତ, ଅମରେଶ ପଟ୍ଟନାୟକ ପୂର୍ବତନ ସରପଞ୍ଚ ପେଣ୍ଡରାବନ ଗ୍ରାମ ପଞ୍ଚାୟତ, ବିଦୁର ଶବର ପୂର୍ବତନ ସରପଞ୍ଚ ସାନ ମହେଶ୍ୱର ଗ୍ରାମ ପଞ୍ଚାୟତ ଓ ଡକ୍ଟର ସିଦ୍ଧାର୍ଥ ଶଙ୍କର ମହାପାତ୍ର ମଞ୍ଚାସୀନ ଥିଲେ। ଦୀର୍ଘ ଦିନରୁ ଚାଲିଥିବା ମେଗାଲିଫ୍ଟ ପାଇଁ ଆନ୍ଦୋଳନର ଅଳ୍ପ ଆଶାର ସବୁଜ ସଂକେତ ମୁଖ୍ୟ ଜଳସେଚନ ଯୋଜନା କାର୍ଯ୍ୟାଳୟ ଭୁବନେଶ୍ୱରରୁ ଆଣିଥିବା ଚିଠି ପଢ଼ି ଡକ୍ଟର ମହାପାତ୍ର ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିରେ ଚାନ୍ଦୋପଲା ପ୍ରଜେକ୍ଟ ୧ ଓ ୨ ଜଳ ଯୋଗାଇ ଦେବାକୁ କାର୍ଯ୍ୟାଳୟ ଭୁବନେଶ୍ୱରର ଅନୁମୋଦନ କରାଇ ଥିବାର ସୂଚନା ଅଛି। ଆଗକୁ ନିର୍ବାଚନ ଥିବାରୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ଏହି ବୈଠକ ମାଧ୍ୟମରେ ଜଣାଇଥିଲେ। କାର୍ଯ୍ୟଟି ତ୍ୱରାନ୍ୱିତ ନ ହେଲେ ଆଗକୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ଚାଷୀମାନେ ପ୍ରକାଶ କରିଥିଲେ। ଏହି ସଭାକୁ କୃଷ୍ଣରାଜ ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ଦିଲ୍ଲୀପ ତ୍ରିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡିରେ ଆଖୁର ଅଭାବୀ ବିକ୍ରି

■ନାହିଁ ବଜାର ସୁବିଧା
■ଅର୍ଥକାରୀ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ
■କମ୍ ଦରରେ ଗୁଡ ବିକୁଛନ୍ତି ଚାଷୀ

ଭବାନୀପାଟଣା,୧୧।୨(ଉତ୍ତମ କୁମାର ଦାଶ)

ଏକଦା କଳାହାଣ୍ଡି ଜିଲାର ଏକ ଅର୍ଥକାରୀ ଫସଲ ଭାବରେ ପ୍ରସିଦ୍ଧ ଲାଭ କରିଥିଲା ଆଖୁ। ତେବେ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଏବଂ ଆଖୁର ଅଭାବୀ ବିକ୍ରି ଯୋଗୁ ଏବେ ଏହି ପାରମ୍ପାରିକ ଚାଷ ଲୋପ ପାଇବାକୁ ବସିଛି। ହଜାର ହଜାର ହେକ୍ଟର ଜମିରେ କରାଯାଉଥିବା ଏହି ଅର୍ଥକାରୀ କୃଷି ଏବେ ଧିରେ ଧିରେ କମିବାରେ ଲାଗିଛି। ଜିଲାର ହାତୀ ଓ ତେଲ ନଦୀ କୂଳରେ ଶହଶହ ଏକରରେ କରାଯାଉଥିଲା ଆଖୁଚାଷ। ଅଧିକ ସୁସ୍ୱାଦ ଥିବାରୁ ଏଠାକାର ଆଖୁର ଚାହିଦା ରହିଥିଲା। ଏପରିକି ଛତିଶଗଡକୁ ଏଠାରୁ ଏକ ସମୟରେ ଆଖୁ ଓ ଏଥିରୁ ପ୍ରସ୍ତୁତ ହେଉଥିବା ଗୁଡ, ଉଖୁଡା ରପ୍ତାନୀ ହେଉଥିଲା। ଏଥିରୁ ଚାଷୀ ଲକ୍ଷାଧିକ ଟଙ୍କା ଲାଭ ମଧ୍ୟ ପାଉଥିଲେ। ତେବେ ପରବର୍ତ୍ତୀ ସ୍ଥିତିରେ ଏଠାରେ ଅଧିକ ଆଖୁଚାଷ ହେଉଥିବାରୁ ଜିଲାର ଜୁନାଗଡ ବ୍ଲକ ମଥୁରା ନିକଟରେ ଏକ ଚିନିକଳ ପ୍ରତିଷ୍ଠା ହୋଇଥିଲା। ତେବେ ଉପଯୁକ୍ତ ପରିଚାଳନା ଅଭାବରୁ ଏହି ଚିନିକଳ କିଛି ବର୍ଷ ପରେ ବନ୍ଦ ହୋଇଯାଇଥିଲା। ଚାଷୀମାନଙ୍କ ଉପଯୁକ୍ତ ବଜାର ବ୍ୟବସ୍ଥା ନ ଥିବାରୁ ନିଜ କିଆରିରୁ ନିଜେ ତିଆରି କରିଥିବା ଗୁଡକୁ


ଆଖୁରୁ ଗୁଡ ପ୍ରସ୍ତୁତ କରୁଛନ୍ତି ଚାଷୀ।

ବିକ୍ରି କରିବାକୁ ପଡୁଛି। ଆଉ ଏହି ଗୁଡ ନେବା ପାଇଁ ଏବେ ବିଶେଷ କରି ପଡୋଶୀ ଛତିଶଗଡ ଅଞ୍ଚଳରୁ ବେପାରୀମାନେ ଆସି କେଜି ପିଛା ୬୦ରୁ ୭୫ ଟଙ୍କାରେ କିଣି ସେହି ଗୁଡକୁ ସେମାନେ ୧୨୦ ରୁ ୧୩୦ ଟଙ୍କାରେ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି। ତେବେ ପରିଶ୍ରମ କରି ଗୁଡ ତିଆରି କରିଥିବା ଚାଷୀ କିନ୍ତୁ ତାର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛି। ଗତ ୧୦ବର୍ଷ ହେବ ଉପଯୁକ୍ତ ବଜାର ବ୍ୟବସ୍ଥାର ଅଭାବ ଯୋଗୁ ଏହି ଚାଷ ଜିଲାରେ ବିଲୁପ୍ତ ହେବାକୁ ବସିଲାଣି। ବର୍ତ୍ତମାନର ଖତ ସାରର ମୂଲ୍ୟ ବୃଦ୍ଧି,ଶ୍ରମିକମାନଙ୍କ ମଜୁରି ବୃଦ୍ଧି ସହିତ ଅନ୍ୟାନ ଖର୍ଚ୍ଚ ଯୋଡି ଦେଲେ ଆଉ ହାତକୁ କିଛି ଆସିଲା ଭଳିଆ ଲାଗୁ ନ ଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ଯେଉଁ ଚାଷୀମାନେ ୧୫ ରୁ ୨୦ ଏକରରେ ଏହି ଚାଷ କରୁଥିଲେ ସେମାନେ ଏବେ କେବଳ ପରମ୍ପରା ଚାଷକୁ ବଞ୍ଚାଇବାକୁ ଯାଇ ଗୋଟିଏ ଏକରରେ ପହଞ୍ଚି ଯାଇଛନ୍ତି। ଜିଲାର ଧର୍ମଗଡ, କଲମପୁର, ଜୟପାଟଣା,ଗୋଲାମୁଣ୍ଡା ଓ ଜୁନାଗଡ ବ୍ଲକରେ ଏହି ଚାଷ ଯଥେଷ୍ଟ କମିବାରେ ଲାଗିଛି। ବର୍ତ୍ତମାନ ଚାଷୀମାନେ ପାରମ୍ପାରିକ ଘାନିରେ ବଳଦ ସାହାର୍ଯ୍ୟରେ ଆଖୁ ପେଡି ଏହି ରସକୁ ଗରମ କରି ଏଥିରୁ ଗୁଡ, ଉଖୁଡା ତିଆରି କରି ବଜାରରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ବାହାରର ଗୁଡ ଆମଦାନୀ ଯୋଗୁଁ ଏଠାକାର ଦେଶୀ ଗୁଡର ଚାହିଦା ମଧ୍ୟ କମିବାରେ ଲାଗିଛି। ବର୍ତ୍ତମାନ ଦେଶୀ ଗୁଡ କେଜି ପିଛା ୬୦ରୁ ୬୫ ଟଙ୍କା ରହିଛି। ଅନ୍ୟପକ୍ଷରେ,ଏଠାରେ ଲେଡାଗୁଡ,ଧଳାଗୁଡ,ସରଗୁଡ ଓ ବିଭିନ୍ନ ପ୍ରକାରର ଉଖୁଡା ଆଉ ଦେଖିବାକୁ ମିଳୁନାହିଁ। ତେବେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆ ନ ଗଲେ ଏହି ଚାଷ ଦିନେ ସମ୍ପୂର୍ଣ୍ଣ ଲୋପ ପାଇଯିବ ତାହା ନିଃସନ୍ଦେହ।

## ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ


ଶ୍ରୀଜଗନ୍ନାଥ ମନ୍ଦିରକୁ ପରିଦର୍ଶନ କରୁଛନ୍ତି ଗବେଷକ ସୂର୍ଯ୍ୟନାରାୟଣ ରଥ ଶର୍ମା।

ରୂପ୍ରାରୋଡ, ୧୧।୨(ସଞ୍ଜୀବ ଦାସ)

ନର୍ଲା ବ୍ଲକ ସେରଗଡ ଗ୍ରାମର ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ପରିଦର୍ଶନ କରିଛନ୍ତି ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସୂର୍ଯ୍ୟନାରାୟଣ ରଥ ଶର୍ମା। ଏହି ଭବ୍ୟ ମନ୍ଦିରକୁ ଦର୍ଶନ କରିବା ପରେ ସେ ଖୁସି ବ୍ୟକ୍ତ କରିଛନ୍ତି। ସେରଗଡ଼ ଗ୍ରାମବାସୀ ତଥା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ନବୀକରଣରେ ୧୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମନ୍ଦିର ଓ ଚତୁର୍ଦ୍ଧା ବିଗ୍ରହ ପ୍ରତିଷ୍ଠା ପାଇଁ ଗ୍ରାମବାସୀ ଅପ୍ରେଲ ୧କୁ ଧାର୍ଯ୍ୟ କରିଛନ୍ତି। ଏହି ଦିନ ସୂର୍ଯ୍ୟ ନାରାୟଣ ରଥ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଦିକ ବିଧିବିଧାନ ସହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପରିଚାଳନା କମିଟିର ସଭାପତି ମାଧବ ନାଏକ, ପ୍ରେମଲାଲ ପଣ୍ଡା, ଅଗସ୍ତି ଭୋଇ, ପଞ୍ଚାନନ ଭୋଇ, ଚକ୍ରଧର ଭୋଇ, ବିମଳ ସାହୁ, ଭୁବନେ ମାଝି, ମକାରୁ ମାଝି, ନାରାୟଣ ରଣା, ଗଙ୍ଗାଧର ସାହୁ ପ୍ରମୁଖଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ପ୍ରକାଶ ପାଇଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର


ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ଅତିଥି, ସ୍ଥାନୀୟ ଲୋକେ।

ଲାଞ୍ଜିଗଡ଼,୧୧।୨(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନପୁର ସରପଞ୍ଚ ଲକ୍ଷ୍ମୀ ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମିଶନ ଶକ୍ତି ବିପିଏମ ସଞ୍ଜୀବ କହଁର, ସମ୍ମାନିତ ଅତିଥି ଭାବେ ତ୍ରିଲୋଚନପୁର ସମିତି ସଭ୍ୟା ସୁଦଶା ପଟ୍ଟନାୟକ, ନାଏବ ସରପଞ୍ଚ ତରଣୀ ବାଗ, ସମାଜସେବୀ ହରିଶଙ୍କର ପାତ୍ର, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅବିନାଶ ସିଂ, କୈଳାସ ସାହୁ, ନୀଳେଶ କୁମାର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ତ୍ରିଲୋଚନପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡିକ ଉପରେ ମାର୍ଗଦର୍ଶନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ୍ ବିଭାଗର ଷ୍ଟଲମାନ ଖୋଲା ଯାଇଥିଲା। କାର୍ଯକ୍ରମ ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଶିବିରରେ ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ତାପସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଦବ ସାମ୍ବିଧାନିକ ନିୟମାବଳୀ ସମୀକ୍ଷା ବୈଠକ

ନୂଆପଡ଼ା,୧୧।୨ (ମକାରୁ ବେମାଲ)

କୋମନା ବ୍ଲକ ତରବୋଡ ଆଞ୍ଚଳିକ ଯାଦବ ସମାଜ ଭବନ ଠାରେ ରବିବାର ଯାଦବ ସମ୍ବିଧାନ ନିୟମାବଳୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ସଭାପତି ତାରାଚନ ଥପାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଯାଦବ ସମାଜ ସଭାପତି ଭରତଲାଲ ରାଉତ ମୁଖ୍ୟ ଅତିଥି, ଜିଲା କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ନାଗ, ଉପସଭାପତି ଚଞ୍ଚଳ ଶଗରୀଆ, ପୂର୍ବତନ ଜିଲା ସଭାପତି ହରେରାମ କଠାର, ନୂଆପଡା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଖର୍ସେଲ,ଖଡଆଳ ବ୍ଲକ ସଭାପତି କୀର୍ତ୍ତନ ପୋଡ,ବୋଡେନ ସଭାପତି ରାଜକିଶୋର ହେର୍ଣ୍ଣା,ସିନାପାଲି ସଭାପତି ଲିଙ୍ଗରାଜ ଘିବେଲା,ପବିତ୍ର ପୋଡ, ଜୟନନ୍ଦ ବେମାଲ, ସୁରେଶ ବାଗ, କୁନୁ କରୁଆ ପ୍ରମୁଖ ସମ୍ମାନିତ ଅତିଥି, ଘନଶ୍ୟାମ କରୁଆଁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସମାଜର ମଙ୍ଗଳ କାମନା କରି ଉନ୍ନତି ଉପରେ ଆଲୋକପାତ କରିଥିଲେ। ଭଗତ ହାତି, ଜଗଦୀଶ ହାତି, ପବିତ୍ର ପୋଡ, ତାରାଚନ ଥପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସ ଯାତ୍ରା


କଳସ ଯାତ୍ରା ପାଇଁ ପୂଜା କରାଯାଉଛି।

କୋକସରା,୧୧।୨(ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡ଼ଙ୍ଗରିଗୁଡା ଖେଳପଡ଼ିଆରେ ଶ୍ରୀଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘ ପକ୍ଷରୁ ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଶନିବାର ଅଧିବାସ ଓ ଭବ୍ୟ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଣ୍ଟୁଆ, ମହିଳା ସଂକୀର୍ତ୍ତନ ଦଳ, ରାହାସ ଦଳର ହରିବୋଲ ନାମ ସଂକୀର୍ତ୍ତନରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମୁଟୁରା ନଦୀରୁ ପୂଜାର୍ଚ୍ଚନା ପରେ କଳସ ଯାତ୍ରାରେ ପୂଜାକର୍ତ୍ତା କୃତିବାସ ଶବର ଓ ତୁଳସୀ ଶବର ଯାଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ରବିବାର ସକାଳଠାରୁ ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଶ୍ରୀଶ୍ରୀ ନିତାଇ ସଂକୀର୍ତ୍ତନ କଳାକାର ସଂଘର କର୍ମକର୍ତ୍ତା ରାଜୀବ ଅଗ୍ରୱାଲ, କେତନ ପାତ୍ର, ସୁଶୀଲ ପଣ୍ଡା, ରାଜେଶ କୁମାର ଗୁପ୍ତା, ସୁଦର୍ଶନ ବେହେରା, କୃପାସିନ୍ଧୁ ପାତ୍ର, ଅନିରୁଦ୍ଧ ପାତ୍ର, ପଙ୍କଜ ପୋଡ଼, ମୁକ୍ତେଶ୍ୱର ନାଏକ, ହୃଷିକେଶ ଦାସ, ନିଳାଞ୍ଚଳ ରାଉତ, ହିମାଂଶୁ ରାଉତ ଓ ନିତାଇ ସଂକୀର୍ତ୍ତନ କଳାକାର ସଂଘର ଶତାଧିକ କର୍ମକର୍ତ୍ତା ସମେତ ଟ୍ରାଫିକ ନିୟନ୍ତ୍ରଣରେ କୋକସରା ପୋଲିସ କର୍ମଚାରୀ ଓ ବ୍ଲକ ଡ୍ରାଇଭର ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ମୁଣ୍ଡ ପରାଶର ପରିବାରର ରାଜ୍ୟସ୍ତରୀୟ ମହାସମାବେଶ


ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଉଛି।

ଭବାନୀପାଟଣା,୧୧।୨(ଉତ୍ତମ କୁମାର ଦାଶ)

ସମ୍ପର୍କ, ସଙ୍ଗଠନ ଓ ସମ୍ପୃକ୍ତି ଏକ ସମାଜ ତଥା ରାଷ୍ଟ୍ରର ସଂସ୍କୃତିକୁ ବିଶ୍ୱମୁହାଁ କରିଥାଏ। ବସୁଧୈବ କୁଟୁମ୍ବକମ ନ୍ୟାୟରେ କାର୍ଯ୍ୟକଲେ ସଫଳତା ମିଳେ ବୋଲି ରବିବାର ଭବାନୀପାଟଣା ବ୍ଲକ ରିଷିଗାଁଠାରେ ଆୟୋଜିତ ମୁଣ୍ଡ ପରାଶର ପରିବାର ତରଫରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହାସମାବେଶ ଅବସରରେ ଅତିଥିଗଣ ଏଭଳି ମତପ୍ରକାଶ କରିଥିଲେ। ଡ. ଅଶୋକ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ସୁରେଶ ଚନ୍ଦ୍ର ମୁଣ୍ଡ, ଜଗଦିଶର ମୁଣ୍ଡ, ସନତ କୁମାର ମୁଣ୍ଡ, ଭାରତ ଭୂଷଣ ମୁଣ୍ଡ, ମଳୟ କୁମାର ମୁଣ୍ଡ ଓ ଜଗନ୍ନାଥ ମୁଣ୍ଡ ମଞ୍ଚାସୀନ ହୋଇ 'ଦେଶ, ଜାତି ଓ ସମାଜ ପାଇଁ ସଙ୍ଗଠନର ଭୂମିକା' ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମହର୍ଷି ପରାଶର ଓ ମା' ମାଣିକେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ସହ ଦିବଂଗତ ଆତ୍ମାଙ୍କ ସଦଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ହରିଶ୍ଚନ୍ଦ୍ର ମୁଣ୍ଡଙ୍କ ପରିଚାଳନା ଓ ପ୍ରତାପଚନ୍ଦ୍ର ମୁଣ୍ଡଙ୍କ ଗୀତକୁ ପରାଶର ପରିବାରର ଶିଳ୍ପୀଗଣ ପ୍ରାରମ୍ଭିକ ଗୀତ ଭାବେ ପରିବେଷଣ କରିଥିଲେ। କଳାହାଣ୍ଡି ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ମୁଣ୍ଡ ସମ୍ପାଦକୀୟ ଓ ଅର୍ଥ କମିଟି ମୁଖ୍ୟ ଦୀନବନ୍ଧୁ ମୁଣ୍ଡ ବାର୍ଷିକ ଆୟବ୍ୟୟ ଉପସ୍ଥାପନା କରିଥିଲେ। ପରିବାରର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଗୁରୁଜନ ଓ ସାଙ୍ଗଠନିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ହେମନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ହରିଶ୍ଚନ୍ଦ୍ର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିତେନ୍ଦ୍ର କୁମାର ମୁଣ୍ଡ, ସୁଜଳଦେବ ମୁଣ୍ଡ, ସୁଧୀର ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ମୁଣ୍ଡ ପରାଶର ପରିବାରର କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମୁଣ୍ଡ ପରାଶର ବଂଶାବଳୀ ପ୍ରସ୍ତୁତ ତଥା ସାଙ୍ଗଠନିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପଡୋଶୀ ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଓ ସୋନପୁର ଜିଲାରୁ ୧୦୦୦ ପରିବାରର ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ତେରେସିଂହା କପ୍ ଫୁଟବଲ: ଡଙ୍ଗାପଟା ଚାମ୍ପିୟନ

ରିଷିଡା,୧୧।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଂହା ଗ୍ରାମର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଦୈତାରୀ ମେମୋରିଆଲ ଗେମ୍ସ ଏଣ୍ଡ ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ୨୩ତମ ତେରେସିଂହା କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଲଇତରା ବନାମ ଡଙ୍ଗାପଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟ ଦଳ ୧-୧ ଗୋଲ ସ୍କୋର କରିଥିବାବେଳେ ଟାଇବ୍ରେକର ସହାୟତାରେ ଡଙ୍ଗାପଟା ଦଳ ଚାମ୍ପିୟନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତେରେସିଂହା ପିରବତୀ ମହିଳା କଲେଜର ପ୍ରତିଷ୍ଠାତା ତଥା ସମାଜସେବୀ ମୁରଲୀଧର ରଣା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ସାହୁ, ଡାହିମାଳ ସିଆରସିସି ପ୍ରହଲ୍ଲାଦ ଦଣ୍ଡସେନା, ରିଷିଡା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶସିନୀ ଧରୁଆ, ଅବସରପ୍ରାପ୍ତ ଶିକ୍ଷକ ସୁବିନ୍ଦ୍ର ରଣା, ଶିକ୍ଷକ ନୀଳମଣି ଗହୀର, ସିଆରସିସି ମଧୁସୂଦନ ଧରୁଆ, ସମାଜସେବୀ ଲିପୁନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଭାପତି କିଶୋର ଚନ୍ଦ୍ର ନାଏକ ଓ ସମ୍ପାଦକ ରଶ୍ମି ରଞ୍ଜନ ରଣାଙ୍କ ନେତୃତ୍ୱରେ କମିଟି ସଦସ୍ୟ ତପନ ମାଝି, ବୁଲୁ ରଣା, ଅରୁଣ ରଣା, ସଞ୍ଜୟ ନାଏକ, ଛବିଳ ନାଏକ, ନିର୍ମଳ ରଣା, ଦେବାଶିଷ ନାଏକ, ମୁନା ବେବର୍ତ୍ତା, ସୁଶାନ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ। ମ୍ୟାଚକୁ ଚଞ୍ଚଳ ମାଝି ପରିଚାଳନା କରିଥିଲେ। ବିଶେଶ୍ୱର ପ୍ରଧାନ ଓ ବୁଲୁ ମାଝି ସହଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ, ଭିତ୍ତିପ୍ରସ୍ତର ସ୍ଥାପନ

ନୂଆପଡ଼ା,୧୧।୨(ମକାରୁ ବେମାଲ)

ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦ୍ୱାରା ରବିବାର ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ଢୋଲକିଆ ସ୍ୱତନ୍ତ୍ର ହେଲିକପ୍ଟରରେ ଭୁବନେଶ୍ୱରରୁ ଆସି ସଦର ବ୍ଲକ କୁଲିଆବନ୍ଧା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅବତରଣ କରିଥିଲେ। ସେଠାରେ ସମବେତ ଜନତା ତାଙ୍କୁ ସ୍ୱାଗତ ଜଣାଇଥିଲେ। ନୂଆପଡ଼ାରୁ କୁଲିଆବନ୍ଧା ରାସ୍ତାର ପ୍ରଶସ୍ତୀକରଣ, ମିନି ଷ୍ଟାଡିୟମ, ଗ୍ରାମୀଣ ହାଟ, ଅମୃତ ସରୋବର ପୋଖରୀର ପୁନଃ ଉଦ୍ଧାର, ପାଣ୍ଡେ ସମାଜର କମ୍ୟୁନିଟି ହଲ ନିର୍ମାଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ସେଠାରୁ ସଦର ବ୍ଲକ ଆମାନାରା ମିନି ଷ୍ଟାଡିୟମରେ ବାଳିକା ବାଳକ ପେଭିଲିଅନ ଶିଳାନ୍ୟାସ କରିବା ସହ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ସେଠାରୁ ମନ୍ତ୍ରୀ ତରବୋଡ ଖେଳ ପଡିଆରେ ଅବତରଣ କରି ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମର ଶିଳାନ୍ୟାସ କରି ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ ୧୭ତମ ନିୟୁଅର କପ କ୍ରିକେଟ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚନ କରିଥିଲେ। ଅପରାହ୍ନରେ ଖରିଆର ରୋଡ ମିନି ଷ୍ଟାଡିୟମରେ ଆୟୋଜିତ ମାଳି ମୋରାର ପଟେଲ ସମାଜର ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ। ଏହି ସମୟରେ ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସଦର ବିଡିଓ ବିପିନ ବିହାରୀ ଦୀପ, ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନା, ସମିତି ସଭ୍ୟ ନୂତନ ନାଏକ, ସରପଞ୍ଚ ଚମ୍ପାବାଇ ଠାକୁର, ସମିତି ସଭ୍ୟ ସଂଘ ନୀଳକମଳ ଚନ୍ଦ୍ରକାର, ଜୟ ଢୋଲକିଆ, ସନ୍ଦେଶ ଢୋଲକିଆ, ଧନିରାମ ସାହୁ, ଚନ୍ଦ୍ରକାନ୍ତ ସିଂ ଠାକୁର, କମଳ ସିଂ ଠାକୁର, ଦିଲୀପ ସିହ୍ନା, ରବି ବାଗ, ଟେକରାମ ସାହୁ, ଗଦାଧର ଗହିର, ବ୍ରହ୍ମାନନ୍ଦ ସୁନାନୀ, ଶ୍ୟାମସୁନ୍ଦର ପୃଷ୍ଟି, ଯୁଗଳ ସାହୁ ପ୍ରମୁଖ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କରାଯାଉଛି।

## ସଂକ୍ଷେପରେ

### ଭେଡେନ ରାମଲୀଳା ମହୋତ୍ସବ ଉଦ୍‌ଯାପିତ

**ଭେଡେନ,୧୧।୨(ସୁଦନ ମହାକୁର):** ବରଗଡ଼ ଜିଲା ଭେଡେନଠାରେ ୧୦ଦିନ ଧରି ଚାଲିଥିବା ଅଖଣ୍ଡ ଶ୍ରୀହରି ନବରାତ୍ର ନାମଯଜ୍ଞ ତଥା ରାମଲୀଳା ମହୋତ୍ସବ ରବିବାର ବିଳମ୍ବିତ ରାତିରେ ରାବଣ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସ ନାଟ୍ୟାଭିନୟରେ ଇନ୍ଦ୍ରଜିତ ନିଧନ ଖବର ପାଇ ମର୍ମାହତ ରାବଣ ପାତାଳପୁରର ରାଜା ମହିରାବଣକୁ ସ୍ମରଣ କରିଛି। ମାୟାବୀ ମହିରାବଣ ରାମଲକ୍ଷ୍ମଣଙ୍କୁ ବଧ କରିବାକୁ ଯୁଦ୍ଧଭୂମିକୁ ଯାଇଛି । ମାତ୍ର ବିଭିଷଣଙ୍କ ସେନା ଛାଉଣୀକୁ ଦେଖି ମାୟା ରଚନା କରିଛି। ବିଭିଷଣ ରୂପ ନେଇ ରାମ ଲକ୍ଷ୍ମଣଙ୍କୁ ଅପହରଣ କରି ନେଇଛି। ହନୁମାନ ପାତାଳପୁରୀକୁ ଯାଇ ମହୀରାବଣକୁ ବଧ କରି ରାମ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଛନ୍ତି। ପରେ ରାମ ରାବଣ ଯୁଦ୍ଧରେ ରାମ ରାବଣଙ୍କୁ ବଧ କରିଛନ୍ତି। ପରେ ବିଭିଷଣ ଲଙ୍କାରେ ରାଜା ହୋଇଛନ୍ତି ଏବଂ ସୀତାଙ୍କୁ ଧରି ରାମ ଲକ୍ଷ୍ମଣ ଅଯୋଧ୍ୟା ଫେରିବା ଦୃଶ୍ୟ ଆଦି ଅଭିନୀତ ହୋଇଥିଲା। ସେହିପରି ବାବା ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଚାଲିଥିବା ଅଖଣ୍ଡ ଶ୍ରୀହରି ନବରାତ୍ର ନାମଯଜ୍ଞ ଶେଷ ହୋଇଛି। ବରଗଡ଼ ଜିରା ନଦୀକୂଳ ଆଶ୍ରମର ମହନ୍ତ ଭଗବାନ ଦାଶଙ୍କ ତତ୍ତ୍ୱାବଧାନରେ ଏହି ନାମଯଜ୍ଞର ଉଦଯାପନୀ ହୋଇଥିଲା। ପଣ୍ଡିତ ବିଶ୍ୱମ୍ଭର ପାଣିଗ୍ରାହୀ, ମାଧବ ମହାପାତ୍ର, ଉଦ୍ଧବ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିବିରରେ ୬୯୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ପାଇକମାଳ,୧୧।୨(ବଡ ଶତପଥି):** ବରଗଡ ଜିଲା ପାଇକମାଳ ନୃସିଂହନାଥ ଧର୍ମଶାଳାଠାରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁରଲୀକ୍ରିଷ୍ଣା ଫାଉଣ୍ଡେସନ ପକ୍ଷରୁ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୬୯୦ଜଣ ରୋଗୀଙ୍କୁ ବିଭିନ୍ନ ବିଭାଗର ୬ଜଣ ବିଶେଷଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୩୫ ଜଣ ଚକ୍ଷୁ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଛି। ଏହି ଶିବିରକୁ ଫାଉଣ୍ଡେସନର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ଉଦ୍‌ଘାଟନ କରିଥିଲେ। ପରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲାୟନ୍ସ କ୍ଲବର ସଭାପତି ଗୋବରଦ୍ଧନ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ. ମୁରଲୀ କ୍ରିଷ୍ଣା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଡ. ସଙ୍କେତ ମିଶ୍ର, ଡ. ରାଜୀବଲୋଚନ ପଟ୍ଟନାୟକ, ଜନାର୍ଦ୍ଦନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଇକମାଳ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ସଭା ପରିଚାଳନା କରିଥିଲେ। ବିନ୍ଧ୍ୟବାସିନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ଲାୟନ୍ସ କ୍ଲବ ସଦସ୍ୟ ସୁନ୍ଦରମଣି ନାୟକ, ନନ୍ଦଲାଲ ନାୟକ, ନିକେତନ ବେହେରା, କିଶୋର ବାରିକ, ମହମ୍ମଦ ଇଜାଜ ପ୍ରମୁଖ ସହଯୋଗ କରିଥିଲେ।

# ସଙ୍ଗଠିତ ହେଲେ ଓକିଲ ସଂଘ ସମୂହ

- ବରଗଡ଼ରେ ଓକିଲଙ୍କ ସମାବେଶ
- ଏକତା, ଅଖଣ୍ଡତା ଉପରେ ଗୁରୁତ୍ୱ
- ମାର୍ଚ୍ଚ ମାସରେ ପରବର୍ତ୍ତୀ ବୈଠକ

**ବରଗଡ଼,୧୧।୨(ପ୍ରେମାନନ୍ଦ ଖମାରୀ)**



ସମାବେଶରେ ଆବାହକ ବକ୍ତବ୍ୟ ରଖୁଛନ୍ତି ।


ସମାବେଶରେ ସମବେତ ଓକିଲବୃନ୍ଦ ।

ପଶ୍ଚିମ ଓଡ଼ିଶା ଓକିଲ ସମୂହଙ୍କ ଏକତା, ଅଖଣ୍ଡତା ତଥା ସାମୂହିକ କଲ୍ୟାଣ ଓ ସ୍ୱାଭିମାନ ରକ୍ଷା ପାଇଁ ବରଗଡ଼ ଜିଲାର ସମସ୍ତ ଓକିଲ ସଂଘ ସମୂହଙ୍କ ଆହ୍ୱାନକ୍ରମେ ତଥା ବରଗଡ଼ ଜିଲା ଓକିଲ ସଂଘ ଆବାହକତ୍ୱରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୨୫ଓକିଲ ସଂଘକୁ ନେଇ ଶନିବାର ବରଗଡ଼ ଜିଲା ଓକିଲ ସଂଘ ସେମିନାର କକ୍ଷରେ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଓକିଲ ସଂଘ ସଭାପତି ତଥା ଜିଲା ଓକିଲ ସଂଘର ଆବାହକ ଭୀଷ୍ମଦେବ ସରାଫଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ପଦ୍ମପୁର ଓକିଲ ସଂଘର ସଭାପତି ସନ୍ତୋଷ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସୁନିଲ ପ୍ରଧାନ ଏବଂ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାପତି ତଥା ଆବାହକ ସରାଫ ସମାବେଶର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଦେବଗଡ଼ ବାର୍ ଆସୋସିଏଶନ ସଭାପତି ମନୋଜ ପାଢ଼ୀ, ଝାରସୁଗୁଡ଼ା ବାର୍ ଆସୋସିଏଶନ ଉପସଭାପତି ଅମିୟ ପାଣିଗ୍ରାହୀ, ସୁନ୍ଦରଗଡ଼ ବାର୍ ଆସୋସିଏଶନ ସଭାପତି କମଳ ସେନ୍, ବିନିକା ବାର୍ ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ଦାଶ, ରାମପୁର ବାର୍ ଆସୋସିଏଶନ ସମ୍ପାଦକ କୃଷ୍ଣଚନ୍ଦ୍ର ବର୍ଗର୍ତ୍ତୀ, ପଦ୍ମପୁର ବାର୍ ଆସୋସିଏଶନ ସଭାପତି ସନ୍ତୋଷ ଶତପଥୀ, ପାଇକମାଳ ବାର୍ ଆସୋସିଏଶନ ସଭାପତି ରାମରତନ ପୁରୋହିତ, ବରଗଡ଼ ଜିଲା ଓକିଲ ସଂଘର ସମ୍ପାଦକ ଉତ୍ତର ସାହୁ ପ୍ରମୁଖ ଓକିଲମାନଙ୍କ ମର୍ଯ୍ୟାଦା, ସମ୍ମାନକୁ ଅବକ୍ଷୟମୁଖୀ କରାଯାଉଥିବା ଉପରେ ଆଲୋକପାତ କରିଥିଲେ। ଏହା ସହିତ ଓକିଲମାନଙ୍କ ଏକତା ତଥା ସାମୂହିକ କଲ୍ୟାଣ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ବରଗଡ଼ ଜିଲା ଓକିଲ ସଂଘ ଉପସଭାପତି ସୁଶିଲ କୁମାର ସଭାପତି ସମାବେଶ ସଂଯୋଜନା କରିଥିବାବେଳେ ବରିଷ୍ଠ ଆଡ଼ଭୋକେଟ୍ ରାଜେନ୍ଦ୍ର ପ୍ରସାଦ ସିଂ, ଯୁଗ୍ମ ସମ୍ପାଦକ ଶୁକଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସମାବେଶରେ ବିଭିନ୍ନ ପ୍ରସ୍ତାବ ନିଆଯାଇଥିଲା। ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ଏକ କମିଟି ଗଠନ କରାଯାଇଥିଲା ଏବଂ ଏଥିରେ ବରଗଡ଼ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କୁ ଆବାହକ ଭାବେ ମନୋନୀତ କରାଯାଇଥିଲା। ସେହିପରି ସୁନ୍ଦରଗଡ଼ ଜିଲା ଓକିଲ ସଂଘ ସଭାପତି କମଳ ସେନ ଯୁଗ୍ମ ଆବାହକ ମନୋନୀତ ହୋଇଥିଲେ। ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘମାନଙ୍କ ସଭାପତି ଏବଂ ସମ୍ପାଦକଙ୍କୁ ଉକ୍ତ କମିଟିର ସଦସ୍ୟ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ସମସ୍ତ ଓକିଲ ସଂଘକୁ ନେଇ ଏକ ପୂର୍ଣ୍ଣ କମିଟି ଗଠନ ନ ହେବା ପର୍ଯ୍ୟନ୍ତ ସରାଫ୍ ଏହାର ଆବାହକ ରହିବେ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ମାର୍ଚ୍ଚ ମାସରେ କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା।

ଓକିଲମାନଙ୍କ ସୁରକ୍ଷା ଦୃଷ୍ଟିରୁ ଆଡ଼ଭୋକେଟ୍ ପ୍ରୋଟେକ୍ସନ ଆକ୍ଟକୁ କାର୍ଯ୍ୟକାରୀ କରାଯିବା, ସମସ୍ତ ଓକିଲଙ୍କୁ ବ୍ୟକ୍ତିଗତ ଭାବେ ୧୦ଲକ୍ଷ ଟଙ୍କାର ବୀମା ପ୍ରଦାନ ଦାବି ନେଇ ରାଜ୍ୟ ସରକାର ଏବଂ ଓଡ଼ିଶା ଆଇନଜୀବୀ ପରିଷଦଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହା ସହିତ ଆଇନଜୀବୀମାନଙ୍କ କଲ୍ୟାଣ ପାଣ୍ଠିକୁ ୧୦୦ କୋଟି ଟଙ୍କା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ନିଆଯାଇଥିଲା। ୨୦୨୨ ଡିସେମ୍ବରରେ ସମ୍ବଲପୁର ଓକିଲ ସଂଘ ସଭ୍ୟମାନଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ଦାବି ନେଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

### ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ସାଧାରଣ ବୈଠକ

**ଅମରପାଲି,୧୧।୨(ପୀତାମ୍ବର ସାହୁ)**

ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ହରିହର ଯୋର ଠେଙ୍ଗୋ ଡ୍ୟାମଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ। ବିଶେଷ ଭାବରେ ଅଞ୍ଚଳର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ପ୍ରତିକୂଳ ପରିସ୍ଥିତିରେ ନିଜର ଜୀବନକୁ ବାଜି ଲଗାଇ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟ କରୁଥିଲେ ମଧ୍ୟ କେନ୍ଦ୍ର ବା ରାଜ୍ୟ ସରକାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେତିକି ଗୁରୁତ୍ୱ ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହି ବୈଠକରେ ସଂଘର ସମ୍ପାଦକ ବାସୁଦେବ ପଣ୍ଡା, ବରିଷ୍ଠ ସାମ୍ବାଦିକ ନନ୍ଦ କିଶୋର ମିଶ୍ର, ସୌମିତ୍ରୀ ମେହେର, ଆଦିତ୍ୟ ମିଶ୍ର, କିଶୋର କୁମାର ହୋତା, କୋଷାଧ୍ୟକ୍ଷ ସତ୍ୟବାନ ପୁରୋହିତ, ରାଧାକାନ୍ତ ବାଘ, ରବିନ୍ଦ୍ର କୁମାର ହୋତା, ସୁଧୀର କୁମାର ବିଶ୍ୱାଳ, କୁଶ ବଘାର, ଉରୁକ୍ରମ ପାଣ୍ଡିଆ, ରାଜେଶ କୁମାର ସେଠୀ, ନୀଳକମଳ ମିଶ୍ର ଓ ସଞ୍ଜୀବ ମେହେର, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯୁଗଳ କିଶୋର ମିଶ୍ର। ଶେଷଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଡେନ ପୋଲିସର ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ

**ପଦ୍ମପୁର,୧୧।୨(ପ୍ରଦୀପ୍ତ ଦାଶ)**



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଓ ଗ୍ରାମବାସୀ।

ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅଧୀନ ବଟୀପଥର ଓ ଅମରାଖୋଲରେ ବୁଡେନ ପୋଲିସ ତରଫରୁ ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ବୁଡେନ ଥାନାଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ନାରାୟଣ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ପୋଲିସ ସହ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅସାମାଜିକ କାର୍ଯ୍ୟକଳାପ ବନ୍ଦ କରାଯାଇପାରିବ। ତେଣୁ ନୂଆଁ ମନ ନୂଆଁ ସପନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ କରାଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୋଲିସ ତରଫରୁ କମ୍ବଳ, ଧୋତି, ଶାଢି, ଖେଳ ଉପକରଣ ବଣ୍ଟନ କରାଯାଇଥିଲା।

### ଲାଲବାହାଦୁର ସ୍କୁଲର ବାର୍ଷିକ ଉତ୍ସବ

**ପଦ୍ମପୁର,୧୧।୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଲାଲ ବାହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅମରଦୀପ ଅଗ୍ରୱାଲ ମୁଖ୍ୟ ଅତିଥି, କେଶରଞ୍ଜନ ପ୍ରଧାନ ମୁଖ୍ୟ ବକ୍ତା, ଏବିଇଓ ରାମସିଂ ଭୋଇ, ଶିବ ପ୍ରସାଦ ଯୋଶୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ବର୍ଷା ସହ କୁଆପଥର ମାଡ଼, ଚିନ୍ତାରେ ପଡ଼ିବା ଚାଷୀ

**ପଦ୍ମପୁର,୧୧।୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ରବିବାର ସନ୍ଧ୍ୟା ସମୟରେ ହଠାତ୍ ବର୍ଷା ସହ କୁଆପଥର ବୃଷ୍ଟି ହୋଇଛି। ଲଉଡିଦର୍ହା, କୁର୍ମା, ଶିକାରିପାଲି, ଗୌଡମାଲ, ଲହଣ୍ଡିପୁର, ଚର୍ଦାପାଲି, ଲୁହୁରାକୋଟ, ଗଣ୍ଡିଡିହି, ଜଗଦଲପୁର, ନୂଆପଡା, ଧଉରାଭଟା, ସରେଇକେଲା ସମେତ ଅନେକ ଗ୍ରାମରେ ବର୍ଷା ପବନ ସହ କୁଆପଥର ପଡିଛି। କେତେକ ଚାଷୀ ମୁଗ, ବିରି, ପନିପରିବା ଚାଷ କରିଥିଲେ। ମୁଗ ବିରି ଫସଲରେ ଫୁଲ ହୋଇଥିଲା। କୁଆପଥର ମାଡ଼ରେ ତାହା ସବୁ ନଷ୍ଟ ହୋଇଯାଇଛି। ସେହିପରି ଆମ୍ବ, ଚାର ବଉଳ ଝଡିଯାଇଛି। ରବି ଫସଲ କରିଥିବା ଚାଷୀଙ୍କ କୁଆପଥରରେ ନଷ୍ଟ ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି।


ସରେଇକେଲାରେ କୁଆପଥର ପଡିଛି ।

## କ୍ରିକେଟ: ଡ୍ୟାନୋମସ ଦଳ ଚାମ୍ପିୟନ

**ବରପାଲି,୧୧।୨(ଚିତ୍ତରଞ୍ଜନ ସାହୁ)**



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ବରଗଡ ଜିଲା ବରପାଲି ହାଇସ୍କୁଲ ଖେଳ ପଡିଆଠାରେ ବରପାଲି ୟଙ୍ଗଷ୍ଟାର ଇୟୁ ଆସୋସିଏଶନ ପକ୍ଷରୁ ଦୁଇଦିନ ବ୍ୟାପୀ ବରପାଲି ପ୍ରିମିୟମ ଲିଗ୍-୯ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଡ୍ୟାନୋମସ ଓ ଲାଇଟ୍ ହକ୍ସ ମଧ୍ୟରେ ହୋଇ ବରପାଲି ଡ୍ୟାନୋମସ ଦଳ ବିଜୟୀ ହୋଇଥିଲା। ବିଜେତା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୧୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରିୟାଂଶୁ ଦାସ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିବା ବେଳେ ରଞ୍ଜୁ ଛତ୍ରୀୟା, ସୁଜିତ ଥଇତ, କିଶୋର ପଧାନ ଖେଳ ପରିଚାଳନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ତହସିଲଦାର ରକ୍ମଣ କୁମାର ମେହେର, ଯୁବ ନେତା ସୌର ସାହୁ, ଖେଳ ଶିକ୍ଷକ ମନୋଜ ସାହୁ, କାଉନସିଲର ଦେବାନନ୍ଦ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଟ୍ରେଜେରି ଅଫିସର ଦୟାଲାଲ ବାଗ, ଯୁବ ନେତା ସୁମିତ ସାହୁ, ପ୍ରମୋଦ ସେଠ୍, ସାମାଜିକ କର୍ମୀ ବନ୍ତରାମ ସେଠ୍, ବିଜନ ଦାସ, ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ, ଶିକ୍ଷକ ଆନନ୍ଦ ଦାସ ଉପସ୍ଥିତ ଥିଲେ। ସୁମିତ ସାହୁ, ଆଲୋକ ଅଗ୍ରୱାଲ, ହେମନ୍ତ ସେହେପାଲ, ପଞ୍ଚାନନ ମେହେର, ଦିବ୍ୟ ସାହୁ, ପିଙ୍କୁ ବେହେରା, ଶୁଭମ୍ ସାହୁ, ସଞ୍ଜୀବ ପଧାନ, ଆକାଶ ମେହେର, ବଳଦେବ ମେହେର, ବଦ୍ରିନାଥ ସୁନା, ଶିବୁ ଅଗ୍ରୱାଲ, ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

### ଲଖମରାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ପଦ୍ମପୁର,୧୧।୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଲାୟନ୍ସ କ୍ଲବ ତରଫରୁ ଲଖମରା ଜଗନ୍ନାଥ ହାଇସ୍କୁଲ ପରିସରରେ ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ପ୍ରୀତମ ମେହେରଙ୍କ ତତ୍ତ୍ୱାବଧାନରେ ମୋଟ ୩୨୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। ପଦ୍ମପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ସେଠ, ଡାକ୍ତର ଜୟକୃଷ୍ଣ ପଟେଲ, ଡାକ୍ତର କୈଳାସ ମେହେର, ଡାକ୍ତର ସୁମିତ ମିଶ୍ର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରାଧାମାଧବ ଦୋରା, ବେଣୁ ମାଧବ ଦୋରା ରାଜକିଶୋର ଯୋଷୀ, ରବି ନାରାୟଣ ଦୋରା, ଗୋପାଳ ଷାଣ୍ଡ, ଅମୂଲ୍ୟ ବେହେରା, ପିଣ୍ଟୁ ପାଢୀ, ସୋମ୍ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଅଙ୍ଗ ନଦୀ ଉପରେ ବ୍ରିଜ୍ ନିର୍ମାଣ କରାଯିବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଡୁଙ୍ଗୁରିପାଲି,୧୧।୨(ଦୀନବନ୍ଧୁ ସୁନା)**

**ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ପଞ୍ଚାୟତରେ ରବିବାର ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଶୁଖା ସରପଞ୍ଚ ରଶ୍ମିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ରୋହିତ ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏବିଡିଓ ଆନନ୍ଦଚନ୍ଦ୍ର ମିଶ୍ର, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ,ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ,ସମଲେଇଟୁଆ ସରପଞ୍ଚ ବିଭୁଦତ୍ତ ରାଜହଂସ,ଶୁଖା ସମିତି ସଭ୍ୟ ମଦନମୋହନ ବରିହା,ଇଛାପୁର ସରପଞ୍ଚ ପ୍ରଶାନ୍ତ କୁମାର ସାହୁ,ବନ୍ଧପାଲି ସରପଞ୍ଚ କ୍ଷୀରୋଦ୍ର ବୁଡ଼େକ, ବେହେରାମାଲ ସରପଞ୍ଚ ନରେଶ ପୂଜାରୀ, ଡୁଙ୍ଗୁରିପାଲି ସମିତି ସଭ୍ୟାଙ୍କ ପ୍ରତିନିଧି ଧର୍ମେନ୍ଦ୍ର ବିଶ୍ୱାଳ ମଞ୍ଚାସୀନ ଥିଲେ । ଅତିଥିମାନଙ୍କ ପରିଚୟ ପ୍ରଦାନ, ସ୍ୱାଗତ ଅଭିଭାଷଣ ଓ ସଭା କାର୍ଯ୍ୟ ପରିଚାଳନା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଙ୍ଗଦ ମହାନନ୍ଦ କରିଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର ବିକାଶ ଓ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ସଚେତନ କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ପ୍ରଦର୍ଶିତ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କୁ ନେଇ ମଞ୍ଚ କଳାକାର ଭକ୍ତ ପଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ସୂଚନା ପ୍ରଦାନ କରିବା ସହ ଶୁଖା ଗ୍ରାମରୁ ବଲାଙ୍ଗୀର ଜିଲା ଡୁଡୁକା ଗ୍ରାମକୁ ଗମନାଗମନ ପାଇଁ ଅଙ୍ଗ ନଦୀ ଉପରେ ଏକ ବ୍ରିଜ ନିର୍ମାଣ କରାଯିବ ବୋଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଲୋକଙ୍କୁ ଅବଗତ କରାଇଥିଲେ। ଏଲଇଡି ସ୍କିନ୍ ମାଧ୍ୟମରେ ଡୁଙ୍ଗୁରିପାଲି ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିଡିଓ ପ୍ରଦର୍ଶିତ ହୋଇଥିଲା। ରଞ୍ଜନ ଠେଲାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବୈଦୁପାଲି ପିଇଓ ବୀରେନ୍ଦ୍ର କୁମାର ଦାସ, ଯନ୍ତ୍ରୀ ଅର୍ଚ୍ଚନା ବିଶ୍ୱାଳ, ରୋଶନ ବିଶ୍ୱାଳ, ପଞ୍ଚା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବିଧାନିକ ଅଧିକାରକୁ ସମ୍ମାନ

**ବରଗଡ଼,୧୧।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ଗୋବିନ୍ଦପାଲିରେ ଶନିବାର କୁଲତା ସମାଜ ମହାସଭାର ଶତବାର୍ଷିକ ଆୟୋଜନ ପରିପ୍ରେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଭା ସଂଯୋଜକ ଗୋପାଳ ପ୍ରଧାନ ଏବଂ ରଥୁଲାଲ ଗୁପ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ କୁଲତା ସମାଜର ଜିଲା ସଭାପତି ଅଗ୍ନି ପ୍ରଧାନ, ପୂର୍ବତନ ପରିଚାଳନା କମିଟି ସଭାପତି ବେଲାଲସେନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ରଣେଶ୍ୱର ରାମଚଣ୍ଡୀ ଯୁବ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ସଭା ପ୍ରାରମ୍ଭରେ ଅଧିଷ୍ଠାତ୍ରୀ ଦେବୀ ମାଁ ରାମଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶାର ୧୦ ଏବଂ ଛତିଶଗଡ଼ ରାଜ୍ୟର ୮ଜିଲାର ଜାତି ମହାସଭାର ପ୍ରତିନିଧିବୃନ୍ଦ ଯୋଗଦାନ କରିଥିଲେ। ୧୯୨୧ ମସିହାରେ ବିଜେପୁର ଜମିଦାର ଶଙ୍କର୍ଷଣ ଗଡ଼ତିଆଙ୍କ ତତ୍ତ୍ୱାବଧାନରେ ପ୍ରଥମ ମହାସଭା ଆୟୋଜନ କରାଯାଇଥିଲା। ଏହାର ୧୦୦ବର୍ଷ ବିତିଯାଇଥିବା ବେଳେ ଶତବାର୍ଷିକୀ ପାଳନ ପାଇଁ ଆଲୋଚନା ହୋଇଥିଲା।

ସେହିପରି ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା ହୋଇଥିବାବେଳେ ବିଗତ ଦିନରେ ଜାତିର ଉନ୍ନତି ପାଇଁ ନିଜର ବହୁମୂଲ୍ୟ ସମୟକୁ ଉତ୍ସର୍ଗୀକୃତ କରିଥିବା ଜାତିର ଜନନେତାମାନଙ୍କୁ ସ୍ମରଣ କରାଯାଇଥିଲା। କୌଳିକ ବିଦ୍ୟା, କୌଶଳ ବିଦ୍ୟା, ପ୍ରଯୁକ୍ତି ବିଦ୍ୟା, ମେଡ଼ିକାଲ ସାଇନ୍ସ ଆଦି କ୍ଷେତ୍ରରେ ଜାତିର ଝିଅପୁଅ କୃତିତ୍ୱ ଅର୍ଜନ କରି ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି। ସେହିପରି ରାଜନୈତିକ କ୍ଷେତ୍ରରେ ମଧ୍ୟ କୁଲତା ସମାଜ ଲୋକଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ମତପ୍ରକାଶ ପାଇଥିଲା। ସେହିପରି ସ୍ୱାଧୀନତା ସଂଗ୍ରାମୀ ଫକୀର ବେହେରା, ପାଣିମୋରା ଗ୍ରାମର ସଂଗ୍ରାମୀଙ୍କ ଭଳି ପ୍ରତିଭା ଯୋଗୁ କୁଲତା ସମାଜ ଗର୍ବ ଅନୁଭବ କରୁଥିବାବେଳେ କାଙ୍ଗାଳୀ ନାଏକ ବରଗଡ଼ ଧନୁଯାତ୍ରା ମହୋତ୍ସବର ଜଣେ ପ୍ରମୁଖ ପୁରୋଧା ଥିଲେ। ରାଜନୈତିକ କ୍ଷେତ୍ରରେ ମକରଧ୍ୱଜ ପ୍ରଧାନ, ତୀର୍ଥବାସୀ ପ୍ରଧାନ, ଗଣନାଥ ପ୍ରଧାନ, ନିତ୍ୟାନନ୍ଦ ଗଡ଼ତିଆ, ସରସ୍ୱତୀ ପ୍ରଧାନ, କୁଞ୍ଜବିହାରୀ ନାଏକ, ବିରେନ୍ଦ୍ର ସାହୁ, ନବୀନ ପ୍ରଧାନ, କୃପାସିନ୍ଧୁ ଭୋଇ, ଯଦୁମଣି ପ୍ରଧାନଙ୍କ ବ୍ୟକ୍ତିତ୍ୱ ଅବିସ୍ମରଣୀୟ। କୁମ୍ଭାରୀ ଗ୍ରାମର ନାଟ୍ୟଗୁରୁ ଭଗବାନ ସାହୁ ନିଜ ଜୀବନ କାଳ ମଧ୍ୟରେ ନାଟକ ମାଧ୍ୟମରେ ବୀର ସୁରେନ୍ଦ୍ର ସାଏଙ୍କ କୀର୍ତ୍ତିଗାନ କରି ଶତ ସମ୍ମାନ ଜଣାଇ କାଳଜୟୀ ହୋଇଛନ୍ତି । ମହାନୁଭବ ଶବ୍ଦ ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି। ସେହିପରି ସାମ୍ବିଧାନିକ ଅଧିକାରକୁ ସମସ୍ତ ରାଜନୈତିକ ଦଳ ସମ୍ମାନ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ପଛୁଆ ବର୍ଗ, ଅନୁସୂଚିତ ଜାତି, ଜନଜାତିର ସମନ୍ୱୟ ରକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। ବରଗଡ଼ଠାରେ ମହାସଭାର ଶତବାର୍ଷିକୀ ଏବଂ ନୃସିଂହନାଥ ପୀଠରେ ଜାତି ମହାସଭା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବରଗଡ଼, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା, ନୂଆପଡ଼ା, କନ୍ଧମାଳ ଆଦି ଅଞ୍ଚଳର ପ୍ରତିନିଧିମାନେ ଯୋଗଦାନ କରିଥିଲେ। କୁଲତା ସମାଜର ସମ୍ପାଦକ ଡ. ପର୍ଶୁରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ କୁଲତା ସମାଜର ପ୍ରତିନିଧିବୃନ୍ଦ ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚିକିତ୍ସାଧୀନ ମହିଳା ମୃତ

**ରାଉରକେଲା,୧୧।୨(ଦିନେଶ ମିଶ୍ର):** ରାଉରକେଲା ଭାଲୁଲତା ଥାନା ଅଧୀନ ମହିପାଣି ଗ୍ରାମର ଜଣେ ମହିଳାଙ୍କୁ ସାପ କାମୁଡି ଦେବାରୁ ସେ ଆରଜିଏଚ୍‌ରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସମ୍ବାରୀ ଏକ୍କା(୪୬)। ପୋଲିସ ରବିବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଗତ ୮ତାରିଖ ସନ୍ଧ୍ୟାରେ ସମ୍ବାରୀ ଘର ପାଖ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କ ବାମଗୋଡକୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ଭାଲୁଲତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆରଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଥିଲା।

### ଦକ୍ଷିଣ ରାଉରକେଲାର ବିକାଶ ପାଇଁ ଆଲୋଚନା

**ରାଉରକେଲା,୧୧।୨(ସଙ୍ଗୀତା ଜେନା):** ଦକ୍ଷିଣ ରାଉରକେଲା ଫର୍ଟିଲାଇଜରର ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟର ସଦସ୍ୟମାନେ ରବିବାର ନବନିଯୁକ୍ତ ରାଉରକେଲା ଏଡିଏମ୍ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ଏଡିଏମ୍‌ଙ୍କ ସହିତ ଦକ୍ଷିଣ ରାଉରକେଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅରୁଣ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ସମ୍ପୃକ୍ତ ଅଞ୍ଚଳରେ ରାସ୍ତାଘାଟ, ପାନୀୟ ଜଳ, ଆଇଡିଏଲ୍ ରାସ୍ତା, ବାଲିଯୋଡି ଛକରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ମୁଖ୍ୟ ରାସ୍ତାରେ ସୌନ୍ଦର୍ଯ୍ୟକରଣ ପାଇଁ ଏକ କଂକ୍ରିଟ୍ ଗେଟ୍ ପାଇଁ ଦାବି କରିଥିଲେ। ଉପସଭାପତି ମୀନତି ବିଶ୍ୱାଳ, ସହ ସମ୍ପାଦିକା ସଚଳା ପଣ୍ଡା, ଆଇନ ପରାମର୍ଶଦାତ୍ରୀ ଆରତୀ ଚୌଧୁରୀ, ସନାତନ ସାହୁ, ଚାନ୍ଦମଣି ମାଝୀ, ମଞ୍ଜୁ ଭୂମିଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମିଶନର କୁଲକର୍ଣ୍ଣି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ।



ଟ୍ରଷ୍ଟ ସଦସ୍ୟ ଏଡିଏମ୍‌ଙ୍କୁ ଭେଟୁଛନ୍ତି।

### କଳିଙ୍ଗ କ୍ଲବର ଚକ୍ଷୁ ପରୀକ୍ଷା ଶିବିର

**୩୦ ମୋତିଆ ବିନ୍ଦୁ ଚିହ୍ନଟ**

**ରାଉରକେଲା,୧୧।୨(ସଙ୍ଗୀତା ଜେନା):** ସେକ୍ଟର-୬ ଏଚ୍ ବ୍ଲକର ଷ୍ଟିଥ୍ ଏକ୍କା ବସ୍ତିରେ କଳିଙ୍ଗ କ୍ଲବ ପକ୍ଷରୁ ରବିବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୭ ଥାନା ଭାରପ୍ରାପ୍ତ ଅଧିକାରୀ ବିକ୍ରମ ଜୟପୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଜୟପୁରିଆ କହିଲେ, ଚକ୍ଷୁ ମଣିଷର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ବିନା ଦୁନିଆ ଅନ୍ଧକାର ପାଲଟିଯାଏ। ସମୟେ ସମୟେ ଏହାର ଯତ୍ନ ନେବା ସହ ପରୀକ୍ଷା ନିରୀକ୍ଷା କରିବା ଉଚିତ। ଏହାଦ୍ୱାରା ଚକ୍ଷୁ ସୁସ୍ଥ ରହିଥାଏ ବୋଲି ଜୟପୁରିଆ କହିଥିଲେ। ବର୍ମା ଚକ୍ଷୁ ଡାକ୍ତରଖାନାର ଡା. କୁନାଲ ବର୍ମା ଓ ତାଙ୍କ ଟିମ୍ ଚକ୍ଷୁ ପରୀକ୍ଷା କରିଥିଲେ। ୩୦ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ସରୋଜ ନାୟକ, ବିକାଶ ନାୟକ, ଅନିଲ ନାୟକ, ପାଣ୍ଡୁ ନାୟକ, ଡୁଗୁ ନାୟକ, ରାହୁଲ ଯାଦବ, ପ୍ରଭାତ ଶତପଥୀ, ଉପେନ୍ଦ୍ର ଯାଦବ, ଅଭିଷେକ ଗୁପ୍ତା, ଅରବିନ୍ଦ ବାଗ, ମନୋଜ ମହତୋ, ତାପସ ଦାସ, ସୁବ୍ରତ ଦାସ, ଅଭିଷେକ ବିଶ୍ୱାଳ, ପଙ୍କଜ ନାୟକ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

# ୪୦ ଭାଗ ବସ୍ତିକୁ ବିକାଶ ଅପହଞ୍ଚ

**ରାଉରକେଲା,୧୧।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମହାନଗର ନିଗମ ଅଧୀନରେ ୪୧ଟି ୱାର୍ଡ ରହିଥିବା ବେଳେ ପ୍ରତି ୱାର୍ଡରେ ଏକାଧିକ ବସ୍ତି ଅଞ୍ଚଳ ରହିଛି। ଏପରି ଭାବେ ଆର୍‌ଏମ୍‌ସି ଅଧୀନରେ ୧୩୨ ବସ୍ତି ରହିଛି। ଏହି ବସ୍ତିଗୁଡିକର ବିକାଶ ପାଇଁ ଆର୍‌ଏମ୍‌ସି ମୋଟ୍ ବଜେଟ୍‌ର ୨୫ ପ୍ରତିଶତ ବ୍ୟୟ କରୁଛି। ତେବେ ୬୦ଭାଗ ବସ୍ତିକୁ ବିପୁଳ ଅନୁଦାନ ମିଳୁଥିଲେ ମଧ୍ୟ ୪୦ଭାଗ ବସ୍ତିରେ ଏପର୍ଯ୍ୟନ୍ତ ରାସ୍ତାଘାଟ, ଡ୍ରେନେଜ ସହିତ ଅନ୍ୟ ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ଫଳରେ ବସ୍ତିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ରାଉରକେଲା ମହାନଗର ନିଗମ ଅଧୀନ ୱାର୍ଡ ନଂ-୬ ବାଲୁଘାଟ, ରୂପଟୋଲା, ମନି କଲୋନୀ, ବଙ୍ଗଳାଟୋଲା, ୱାର୍ଡ ନଂ-୧୬ ଦୁର୍ଗାପୁର, ୱାର୍ଡ ନଂ-୧୯ ମାଲଗୋଦାମ ବସ୍ତି ଅଞ୍ଚଳରେ ସେଭଳି ବିକାଶମୂଳକ କାର୍ଯ୍ୟ କରାଯାଉନାହିଁ। ବସ୍ତି ବାସିନ୍ଦାଙ୍କ ଅନୁସାରେ, ବସ୍ତିଗୁଡିକର ରାସ୍ତାଘାଟ ବହୁ ପୁରୁଣା ହୋଇଯାଇଥିବା ବେଳେ


ବାଲୁଘାଟ ବସ୍ତିର ଆବଡାଖାବଡା ରାସ୍ତା।

ଦୀର୍ଘବର୍ଷ ହେଲା ମରାମତି ହୋଇନାହିଁ। ରାସ୍ତାରେ ମାସ ମାସ ଧରି ଅଳିଆ ଆବର୍ଜନା ଗଚ୍ଛିତ ରହୁଥିବା ବେଳେ ତାକୁ ଉଠାଯାଉନାହିଁ। ଏଥିସହିତ ଡ୍ରେନଗୁଡିକରୁ ଅଳିଆ ଆବର୍ଜନା ମଧ୍ୟ ହଟାଯାଉନାହିଁ। ଫଳରେ ବସ୍ତି ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ସହରର ମୁଖ୍ୟ ରାସ୍ତାଗୁଡିକ ଚକାଚକ୍ ହେଉଛି। ଅନ୍ୟପଟେ ରାଉରକେଲା ସହରର ସର୍ବାଧିକ ଜନସଂଖ୍ୟା ରହୁଥିବା ବସ୍ତି ରାସ୍ତାର ଉନ୍ନତୀକରଣ ହେଉନାହିଁ। ବାଲୁଘାଟ ବସ୍ତି ଅଞ୍ଚଳରେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଲୋକ ରହୁଥିବା ବେଳେ ବସ୍ତି ରାସ୍ତା ଆବଡା ଖାବଡା ହୋଇ ପଡିରହିଛି। ସେହିପରି ଦୁର୍ଗାପୁର ପାହାଣ୍ଡଟୋଲି ଅଞ୍ଚଳର ବିଭିନ୍ନ

**ରାଉରକେଲା ମହାନଗର ନିଗମ ନିଗମ**

ରାସ୍ତାରୁ କଂକ୍ରିଟ ଉଠିଯାଇ ବିପର୍ଯ୍ୟସ୍ତ ହୋଇପଡିଛି। ଏଥିସହ ପାନପୋଷ ଶବ ବ୍ୟବଚ୍ଛେଦ କେନ୍ଦ୍ରରୁ ନମାଜ ହଜ୍ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଦୀର୍ଘବର୍ଷ ହେଲାଣି ଶୋଚନୀୟ ଅବସ୍ଥାରେ ପଡିରହିଛି।

ଉଲ୍ଲେଖନୀୟ, ଆର୍‌ଏମ୍‌ସି ଅଧୀନ ବସ୍ତି ରାସ୍ତାଘାଟ ବିଜୁ ଆଦର୍ଶ କଲୋନୀ ଯୋଜନାରେ ଅନ୍ତର୍ଭୁକ୍ତ। କିଛି ବସ୍ତି ରାସ୍ତା କାମ ବାକି ରହିଥିବା ବେଳେ ଆଗକୁ ଜାଗା ମିଶନ ଯୋଜନା ମାଧ୍ୟମରେ ରାସ୍ତାଘାଟ ମରାମତି, ପୁନରୁଦ୍ଧାର ଓ ବିକାଶମୂଳକ କାର୍ଯ୍ୟ ହେବାକୁ ରହିଛି। ଆଗକୁ ନିର୍ବାଚନ ଥିବାରୁ ଆଚରଣ ବିଧି ଲାଗୁ ହେଲେ ଆଉ କାମ ହୋଇପାରିବନାହିଁ। ତେଣୁ ଏହାପୂର୍ବରୁ ଯଥାଶୀଘ୍ର ବସ୍ତି ରାସ୍ତା ମରାମତି ସହ ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଆର୍‌ଏମ୍‌ସି କମିଶନର ଏଇ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସହରାଞ୍ଚଳ ବସ୍ତି ରାସ୍ତାଘାଟ ସମ୍ପର୍କିତ ଫାଇଲ ଦେଖିଲା ପରେ କାର୍ଯ୍ୟକ୍ରମ କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ଅଣଗେଜେଟେଡ ବନସେବା ସଂଘ ନିର୍ବାଚନ ସମ୍ପନ୍ନ

**ରାଉରକେଲା,୧୧।୨(ବିପ୍ଳବ ରଞ୍ଜନ ଦାଶ)**

ପାନପୋଷରେ ଓଡିଶା ଅଣଗେଜେଟେଡ ବନସେବା ସଂଘ ରାଉରକେଲା ଜୋନର ସଙ୍ଗଠକ ନିର୍ବାଚନ ସମ୍ପନ୍ନ ହୋଇଛି। ରାଜ୍ୟ ସଙ୍ଗଠନ ଅଧକ୍ଷ ଖଗେଶ୍ୱର ସେଠୀ, ସଭାପତି ଜଗବନ୍ଧୁ ମହାପାତ୍ର ଏବଂ ରାଜ୍ୟ ସଙ୍ଗଠକ ସମ୍ପାଦକ ଅଲ୍ୟଳ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳିତ ହୋଇଥିଲା। ନିର୍ବାଚନରେ ରାଉରକେଲା, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର ଓ ବଣେଇ ବନ ଉପଖଣ୍ଡର ମୋଟ ୪୨ଜଣ କର୍ମକର୍ତ୍ତା ମତଦାନ କରିଥିଲେ। ନିର୍ବାଚନରେ ରାଉରକେଲା ବନ ମଣ୍ଡଳାଞ୍ଚଳ ଅଧୀନ ଉକ୍ତ ୫ଟି ବନଖଣ୍ଡ ପାଇଁ ଶରତ କୁମାର ପଟ୍ଟନାୟକ, ଦେବରାଜ ପ୍ରଧାନ, ରଜତ କୁମାର ମହାନ୍ତି, ପ୍ରିତମ କୁମାର ସାହୁ, ଅମିତ କୁମାର ପଟେଲ, ଅକ୍ଷୟ ଦାଶ, ପ୍ରଦୀପ କୁମାର ସାହୁ, ମହାଦେବ ଜୟପୁରିଆ, ସବନମ୍ ମି, ଚନ୍ଦ୍ର ମହନ୍ତ, ସଦାଶିବ ମହନ୍ତ, ଭୀମସେନ ଶତପଥୀ, ଜ୍ଞାନରନ ମହାନ୍ତି ଏବଂ ନବୀନ ପ୍ରଧାନ ବିଭିନ୍ନ ବିଭାଗ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଥିଲେ। ଶେଷରେ କର୍ମକର୍ତ୍ତାମାନେ ଜଙ୍ଗଲ ସୁରକ୍ଷା ଓ ବନ କର୍ମଚାରୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ନିଃସ୍ୱାର୍ଥପର ଭାବେ କର୍ତ୍ତବ୍ୟ ପାଳନ ପାଇଁ ଶପଥପାଠ କରିଥିଲେ। ଉପସଭାପତି ଭବାନୀ ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ।


ନିର୍ବାଚିତ କର୍ମକର୍ତ୍ତା ଶପଥପାଠ କରୁଛନ୍ତି।



ରବିବାର ଅଷ୍ଟ୍ରେଲିଆ ଦଳର ଖେଳାଳିମାନେ ଷ୍ଟାଡିୟମରେ ଅଭ୍ୟାସ କରୁଛନ୍ତି।

# ଆଜିଠୁ ପ୍ରୋ ଲିଗ୍ ମହିଳା ହକି

**ରାଉରକେଲା,୧୧।୨(ଦିନେଶ ମିଶ୍ର)**

**ଅଭ୍ୟାସ କଲେ ୫ ଦଳ**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମବାର ମହିଳା ପ୍ରୋ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଅଷ୍ଟ୍ରେଲିଆ, ୟୁଏସ୍‌ଏ, ଚୀନ, ନେଦରଲ୍ୟାଣ୍ଡ ଓ ଭାରତ ଦଳ ରାଉରକେଲାରେ ପହଞ୍ଚିଛନ୍ତି। ଏହି ମହିଳା ଦଳ ରାଉରକେଲାରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ପରିସର ମେ ଫେୟାର ହକି ଭିଲେଜକୁ ନିଆଯାଇଥିଲା। ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ପ୍ରଥମେ ନେଦରଲ୍ୟାଣ୍ଡ ଦଳ ଷ୍ଟାଡିୟମର ଆଷ୍ଟ୍ରୋଟର୍ଫରେ ଅଭ୍ୟାସ କରିଥିଲା। ପରେ ଅପରାହ୍ନ ୨ଟାରେ ୟୁଏସ୍‌ଏ ମହିଳା ହକି ଦଳ ଏବଂ ଅପରାହ୍ନ ସାଢେ ୩ଟାରେ ଅଷ୍ଟ୍ରେଲିଆ ଦଳ ଅଭ୍ୟାସ କରିଥିଲା। ସନ୍ଧ୍ୟା ସାଢେ ୫ଟାରେ ଚୀନ ଓ ଶେଷରେ ଭାରତ ଦଳ ଅଭ୍ୟାସ କରିଥିଲା। ଅନ୍ୟପକ୍ଷେ ପ୍ରୋ ଲିଗ୍ ମ୍ୟାଚ୍ ପାଇଁ ସ୍ଥାନୀୟ ପୋଲିସ୍ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଗ୍ୟାଲେରିରେ ପୋଲିସ ମୁତୟନ ସାଙ୍ଗକୁ ଷ୍ଟାଡିୟମ ପ୍ରବେଶ ପଥ ଓ ପ୍ରତ୍ୟେକ ଗେଟ୍‌ରେ ଟ୍ରାଫିକ ନିୟନ୍ତ୍ରଣ ସହ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ସୋମବାର ପ୍ରଥମ ମ୍ୟାଚ ସନ୍ଧ୍ୟା ସାଢେ ୫ଟାରେ ୟୁଏସ୍‌ଏ ଓ ନେଦରଲ୍ୟାଣ୍ଡ ମଧ୍ୟରେ ଖେଳାଯିବ। ସେହିପରି ସନ୍ଧ୍ୟା ସାଢେ ୭ଟାରେ ଭାରତ ଓ ଚୀନ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ବୋଲି ଏଫଆଇଏଚ୍ ଅଫିସିଆଲ ପକ୍ଷରୁ ସୂଚନା ମିଳିଛି।

## କ୍ରିକେଟ୍: ୱାଇସିସି ବି ଓ ବୀରମିତ୍ରପୁର ବିଜୟୀ

**ରାଉରକେଲା,୧୧।୨(ଦିନେଶ ମିଶ୍ର)**

ରାଉରକେଲା ଡିଏଭି ଖେଳ ପଡିଆରେ ଜିଏସ୍‌ଏ କ୍ଲବ ପକ୍ଷରୁ ଚାଲିଥିବା ପ୍ରଥମ ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ୱାଇସିସି ଦଳ ଜେସିସି ଦଳକୁ ପରାସ୍ତ କରି ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚ୍ ସନ୍‌ରାଇଜର ଦଳକୁ ପରାସ୍ତ କରି ବୀରମିତ୍ରପୁର ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ବାସନ୍ତୀ କଲୋନୀ ୱାଇସିସି ଦଳ ଓ ଜେସିସି ମଧ୍ୟରେ ଖେଳାଯାଇଥିଲା। ଏଥିରେ ୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କୌସ୍ତିକ ମହାନ୍ତି ମାତ୍ର ୩୮ ବଲ ଖେଳି ସର୍ବାଧିକ ୫୬ ରନ୍ କରିଥିଲେ। ଜବାବରେ ଜେସିସି ଦଳ ୭୫ ରନରେ ଅଲଆଉଟ୍ ହୋଇ ପରାଜିତ ହୋଇଥିଲା। ଦଳ ପକ୍ଷରୁ ପ୍ରଭାତ ଶୁକ୍ଳା ସର୍ବାଧିକ ୨୬ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ରାଉରକେଲା ସନ୍‌ରାଇଜର ଓ ବୀରମିତ୍ରପୁର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବୀରମିତ୍ରପୁର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ସନରାଇଜର ଦଳ ୬ ଉଇକେଟ ହରାଇ ୧୫୬ ରନ କରି ପରାଜିତ ହୋଇଥିଲା। ରାହୁଲ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ୱାଇସିସି ବି ଦଳର କୌସ୍ତିକ ମହାନ୍ତି ଓ ରିଙ୍କେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମାନସ ମହାନ୍ତି, ସରୋଜ ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ ଓ ଜିତ ଭଟ୍ଟାଚାର୍ଜ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ବିଡିସିଟି ଓ ଆରଏସ୍‌ପି ଇଲେଭେନ୍ ଦଳର ପ୍ରଥମ ମ୍ୟାଚ୍ ଏବଂ ଦ୍ୱିତୀୟ ମ୍ୟାଚ ଜେୱାପି ଓ ରାଜନଗର କ୍ଲବ ମଧ୍ୟରେ ଖେଳାଯିବ ବୋଲି କ୍ଲବର ସହ ସମ୍ପାଦକ ବିଶ୍ୱଜିତ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

## ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ

**ରାଉରକେଲା,୧୧।୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ସାବାସ ଯୋଜନା ଅଧୀନରେ ୮ଜଣ ଅଧିକାରୀ ଓ ୪ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହାସହିତ କର୍ମବୀର ପୁରସ୍କାର ମଧ୍ୟ ପ୍ରଦାନ ହୋଇଛି। କାର୍ଯ୍ୟକ୍ରମ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା ବିଭାଗ ଜିଏମ୍ ଇନଚାର୍ଜ କେ. ଏସ୍ ଭିର୍ଡି, ମାର୍କେଟିଂ ବିଭାଗର ଜିଏମ୍ ସି.ଭି. ଆପାରାଓ ଏବଂ ବିଭାଗୀୟ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ପୁରସ୍କାର ବିଜେତାମାନଙ୍କୁ ତ୍ରିପାଠୀ ଅଭିନନ୍ଦନ ଜଣାଇ ସାଙ୍ଗଠନିକ ଉଦ୍ଦେଶ୍ୟ ହାସଲ କରିବାରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପ୍ରତି ରହିଥିବା ଉଦ୍ୟୋଗୀ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉତ୍ସର୍ଗୀକୃତ ପ୍ରୟାସ ପାଇଁ ବିଭାଗର ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ ସୁଶ୍ରୀ ମାଳତୀ ସୂତାରଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରାଯାଇଥିଲା। ସେଭଳି ସାବାସ ଯୋଜନା ଅଧୀନ କର୍ମଚାରୀମାନଙ୍କୁ ୨ଟି ବର୍ଗରେ ବିଭକ୍ତ କରି ପୁରସ୍କୃତ କରାଯାଇଥିଲା। ପ୍ରଥମ ବର୍ଗର ବିଜେତା ହେଲେ ସାମଗ୍ରୀ ପରିଚାଳନା ବିଭାଗ ଜିଏମ୍ ସୁଶ୍ରୀ ସୁନୀତା ଟିଗା, ଡେପୁଟି ମ୍ୟାନେଜର ଓମ୍‌କାର ମହାନ୍ତି, ଏସ୍. କେ. ପାଠୀ ଏବଂ ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ ଶ୍ୟାମସୁନ୍ଦର ସିଂହ। ଦ୍ୱିତୀୟ ବର୍ଗର ପୁରସ୍କାର ବିଜେତାମାନେ ହେଲେ ସାମଗ୍ରୀ ପରିଚାଳନା ବିଭାଗ ମ୍ୟାନେଜର ଶୋଭନ କୁମାର ବେରା, ଷ୍ଟୋରକିପର ଜେ. କେ. ଆଚାର୍ଯ୍ୟ, ଡିଜିଏମ୍ ଅସୀମ ଅପୂର୍ବ, ଡିଜିଏମ ଶାନ୍ତନୁ ଘୋଷ, ଡେପୁଟି ମ୍ୟାନେଜର ଦୀପକ କୁମାର ଦାଶ, ସିନିୟର ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ ସୁଷମା ଜୈନ ଏବଂ ସୁଶ୍ରୀ ସତ୍ୟଭାମା ପ୍ରଧାନ। ସାମଗ୍ରୀ ପରିଚାଳନା ବିଭାଗ ଏଜିଏମ୍ ସୁଶ୍ରୀ ଶିଖା ଜୈନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ପୁରସ୍କୃତ ହୋଇଥିବା ଅଧିକାରୀ ଓ କର୍ମଚାରୀ।

# ନାବାଳିକାଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

**ବେଦବ୍ୟାସ/ରାଉରକେଲା,୧୧।୨ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା):** ୩ ଦିନ ତଳେ ବ୍ରାହ୍ମଣୀତରଙ୍ଗ ଥାନା ମାରଙ୍ଗପିଢ଼ି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମାରଙ୍ଗପିଢ଼ି ଅଞ୍ଚଳର ବିକାଶ ବାର୍ଲା(୨୫)। ଏ ନେଇ ପୋଲିସ ଏକ ମାମଲା (ନଂ.୬୭/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ମାରଙ୍ଗପିଢ଼ି ଅଞ୍ଚଳରେ ଅନିଲ ବାର୍ଲା ସପରିବାର ରହୁଥିଲେ। ତାଙ୍କ ଘରେ ଜଣେ ନାବାଳିକା ରହି କାମ କରୁଥିଲେ। ତେବେ ଘରେ କେହି ନ ଥିବା ବେଳେ ସାନଭାଇ ବିକାଶ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣଙ୍କ ତାଙ୍କ ଭାଉଜଙ୍କୁ ଜଣାଇଦେବ ବୋଲି କହିବାରୁ ବିକାଶ ଭୟଭୀତ ହୋଇ ଏକ ତକିଆ ସାହାଯ୍ୟରେ ନାବାଳିକାଙ୍କୁ ହତ୍ୟା କରି ଫାଶିରେ ଝୁଲାଇ ଦେଇ ଫେରାର ହୋଇଯାଇଥିଲେ। ଅନିଲ ଘରକୁ ଆସିବା ପରେ ଏ ସମ୍ପର୍କରେ ଥାନାରେ ସୂଚନା ଦେଇଥିଲେ। ନାବାଳିକାଙ୍କ ଭାଇ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବିକାଶଙ୍କୁ ଗିରଫ କରିଥିଲା।

## ରବି ରାୟ ରାଉରକେଲା ଡିସିସି ସଭାପତି

**ରାଉରକେଲା,୧୧।୨(ସଙ୍ଗୀତା ଜେନା)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ୧୩ଟି ଜିଲାର ସଭାପତି ନିଯୁକ୍ତ ହୋଇଛନ୍ତି। ଏହି କ୍ରମରେ ରାଉରକେଲା ଜିଲା କଂଗ୍ରେସରେ ନୂତନ ସଭାପତି ଭାବେ ରବି ରାୟଙ୍କୁ ଦାୟିତ୍ୱ ମିଳିଛି। ଦ୍ୱିତୀୟ ଥର ପାଇଁ ସେ ଡିସିସି ସଭାପତି ହୋଇଛନ୍ତି। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ସହ ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ ବୋଲି ରାୟ କହିଛନ୍ତି। ପୂର୍ବରୁ ରାୟ ୨ ବର୍ଷ ଡିସିସି ସଭାପତି ଥିଲେ।

## ରାଉରକେଲା ଶ୍ରମିକ ସଂଘର ବାର୍ଷିକ ବୈଠକ


କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମିକ ନେତାଗଣ।

**ରାଉରକେଲା,୧୧।୨(ସଙ୍ଗୀତା ଜେନା)**

ରାଉରକେଲା ଇସ୍ପାତ କାରଖାନାରେ ଆଇଏନ୍‌ଟିୟୁସି ସହବନ୍ଧିତ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍)ର ବାର୍ଷିକ ବୈଠକ ସେକ୍ଟର-୧୩ କମ୍ୟୁନିଟି ସେଣ୍ଟରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡି.ଏସ୍. ପାଣିକରଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଉକ୍ତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଇସ୍ପାତ କାରଖାନାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ କର୍ମ କ୍ଷେତ୍ର ତଥା ଶିଳ୍ପାଞ୍ଚଳରେ ବିଭିନ୍ନ ସମସ୍ୟାର ସମାଧାନ ସକାଶେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଶ୍ରମିକଙ୍କ ସମୂହ ସ୍ୱାର୍ଥ ପାଇଁ ସଂଘ ସମର୍ପିତ ବୋଲି ଆଲୋଚନା ହୋଇଥିଲା। ଏଥିରେ ଆର୍‌ଏସ୍‌ଏସ୍ ସାଥୀ ଶ୍ରମ ସଙ୍ଗଠନ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ସଭାପତି ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସ, ସଞ୍ଜୟ ପଣ୍ଡା, ନିହାର ଦାସ, ନିହାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଆଇନଜୀବୀ, ବୁଦ୍ଧିଜୀବୀ, ଖବରଦାତା ଓ ଇସ୍ପାତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବନ୍ଧୁମିଳନ ହୋଇଥିଲା।

# ବନ କର୍ମଚାରୀଙ୍କ ସଶକ୍ତୀକରଣ ନିତାନ୍ତ ଆବଶ୍ୟକ

**ରାଉରକେଲା,୧୧।୨(ବିପ୍ଳବ ରଞ୍ଜନ ଦାଶ)**

ଓଡିଶା ଅଣଗେଜେଟେଡ ବନସେବା ସଂଘ ରାଉରକେଲା ଜୋନ୍ ପକ୍ଷରୁ ରବିବାର ପାନପୋଷର ଏକ ହୋଟେଲ ପ୍ରେକ୍ଷାଳୟରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଏବଂ ଆରସିସିଏଫ୍ ଡା. ଅରୁଣ କୁମାର ମିଶ୍ର ବରେଣ୍ୟ ଅତିଥି, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ରାଉରକେଲା କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଗୋକୁଳ ଚନ୍ଦ୍ର ପାଇକ, ବଣେଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନାୟକ କହିଥିଲେ, ବନଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ଉତ୍ଥାନ ହିଁ ରାଜ୍ୟ ପରିବେଶରେ ସନ୍ତୁଳନ ବଜାୟର ଏକମାତ୍ର ଉତ୍ସ। ସମୟ ଥିଲା ଅର୍ବାନ ଅଞ୍ଚଳକୁ ଜଙ୍ଗଲ ବିଭାଗ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ଅନୁଦାନ ଆସୁ ନ ଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଯୋଜନା ରାଜ୍ୟ ବନ ଉତ୍ଥାନ ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମନ୍ତ୍ରୀ ନାୟକ କହିଥିଲେ। ବରେଣ୍ୟ ଅତିଥି ମିଶ୍ର କହିଥିଲେ, ଜଙ୍ଗଲର ଏକମାତ୍ର ଜଗୁଆଳି ହେଲେ ବନ କର୍ମଚାରୀ। ଏହାର ସୁରକ୍ଷା ଏକମାତ୍ର ବନ କର୍ମଚାରୀଙ୍କ ହାତରେ ନ୍ୟସ୍ତ। ତେଣୁ ଜଙ୍ଗଲରେ ବେଆଇନ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ବନ କର୍ମଚାରୀଙ୍କ ମୂଳ ଦାୟିତ୍ୱ ବୋଲି ସେ କହିଥିଲେ। ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ କହିଥିଲେ, ରାଉରକେଲା, ସୁନ୍ଦରଗଡ, ବଣେଇ, କେନ୍ଦୁଝର ଏବଂ ଦେବଗଡ ବନଖଣ୍ଡରେ ଜଙ୍ଗଲ ସୁରକ୍ଷା ଜନିତ ସମସ୍ୟା ବୃଦ୍ଧି ପାଉଛି। ଏହି ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିବା କର୍ମଚାରୀଙ୍କ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ ବୋଲି ସେଠୀ କହିଥିଲେ। ବଣେଇ ବନଖଣ୍ଡ ଅଧିକାରୀ ପାତ୍ର ରାଜ୍ୟର ବନ ସୁରକ୍ଷାରେ ବନ କର୍ମଚାରୀଙ୍କୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ସହ ବିଶେଷ ତାଲିମ ଦେବା ପାଇଁ ବ୍ୟବସ୍ଥା ହେଲେ ବନ ଅଧିକ ସୁରକ୍ଷିତ ରୁହନ୍ତା ବୋଲି କହିଥିଲେ। ପରେ ସଙ୍ଗଠନ ରାଜ୍ୟ ସଭାପତି ପାତ୍ର ବୈଠକରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୯ଟି ଦାବି ଉପସ୍ଥାପନ କରିଥିଲେ। ସଂଘର ଅଧକ୍ଷ ଖଗେଶ୍ୱର ସେଠୀ ସ୍ୱାଗତ ଭାଷଣ ଓ ରାଜ୍ୟ ସଙ୍ଗଠନ ସମ୍ପାଦକ ଅଲ୍ୟଳ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଭେଡେନ ରାମଲୀଳା ମହୋତ୍ସବ ଉଦ୍‌ଯାପିତ

ଭେଡେନ,୧୧।୨(ସୁଦନ ମହାକୁର): ବରଗଡ଼ ଜିଲା ଭେଡେନଠାରେ ୧୦ଦିନ ଧରି ଚାଲିଥିବା ଅଖଣ୍ଡ ଶ୍ରୀହରି ନବରାତ୍ର ନାମଯଜ୍ଞ ତଥା ରାମଲୀଳା ମହୋତ୍ସବ ରବିବାର ବିଳମ୍ବିତ ରାତିରେ ରାବଣ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସ ନାଟ୍ୟାଭିନୟରେ ଇନ୍ଦ୍ରଜିତ ନିଧନ ଖବର ପାଇ ମର୍ମାହତ ରାବଣ ପାତାଳପୁରର ରାଜା ମହିରାବଣଙ୍କୁ ସ୍ମରଣ କରିଛି। ମାୟାବୀ ମହିରାବଣ ରାମଲକ୍ଷ୍ମଣଙ୍କୁ ବଧ କରିବାକୁ ଯୁଦ୍ଧଭୂମିକୁ ଯାଇଛି । ମାତ୍ର ବିଭିଷଣଙ୍କ ସେନା ଛାଉଣୀକୁ ଦେଖି ମାୟା ରଚନା କରିଛି। ବିଭିଷଣ ରୂପ ନେଇ ରାମ ଲକ୍ଷ୍ମଣଙ୍କୁ ଅପହରଣ କରି ନେଇଛି। ହନୁମାନ ପାତାଳପୁରୀକୁ ଯାଇ ମହୀରାବଣକୁ ବଧ କରି ରାମ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଛନ୍ତି। ପରେ ରାମ ରାବଣ ଯୁଦ୍ଧରେ ରାମ ରାବଣଙ୍କୁ ବଧ କରିଛନ୍ତି। ପରେ ବିଭିଷଣ ଲଙ୍କାରେ ରାଜା ହୋଇଛନ୍ତି ଏବଂ ସୀତାଙ୍କୁ ଧରି ରାମ ଲକ୍ଷ୍ମଣ ଅଯୋଧ୍ୟା ଫେରିବା ଦୃଶ୍ୟ ଆଦି ଅଭିନୀତ ହୋଇଥିଲା। ସେହିପରି ବାବା ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଚାଲିଥିବା ଅଖଣ୍ଡ ଶ୍ରୀହରି ନବରାତ୍ର ନାମଯଜ୍ଞ ଶେଷ ହୋଇଛି। ବରଗଡ଼ ଜିରା ନଦୀକୂଳ ଆଶ୍ରମର ମହନ୍ତ ଭଗବାନ ଦାଶଙ୍କ ତତ୍ତ୍ୱାବଧାନରେ ଏହି ନାମଯଜ୍ଞର ଉଦଯାପନୀ ହୋଇଥିଲା। ପଣ୍ଡିତ ବିଶ୍ୱମ୍ଭର ପାଣିଗ୍ରାହୀ, ମାଧବ ମହାପାତ୍ର, ଉଦ୍ଧବ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିବିରରେ ୬୯୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ପାଇକମାଳ,୧୧।୨(ବଡ ଶତପଥି): ବରଗଡ ଜିଲା ପାଇକମାଳ ନୃସିଂହନାଥ ଧର୍ମଶାଳାଠାରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁରଲୀକ୍ରିଷ୍ଣା ଫାଉଣ୍ଡେଶନ ପକ୍ଷରୁ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୬୯୦ଜଣ ରୋଗୀଙ୍କୁ ବିଭିନ୍ନ ବିଭାଗର ୬ଜଣ ବିଶେଷଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୩୫ ଜଣ ଚକ୍ଷୁ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଛି। ଏହି ଶିବିରକୁ ଫାଉଣ୍ଡେଶନର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ଉଦ୍‌ଘାଟନ କରିଥିଲେ। ପରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲାୟନ୍ସ କ୍ଲବର ସଭାପତି ଗୋବରଦ୍ଧନ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ. ମୁରଲୀ କ୍ରିଷ୍ଣା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଡ. ସଙ୍କେତ ମିଶ୍ର, ଡ. ରାଜୀବଲୋଚନ ପଟ୍ଟନାୟକ, ଜନାର୍ଦ୍ଦନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଇକମାଳ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ସଭା ପରିଚାଳନା କରିଥିଲେ। ବିନ୍ଧ୍ୟବାସିନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯମୁନା କାଣ୍ଡୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ଲାୟନ୍ସ କ୍ଲବ ସଦସ୍ୟ ସୁନ୍ଦରମଣି ନାୟକ, ନନ୍ଦଲାଲ ନାୟକ, ମିନକେତନ ବେହେରା, କିଶୋର ବାରିକ, ମହମ୍ମଦ ଇଜାଜ ପ୍ରମୁଖ ସହଯୋଗ କରିଥିଲେ।

# ସଙ୍ଗଠିତ ହେଲେ ଓକିଲ ସଂଘ ସମୂହ

- ବରଗଡ଼ରେ ଓକିଲଙ୍କ ସମାବେଶ
- ଏକତା, ଅଖଣ୍ଡତା ଉପରେ ଗୁରୁତ୍ୱ
- ମାର୍ଚ୍ଚ ମାସରେ ପରବର୍ତ୍ତୀ ବୈଠକ

ବରଗଡ଼,୧୧।୨(ପ୍ରେମାନନ୍ଦ ଖମାରୀ)



ସମାବେଶରେ ଆବାହକ ବକ୍ତବ୍ୟ ରଖୁଛନ୍ତି ।


ସମାବେଶରେ ସମବେତ ଓକିଲବୃନ୍ଦ ।

ପଶ୍ଚିମ ଓଡ଼ିଶା ଓକିଲ ସମୂହଙ୍କ ଏକତା, ଅଖଣ୍ଡତା ତଥା ସାମୂହିକ କଲ୍ୟାଣ ଓ ସ୍ୱାଭିମାନ ରକ୍ଷା ପାଇଁ ବରଗଡ଼ ଜିଲାର ସମସ୍ତ ଓକିଲ ସଂଘ ସମୂହଙ୍କ ଆହ୍ୱାନକ୍ରମେ ତଥା ବରଗଡ଼ ଜିଲା ଓକିଲ ସଂଘ ଆବାହକତ୍ୱରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୨୫ଓକିଲ ସଂଘକୁ ନେଇ ଶନିବାର ବରଗଡ଼ ଜିଲା ଓକିଲ ସଂଘ ସେମିନାର କକ୍ଷରେ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଓକିଲ ସଂଘ ସଭାପତି ତଥା ଜିଲା ଓକିଲ ସଂଘର ଆବାହକ ଭୀଷ୍ମଦେବ ସରାଫଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ପଦ୍ମପୁର ଓକିଲ ସଂଘର ସଭାପତି ସନ୍ତୋଷ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସୁନିଲ ପ୍ରଧାନ ଏବଂ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାପତି ତଥା ଆବାହକ ସରାଫ ସମାବେଶର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଦେବଗଡ଼ ବାର୍ ଆସୋସିଏଶନ ସଭାପତି ମନୋଜ ପାଢ଼ୀ, ଝାରସୁଗୁଡ଼ା ବାର୍ ଆସୋସିଏଶନ ଉପସଭାପତି ଅମିୟ ପାଣିଗ୍ରାହୀ, ସୁନ୍ଦରଗଡ଼ ବାର୍ ଆସୋସିଏଶନ ସଭାପତି କମଳ ସେନ୍, ବିନିକା ବାର୍ ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ଦାଶ, ରାମପୁର ବାର୍ ଆସୋସିଏଶନ ସମ୍ପାଦକ କୃଷ୍ଣଚନ୍ଦ୍ର ବର୍ଗୀ, ପଦ୍ମପୁର ବାର୍ ଆସୋସିଏଶନ ସଭାପତି ସନ୍ତୋଷ ଶତପଥୀ, ପାଇକମାଳ ବାର୍ ଆସୋସିଏଶନ ସଭାପତି ରାମରତନ ପୁରୋହିତ, ବରଗଡ଼ ଜିଲା ଓକିଲ ସଂଘର ସମ୍ପାଦକ ଉତ୍ତର ସାହୁ ପ୍ରମୁଖ ଓକିଲମାନଙ୍କ ମର୍ଯ୍ୟାଦା, ସମ୍ମାନକୁ ଅବକ୍ଷୟମୁଖୀ କରାଯାଉଥିବା ଉପରେ ଆଲୋକପାତ କରିଥିଲେ। ଏହା ସହିତ ଓକିଲମାନଙ୍କ ଏକତା ତଥା ସାମୂହିକ କଲ୍ୟାଣ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ବରଗଡ଼ ଜିଲା ଓକିଲ ସଂଘ ଉପସଭାପତି ସୁଶିଲ କୁମାର ସଭାପତି ସମାବେଶ ସଂଯୋଜନା କରିଥିବାବେଳେ ବରିଷ୍ଠ ଆଡ଼ଭୋକେଟ୍ ରାଜେନ୍ଦ୍ର ପ୍ରସାଦ ସିଂ, ଯୁଗ୍ମ ସମ୍ପାଦକ ଶୁକଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସମାବେଶରେ ବିଭିନ୍ନ ପ୍ରସ୍ତାବ ନିଆଯାଇଥିଲା। ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ଏକ କମିଟି ଗଠନ କରାଯାଇଥିଲା ଏବଂ ଏଥିରେ ବରଗଡ଼ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କୁ ଆବାହକ ଭାବେ ମନୋନୀତ କରାଯାଇଥିଲା। ସେହିପରି ସୁନ୍ଦରଗଡ଼ ଜିଲା ଓକିଲ ସଂଘ ସଭାପତି କମଳ ସେନ ଯୁଗ୍ମ ଆବାହକ ମନୋନୀତ ହୋଇଥିଲେ। ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘମାନଙ୍କ ସଭାପତି ଏବଂ ସମ୍ପାଦକଙ୍କୁ ଉକ୍ତ କମିଟିର ସଦସ୍ୟ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ସମସ୍ତ ଓକିଲ ସଂଘକୁ ନେଇ ଏକ ପୂର୍ଣ୍ଣ କମିଟି ଗଠନ ନ ହେବା ପର୍ଯ୍ୟନ୍ତ ସରାଫ୍ ଏହାର ଆବାହକ ରହିବେ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ମାର୍ଚ୍ଚ ମାସରେ କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା।

ଓକିଲମାନଙ୍କ ସୁରକ୍ଷା ଦୃଷ୍ଟିରୁ ଆଡ଼ଭୋକେଟ୍ ପ୍ରୋଟେକ୍ସନ ଆକ୍ଟକୁ କାର୍ଯ୍ୟକାରୀ କରାଯିବା, ସମସ୍ତ ଓକିଲଙ୍କୁ ବ୍ୟକ୍ତିଗତ ଭାବେ ୧୦ଲକ୍ଷ ଟଙ୍କାର ବୀମା ପ୍ରଦାନ ଦାବି ନେଇ ରାଜ୍ୟ ସରକାର ଏବଂ ଓଡ଼ିଶା ଆଇନଜୀବୀ ପରିଷଦଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହା ସହିତ ଆଇନଜୀବୀମାନଙ୍କ କଲ୍ୟାଣ ପାଣ୍ଠିକୁ ୧୦୦ କୋଟି ଟଙ୍କା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ନିଆଯାଇଥିଲା। ୨୦୨୨ ଡିସେମ୍ବରରେ ସମ୍ବଲପୁର ଓକିଲ ସଂଘ ସଭ୍ୟମାନଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ଦାବି ନେଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

### ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ସାଧାରଣ ବୈଠକ

ଅମରପାଲି,୧୧।୨(ପୀତାମ୍ବର ସାହୁ)

ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ହରିହର ଯୋର ଠେଙ୍ଗୋ ଡ୍ୟାମଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ। ବିଶେଷ ଭାବରେ ଅଞ୍ଚଳର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ପ୍ରତିକୂଳ ପରିସ୍ଥିତିରେ ନିଜର ଜୀବନକୁ ବାଜି ଲଗାଇ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟ କରୁଥିଲେ ମଧ୍ୟ କେନ୍ଦ୍ର ବା ରାଜ୍ୟ ସରକାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେତିକି ଗୁରୁତ୍ୱ ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହି ବୈଠକରେ ସଂଘର ସମ୍ପାଦକ ବାସୁଦେବ ପଣ୍ଡା, ବରିଷ୍ଠ ସାମ୍ବାଦିକ ନନ୍ଦ କିଶୋର ମିଶ୍ର, ସୌମିତ୍ରୀ ମେହେର, ଆଦିତ୍ୟ ମିଶ୍ର, କିଶୋର କୁମାର ହୋତା, କୋଷାଧ୍ୟକ୍ଷ ସତ୍ୟବାନ ପୁରୋହିତ, ରାଧାକାନ୍ତ ବାଘ, ରବିନ୍ଦ୍ର କୁମାର ହୋତା, ସୁଧୀର କୁମାର ବିଶ୍ୱାଳ, କୁଶ ବଘାର, ଉରୁକ୍ରମ ପାଣ୍ଡିଆ, ରାଜେଶ କୁମାର ସେଠୀ, ନୀଳକମଳ ମିଶ୍ର ଓ ସଞ୍ଜୀବ ମେହେର, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯୁଗଳ କିଶୋର ମିଶ୍ର। ଶେଷଦେବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବଗଡ଼ର ବିଭିନ୍ନ ସମସ୍ୟା ନେଇ ଆଲୋଚନା



ଦେବଗଡ଼,୧୧।୨(ଶଶାଙ୍କ ଶେଖର ଝାଙ୍କର)

ଫେବୃଆରୀ ୨୪ରେ ପ୍ରଥମଥର ପାଇଁ ଦେବଗଡ଼ ଜିଲା ନାଗରିକ କମିଟି ଆନୁକୂଲ୍ୟରେ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନାଗରିକ କମିଟି ସଭାପତି ସୁଶୀଲ କୁମାର କପରଦାର ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ନାଗରିକ କମିଟିର ଏକ ବୈଠକ କପରଦାରଙ୍କ ସଭାପତିତ୍ୱରେ ରବିବାର ସେଣ୍ଟର ଫର କଲଚର ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ସମସ୍ୟା ଓ ଏହା ସମାଧାନ ପାଇଁ ଏକ ଆଲୋଚନା ଚକ୍ର ୨୪ରେ ହେବାକୁ ସ୍ଥିରୀକୃତ ହୋଇଛି। ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ବିମଳାଗଡ଼-ତାଳଚେର ରେଳ ଲାଇନ ପାଇଁ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ,ପୁରୁଣା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ବଡବନ୍ଧ ଓ ୩ଟି କଲ୍ୟାଣ ମଣ୍ଡପ ଗୁଡିକର କାର୍ଯ୍ୟ ଆରମ୍ଭ, ରାଜା ବାସୁଦେବ ହାଇ ସ୍କୁଲରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପୁନଃ ପ୍ରତିଷ୍ଠା, ସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି, ପୌର ସଂସ୍ଥାର ସୁପରିଚାଳନା ପ୍ରଭୃତି ସମସ୍ୟା ଗୁଡିକ ପାଇଁ ଏକ ଦାବିପତ୍ର ଜିଲାପାଳଙ୍କୁ ମଙ୍ଗଳବାର ଦେବା ପାଇଁ କମିଟି ସ୍ଥିର କରିଛି। ସନ୍ତୋଷଜନକ ପଦକ୍ଷେପ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗ୍ରହଣ ନ ହେଲେ ନାଗରିକ କମିଟି ଆନ୍ଦୋଳନକୁ ଯିବାକୁ ବାଧ୍ୟ ହେବ ବୋଲି କମିଟି ସଭାପତି କପରଦାର ପ୍ରକାଶ କରିଛନ୍ତି। ଏହି ବୈଠକରେ ଉପନଗରପାଳ ପ୍ରଜିତ କୁମାର ଭୋଜ, ବରିଷ୍ଠ ନାଗରିକ ନିରଞ୍ଜନ ଦ୍ୱିବେଦୀ, ଲକ୍ଷ୍ମଣ ପ୍ରଧାନ, ସୁଧୀର କପରଦାର, ପ୍ରଫୁଲ ନାୟକ, ଅମୀୟ ମିଶ୍ର, ସୁଦାମ ବୁଢ଼ା, ଚଗଲା ସାହୁ, ମହେଶ୍ୱର ପାଣି, ବିଜୟ ପ୍ରଧାନ, ମଞ୍ଜୁଳା ନାୟକ ତଥା ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ମହା ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

ଦେବଗଡ଼,୧୧।୨ (ଶଶାଙ୍କ ଶେଖର ଝାଙ୍କର)

ମହା ଶିବରାତ୍ରୀ ଉତ୍ସବ ଆୟୋଜନ ପାଇଁ ଚମ୍ପକେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ପରିସରରେ ରବିବାର ସଂଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ଈଶ୍ୱର ପ୍ରସାଦ ଦାସଙ୍କ ଆବାହକତ୍ୱ ଓ ସଭାପତି ସୁଶୀଳ କପରଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମନ୍ଦିର ସାଜସଜ୍ଜା ଓ ଆଲୋକୀକରଣ ବ୍ୟବସ୍ଥା, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଦର୍ଶନ ସମେତ ମହାଦୀପ ପ୍ରଜ୍ୱଳନ ଓ ପ୍ରସାଦ ବିତରଣ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରଜିତ କୁମାର ଭୋଜ, ରଞ୍ଜନ କୁମାର ଦାସ, ସୁଧିର କୁମାର ଦାସ, ସରୋଜ କୁମାର ପାତ୍ର, ଶଶାଙ୍କ ଶୈଖର ନାୟକ, ବେଣୁଧର ଭଞ୍ଜ, ରାଜେଶ ଦେବ, ଶ୍ରବଣ ନାୟକ, ବାବୁଲେନ୍ଦ୍ର ନାୟକ, ସିବଲୁ ଅଗ୍ରୱାଲା ଓ ଧବଳେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମ୍ୟାନେଜିଂ ଟ୍ରଷ୍ଟି ପ୍ରଭାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ

ଦେବଗଡ,୧୧।୨( ଶଶାଙ୍କ ଶେଖର ଝାଙ୍କର)

ରାଜା ବାସୁଦେବ ହାଇସ୍କୁଲ ପଡିଆରେ ମନୋରମା କ୍ଲବ୍ ମଠ ସାହି ଆନୁକୂଲ୍ୟରେ ଏକ ସିନିୟର ଜୁନିୟର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ସିନିୟର ଦଳ ୧୦ ଓଭର୍ ରେ ୭୮ ରନ୍ ସଂଗ୍ରହ କରିଥିଲେ। ୭୯ ରନ୍ର ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇ ଥିବା ଜୁନିଅର ଦଳ ମାତ୍ର ୪୯ ରନ୍ ସଂଗ୍ରହ କରି ୩୦ ରନ୍‌ରେ ପରାଜିତ ହୋଇଥିଲା। ଭାଇଚାରା ଏବଂ ସୌହାର୍ଦ୍ଧ୍ୟପୂର୍ଣ୍ଣ ସମାଜ ଗଠନ ଉଦ୍ଦେଶ୍ୟ ନେଇ ଏହି ମ୍ୟାଚ ହୋଇଥାଏ। ଉକ୍ତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ବରିଷ୍ଠ ଖବରଦାତା ତଥା ରାଜ୍ୟ ସାମ୍ବାଦିକ ସଂଘ ଓଡ଼ିଶାର ରାଜ୍ୟ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ମ୍ୟାଚକୁ କାଳିଆ ମାଝି, ବାପୁନୁ ପଟ୍ଟନାୟକ, ଆକାଶ ପଟ୍ଟନାୟକ, ବିଜୟ ମେହେର, ଭୋଳା ବେହେରା, ଈଶ୍ୱର ବେହେରା, ଅମିତ ଦଣ୍ଡିଆ, ସୁରୋଜ କୁମାର ବେହେରାଙ୍କ ସମତେ ସିନିୟର୍ ଜୁନିୟର ସଦସ୍ୟମାନେ ପ୍ରମୁଖ ସହୋଯୋଗ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

# ରାଜା ବାସୁଦେବ ହାଇସ୍କୁଲ ଚାମ୍ପିୟନ



ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

ଦେବଗଡ଼,୧୧।୨(ଶଶାଙ୍କ ଶେଖର ଝାଙ୍କର)

### ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟ

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ଼କୁ ୨୬ ରନରେ ପରାସ୍ତ କରି ରାଜା ବାସୁଦେବ ହାଇସ୍କୁଲ ଚାମ୍ପିୟନ ହୋଇଛି। ରାଜା ବାସୁଦେବ ହାଇସ୍କୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୮ଟି ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମହେଶ୍ୱର ସ୍ୱାଇଁ ୯୦, ବାଦଲ ଉର୍ମାକୁରି ୨୬ ଓ ସୌମ୍ୟରଞ୍ଜନ ପାତ୍ର ୧୯ ରନ କରିଥିବା ବେଳେ କେନ୍ଦ୍ରୀୟ ଦଳର ଶୁଭମ୍ ଦାସ ୪ ଓ ପ୍ରିୟମ ଦେହୁରୀ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ କେନ୍ଦ୍ରୀୟ ଦଳ ୩୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୯ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଶୁଭମ୍ ଦାସ୍ ୩୬, ପ୍ରଭାସ ସାହୁ ୩୦ ଓ ଓମ୍ ପ୍ରଭାସ ପ୍ରଧାନ ୨୮ ରନ କରିଥିବା ବେଳେ ଆର୍‌ବିଡି ଦଳର ନିଲମ୍ ଦେବ ଓ ମହେଶ୍ୱର ସ୍ୱାଇଁ ୨ଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚକୁ ଅମ୍ପାୟର ନବୀନ ରାଉଳ ଓ ରାଜା ରାଣା, ସ୍କୋରର ଭାବେ ସୌମ୍ୟରଞ୍ଜନ ନାୟକ, ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରା ବିବରଣୀ ଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ରାଜା ବାସୁଦେବ ହାଇସ୍କୁଲର ମହେନ୍ଦ୍ର ସ୍ୱାଇଁ, ଶ୍ରେଷ୍ଠ ବୋଲର ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭମ ଦାସ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଭାସ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ କ୍ରିକେଟ ଖେଳାଳି ପ୍ରମୋଦ କୁମାର ମିଶ୍ର, ପ୍ରଦୀପ ମହାପାତ୍ର, କୈଳାସ ମୋଦି, ପ୍ରଭାସ ମିଶ୍ର, ମନୋଜ କୁମାର ଶତପଥୀ ଓ ରାଜା ବାସୁଦେବ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟ ନାରାୟଣ ପାଣି , ଅଭୟ ନନ୍ଦ, ଚିତ୍ତରଞ୍ଜନ ଦାସ, ମୋତିଲାଲ ଶର୍ମା, ରାଘବ ମହାରଣା, କ୍ଷୀରୋଦ ବେହେରା, ସୁବାସ ପୃଷ୍ଟି, ପ୍ରଦ୍ୟୁମ୍ନ ଭୁକ୍ତା, ସନ୍ତୋଷ ଦେବତା ପ୍ରମୁଖ ସହଯୋଗ କରିଥିଲେ।

# ଅଙ୍ଗ ନଦୀ ଉପରେ ବ୍ରିଜ ନିର୍ମାଣ କରାଯିବ

ଡୁଙ୍ଗୁରିପାଲି,୧୧।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶୁଖା ପଞ୍ଚାୟତରେ ରବିବାର ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଶୁଖା ସରପଞ୍ଚ ରଶ୍ମିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ରୋହିତ ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏବିଡିଓ ଆନନ୍ଦଚନ୍ଦ୍ର ମିଶ୍ର, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ,ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀ,ସମଲେଇଚୁଆ ସରପଞ୍ଚ ବିଭୁଦତ୍ତ ରାଜହଂସ,ଶୁଖା ସମିତି ସଭ୍ୟ ମଦନମୋହନ ବରିହା,ଇଚ୍ଛାପୁର ସରପଞ୍ଚ ପ୍ରଶାନ୍ତ କୁମାର ସାହୁ,ବନ୍ଧପାଲି ସରପଞ୍ଚ କ୍ଷୀରୋଦ୍ର ବୁଡ଼େକ, ବେହେରାମାଲ ସରପଞ୍ଚ ନରେଶ ପୂଜାରୀ, ଡୁଙ୍ଗୁରିପାଲି ସମିତି ସଭ୍ୟାଙ୍କ ପ୍ରତିନିଧି ଧର୍ମେନ୍ଦ୍ର ବିଶ୍ୱାଳ ମଞ୍ଚାସୀନ ଥିଲେ । ଅତିଥିମାନଙ୍କ ପରିଚୟ ପ୍ରଦାନ, ସ୍ୱାଗତ ଅଭିଭାଷଣ ଓ ସଭା କାର୍ଯ୍ୟ ପରିଚାଳନା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଙ୍ଗଦ ମହାନନ୍ଦ କରିଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର ବିକାଶ ଓ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ସଚେତନ କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ପ୍ରଦର୍ଶିତ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କୁ ନେଇ ମଞ୍ଚ କଳାକାର ଭକ୍ତ ପଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ସୂଚନା ପ୍ରଦାନ କରିବା ସହ ଶୁଖା ଗ୍ରାମରୁ ବଲାଙ୍ଗୀର ଜିଲା ଦୁଦୁକା ଗ୍ରାମକୁ ଗମନାଗମନ ପାଇଁ ଅଙ୍ଗ ନଦୀ ଉପରେ ଏକ ବ୍ରିଜ ନିର୍ମାଣ କରାଯିବ ବୋଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଲୋକଙ୍କୁ ଅବଗତ କରାଇଥିଲେ।

# ମଧପୁର କ୍ରିକେଟ କ୍ଲବ ଚାମ୍ପିୟନ

**ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼,୧୧।୨(ଶଶାଙ୍କ ଶେଖର ଝାଙ୍କର)



ବାରକୋଟ ବ୍ଲକ ରାଇତାବାହାଲ ପଞ୍ଚାୟତ ସଦର ମହକୁମାରେ ବାବା ଗୁପ୍ତେଶ୍ୱର ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଗତ ୭ ତାରିଖରୁ ମୋଟ ୧୬ଟି ଦଳକୁ ନେଇ ଚାଲିଥିବା ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆୟୋଜକ ବାବା ଗୁପ୍ତେଶ୍ୱର ସ୍ପୋର୍ଟସ କ୍ଲବ(ରାଇତାବାହାଲ କ୍ଲବ)କୁ ପରାସ୍ତ କରି ମଧପୁର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅପରାହ୍ନରେ ଆୟୋଜକ ବାବା ଗୁପ୍ତେଶ୍ୱର ସ୍ପୋର୍ଟସ କ୍ଲବ ସଭାପତି ସାଧୁଚରଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ସମ୍ମାନୀତ ଅତିଥିଭାବେ ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନ, ପର୍ଶୁରାମ ନାୟକ, ଭୁପେଶ୍ୱର ସାହୁ ଓ ଚେରୁ ପ୍ରଧାନ ଯୋଗଦେଇ ଚାମ୍ପିୟନ ମଧପୁର କ୍ରିକେଟ କ୍ଲବ ଓ ରନର୍ସ ଅପ୍ ବାବା ଗୁପ୍ତେଶ୍ୱର ସ୍ପୋର୍ଟସ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ବାବା ଗୁପ୍ତେଶ୍ୱର ସ୍ପୋର୍ଟସ କ୍ଲବର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରୀୟ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ କମଳ ଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଟନା ଫେରି ତେଜସ୍ୱୀଙ୍କ ଘରେ ରହିଲେ କଂଗ୍ରେସ ବିଧାୟକ

## ଆଜି ଆସ୍ଥା ଲୋଡ଼ିବେ ନୀତୀଶ

ପାଟନା,୧୧।୨(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ବିଧାନସଭାରେ ଆସ୍ଥା ଭୋଟ ଲୋଡ଼ିବାକୁ ଥିବାବେଳେ ସପ୍ତାହେ ହେଲା ତେଲଙ୍ଗାନାରେ ରହିଥିବା କଂଗ୍ରେସ ବିଧାୟକମାନେ ରବିବାର ପାଟନା ଫେରିଛନ୍ତି। ସେଠାରୁ ସେମାନେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ବାସଭବନକୁ ଯାଇଛନ୍ତି। ସେମାନେ ତେଜସ୍ୱୀଙ୍କ ଘରେ ସୋମବାର ପର୍ଯ୍ୟନ୍ତ ରହିବା ବ୍ୟବସ୍ଥା ହୋଇଛି। ସେମାନଙ୍କ ସହ ଆର୍‌ଜେଡି ଏବଂ ବାମଦଳ ବିଧାୟକମାନେ ମଧ୍ୟ ତେଜସ୍ୱୀଙ୍କ ୫, ଦେଶରତ୍ନ ମାର୍ଗ ସରକାରୀ ବଙ୍ଗଳାରେ ରହିବେ। ଜେଡିୟୁ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ନୀତୀଶ ମହାମେଣ୍ଟରୁ ଓହରି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଫେରି ନୂଆ ସରକାର ଗଢ଼ିବା ପରେ ଆସ୍ଥାଭୋଟ ଆବଶ୍ୟକ ହୋଇଛି।



ଆସ୍ଥାଭୋଟ ପୂର୍ବରୁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସରକାରୀ ବାସଭବନ ବାହାରେ ବିହାର କଂଗ୍ରେସ ସଭାପତି ଅଖିଳେଶ ସିଂ।

୨୪୩ ଆସନ ବିଶିଷ୍ଟ ବିଧାନସଭାରେ ଏନ୍‌ଡିଏର ୧୨୮ ବିଧାୟକ ରହିଥିବାରୁ ସେମାନେ ସୁବିଧାରେ ଆସ୍ଥାଭୋଟ ଜିତିଯିବେ। ତେବେ ଆସ୍ଥାଭୋଟ ପୂର୍ବରୁ ବିଭାଜନ ଆଶଙ୍କାରେ କଂଗ୍ରେସର ୧୯ ବିଧାୟକ ତେଲଙ୍ଗାନାରେ ରହିଥିଲେ। ଆର୍‌ଜେଡି ବିଧାୟକମାନଙ୍କୁ ଶନିବାର ମଧ୍ୟାହ୍ନ ଭୋଜନ ପାଇଁ ତେଜସ୍ୱୀଙ୍କ ଘରକୁ ଡକାଯାଇ ଆସ୍ଥା ଭୋଟ ପର୍ଯ୍ୟନ୍ତ ରହିବାକୁ କୁହାଯାଇଛି। ସେଠାରେ ବିଧାୟକମାନେ ନିଆଁ ପୋହିବା ସହ ସଙ୍ଗୀତ କାର୍ଯ୍ୟକ୍ରମର ମଜା ନେଉଥିବା ଦେଖାଯାଇଛି।

# କଂଗ୍ରେସରୁ ପ୍ରାର୍ଥୀ ଲାଗି ୩୧୭୦ ଆବେଦନ

ଭୁବନେଶ୍ୱର,୧୧।୨ (ସୁନିତ୍ ମିଶ୍ର)

- ବିଧାନସଭା ଆସନ ଲାଗି ୨୫୦୦, ଲୋକ ସଭା ପାଇଁ ୬୭୦ ଜଣ ଆବେଦନ କଲେ
- ଆସନ୍ତା ୧୯ରେ ବସିବ ପିଇସି ବୈଠକ

ରାଜ୍ୟରେ କଂଗ୍ରେସ ପ୍ରତି ବଢ଼ୁଛି ସମର୍ଥନ, କଂଗ୍ରେସ ଟିକେଟ ପାଇଁ ଆଶାୟୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଛି। ୨୦୧୯ରେ ୧୪୭ ବିଧାନସଭା ପାଇଁ ୪୩୫ ଜଣ ଓ ୨୧ ଲୋକ ସଭା ଆସନ ପାଇଁ ୭୦ ଜଣ ଆଶାୟୀ ଆବେଦନ କରିଥିଲେ। ତେବେ ୨୦୨୪ ସାଧାରଣ ନିର୍ବାଚନ ସକାଶେ ୧୪୭ ବିଧାନସଭା କ୍ଷେତ୍ରରୁ ୨,୫୦୦ରୁ ଅଧିକ ଓ ୨୧ ଲୋକ ସଭା ଆସନ ପାଇଁ ୬୭୦ରୁ ଅଧିକ ଆଶାୟୀ ପ୍ରାର୍ଥୀ ଆବେଦନ କରିଛନ୍ତି। କଂଗ୍ରେସ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରାର୍ଥୀ ବାଛିବା ଓ ଟିକେଟରେ ସ୍ୱଚ୍ଛତା ଆଣିବା ପାଇଁ ଗତ ୪ ତାରିଖରେ 'ପ୍ରଗମନ' ୱେବ୍‌ସାଇଟ ଦ୍ୱାରା ଟିକେଟ ଆବେଦନ କରିବା ଲାଗି ଦଳ ପକ୍ଷରୁ ଏକ ନୂତନ ଅଭିଯାନ ଆରମ୍ଭ କରାଯାଇଥିଲା। ରାଜ୍ୟର ଅନେକ ଆଶାୟୀ ପ୍ରାର୍ଥୀ ଏହି ପଦ୍ଧତିକୁ ପସନ୍ଦ କରିଛନ୍ତି। ଏଥିପାଇଁ ରାଜ୍ୟବାସୀଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କୃତଜ୍ଞତା ଜ୍ଞାପନ କରିଛନ୍ତି।

କଂଗ୍ରେସ ଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି ଯେ, ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଉଭୟ ବିଜେଡି ଓ ଭାଜପାରେ ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ଟିକେଟ ବଣ୍ଟନରେ ସ୍ୱଚ୍ଛତା ନାହିଁ। କିନ୍ତୁ କଂଗ୍ରେସ ଗଣତାନ୍ତ୍ରିକ ପଦ୍ଧତିରେ ଟିକେଟ ବଣ୍ଟନକୁ ଗ୍ରହଣ କରେ। ଏହି ଆଧାରରେ କାର୍ଯ୍ୟକ୍ରମ ଚାଲିଛି ଏବଂ ଆସନ୍ତା ୧୪ରେ ପ୍ରଗମନ ୨ୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଆରମ୍ଭ ହେବ। କଂଗ୍ରେସ ପୂର୍ବରୁ ବ୍ଲକ ସଭାପତି ଓ ଜିଲା ସଭାପତିଙ୍କ ଜରିଆରେ ଆଶାୟୀଙ୍କ ରିପୋର୍ଟ ସଂଗ୍ରହ କରିଥିଲା। ଏହିସବୁ ରିପୋର୍ଟକୁ ଭିତ୍ତିକରି ପ୍ରଦେଶ ଇଲେକ୍‌ଶନ କମିଟି(ପିଇସି) ବୈଠକ ବସିବ। ଏଆଇସିସି ସ୍କ୍ରିନିଙ୍ଗ୍ କମିଟି ମଧ୍ୟ ଆଶାୟୀ ପ୍ରାର୍ଥୀଙ୍କୁ ଯାଞ୍ଚ କରିବ।

ଏହାପରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ। 'ପ୍ରଗମନ'ର ଅଧ୍ୟକ୍ଷ ପ୍ରବୀଣ ପାଠକ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଏହି ପ୍ରୋଜେକ୍ଟକୁ କଂଗ୍ରେସ ପ୍ରଥମ ଥର ପାଇଁ ମଧ୍ୟପ୍ରଦେଶର ଗ୍ୱାଲିଅରରେ ପ୍ରୟୋଗ କରିଥିଲା। ମେୟର ନିର୍ବାଚନରେ ସଫଳତା ସ୍ୱରୂପ ମେୟର ପ୍ରାର୍ଥୀ ବିଜୟ ଲାଭ କରିଥିଲେ। ଏହି ସଫଳତାକୁ ଆଧାର କରି ଓଡ଼ିଶାରେ କଂଗ୍ରେସ ଆଗକୁ ବଢ଼ିବ ଏବଂ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ବିଜୟ ହାସଲ କରି ସରକାର ଗଢ଼ିବ। ରାଜ୍ୟ କଂଗ୍ରେସ ସହପ୍ରଭାରୀ କ୍ରିଷ୍ଟୋଫର ତିଲକ କହିଛନ୍ତି, କଂଗ୍ରେସ ନୂଆ ପ୍ରଯୁକ୍ତି ବିଦ୍ୟା ଆପଣାଇଛି। ପୂର୍ବରୁ କମ୍ପ୍ୟୁଟର ଆଧାରର ସଫଳତା ଦୋହରାଇବା ସହ ପ୍ରଗମନ ଆଗାମୀ ସରକାର ଗଢ଼ିବାରେ ସହାୟକ ହେବ। ସମୟ ସହିତ ନୂଆ ଟେକ୍ନୋଲୋଜି ଆପଣାଇ ଦଳକୁ ବିଜୟ କରିବା କଂଗ୍ରେସର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ମୁତାବକ ଆସନ୍ତା ୧୯ ତାରିଖରେ ପ୍ରଦେଶ ଇଲେକଶନ୍ କମିଟି(ପିଇସି) ବୈଠକ ଅନୁଷ୍ଠିତ ହେବ।

## ୧୩ ସାଙ୍ଗଠନିକ ଜିଲାରେ କଂଗ୍ରେସର ଆଡହକ ସଭାପତି

ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ଜିଲାସ୍ତରରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସକ୍ରମେ ୧୩ଟି ଜିଲାର ସଭାପତିମାନଙ୍କୁ ପରିବର୍ତ୍ତନ କରାଯାଇଛି। ସେମାନଙ୍କ ସ୍ଥାନରେ ଆଡହକ ସଭାପତିମାନଙ୍କୁ ନିଯୁକ୍ତି ଦିଆଯାଇଛି। ସାଙ୍ଗଠନିକ କାର୍ଯ୍ୟକ୍ରମ ଦୃଷ୍ଟିରୁ ପୂର୍ବରୁ ଥିବା ଗଞ୍ଜାମ ଜିଲାକୁ ବିଭକ୍ତ କରାଯାଇଛି। ଗଞ୍ଜାମକୁ ପୂର୍ବ ଜିଲା କଂଗ୍ରେସ ଓ ପଶ୍ଚିମ ଜିଲା କଂଗ୍ରେସ ଭାବେ ବିଭକ୍ତ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲାକୁ ବିଭକ୍ତ କରାଯାଇ ମୟୂରଭଞ୍ଜ ପୂର୍ବ ଜିଲା କଂଗ୍ରେସ ଓ ପଶ୍ଚିମ ଜିଲା କଂଗ୍ରେସ ଭାବେ ଗଠନ କରାଯାଇଛି। ଯେଉଁମାନଙ୍କୁ ନୂତନ ଆଡହକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି ସେମାନେ ହେଉଛନ୍ତି, ବରଗଡ଼ ଜିଲାରେ ହରଦୀପ୍ ସିଂହ, ଢେଙ୍କାନାଳରେ ସୁନୀଲ ଦାସ, ଗଞ୍ଜାମ (ପୂର୍ବ)ରେ ଦୀପକ ପଟ୍ଟନାୟକ, ଗଞ୍ଜାମ ପଶ୍ଚିମରେ ରବୀନ୍ଦ୍ର ଶର୍ମା, କନ୍ଧମାଳରେ ଚନ୍ଦ୍ରଶେଖର ପରିଡ଼ା, କୋରାପୁଟରେ ଶଶିଭୂଷଣ ପାତ୍ର, ମୟୂରଭଞ୍ଜ (ପୂର୍ବ)ରେ ନିରଜ ଦାସ, ମୟୂରଭଞ୍ଜ (ପଶ୍ଚିମ)ରେ ଭୁବନ ବିହାରୀ ସାହୁ, ଖୋର୍ଦ୍ଧାରେ ତପନ ଚକ୍ରବର୍ତ୍ତୀ, ବଲାଙ୍ଗୀରରେ ସୁରେନ୍ଦ୍ର ସିଂ ଭୋଇ, ରାଉରକେଲାରେ ରବି ରାୟ, ଝାରସୁଗୁଡ଼ାରେ ସୁବ୍ରତ ପ୍ରଧାନ ଏବଂ ସମ୍ବଲପୁର ଜିଲାରେ ଜୟଶଙ୍କର ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ଏହି ସମସ୍ତ ଜିଲା କଂଗ୍ରେସ ଆଡହକ ସଭାପତିମାନେ ରବିବାରଠାରୁ ନିଜ ଦାୟିତ୍ୱ ଗ୍ରହଣ କରି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବେ ବୋଲି ପିସିସି ସଭାପତି କହିଛନ୍ତି।

# ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ପ୍ରସ୍ତୁତ କଲେ ଧର୍ମେନ୍ଦ୍ରଙ୍କ ପତ୍ନୀ



ସରସତିଆ ଖାଦ୍ୟ ପ୍ରସ୍ତୁତି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ନୀ ମୃଦୁଳା ଠାକୁର।

ସମ୍ବଲପୁର,୧୧।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁରୀ ଗୀତ, ନୃତ୍ୟ, ବାନ୍ଧକଳା, ବସ୍ତ୍ର ସମଗ୍ର ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରିସାରିଛି। ଏଥିରୁ ବାଦ୍ ପଡିନି ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ। ଏହା ମଧ୍ୟରେ ସରସତିଆ ଅନ୍ୟତମ। ଏହାର ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ନିଆରା। ସମ୍ବଲପୁର କୁଞ୍ଜେଲପଡ଼ା ଛକଠାରେ ବହୁ ପୁରାତନ ସରସତିଆ ଦୋକାନ ରହିଛି। ଦମ୍ପତି ପ୍ରଫୁଲ୍ଲାଲ ଗୁପ୍ତା ଓ ରେଖା ଗୁପ୍ତା ପୂର୍ବପୁରୁଷଙ୍କ ଦ୍ୱାରା ସ୍ୱୀକୃତ ଏହି ପାରମ୍ପରିକ ବ୍ୟଞ୍ଜନ ତିଆରି କରିବା ପରମ୍ପରା ବଜାୟ ରଖିଛନ୍ତି। ରବିବାର ସକାଳେ ହଠାତ୍ ତାଙ୍କ ଦୋକାନରେ ପହଞ୍ଚିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେଶନ ଅଧକ୍ଷା ମୃଦୁଳା ଠାକୁର। ସେ ଦୋକାନରେ ଉପସ୍ଥିତ ଥିବା ଗୁପ୍ତା ଦମ୍ପତିଙ୍କୁ ତାଙ୍କର ପାରିବାରିକ ଓ ବ୍ୟବସାୟିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ସରସତିଆ ତିଆରି କରିବାର ଶୈଳୀ ଓ ପ୍ରସ୍ତୁତି ବିଷୟରେ ପଚାରି ନିଜେ ତିଆରି କରିଥିଲେ। ଏହି ଦମ୍ପତିଙ୍କ ଏକମାତ୍ର ପୁତ୍ର ରାହୁଲ ଗୁପ୍ତାଙ୍କୁ ସେ ଏହି ପାରମ୍ପରିକ ବ୍ୟବସାୟକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ମୃଦୁଳାଙ୍କ ସହିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ପ୍ରାନ୍ତ ସରସଂଘ ଚାଳକ ବିପିନ ବିହାରୀ ନନ୍ଦ ଓ ଭାଜପାର ଅନିଲ କୁମାର ବେହେରା, ସମିର ରଞ୍ଜନ ବାବୁ, ସୁଶାନ୍ତ କୁମାର ପୁରୋହିତ, ସରୋଜ ଦଳପତ, ସୁଧୀର ରଞ୍ଜନ ବହିଦାର, ଅଜିତ କୁମାର ବେହେରାଙ୍କ ସମେତ ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ତାଙ୍କ ପତ୍ନୀ ମୃଦୁଳାଙ୍କୁ ସମ୍ବଲପୁର ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି।

# ଭାଜପା ନେତା ଅମର ନାୟକଙ୍କ ବିରୋଧରେ କର୍ମୀଙ୍କ ମେଳି

ଛତିଆ,୧୧।୨(ସୌମ୍ୟରଞ୍ଜନ ସାହୁ)

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀର ରାଜନୀତିରେ ଦିନକୁ ଦିନ ସ୍ଥିତି ଗୋଳିଆ ହେବାରେ ଲାଗିଛି। ଗତ ମାସରେ ଚଣ୍ଡିଖୋଲଠାରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ବିରୋଧରେ ଅସନ୍ତୁଷ୍ଟ କର୍ମୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା, ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏବେ ବଡ଼ଚଣା ଭାଜପାରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି। ଭାଜପା ନେତା ଅମର ନାୟକ ବିଭିନ୍ନ ପଞ୍ଚାୟତରେ ଗୃହ ସମ୍ପର୍କ ଅଭିଯାନ ଚଳାଇଥିବାବେଳେ କର୍ମୀମାନେ ତାଙ୍କ ବିରୋଧରେ ମେଳି ହୋଇଛନ୍ତି।

୨୦୧୯ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ଅମର ନାୟକ ମଙ୍ଗ ଧରିଥିବା ବହୁ ଆଗଧାଡିର ନେତା ଓ ୪୦୦ରୁ ଊର୍ଦ୍ଧ୍ୱ କର୍ମୀ ତାଙ୍କ ବିରୋଧରେ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ରବିବାର ଛତିଆର ଅମରାବତୀ କଲ୍ୟାଣ ମଣ୍ଡପ ପରିସରରେ ଛତିଆର ପ୍ରାକ୍ତନ ସରପଞ୍ଚ ଅନନ୍ତ କିଶୋର ଷେଣ୍ଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୀମନ୍ତିନୀ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ରାଉତ, ଯୋଗଦେଇ ନାୟକଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଦଳର ହାଇକମାଣ୍ଡକୁ ଜଣାଇବା ସହ ବଡ଼ଚଣାରେ ଭାଜପା ନେତୃତ୍ୱ ପରିବର୍ତ୍ତନ କରାଯିବା ପାଇଁ ଦାବି କରାଯିବ ବୋଲି କହିଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ଲାଗି ଘୋଷଣା କେବଳ ପ୍ରତାରଣା: ଭାଜପା

ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ରେଢ଼ାଖୋଲର ଚାରମାଳଠାରେ ଏକ ବିରାଟ କେନ୍ଦୁପତ୍ର ଶ୍ରମିକ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ ବୋଲି ଆଗରୁ ଘୋଷଣା ହୋଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ସଭାକୁ ଆସିଲେ ନାହିଁ। ହେଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଦ୍ୱାରା କେନ୍ଦୁପତ୍ର ଶ୍ରମିକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯାହା ଘୋଷଣା କଲେ ତାହା କେବଳ ପ୍ରତାରଣା ଓ ଧୋକା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଭାଜପା ନେତା ପ୍ରଦୀପ ପୁରୋହିତ କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରଦୀପ କହିଛନ୍ତି ଯେ, ୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି କେନ୍ଦୁପତ୍ର ଶ୍ରମିକ, ତୋଳାଳିଙ୍କୁ ସରକାର ସୁନେଲୀ ସ୍ୱପ୍ନ ଦେଖାଉଛନ୍ତି। ସଂଘ ତରଫରୁ ବହୁଦିନ ଆଗରୁ କେନ୍ଦୁପତ୍ର ତୋଳାଳିଙ୍କୁ ୧୦୦% ବୋନସ ଦେବା ପାଇଁ ଦାବି କରାଯାଉଛି। ସରକାର ମଧ୍ୟ କେନ୍ଦୁପତ୍ର ତୋଳାଳିଙ୍କୁ ଲାଭାଂଶର ୧୦୦% ବୋନସ ଦେବାକୁ ଅନେକଥର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହା ଯେ, ଆଜି ମାତ୍ର ୫୦% ବୋନସ ଦେବା କଥା ସରକାର ଘୋଷଣା କଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବିଗତ ଦିନରେ ହୋଇଥିବା ଚୁକ୍ତିନାମା ଅନୁସାରେ ସର୍ବନିମ୍ନ ମଜୁରି ବୃଦ୍ଧି ହେଲେ ତଦନୁସାରେ ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ହେବା ନେଇ ଉଲ୍ଲେଖ ଥିଲା। ୨୦୨୧ରେ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହୋଇସାରିଥିବା ସତ୍ତ୍ୱେ ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ରାଜ୍ୟ ସରକାର କଲେ ନାହିଁ ବୋଲି ପ୍ରଦୀପ କହିଛନ୍ତି।

# ଭାଜପା ଆସିଲେ ଚୌଦ୍ୱାରରେ ଶିଳ୍ପ ଖୋଲିବ: ମନମୋହନ

ମଙ୍ଗୁଳି-ଜଗତପୁର,୧୧।୨(ମାନସ ସାମଲ)

**ଭାଜପାରେ ମିଶିଲେ ୩୦୦୦ରୁ ଊର୍ଦ୍ଧ୍ୱ**

ଚୌଦାର-କଟକ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ନଖରା ପଞ୍ଚାୟତସ୍ଥିତ ହାଟପଡ଼ିଆରେ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟଙ୍କ ନେତୃତ୍ୱରେ ନୃସିଂହଗିରି ଛକ ନିକଟରେ ୩୦୦୦ରୁ ଊର୍ଦ୍ଧ୍ୱ ଯୁବକ ଏକତ୍ରିତ ହୋଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସ୍ୱାଗତ କରିଥିଲେ। ପରେ ତାଙ୍କୁ ବାଇକ ଶୋଭାଯାତ୍ରାରେ ନେଇ ହାଟ ପଡିଆରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ମିଶ୍ରଣ ପର୍ବରେ ମନମୋହନ କହିଛନ୍ତି, ଯଦି ଆଗାମୀ ଦିନରେ ରାଜ୍ୟରେ ଭାଜପା ସରକାର ଆସେ ତା'ହେଲେ ଚୌଦ୍ୱାରରେ ପୁଣି ଶିଳ୍ପ ଖୋଲିବା ସହ ଲୋକଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି କରାଯିବ। କୃଷିଭିତ୍ତିକ ଶିଳ୍ପ କରାଯାଇ ଧାନ କୁଇଣ୍ଟାଲ ପିଛା ଅଧିକ ୧୦୦୦ ଟଙ୍କା ଦିଆଯିବ। ଏଥିସହ ଶୀତଳଭଣ୍ଡାରର ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅବିନାଶ ଚନ୍ଦ୍ର ପଣ୍ଡା, ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ନୟନ କିଶୋର ମହାନ୍ତି, ପୂର୍ବତନ ଜିଲା ସଭାପତି ହେମନ୍ତ ଚୌଧୁରୀ, ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ଶୁଭ୍ରାଂଶୁ ଷଡ଼ଙ୍ଗୀ, ନଖରା ସରପଞ୍ଚ ମଧୁଛନ୍ଦା ଉପାଧ୍ୟାୟ ଯୋଗଦେଇଥିଲେ। ପବିତ୍ର ଉପାଧ୍ୟାୟଙ୍କ ନେତୃତ୍ୱରେ ଆଗ୍ରାହାଟ, ନଖରା, ବାଣୀପଦା, କୟଳପଡ଼ା, କଖଡି ପଞ୍ଚାୟତ ସମେତ ଚୌଦ୍ୱାର ପୌରପାଳିକା ଅଧୀନ ୧୯ଟି ୱାର୍ଡରେ ୩୦୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭାଜପା ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟମାନେ।

## ଅଙ୍ଗଦ କନ୍ଧମାଳ ଜିଲା ବିଜେଡି ସଭାପତି



ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କୁ କନ୍ଧମାଳ ଜିଲା ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ଚିଠି ଜାରି କରାଯାଇ ଏ ସମ୍ପର୍କିତ ସୂଚନା ଦିଆଯାଇଛି। ସେହିପରି ଭୁବନେଶ୍ୱର ନହରକଣ୍ଟା ସ୍ଥିତ ୱାର୍ଡ ନମ୍ବର-୪ର ଦୀପକ କୁମାର ସାମନ୍ତରାୟଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ନେଇ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଆସିଥିବା ଦଳୀୟ ଚିଠି ଆଧାରରେ ସୂଚନା ଦିଆଯାଇଛି।

# ବଞ୍ଚିଥିବାଯାଏ ଲୋକଙ୍କ ସେବା କରିବି: ନରସିଂହ

**ବିଧାନସଭା ଶେଷ ଅଧିବେଶନ ପରେ ବଲାଙ୍ଗୀର ଫେରିଲେ**

- ଜନସାଧାରଣ, ଦଳୀୟ କର୍ମୀଙ୍କ ଭାବବିହ୍ୱଳ ସମ୍ବର୍ଦ୍ଧନା
- ୨୦ କିଲୋମିଟର ଧରି ବାଇକ୍ ରାଲି

ବଲାଙ୍ଗୀର,୧୧।୨ (ବୀରେନ୍ଦ୍ର କୁମାର ଝାଙ୍କର)



ବିଧାୟକ ନରସିଂହ ମିଶ୍ର ଖୋଲା କାରରେ ବଲାଙ୍ଗୀରବାସୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ବରିଷ୍ଠ ରାଜନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତାଙ୍କ ଦୀର୍ଘ ରାଜନୈତିକ ଜୀବନର ଶେଷ ବିଧାନସଭା ଅଧିବେଶନ ସାରି ରବିବାର ବଲାଙ୍ଗୀର ଫେରିଛନ୍ତି। ସେ ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲା ସୀମାରେଖାର ବଇରାସରଠାରେ ପହଞ୍ଚିବା ପରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଏକ ବାଇକ୍ ରାଲିରେ ତାଙ୍କୁ ୨୦କିଲୋମିଟର ଦୂର ବଲାଙ୍ଗୀର ସହର ଅଭିମୁଖେ ଅଣାଯାଇଥିଲା। ଅପରାହ୍ନ ପ୍ରାୟ ୫ଟାରେ ପୁଇଁତଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀ ଓ ଜନସାଧାରଣ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ବାଇକ୍ ରାଲି ବଲାଙ୍ଗୀର ସହର ଅଭିମୁଖେ ଯାଇଥିଲା। ସୁଦପଡା, ହସ୍ପିଟାଲ ଛକ, ପାଟଣେଶ୍ୱରୀ ମନ୍ଦିର ଛକ, ସମଲେଶ୍ୱରୀ ମନ୍ଦିର ଛକ, ପାଟଣା ହୋଟେଲ ଛକ, ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ, କଚେରି ଛକ, ଭାଗୀରଥି ଛକ, ପିପି ଏକାଡେମୀ ଛକ, ବିକ୍ରମ ଛକ ଦେଇ ବିଧାୟକ ମିଶ୍ରଙ୍କ ସ୍ୱାଗତ ରାଲି ସହର ପରିକ୍ରମା କରିଥିଲା। ଏକ ଖୋଲା କାରରେ ଛିଡ଼ା ହୋଇ ବିଧାୟକ ମିଶ୍ର ସହରବାସୀଙ୍କ ଅଭିବାଦନ ଗ୍ରହଣ କରିଥିଲେ। ଏହାପରେ ସେ କ୍ଲବ୍‌ପଡା ବାସଭବନରେ ପହଞ୍ଚିଥିଲେ।

ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ବିଧାୟକ ମିଶ୍ର କହିଥିଲେ ଯେ, ଚଳିତ ବିଧାନସଭା ଥିଲା ତାଙ୍କ ନିର୍ବାଚନ ରାଜନୈତିକ ଜୀବନର ଶେଷ ଅଧିବେଶନ। ଶେଷଦିନ ବିଧାନସଭା ଭିତରେ ଭାବାବେଗର ପରିବେଶ ସୃଷ୍ଟି ହୋଇଥିଲା। ଦୀର୍ଘ ୩୪ବର୍ଷର ରାଜନୈତିକ ଜୀବନରେ ବିଧାନସଭା ଭିତରେ ଯଦି ତାଙ୍କର ବକ୍ତବ୍ୟ ବା କାର୍ଯ୍ୟକଳାପ କାହାକୁ ଆଘାତ ଦେଇଥାଏ, ତେବେ ତାଙ୍କୁ କ୍ଷମା କରିଦେବେ ବୋଲି କହିବା ପରେ ସମଗ୍ର ଗୃହ ଭାବବିହ୍ୱଳ ହୋଇଯାଇଥିଲା। ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଉଠି ସେଦିନ ଗୃହର ପ୍ରତ୍ୟେକ ବରିଷ୍ଠ ଓ କନିଷ୍ଠ ବିଧାୟକ ମିଶ୍ରଙ୍କୁ ବିଧାନସଭାରୁ ଭାବପୂର୍ଣ୍ଣ ବିଦାୟ ଦେଇଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ନିର୍ବାଚନ ସିନା ଲଢ଼ିବି ନାହିଁ ମାତ୍ର ବଞ୍ଚିଥିବା ଯାଏ ଲୋକଙ୍କ ସେବା ପାଇଁ ରାଜନୀତି କରିବି। ଆଗାମୀ ଦିନରେ ଆହୁରି ଯୋଗ୍ୟ ସଦସ୍ୟ ବିଧାନସଭାକୁ ଯିବେ ଏବଂ ଗଣତନ୍ତ୍ର ସଶକ୍ତ ହେବ ବୋଲି ତାଙ୍କର ବିଶ୍ୱାସ ରହିଛି। ବଲାଙ୍ଗୀରର ବିକାଶ ପାଇଁ ଶେଷନିଶ୍ୱାସ ଥିବା ଯାଏ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ରାଜନୈତିକ ଜୀବନରେ ଲୋକଙ୍କ ଏତେ ଭଲ ପାଇବା ଓ ସମ୍ମାନ ପାଇଥିବାରୁ ସେ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ।

# ହେମୋଫିଲିଆ: କାରଣ, ନିରାକରଣ



ଡା. ନିତ୍ୟାନନ୍ଦ ସ୍ୱାଇଁ

''ହେମୋଫିଲିଆ ରୋଗୀଙ୍କର ସମସ୍ତ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି । କିନ୍ତୁ ସମସ୍ତ କନ୍ୟା ସନ୍ତାନ ଭୂମିଷ୍ଠ ହୋଇଥାଆନ୍ତି ବାହକ ରୂପେ। ମାଆ ବାହକ ହୋଇଥିଲେ ଝିଅ ବାହକ ହୋଇ ଜନ୍ମ ନେଇପାରେ, ପୁଅ ହୋଇପାରେ ରୋଗୀ। କିନ୍ତୁ ସବୁ ପୁତ୍ର ସନ୍ତାନ ଯେ ରୋଗଗ୍ରସ୍ତ ହେବେ ବୋଲି କୌଣସି ନିଶ୍ଚିତତା ନାହିଁ। ରୋଗୀର ରକ୍ତରେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ମାତ୍ରା ସାମାନ୍ୟ ଊଣା ଥିଲେ ରୋଗ କମ୍ ଗୁରୁତର ଏବଂ ବେଶି ଊଣା ଥିଲେ ରୋଗ ଅଧିକ ଗୁରୁତର ହୋଇଥାଏ।''





ହେମୋଫିଲିଆ ଶବ୍ଦଟିରେ ରହିଛି ଦୁଇଟି ଅଂଶ, ଯଥା 'ହେମୋ' ଏବଂ 'ଫିଲିଆ'। 'ହେମୋ' ଅର୍ଥ ରକ୍ତ ସମ୍ବନ୍ଧୀୟ ଏବଂ 'ଫିଲିଆ' ଅର୍ଥ ପ୍ରବଣତା। ଏହି ରୋଗ ହେଲେ ରକ୍ତ ଜମାଟ ବାନ୍ଧି ପାରେ ନାହିଁ। ହେମୋଫିଲିଆ ହେଉଛି ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ଏକ ରକ୍ତଜନିତ ରୋଗ। ପରିବାର ଏକାଧିକ ବ୍ୟକ୍ତି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ମହିଳା ବା କନ୍ୟା ସନ୍ତାନମାନେ ହେଉଛନ୍ତି ତ୍ରୁଟିଯୁକ୍ତ ଜିନ୍‌ର ବାହକ। ଏମାନଙ୍କଠାରେ ରୋଗଣା ଜିନ୍ ଥିଲେ ମଧ୍ୟ ଏମାନେ ଏହି ରୋଗ ଭୋଗି ନ ଥାନ୍ତି। ରୋଗ ଭୋଗିଥାଆନ୍ତି କେବଳ ପୁରୁଷ ବା ପୁତ୍ର ସନ୍ତାନମାନେ।

କେଉଁ ଉପାଦାନ ବା ଫ୍ୟାକ୍ଟରର ଅଭାବ ଯୋଗୁ ହେମୋଫିଲିଆ ଜାତ ହୁଏ ? ଜିନ୍ ଦୋଷ ଯୋଗୁ ରୋଗୀଠାରେ ବା ପୁତ୍ର ସନ୍ତାନଠାରେ ଫ୍ୟାକ୍ଟର VIII (ଏହାର ଅନ୍ୟ ନାଁ ଆଣ୍ଟି ହେମୋଫିଲିକ୍ ଫ୍ୟାକ୍ଟର) କିମ୍ବା ଫ୍ୟାକ୍ଟର IX ଆଶାନୁରୂପ ଭାବରେ ତିଆରି ହୋଇପାରେ ନାହିଁ। ସୁତରାଂ ଫ୍ୟାକ୍ଟର VIII ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ A' ଏବଂ ଫ୍ୟାକ୍ଟର IX ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ B' ବୋଲି କହନ୍ତି। ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXକୁ ଯଥାକ୍ରମେ 'ଫ୍ୟାକ୍ଟର ଏଇଟ୍' ଏବଂ 'ଫ୍ୟାକ୍ଟର ନାଇନ୍' ଭାବରେ ପଢ଼ାଯାଏ। ହେମୋଫିଲିଆ A ଅଧିକ ଗୁରୁତର। ଏଠାରେ ଜାଣିରଖିବା ଦରକାର ଯେ ହେମୋଫିଲିଆ ରୋଗୀଙ୍କର ସମସ୍ତ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି। କିନ୍ତୁ ସମସ୍ତ କନ୍ୟା ସନ୍ତାନ ଭୂମିଷ୍ଠ ହୋଇଥାଆନ୍ତି ବାହକ ରୂପେ। ମାଆ ବାହକ ହୋଇଥିଲେ ଝିଅ ବାହକ ହୋଇ ଜନ୍ମ ନେଇପାରେ, ପୁଅ ହୋଇପାରେ ରୋଗୀ। କିନ୍ତୁ ସବୁ ପୁତ୍ର ସନ୍ତାନ ଯେ ରୋଗଗ୍ରସ୍ତ ହେବେ ବୋଲି କୌଣସି ନିଶ୍ଚିତତା ନାହିଁ। ରୋଗୀର ରକ୍ତରେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ମାତ୍ରା ସାମାନ୍ୟ ଊଣା ଥିଲେ ରୋଗ କମ୍ ଗୁରୁତର ଏବଂ ବେଶି ଊଣା ଥିଲେ ରୋଗ ଅଧିକ ଗୁରୁତର ହୋଇଥାଏ।

**ଚିହ୍ନିବ କିପରି**

ପୁଅଟିଏ ଖେଳିବା ବେଳେ ସାମାନ୍ୟ ଖଣ୍ଡିଆ ଖାବରା ହୋଇପଡ଼ିଲେ କି ଦୁର୍ଘଟଣାଗ୍ରସ୍ତ ହେଲେ କ୍ଷତ ସ୍ଥାନରୁ ବହୁ ସମୟ ଧରି ରକ୍ତସ୍ରାବ ଚାଲିଥାଏ। ଦାନ୍ତ ଉପାଡ଼ିଲେ ମାଢ଼ିର ଉପୁଡ଼ା ଯାଇଥିବା ସ୍ଥାନରୁ ରକ୍ତ ଝରିବା ସହଜରେ ବନ୍ଦ ହୁଏ ନାହିଁ। ଛୋଟକାଟିଆ ଅପରେଶନ କଲାବେଳେ ମଧ୍ୟ ବହୁ ସମୟ ଧରି ରକ୍ତ ବୋହୁଥାଏ।

ମାଂସପେଶୀ ଭିତରକୁ ରକ୍ତସ୍ରାବ ହେଲେ ଜାତ ହୁଏ ପେଶୀ ଯନ୍ତ୍ରଣା ଏବଂ ଉଦର ଭିତରକୁ ରକ୍ତସ୍ରାବ ହେଲେ ହୁଏ ଉଦର ଯନ୍ତ୍ରଣା। ମସ୍ତିଷ୍କ ଭିତରକୁ ରକ୍ତସ୍ରାବ ହୋଇ ଷ୍ଟ୍ରୋକ୍ ବା ପାରାଲିସିସ୍ ହୋଇପାରେ। ନାକ, ପାଟି ଓ ଦାନ୍ତ ମାଢ଼ିରୁ ବି ରକ୍ତ ଝରିପାରେ। ରକ୍ତବାନ୍ତି ଓ କଳାଝାଡ଼ା ହେବା ସଙ୍ଗେ ସଙ୍ଗେ ଝାଡ଼ା ଓ ପରିସ୍ରାରେ ମଧ୍ୟ ରକ୍ତ ପଡ଼ିପାରେ।

**ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା**

ପିଲାର ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ନିର୍ଣ୍ଣୟ କରାଯାଏ। ରୋଗୀଠାରେ ଫ୍ୟାକ୍ଟର VIIIର ଅଭାବ ଥିଲେ 'ହେମୋଫିଲିଆ A' ଏବଂ ଏବଂ ଫ୍ୟାକ୍ଟର IXର ଅଭାବ ଥିଲେ 'ହେମୋଫିଲିଆ B' ବୋଲି ନିର୍ଣ୍ଣୟ କରିବାରେ କୌଣସି ସନ୍ଦେହ ରହେ ନାହିଁ। ଏବେ ଗର୍ଭବତୀଙ୍କ ଗର୍ଭାଶୟରୁ ଜଳ ସଂଗ୍ରହ ଓ ସେହି ଜଳରେ ଥିବା ଜୀବକୋଷର ଜିନ୍ ପରୀକ୍ଷା କରି ଗର୍ଭସ୍ଥ ଶିଶୁ ରୋଗୀ କି ବାହକ ତାହା ଜାଣିହେଉଛି। ଏପରି କି ଗର୍ଭସ୍ଥ ଶିଶୁ ପାଞ୍ଚ ମାସର ହୋଇଯାଇଥିଲେ ତା'ଠାରୁ ରକ୍ତ ସଂଗ୍ରହ କରି ସେହି ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ଚିହ୍ନଟ କରିବା ସମ୍ଭବ।

**ଚିକିତ୍ସା**

ହେମୋଫିଲିଆର ପ୍ରକାରକୁ ଚାହିଁ ରୋଗୀର ଶିରାବାଟେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ଇଞ୍ଜେକଶନ ଦେଇ ଚିକିତ୍ସା କରାଯାଉଛି। ଆମ ଦେଶର କେତେକ ରାଜ୍ୟ ସରକାର ହେମୋଫିଲିଆ ରୋଗୀଙ୍କର ଫ୍ୟାକ୍ଟର VIII ଏବଂ ଫ୍ୟାକ୍ଟର IX ମାଗଣାରେ ଯୋଗାଇ ଦେଉଛନ୍ତି। ଏବେ ମଧ୍ୟ ହେମୋଫିଲିଆ ରୋଗୀଙ୍କ ଚିକିତ୍ସା ପାଇଁ ଅନ୍ୟାନ୍ୟ ଔଷଧମାନ ମିଳିଲାଣି। ଜିନ୍ ଚିକିତ୍ସାର ମଧ୍ୟ ସୁଫଳ ମିଳୁଥିବା ପ୍ରକାଶ। ରୋଗୀଠାରେ ଗଣ୍ଠି ବିକୃତି ପ୍ରକାଶ ପାଇଥିଲେ ଫିଜିଓଥେରାପିଷ୍ଟଙ୍କ ପରାମର୍ଶ ମଧ୍ୟ ଲୋଡ଼ା।

**ନିବାରଣମୂଳକ ବ୍ୟବସ୍ଥା**

ରୋଗୀ ଯେପରି ଆଘାତ ପାଇ କ୍ଷତବିକ୍ଷତ ନ ହୁଅନ୍ତି ସେଥିପ୍ରତି ସତର୍କ ରୁହନ୍ତୁ। ରୋଗୀ ଖେଳାଖେଳି, ଓଜନିଆ ଜିନିଷ ଉଠାଇବା ସମୟରେ, ଧାରୁଆ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସମୟରେ ସତର୍କ ରହିବା ଉଚିତ। ଏମାନେ ଦାନ୍ତଘଷିବା ସମୟରେ ନରମ ବ୍ରଶ ବ୍ୟବହାର କରନ୍ତୁ। ରୋଗୀକୁ ବାରମ୍ବାର ରକ୍ତ ନେବାକୁ ପଡ଼ିଥାଏ। ତେଣୁ ସେ ଯେପରି ହେପାଟାଇଟିସ୍-ବି ଏବଂ ହେପାଟାଇଟିସ-ସି ତଥା ଏଚ୍‌ଆଇଭି ଦ୍ୱାରା ସଂକ୍ରମିତ ନ ହୁଏ ସେଥିପ୍ରତି ନଜର ଦିଅନ୍ତୁ।

ଜାଣି ରଖିବା ଉଚିତ ଯେ, ହେମୋଫିଲିଆ ରୋଗ ସଂକ୍ରାମକ ନୁହେଁ। ତେଣୁ ତାହା ଅନ୍ୟମାନଙ୍କୁ ଡେଇଁବାର ଆଦୌ ଆଶଙ୍କା ନାହିଁ। ସୁତରାଂ ରୋଗୀକୁ ବାସନ୍ଦ ନ କରି ତା' ସହିତ ଅବାଧରେ ମିଳାମିଶା କରିହେବ ଓ ଏପରି କରିବା ଆବଶ୍ୟକ ମଧ୍ୟ।

-ଅଭୀପ୍ସା, ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ-୧୪
ମୋ : ୮୩୨୮୯୭୫୧୧୮

## ଅତ୍ୟଧିକ ଟେନ୍‌ସନ ଓ କ୍ୟାନ୍‌ସର



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା କେତେକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ କ୍ୟାନ୍‌ସର ଅନ୍ୟତମ। ଏଥିପାଇଁ ଅନେକ କାରଣ ଦାୟୀ। ଏହି ତାଲିକାରେ ଆମେରିକୀୟ କ୍ୟାନ୍‌ସର ବିଶେଷଜ୍ଞମାନେ ଆଉ ଏକ କାରଣକୁ ସାମିଲ କରିଛନ୍ତି। ତାହା ହେଲା ଟେନ୍‌ସନ୍। ଅଧିକାଂଶ ସମୟ ଟେନ୍‌ସନ୍ ରହିଲେ ତାହା କ୍ୟାନ୍‌ସରର ଅନ୍ୟତମ କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ୟୁନିଭର୍ସିଟି ଅଫ କାଲିଫର୍ନିଆର କ୍ୟାନ୍‌ସର ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧିକାଂଶ ସମୟ ଟେନ୍‌ସନ୍‌ରେ ରହିବା ଦ୍ୱାରା ଏହାର ପ୍ରଭାବ ସେଲ୍ ବା କୋଷର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏହାଫଳରେ ସୁସ୍ଥ କୋଷଗୁଡ଼ିକ କ୍ୟାନ୍‌ସର ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରୁ ଜଣାପଡ଼ିଛି। ତେଣୁ ଯେତେ ସମ୍ଭବ ନିଜକୁ ଟେନ୍‌ସନ୍‌ମୁକ୍ତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଦାନ୍ତ ବିନ୍ଧାର ଘରୋଇ ଉପଚାର



ଦାନ୍ତ ବିନ୍ଧୁଥିଲେ ଏହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ ଏପରି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଆପଣେଇ ପାରିଲେ ଦାନ୍ତବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ। ଅଳ୍ପ ଗୋଲମରିଚ ଗୁଣ୍ଡ ଲୁଣରେ ଟିକେ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ବିନ୍ଧୁଥିବା ଦାନ୍ତ ପାଖରେ ଲଗାଇଲେ ସେଥିରୁ ଉପଶମ ମିଳିଥାଏ। ଏଥିରୁ ଉପଶମ ପାଇବା ଲାଗି ରସୁଣ ପେଷ୍ଟ ବ୍ୟବହାର କରିପାରନ୍ତି। ଏହି ପେଷ୍ଟରେ ସାମାନ୍ୟ ଲୁଣ ମିଶାଇପାରନ୍ତି। ଲବଙ୍ଗରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହାକୁ ପାଟିରେ ଜାକିଲେ ଦାନ୍ତ ବିନ୍ଧାରୁ କେତେକାଂଶରେ ଆରାମ ମିଳିଥାଏ। ଲବଙ୍ଗକୁ ଗ୍ରାଇଣ୍ଡିଂ କରି ସେଥିରେ ଅଳ୍ପ ଅଲିଭ ତେଲ ମିଶାନ୍ତୁ। ଏହି ପେଷ୍ଟକୁ ବିନ୍ଧୁଥିବା ଦାନ୍ତମୂଳରେ ଲଗାଇ ପାରନ୍ତି। ବିନ୍ଧୁଥିବା ଦାନ୍ତମୂଳରେ ଛୋଟ ଗୋଟା ପିଆଜ ରଖିଲେ ଏଭଳି ସମସ୍ୟାରୁ ଉପଶମ ମିଳିଥାଏ। ଏହାବ୍ୟତୀତ ଆଉ ଏକ ଘରୋଇ ଉପଚାର ରହିଛି। ଅଳ୍ପ ଲୁଣ ମିଶାଇ ଉଷୁମ ପାଣି ପ୍ରସ୍ତୁତ କରନ୍ତୁ। ଏହି ପାଣିକୁ କିଛି ଥର କୁଳୁକୁଳୁ କଲେ ଦାନ୍ତ ବିନ୍ଧା କେତେକାଂଶରେ କମି ଯାଇଥାଏ।

## ସୁସ୍ଥ ଶରୀର ଅନ୍ତରାଳେ..



ସୁସ୍ଥ ରହିବା ଅନ୍ତରାଳେ ଖାଦ୍ୟର ଭୂମିକା କେତେ ରହିଛି ତାହା କହିବା ଅନାବଶ୍ୟକ। କାରଣ ଶରୀର ପୋଷଣ ପାଇଁ ଖାଦ୍ୟର ଆବଶ୍ୟକତା ରହିଛି । ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ସହ ଏହାର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ । ଖାଦ୍ୟ ଖାଇବା ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ କରନ୍ତୁ ନାହିଁ। ଖାଇବାର ଏକ ଘଣ୍ଟା ପରେ ପାଣି ପିଅନ୍ତୁ। ଥଣ୍ଡା ଜିନିଷ, ଆଇସ୍‌କ୍ରିମ୍ ଆଦି ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଆବଶ୍ୟକତାଠାରୁ ଅଧିକ ଖାଇଲେ ତାହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ସବୁବେଳେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତୁ। ତା' ସହ ଯଦି ଆପଣଙ୍କର ରକ୍ତଚାପ ବା ବ୍ଲଡପ୍ରେସର, ଡାଇବେଟିସ୍ ଆଦି ସମସ୍ୟା ରହିଛି ତେବେ ସେଥିପ୍ରତି ସତର୍କ ରୁହନ୍ତୁ। ଏହାବ୍ୟତୀତ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ।

## କାର୍ଯ୍ୟଦକ୍ଷତା ବଢ଼ାଇବାର ସହଜ ଉପାୟ



ନିଜେ ସମ୍ପାଦନ କରୁଥିବା କାର୍ଯ୍ୟକୁ ଠିକ୍ ଭାବରେ ତୁଲାଇବା ସହଜ କଥା ନୁହେଁ। ଏଥିପାଇଁ ଏକାଗ୍ରତା ଏବଂ କାର୍ଯ୍ୟ ପ୍ରତି ନିଜର ଅନୁରାଗର ଆବଶ୍ୟକତା ରହିଛି। ତେବେ ଏହାକୁ ଆହୁରି ସକ୍ରିୟ କରିବା ପଛରେ ଆଉ ଏକ କଥା ରହିଛି। ଏ ବିଷୟରେ ନିକଟରେ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଓ୍ୱାଶିଂଟନର ମନୋବିଜ୍ଞାନୀମାନେ। ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ନିଜ ମନପସନ୍ଦର ବହି ପଢ଼ନ୍ତି ତେବେ ଏହାର ସୁପ୍ରଭାବ କାର୍ଯ୍ୟଦକ୍ଷତା ଉପରେ ପଡ଼ିଥାଏ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କ କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ସର୍ଭେ କରିଥିଲେ। ଏଥିରେ ସମସ୍ୟାର ସମ୍ମୁଖୀନ ହେଉଥିବା କିଛି ବ୍ୟକ୍ତିଙ୍କୁ ନିଜ ମନପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ କିପରି ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତାରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାସହ ଯୋଜନାବଦ୍ଧ ଭାବରେ କାମ କରିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସକ୍ରିୟ ହେବ ପାଚନ କ୍ରିୟା



ଆମ ଶରୀରରେ ପାଚନ କ୍ରିୟା ବା ଡାଇଜେଷ୍ଟିଭ ସିଷ୍ଟମ ସକ୍ରିୟ ରହିବା ନିହାତି ଜରୁରୀ। ନ ହେଲେ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପୁଣି ଏହା ଯଦି ଗୁରୁତର ଆକାର ଧାରଣ କରେ ତେବେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତେବେ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ଆଖୁରସ ଏ କ୍ଷେତ୍ରରେ ସହାୟକ ହୋଇଥାଏ। ଗୋଟିଏ ଗ୍ଲାସ୍ ଆଖୁରସରେ ୧୮୦ କ୍ୟାଲୋରୀ ଓ ୩୦ ଗ୍ରାମ୍‌ର ଶର୍କରା ଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍ ଥିବାରୁ ଏହା ଦାନ୍ତ ଓ ଦାନ୍ତର ମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଆୟୁର୍ବେଦିକ ଚିକିତ୍ସା ଅନୁସାରେ, ଯକୃତ୍‌କୁ ବାହ୍ୟ ଜୀବାଣୁ ଆକ୍ରାନ୍ତରୁ ଏହା ମଧ୍ୟ ରକ୍ଷା କରିଥାଏ। ଶରୀରର ବାହ୍ୟ ସ୍ଥାନରେ ଯଦି କିଛି ବି କ୍ଷତ ହୋଇଛି, ତେବେ ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଏହି କ୍ଷତ ସ୍ଥାନକୁ ପୂରଣ କରେ। ଏଥିରେ ଥିବା ପୋଟାସିୟମ ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ କେତେକାଂଶରେ ଦୂରେଇ ଦେଇଥାଏ। କେବଳ ସେତିକି ନୁହେଁ, ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ ରଖେ। ଆଖୁରସରେ ଭିଟାମିନ୍-ସି ଅଛି। ତେଣୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏହା ତାଙ୍କ ଶରୀରରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ମାଛରେ ପ୍ରୋଟିନ୍ ଭରି ରହିଛି। ତେଣୁ ଏହାକୁ ନିୟମିତ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

➢ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ ହେଉଛି ଟମାଟୋ। ତେଣୁ ଏଥିରୁ ପ୍ରସ୍ତୁତ ଖାଦ୍ୟ ଏବଂ ସାଲାଡ୍ ନିୟମିତ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।

➢କେବଳ ଖାଦ୍ୟ ନୁହେଁ, ସୁସ୍ଥ ରହିବା ଲାଗି ନିଦ୍ରାର ଆବଶ୍ୟକତା ରହିଛି। ବେଡ୍‌ରୁମର ପରିବେଶ ଯେପରି ଶାନ୍ତ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➢ମଧ୍ୟାହ୍ନଭୋଜନ ହେଉ ଅବା ରାତ୍ରିଭୋଜନ ପରେ ଫଳମୂଳ ଖାଆନ୍ତୁ ନାହିଁ। ଅନ୍ୟ ସମୟରେ ଏଗୁଡ଼ିକୁ ଖାଇପାରନ୍ତି।

➢କେତେକ ରୋଗ ଲାଗି ଚିକିତ୍ସା ହେବା ସମୟରେ ଖାଦ୍ୟପେୟ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଏ ନେଇ ପରାମର୍ଶ କରୁଥିବା ଡାକ୍ତରଙ୍କ ଟିପ୍ସକୁ ଅନୁସରଣ କରନ୍ତୁ।

➢ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଘରେ ଥିବା ଫାଷ୍ଟଏଡ୍ ବକ୍ସକୁ ଚେକ୍ କରି ନିଅନ୍ତୁ।

➢ଯଦି ଅସୁସ୍ଥ ଲାଗୁଛି ତେବେ ସୁସ୍ଥ ଲାଗିବା ପର୍ଯ୍ୟନ୍ତ ବ୍ୟାୟାମରୁ ବିରତ ରୁହନ୍ତୁ।

➢କୌଣସି ରୋଗ ବିଷୟରେ ସବିଶେଷ ଜାଣିବାକୁ ଥିଲେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ଅବସାଦ ଦୂର କରେ ମନପସନ୍ଦର ଗୀତ

ଆଜିକାଲି ଅନେକ କାରଣରୁ ଆମେ ଅବସାଦ ବା ଡିପ୍ରେସନର ସମ୍ମୁଖୀନ ହେଉଛେ। ତେବେ ଏଭଳି ସମସ୍ୟାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବା ଦରକାର। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଆପଣ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଛନ୍ତି ତେବେ ଯଦି ନିୟମିତ ଆପଣ ମନପସନ୍ଦର ଗୀତ ଶୁଣନ୍ତି ତେବେ ତାହା ଆପଣଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ପ୍ରାୟ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କେତେକ ବ୍ୟକ୍ତିଙ୍କୁ ନିୟମିତ ନିଜ ମନ ପସନ୍ଦର ଗୀତ ଶୁଣିବାକୁ ୟୁନିଭର୍ସିଟି ଓଫ ଟୋକିଓର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ଅବସାଦଠାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତରେ ହେବ ସେମିକଣ୍ଡକ୍ଟର ପ୍ଲାଣ୍ଟ

## ୮ ବିଲିୟନ ଡଲାର ବିନିଯୋଗ କରିବ ଇସ୍ରାଏଲ

ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)




ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଭାରତ ବଡ଼ ସଫଳତା ପାଇବାକୁ ଯାଉଛି। ଇସ୍ରାଏଲର ପ୍ରସିଦ୍ଧ ସେମିକଣ୍ଡକ୍ଟର ଉତ୍ପାଦନକାରୀ କମ୍ପାନୀ 'ଟାୱାର' ୮ ବିଲିୟନ ଡଲାର ବିନିଯୋଗରେ ଦେଶରେ ଏକ ପ୍ଲାଣ୍ଟ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବ ଅନୁଯାୟୀ ଟାୱାର ଭାରତରେ ୬୫ ନାନୋମିଟର ଏବଂ ୪୦ ନାନୋମିଟର ଚିପ୍ସ ତିଆରି କରିବ। ଆଇଟି ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଗତ ବର୍ଷ ଅକ୍ଟୋବରରେ ଟାୱାର ସେମିକଣ୍ଡକ୍ଟରର ସିଇଓ ରସେଲ ସି ଏଲୱାନଗରଙ୍କୁ ଭେଟିଥିଲେ। ଏହି ସଭାରେ ଇସ୍ରାଏଲର ରାଷ୍ଟ୍ରଦୂତ ନାଓର ଗିଲାନ ମଧ୍ୟ ସାମିଲ ହୋଇଥିଲେ। ବୈଠକ ପରେ ରାଜୀବ ଚନ୍ଦ୍ରଶେଖର କହିଛନ୍ତି ଯେ ଭାରତ ଏବଂ ଟାୱାର ମଧ୍ୟରେ ସେମିକଣ୍ଡକ୍ଟର ସହଭାଗିତା ସମ୍ପର୍କରେ ଆଲୋଚନା ହୋଇଛି। ଏହା ପୂର୍ବରୁ ୨୦୨୨ ମସିହାରେ ଅନ୍ତର୍ଜାତୀୟ ସେମିକଣ୍ଡକ୍ଟର କନ୍‌ସୋର୍ଟିୟମ ଭାରତର ସେମିକଣ୍ଡକ୍ଟର ଯୋଜନାର ଏକ ଅଂଶ ହେବାକୁ ଆବେଦନ କରିଥିଲା। ଟାୱାର ମଧ୍ୟ ଏହି ଆଇଏସସିର ଏକ ଅଂଶ। ସେହି ସମୟରେ ଇଣ୍ଟେଲ ଟାୱାର ସେମିକଣ୍ଡକ୍ଟର କିଣିବାକୁ ଚେଷ୍ଟା କରିଥିଲା। ଏହି କାରଣରୁ ଭାରତ ସରକାର ଏହି ଆବେଦନକୁ ଗ୍ରହଣ କରିନଥିଲେ। ତେବେ ଇଣ୍ଟେଲ ଅଧିଗ୍ରହଣ ପରେ ଟାୱାର ସେମିକଣ୍ଡକ୍ଟରକୁ ଆଇଏସସିର ଏକ ଅଂଶ ରହିବାକୁ ଅନୁମତି ଦେବ କି ନାହିଁ ସରକାର ନିଶ୍ଚିତ ନୁହନ୍ତି। ଟାୱାର ସେମିକଣ୍ଡକ୍ଟର ଉଚ୍ଚ ମୂଲ୍ୟର ଆନାଗଲ ସେମିକଣ୍ଡକ୍ଟର ସମାଧାନ ପ୍ରଦାନ କରେ। ଏହା ଅଟୋମୋବାଇଲ, ଡାକ୍ତରୀ, ଶିଳ୍ପ, ଉପଭୋକ୍ତା, ଏରୋସ୍ପେସ ଏବଂ ପ୍ରତିରକ୍ଷା ପରି କ୍ଷେତ୍ରରେ ଚିପ୍ସ ଯୋଗାଏ। କମ୍ପାନୀ ବିଶ୍ୱ ୩୦୦ରୁ ଅଧିକ ଗ୍ରାହକଙ୍କୁ ଆନାଲଗ ଇଣ୍ଟିଗ୍ରେଟେଡ ସର୍କିଟ ଉତ୍ପାଦନ ଏବଂ ଯୋଗାଇଥାଏ। କମ୍ପାନୀର ବାର୍ଷିକ ଆୟ ୧ ବିଲିୟନ ଡଲାରରୁ ଅଧିକ। ଗତ ବର୍ଷ ଜୁନରେ ଆମେରିକୀୟ ଚିପ ନିର୍ମାତା ମାଇକ୍ରୋନ ଟେକ୍ନୋଲୋଜି ଗୁଜରାଟରେ ୮୨୫ ନିୟୁତ ଡଲାର ବିନିଯୋଗରେ ଏକ ଆସେମ୍ବ୍ଲି ଏବଂ ଟେଷ୍ଟ ଫ୍ୟାସିଲିଟି ନିର୍ମାଣ କରିବାକୁ ଘୋଷଣା କରିଥିଲା। ଏହା ୨୦୨୪ ଶେଷ ସୁଦ୍ଧା ଆରମ୍ଭ ହେବ।

## ବିଏଫଏଏମର ନୂଆ ଇକ୍ୱିଟି ଫଣ୍ଡ

ଭୁବନେଶ୍ୱର,୧୧।୨

ବଜାଜ ଫିନସର୍ଭ ଆସେଟ ମ୍ୟାନେଜମେଣ୍ଟ (ବିଏଫଏଲମ)ର ନୂଆ ଇକ୍ୱିଟି ଫଣ୍ଡ 'ବଜାଜ ଫିନସର୍ଭ ଲାର୍ଜ ଆଣ୍ଡ ମିଡକ୍ୟାପ ଫଣ୍ଡ 'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯାହା ପ୍ରତିସ୍ପର୍ଦ୍ଧାତ୍ମକ ନିବେଶ (ମୋଟ ଇନଭେଷ୍ଟିଂ) ଜରିଆରେ ନିବେଶଙ୍କ ସମ୍ପତ୍ତିରେ ବୃଦ୍ଧି ଘଟାଇବାକୁ ରଣକୌଶଳାତ୍ମକ ଭାବରେ ଡିଜାଇନ କରାଯାଇଛି। ଏହି ଫଣ୍ଡ ଏକ ଓପନ ଏଣ୍ଡେଡ ଇକ୍ୱିଟି ସ୍କିମ, ଯାହା ଉଭୟ ଲାର୍ଜ-କ୍ୟାପ ଏବଂ ମିଡ-କ୍ୟାପରେ ନିବେଶ କରିବାକୁ ଲକ୍ଷ୍ୟ ରଖୁଛି ଏବଂ ଦୀର୍ଘାବଧି ନିରନ୍ତରତା ଏବଂ ଲାଭଉପାର୍ଜନ ସୁନିଶ୍ଚିତ କରିବାକୁ ଅର୍ଥନୈତିକ ପ୍ରତିସ୍ପର୍ଦ୍ଧା ଚିନ୍ତାଧାରା ଉପରେ ଗୁରୁତ୍ୱ ଦେଉଛି। ଏ ସମ୍ପର୍କରେ ବିଏଫଏଏମର ସିଇଓ ଗଣେଶ ମୋହନ କହିଥିଲେ,ଏହି ନୂଆ ଅଫର ବଜାର ଗତିଶୀଳତା ସମ୍ପର୍କରେ ଆମର ରଣକୌଶଳାତ୍ମକ ଦୂରଦୃଷ୍ଟି ଏବଂ ଗଭୀର ହୃଦୟଙ୍ଗମର ଏକ ନିଦର୍ଶନ ହୋଇଛି।

# ରାଜ୍ ଇଲେକ୍‌ଟ୍ରୋନିକ୍ସରେ ଏସି ମହାସେଲ୍ ଅଫର

RAJ ELECTRONICS

ODISHA's No.1 Retail Chain Store

ଦୀର୍ଘବର୍ଷ ଧରି ସମଗ୍ର ଓଡିଶାବାସୀଙ୍କ ଘରେ ଘରେ ପରିଚିତ

ଭୁବନେଶ୍ୱର,୧୧।୨ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ରିଟେଲ ଚେନ୍ ଷ୍ଟୋର 'ରାଜ୍ ଇଲେକଟ୍ରୋନିକ୍ସ' ପକ୍ଷରୁ ଏୟାର କଣ୍ଡିଶନର(ଏସି) ମହାସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷର ଗ୍ରୀଷ୍ମ ପ୍ରଭାବ (ଖରାଦିନ) ପୂର୍ବରୁ ଏହି ମହାସେଲ୍ ଗ୍ରାହକଙ୍କୁ ବେଶ୍ ସହାୟକ ହେବ। ଏପରିକି ଖରାଦିନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଇଲେକଟ୍ରୋନିକ୍ସ ସାମଗ୍ରୀ ମୂଲ୍ୟରେ ଅହେତୁକ ବୃଦ୍ଧିର ପ୍ରଭାବ ବଜାର ଉପରେ ପଡ଼ିବାର ସମ୍ଭାବନା ରହିଛି, ଆକଳନ ଅନୁଯାୟୀ ବିଗତ ୧୦ବର୍ଷ ଧରି ୧ଡିଗ୍ରୀରୁ ଅଧିକ ସେଲସିୟସର ଅନୁପାତରେ ତାପମାତ୍ରା ବୃଦ୍ଧି ପାଇଚାଲିଛି। ଏଥିସହିତ ଚଳିତ ବର୍ଷ ଥଣ୍ଡାର ମାତ୍ରା କମ୍ ରହିବା ସହିତ ଆଗକୁ ଉତ୍ତାପର ମାତ୍ରା ଅଧିକ ବୃଦ୍ଧି ପାଇବ। ସେଥିପାଇଁ ଏସିର ଚାହିଦା ବୃଦ୍ଧି ପାଇବା ଆରମ୍ଭ ହୋଇଯାଇଛି। ଏପରିକି ମାର୍ଚ୍ଚ ଶେଷ ବେଳକୁ ମୂଲ୍ୟ ୧୦୦୦ରୁ ୩୦୦୦ ମୂଲ୍ୟ ପର୍ଯ୍ୟନ୍ତ ବଢ଼ିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ବର୍ତ୍ତମାନ କମ୍ପାନିଗୁଡ଼ିକ ଦ୍ୱାରା ମୂଲ୍ୟ ବୃଦ୍ଧି ଘୋଷଣା କରାଯାଇନାହିଁ, କିନ୍ତୁ ଜଣାଯାଉଛି ଆଗାମୀ କିଛି ଦିନ ମଧ୍ୟରେ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି ଉପରେ ବିଚାର କରିପାରନ୍ତି। ମାର୍କେଟରେ କପର, ଆଲୁମିନିୟମର ମୂଲ୍ୟ ଉଲ୍ଲେଖନୀୟ ଭାବେ ବଢିବା ସହିତ କଞ୍ଚାମାଲର ମୂଲ୍ୟ ବଢିବା ଓ ପେଣ୍ଟ ପ୍ଲାଷ୍ଟିକ ଭଳି ଉତ୍ପାଦ ପ୍ରତ୍ୟକ୍ଷ ଭାବେ ମୂଲ୍ୟ ବୃଦ୍ଧି ହୋଇଛି। କମ୍ପାନୀମାନଙ୍କର ଉତ୍ପାଦନ ଖର୍ଚ୍ଚ ବଢିବାର ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଯାଉଛି। ଏହି ଦରବୃଦ୍ଧିର ସମ୍ଭାବନା ରହୁଥିବାରୁ ସବୁବେଳେ ଗ୍ରାହକଙ୍କ ସାଥିରେ ଥିବା ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକଙ୍କୁ ଆକର୍ଷଣୀୟ ମୂଲ୍ୟରେ ଏସି ଯୋଗାଇଦେବା ପାଇଁ ମହାସେଲ୍ ଘୋଷଣା କରିଛି। ଏ ସମ୍ପର୍କରେ ରାଜ୍ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି, ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ହୋଇଥିବା ଯୋଗୁ ଜଣେ ଗ୍ରାହକ ଏହାକୁ ବର୍ଷେ କିମ୍ବା ଦୁଇବର୍ଷ ପାଇଁ କିଣି ନ ଥାନ୍ତି, ୮ରୁ ୧୦ବର୍ଷର ଆବଶ୍ୟକତା ପୂରଣ ପାଇଁ କ୍ରୟ କରିଥାନ୍ତି। ତେଣୁ ମୂଲ୍ୟ ବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନ ମୂଲ୍ୟରେ ଏସି କିଣି ଘରେ ଲଗାଇବା ସହିତ ଖରାଦିନେ ତାତିରୁ ଆରାମ ପାଇପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଏସବିଆଇର ସିଏସଆର କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୨



ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ୨୦ଟି ଭ୍ରାମ୍ୟମାଣ ଶୌଚାଳୟ (ବାୟ ଟଏଲେଟ) ନ୍ୟାସନାଲ କ୍ୟାଡେଟ କପର୍ସ (ଏନସିସି)ର ଓଡିଶା ୟୁନିଟକୁ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏସବିଆଇର କଟକସ୍ଥିତ ଚଣ୍ଡି ଛକ ଶାଖା ଜରିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ଦିନେଶ କୁମାର ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏନସିସି ଗ୍ରୁପ କମାଣ୍ଡର କର୍ନଲ ସତ୍ୟବ୍ରତ ସ୍ୱାଇଁଙ୍କୁ ୨୦ଟି ବାୟ ଟଏଲଟ ହସ୍ତାନ୍ତର କରିଥିଲେ। ଉଲ୍ଲେଖଯୋଗ୍ୟ, ଏସବିଆଇର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଟଏଲେଟଗୁଡିକୁ ଏନସିସି ୟୁନିଟକୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏସବିଆଇର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୫.୬୦ ଟ୍ରିଲିୟନ

ଭୁବନେଶ୍ୱର,୧୧।୨

କ୍ରମାଗତ ଭାବେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ (ନେଟ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ)ରେ ବୃଦ୍ଧି ଘଟିଛି। ଏପରିକି ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବାର୍ଷିକ ଭିତ୍ତିରେ (ବର୍ଷକୁ ବର୍ଷ) ୨୦% ବୃଦ୍ଧି ଘଟି ୧୫.୬୦ ଟ୍ରିଲିୟନ ଟଙ୍କା ହୋଇଛି ବୋଲି ରବିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଉକ୍ତ ପରିମାଣ ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନର ୮୦% ବୋଲି ସିବିଡିଟି ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ପ୍ରତ୍ୟକ୍ଷ ଟିକସ ସଂଗ୍ରହର ଅସ୍ଥାୟୀ ଆକଳନ ସ୍ଥିର ଅଭିବୃଦ୍ଧି ପଞ୍ଜୀକରଣ ଜାରି ରହିଥିଲାବେଳେ ୨୦୨୪ ଫେବୃଆରୀ ୧୦ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ମୋଟ ୧୮.୩୮ ଟ୍ରିଲିୟନ ଟଙ୍କା ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ଆଦାୟ ହୋଇଥିବା ମୋଟ ସଂଗ୍ରହଠାରୁ ଚଳିତ ଆର୍ଥିକ ବର୍ଷର ଆଦାୟ ପରମାଣ ୧୭.୩୦% ଅଧିକ ରହିଛି। ସେହିପରି ୨୦୨୪ ଫେବୃଆରୀ ୧୦ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ମୋଟ ୧୫.୬୦ ଟ୍ରିଲିୟନ ଟଙ୍କା ରହିଥିଲାବେଳେ ୨୦୨୨-୨୩ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ମୋଟ ୨୦.୨୫% ଅଧିକ ସିବିଡିଟି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରତ୍ୟକ୍ଷ ଟିକସର ସମୁଦାୟ ସଂଶୋଧିତ ଆକଳନଗୁଡିକର ୮୦.୨୩% ହୋଇଥିଲାବେଳେ ୨୦୨୩ ଏପ୍ରିଲ ୧ରୁ ୨୦୨୪ ଫେବୃଆରୀ ୧୦ ମଧ୍ୟରେ ୨.୭୭ ଟ୍ରିଲିୟନ ଟଙ୍କା ଫେରସ୍ତ ପ୍ରଦାନ କରାଯାଇଛି।


**CLASSIFIED DISPLAY**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଓବିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୧।୨

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର ଆଗାମୀ କାର୍ଯ୍ୟକଳାପ ଓ କାରବାର ସହିତ ନୂତନ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ହୋଇଥିବା ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ବିଓବିର ତୃତୀୟ ତ୍ରୈମାସିକ ଏବଂ ଆର୍ଥିକ ବର୍ଷର ୯ମ ମାସରେ ୩୮.୨% ର ଉଲ୍ଲେଖନୀୟ ବୃଦ୍ଧି ସହ ନେଟ୍ ଲାଭ ମୋଟ ୧୨,୯୦୨ କୋଟି ହୋଇଛି ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରକାଶ କରାଯାଇଛି। ଏପରିକି ୨୦୨୩ ଡିସେମ୍ବର ୩୧ ସୁଦ୍ଧା ବିଓବିର ଗ୍ଲୋବାଲ୍ ବ୍ୟବସାୟ ୧୦.୭% ବୃଦ୍ଧି ହୋଇ ମୋଟ ୨୨,୯୪,୬୨୭ କୋଟି ହୋଇଛି। ସେହିଭଳି ବ୍ୟାଙ୍କର ନେଟ୍ ଲାଭ ତୃତୀୟ ତ୍ରୈମାସିକ (କ୍ୟୁ୩ଏଫୱାଇ-୨୪)ରେ ମୋଟ ୪,୫୭୯ କୋଟି ରହିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୧୮.୮%ର ଅଭିବୃଦ୍ଧି ହୋଇଛି। ବିଶେଷକରି ତୃତୀୟ ତ୍ରୈମାସିକ ପାଇଁ ରିଟର୍ନ ଅନ୍ ଆସେଟ୍ (ଆରଓଏ) ୧.୨୦% ଓ ୯ଏମ୍ ଏଫୱାଇ୨୪ ପାଇଁ ୧.୧୫% ରହିଛି। ରିଟର୍ନ ଅନ୍ ଇକ୍ୟୁଟି (ଆରଓଇ) ପୂର୍ବ ବର୍ଷ ତୁଳନାରେ ୧୬୮ ବିପିଏସ୍ ଅଧିକ ରହିଛି, ଯାହା ୯ଏମଏଫୱାଇ୨୪ରେ ୧୮.୭୦% ଥିଲା। ସେହିପରି ବ୍ୟାଙ୍କ ଲାଭରେ ଏହି ଉଲ୍ଲେଖନୀୟ ବିକାଶ ୯ଏମଏଫୱାଇ୨୪ ରେ ପୂର୍ବ ବର୍ଷ ତୁଳନାରେ ସୁସ୍ଥ ଅପରେଟିଂ ଆୟରେ ୧୮.୮% ବୃଦ୍ଧି କାରଣରୁ ହୋଇପାରିଛି। ଅପରପକ୍ଷରେ ବ୍ୟାଙ୍କର ଅପରେଟିଂ ଆୟ ବୃଦ୍ଧି କ୍ଷେତ୍ରରେ ୯ଏମଏଫୱାଇ୨୪ରେ ଅଣ ସୁଧ ଆୟରେ ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧.୫ଗୁଣା ବୃଦ୍ଧି ପାଇଛି, ଯାହାକି ୧୦,୩୦୪ କୋଟିରେ ପହଞ୍ଚିଛି। ଆୟରେ ଦୃଢ଼ ବୃଦ୍ଧି ସହିତ ଓପେକ୍ସରେ ନିୟମିତ ବୃଦ୍ଧି ହେତୁ ପୂର୍ବ ବର୍ଷ ତୁଳନାରେ ୯ଏମଏଫୱାଇ୨୪ ରେ ଉଲ୍ଲେଖନୀୟ ଭାବରେ ଅପରେଟିଂ ଲାଭରେ ୨୧.୭% ବୃଦ୍ଧି ହୋଇଛି।

# ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୨




ରାଜ୍ୟର ଅଗ୍ରଣୀ ଜାତୀୟ ଶିକ୍ଷାନୁଷ୍ଠାନ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ପକ୍ଷରୁ ଏକ ଦିନିକିଆ ସ୍ୱତନ୍ତ୍ର ସମ୍ମିଳନୀ '୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ'ର ଆୟୋଜନ କରାଯାଇଛି। ଏହି ଅବସରରେ କେନ୍ଦ୍ର ଶିକ୍ଷା,ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରି କହିଛନ୍ତି, ଆଜି ଏକ ଐତିହାସିକ ଦିନ, ଆମେ ନୂଆ କୋଣାର୍କ ମନ୍ଦିର ଭଳି ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କର ଶୁଭାରମ୍ଭ ସହ ୨୦୩୬ ସୁଦ୍ଧା ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବ। ଏହି ସମୟ ସୁଦ୍ଧା ଉକ୍ତ ପାର୍କରେ ହାରାହାରି ୧୦୦ କୋଟି ଟଙ୍କା ଲେଖାଏ ମୂଲ୍ୟର ୧୦୦ଟି ଷ୍ଟାର୍ଟଅପ୍ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଷ୍ଟାର୍ଟଅପଗୁଡିକୁ ନିବେଶକଙ୍କ ସହ ସମନ୍ୱୟ ସ୍ଥାପନ କରିବା ପାଇଁ ଆବଶ୍ୟକ ସମ୍ବଳ, ସହଯୋଗ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ୧୩୦ କୋଟି ଟଙ୍କା ସହାୟତାରେ ପାର୍କର ବିକାଶ ସାଙ୍ଗକୁ ଆସନ୍ତା ୨ ବର୍ଷ ମଧ୍ୟରେ ୨୦,୦୦୦ ବର୍ଗଫୁଟରୁ ୮୦,୦୦୦ ବର୍ଗଫୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଆଇଆଇଟି ଭୁବନେଶ୍ୱରର ୧୫୦୦ସିଟ୍ ବିଶିଷ୍ଟ ଅଡିଟୋରିୟମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ୪୫୦ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ସ୍ଥାପନ କରିଛନ୍ତି।


**Classified Everyday**
0674-2580101, 2549949



REAL ESTATE

SALE

3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347. D-2493

Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact No.- 9861467987 & 9861336178. D-2487

Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347. D-2494

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker. 9437765989. D-75902

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429. D-75906

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

Herbal full body massage by smart/expert therapist. Contact- 9124139069. D-75706

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Newly open SPA positively health benefits with expert therapist. 9090400507. D-75198

"Only Ayurvedic body massage & Steam-Bath. 9861550765". D-2495

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନରେନ୍ଦ୍ର କୁମାର ଦାଶ**
ଶିମୁଳିପାଟଣା, ଚନ୍ଦକା
ଆବିର୍ଭାବ- ୨୯।୦୩।୧୯୫୨
ତିରୋଧାନ- ୧୯।୦୧।୨୦୧୮
''ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ''
ସ୍ତ୍ରୀ- ଗୌରୀପ୍ରଭା, ଭାଉଜ- ସାବିତ୍ରୀ, ଭାଇ- ସୁଧାକର, ଭାଇବୋହୂ- ନର୍ମଦା, ପୁତ୍ର- ଅରବିନ୍ଦ, ପୁତ୍ରବଧୂ- ଶ୍ରାବନ୍ତୀ, ପୁତୁରା, ପୁତୁରାବୋହୂ, ଝିଅଜ୍ୱାଇଁ, ଭଣଜା, ଭାଣିଜୀ, ନାତିନାତୁଣୀମାନେ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୨୫୦୪

**ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା, ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତି,ନାତୁଣୀ।
ଧ-୨୪୬୧



ସାମନ୍ଥା ରୁଥ ପ୍ରଭୁ

# ଫେରିଲେ ସାମନ୍ଥା

**ମୁମ୍ବାଇ:** ସାଉଥ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣିଥରେ ଅଭିନୟ ଆରମ୍ଭ କରିବାକୁ ଯାଉଛନ୍ତି। ସେ ଦୀର୍ଘଦିନ ଧରି ଅଟୋ-ଇମ୍ୟୁନ୍ ଅବସ୍ଥା (ମାୟୋସାଇଟିସ୍)ରେ ପୀଡ଼ିତ ଥିଲେ। ବର୍ଷେ ହେଲା ସେ ଅଭିନୟରୁ ବିରତି ନେଇ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଉଥିଲେ। ସେ ପୁନର୍ବାର କାମକୁ ଫେରୁଥିବା ନେଇ ନିଜେ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଏକ ଭିଡ଼ିଓ ଶେୟାର କରି ସୂଚନା ଦେଇଛନ୍ତି। ସାମନ୍ଥା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭଡ଼ିଓ ଶେୟାର କରି ପ୍ରଶଂସକମାନଙ୍କୁ କାମକୁ ଫେରିବାର ଖୁସି ଖବର ଦେଇଥିଲେ। ସେ ତାଙ୍କ ସ୍ୱାସ୍ଥ୍ୟ ପୋଡକାଷ୍ଟ ମଧ୍ୟ ଘୋଷଣା କରିଛନ୍ତି। ଭିଡିଓରେ ସେ କହିଛନ୍ତି, ମଝିରେ ମୁଁ ସମ୍ପୂର୍ଣ୍ଣ ବେକାର ଥିଲି। ଏବେ କାମକୁ ଫେରିଯାଉଛି। ସାମନ୍ଥା ଆହୁରି କହିଛନ୍ତି, ସେ ଜଣେ ବନ୍ଧୁଙ୍କ ସହ କିଛି ମଜା କରୁଛନ୍ତି। ଏହା ଏକ ସ୍ୱାସ୍ଥ୍ୟ ପୋଡକାଷ୍ଟ, କିନ୍ତୁ ଏହା ମୁଁ ପ୍ରକୃତରେ ଭଲପାଏ । ମୁଁ ଏହା ଉପରେ ଅତ୍ୟଧିକ ଆଗ୍ରହୀ ଏବଂ ମୁଁ ବହୁତ ଉତ୍ସାହିତ ଯେ ଏହା ଆସନ୍ତା ସପ୍ତାହରେ ମୁକ୍ତିଲାଭ କରିବ। ମୁଁ ଆଶା କରେ ଆପଣମାନଙ୍କ ମଧ୍ୟରୁ କେତେକ ଏହାକୁ ପ୍ରକୃତରେ ଉପଯୋଗୀ ମନେ କରିବେ। ମୁଁ ଭାବୁଛି ମୁଁ ଏହାକୁ ତିଆରି କରିବାକୁ ଉପଭୋଗ କରିଛି। ଆକ୍ସନ-ଥ୍ରୀଲର 'ସିଟାଡେଲ'ର ଭାରତୀୟ ଅଧ୍ୟାୟର ଶୁଟିଂ ଶେଷ କରିବା ପରେ ସାମନ୍ଥା ତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପାଇଁ ଅଭିନୟରୁ ବିରତି ନେଇଥିଲେ। ଏହି ସମୟ ମଧ୍ୟରେ ସେ ଆମେରିକାରେ ଅଟୋୟୁମ୍ୟୁନ ସ୍ଥିତି, ମାୟୋସାଇଟିସ୍ ପାଇଁ ଚିକିତ୍ସା ଗ୍ରହଣ କରିଥିଲେ ଏବଂ ସାରା ବିଶ୍ୱ ଭ୍ରମଣ କରିଥିଲେ। ତାଙ୍କୁ ଶେଷ ଥର ପାଇଁ ୨୦୨୩ ରିଲିଜ 'ଖୁସୀ'ରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ଦକ୍ଷିଣ ସୁପରଷ୍ଟାର ବିଜୟ ଦେବରାକୋଣ୍ଡା ମଧ୍ୟ ଅଭିନୟ କରିଥିଲେ।

# ଜୈବ ବିବର୍ତ୍ତନବାଦ

## ଡାରୱିନ ଦିବସ

**ବୈ**ଜ୍ଞାନିକ ଚାଲର୍ସ ରବୋର୍ଟ ଡାରୱିନ ପୃଥିବୀକୁ ପ୍ରଦାନ କରିଥିବା ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ତାଙ୍କର ଜୀବତତ୍ତ୍ୱର ଉତ୍ପତ୍ତି ମତବାଦ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାଏ। ଜୈବ ବିବର୍ତ୍ତନ ତତ୍ତ୍ୱ ମାନବ ପ୍ରଜାତିର ଉତ୍ପତ୍ତି ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥାଏ। ଏହି ଦୃଷ୍ଟିକୋଣ ଅନୁଯାୟୀ, ଆଜିର ମଣିଷମାନେ ଜେନେଟିକ ଗାଇଡ୍ ବୈଶିଷ୍ଟ୍ୟଗୁଡିକ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ବହନ କରିଥାନ୍ତି ଯାହା ବଞ୍ଚିବା ଏବଂ ପ୍ରଜନନ ସଫଳତା ପାଇଁ ସହାୟକ ହୋଇଥାଏ।

ମୂଳତଃ ବିବର୍ତ୍ତନର ତିନୋଟି ଭିନ୍ନ ତତ୍ତ୍ୱ ଅଛି ଯାହା ବିଶେଷଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିଛି। ଗୋଟିଏ ହେଉଛି ନାଚୁରାଲ ସିଲେକଶନ ଡାରୱିନ ଥିଓରୀ। ଅନ୍ୟଟି ହେଉଛି ମ୍ୟୁଟେସନ ଥିଓରୀ ଅଫ ଇଭୋଲ୍ୟୁଶନ ଏବଂ ଶେଷଟି ହେଉଛି ମର୍ଡନ ସିନ୍ଥେଟିକ ଥିଓରୀ ଅଫ ଇଭୋଲ୍ୟୁଶନ।



ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧୨ରେ ତାଙ୍କ ଜନ୍ମ ବାର୍ଷିକୀରେ ଡାର୍‌ୱିନ ଦିବସ ପାଳନ କରାଯାଇଥାଏ। ୧୨ ଫେବୃୟାରୀ ୧୯୦୯ରେ ଡାରୱିନଙ୍କ ୧୦୦ତମ ଜନ୍ମବାର୍ଷିକୀ ନ୍ୟୁୟର୍କ ଏକାଡେମୀ ଅଫ୍ ସାଇନ୍ସ ଦ୍ୱାରା ପାଳନ କରାଯାଇଥିଲା। ଡାରୱିନଙ୍କ ଏକ ପିତଳ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ୨୦୦୯ ମସିହା ଡାରୱିନଙ୍କ ଜନ୍ମର ୨୦୦ତମ ବାର୍ଷିକୀ ଥିଲା। ୯ ଫେବୃୟାରୀ ୨୦୧୧ରେ, କାଲିଫର୍ନିଆର ପ୍ରତିନିଧି ପିଟ ଷ୍ଟାକ ୧୨ ଫେବୃୟାରୀକୁ ଡାରୱିନ ଡେ ଭାବରେ ପାଳନ ଲାଗି ପ୍ରସ୍ତାବ ଆଗତ କରିଥିଲେ। ୨୨ ଜାନୁୟାରୀ ୨୦୧୩ରେ, ନ୍ୟୁ ଜର୍ସିର ପ୍ରତିନିଧି ରଶ ଡି ହୋଲ୍ଟ, ମଣିଷର ଉନ୍ନତିରେ ବିଜ୍ଞାନର ଗୁରୁତ୍ୱ ପାଇଁ ୧୨ ଫେବୃୟାରୀକୁ 'ଚାଲର୍ସ ଡାରୱିନ୍ ଡେ' ଭାବେ ଘୋଷଣା କରିଥିଲେ ଏବଂ ଡେଲାୱେରକୁ ଆମେରିକାର ପ୍ରଥମ ରାଜ୍ୟ ଭାବରେ ଏହି ଉତ୍ସବ ପାଳନ କରିଥିଲେ। ଆମେରିକାର ପ୍ରତିନିଧିସଭାର ପ୍ରତିନିଧି ଜିମ ହିମସଙ୍କ ଦ୍ୱାରା ୨ ଫେବୃୟାରୀ ୨୦୧୫ରେ ଉପସ୍ଥାପିତ ହୋଇଥିବା ୬୭ ପ୍ରସ୍ତାବରେ ଫେବୃୟାରୀ ୧୨କୁ ଆମେରିକାରେ ଡାରୱିନ ଡେ ଭାବରେ ପାଳନ କରିବାକୁ ଘୋଷଣା କରାଯାଇଥିଲା।

ସେ ୧୨ ଫେବୃୟାରୀ ୧୮୦୯ରେ ବ୍ରିଟେନର ଦ ମାଉଣ୍ଟ ହାଉସରେ ଜନ୍ମ ଗ୍ରହଣ କରିଥିଲେ। ୧୯ ଏପ୍ରିଲ ୧୮୮୨ରେ ୭୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଲଣ୍ଡନର ଦକ୍ଷିଣ ଉପକଣ୍ଠରେ ଥିବା ଡାଉନ ହାଉସରେ ଘଟିଥିଲା।

# ହାରିବାନି ହରାଇବା

## ଅନ୍ତର୍ଜାତୀୟ ଅପସ୍ମାର ଦିବସ



**ଅ**ପସ୍ମାର ଭଳି ସମସ୍ୟା କ୍ଷେତ୍ରରେ ସଚେତନତାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଚିକିତ୍ସକମାନେ ମତପୋଷଣ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଫେବୃୟାରୀ ମାସର ଦ୍ୱିତୀୟ ସୋମବାରକୁ ଅନ୍ତର୍ଜାତୀୟ ଅପସ୍ମାର ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଫେବୃଆରୀ ୧୨ ତାରିଖରେ ପଡୁଛି।

ଅପସ୍ମାର ହେଉଛି ମସ୍ତିଷ୍କର ଏକ କ୍ରୋନିକ ଅଣ-ସଂକ୍ରାମକ ସମସ୍ୟା, ଯାହା ସାରା ବିଶ୍ୱରେ ପ୍ରାୟ ୫୦ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥାଏ। ଏହି ସମସ୍ୟା ଯୋଗୁ ବେଳେବେଳେ ଚେତନାଶକ୍ତି ହରାଇବା ସ୍ଥିତି ସୃଷ୍ଟି ହୋଇଥାଏ। ସମସ୍ୟା ଭୋଗୁଥିବା ବ୍ୟକ୍ତି ଯେକୌଣସି ସ୍ଥାନରେ ଚେତନା ହରାଉଥିବାରୁ ସଙ୍କଟଜନକ ଅବସ୍ଥା ଦେଖାଦେଇଥାଏ। ବିଭିନ୍ନ ଶାରୀରିକ ସମସ୍ୟାର ସମାଧାନ କ୍ଷେତ୍ରରେ ସଚେତନତାକୁ ହିଁ ନିଦାନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଗ୍ରହଣ କରାଯାଇଥାଏ। ଏହି ସମସ୍ୟା ବିରୋଧ ଲଢ଼େଇରେ ନ ହାରି ଏହାକୁ ହରାଇବା ଜରୁରୀ।

ଏହି ଦିବସ ପାଳନ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଅପସ୍ମାର ମାନସିକ ସମସ୍ୟାର ନିଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହି ଦିନ ସିଗ୍ନେଚର୍ ଅଭିଯାନ ସହ ଉକ୍ତ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବେଲୁନ ଉଡ଼ାଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କିଭଳି ଏହି ସମସ୍ୟାରୁ ମୁକ୍ତି ମିଳିପାରିବ ସେନେଇ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥାଏ। ଏହି ସମସ୍ୟାର ଲକ୍ଷଣ ଏବଂ ସେସବୁର ନିରାକରଣ କ୍ଷେତ୍ରରେ ଉପଯୋଗୀ ଚିକିତ୍ସା ଜ୍ଞାନକୌଶଳ ମାଧ୍ୟମ ବିଷୟରେ ମଧ୍ୟ ଅବଗତ କରାଯାଇଥାଏ।

# ନିଆରା ଫୁଟବଲ ଖେଳ

ନୂଆଦିଲ୍ଲୀ

ସାମାଜିକ ଗଣମାଧ୍ୟମରେ ହର୍ଷ ଗୋଏଙ୍କା ନାମକ ଜଣେ ୟୁଜର୍ସଙ୍କ ଏକ ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ କିଛି ପୁରୁଷ ଖେଳାଳି ନିଆରା ଢଙ୍ଗରେ ଫୁଟବଲ ଖେଳୁଛନ୍ତି । ଏହି ଖେଳାଳି ମାନେ ଏକ କଲୋନୀ ମଧ୍ୟରେ ବିଭିନ୍ନ ଛାତ ଉପରେ ଠିଆ ହୋଇ ଫୁଟବଲ ଖେଳ ଖେଳୁଥିବା ଦେଖାଯାଉଛି। ଭାଇରାଲ ଭିଡିଓରେ ଥିବା ଫୁଟବଲ ଖେଳାଳିମାନଙ୍କର ଏପରି ଅନନ୍ୟ ପ୍ରତିଭା ଦେଖି ଅନେକ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି।



ବହୁଳ ଭାବେ ଶେୟାର ହୋଇଥିବା ଏହି ଭିଡିଓରେ ଜଣେ ଖେଳାଳି ଏକ ଛାତ ଉପରେ କୌଶଳତାର ସହ ଫୁଟବଲଟିକୁ କିକ୍ ମାରୁଥିବା ନଜର ଆସୁଛନ୍ତି, ଯାହାଦ୍ୱାରା ବଲଟି ସମ୍ପୃକ୍ତ କଲୋନୀର ଆଉ ଜଣେ ଖେଳାଳି ଠିଆ ହୋଇଥିବା ଅନ୍ୟ ଏକ ଛାତରେ ପଡୁଛି। ଏହି ନିଆରା ଫୁଟବଲ ଖେଳର ଦ୍ୱିତୀୟ ଅଂଶଗ୍ରହଣକାରୀ ଜଣକ ମଧ୍ୟ ଫୁଟବଲଟିକୁ ଚମତ୍କାର ଭାବେ ନିୟନ୍ତ୍ରଣ କରି ବିନା କୌଣସି ତ୍ରୁଟିରେ ଖେଳକୁ ଜାରି ରଖୁଛନ୍ତି। ଛାତ ଉପରେ ଚାଲିଥିବା ଏହି ଅସାଧାରଣ ଫୁଟବଲ୍ ଖେଳକୁ ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ କମେଣ୍ଟ ମାଧ୍ୟମରେ ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି।

ଅନ୍ୟାନ୍ୟ ଖବର

# ଶିବସେନା ବିଧାୟକଙ୍କ ବିବାଦୀୟ ଅପିଲ

## ବାପାମାଆ ମୋତେ ଭୋଟ ନ ଦେଲେ ୨ ଦିନ ଯାଏ ଖାଅନାହିଁ

ମୁମ୍ବାଇ, ୧୧।୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ବିଧାୟକ ସନ୍ତୋଷ ବାଙ୍ଗର ବିବାଦୀୟ ବୟାନ ଦେଇଛନ୍ତି। ହିଙ୍ଗୋଲୀ ଜିଲାର ଏକ ଜିଲାପରିଷଦ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧନ କରି ସେ ଏହି ବୟାନ ଦେଇଛନ୍ତି। ଆଗାମୀ ନିର୍ବାଚନରେ ଯଦି ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକ ତାଙ୍କୁ ଭୋଟ ନଦିଅନ୍ତି, ତେବେ ଦୁଇ ଦିନ ପର୍ଯ୍ୟନ୍ତ ନ ଖାଇବାକୁ ଛାତ୍ରୀଛାତ୍ରଙ୍କୁ ସନ୍ତୋଷ ଅପିଲ କରିଛନ୍ତି । କିଛି ଦିନ ପୂର୍ବେ ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ଙ୍କ ଦ୍ୱାରା ନିର୍ବାଚନ ସମ୍ବନ୍ଧିତ କୌଣସି କାର୍ଯ୍ୟରେ ପିଲାମାନଙ୍କୁ ବ୍ୟବହାର ନ କରିବାକୁ ସମସ୍ତ ରାଜନୈତିକ ଦଳକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି ନିର୍ଦ୍ଦେଶକୁ ସପ୍ତାହେରୁ କମ୍ ସମୟ ହୋଇଥିବାବେଳେ କଲମନୁରୀର ବିଧାୟକ ସନ୍ତୋଷ ବାଙ୍ଗରଙ୍କର ଏହି ବିବାଦୀୟ ବୟାନ ସାମ୍ନାକୁ ଆସିଛି। ସନ୍ତୋଷଙ୍କର ଏହି ବିବାଦୀୟ ବୟାନକୁ ରାଜ୍ୟରେ ବିରୋଧୀ କଂଗ୍ରେସ ଓ ଏନ୍‌ସିପି(ଶରଦ ଚନ୍ଦ୍ର ପାୱାର) ପକ୍ଷରୁ ନିନ୍ଦା କରାଯିବା ସହ ଇସିଆଇଙ୍କ ନିକଟରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

# ମେଡିକାଲରେ ରିଲ୍ସ କରିବା ମହଙ୍ଗା ପଡ଼ିଲା

## ୩୮ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ କର୍ତ୍ତୃପକ୍ଷ

ବେଙ୍ଗାଲୁରୁ, ୧୧।୨

କର୍ନାଟକର ଗଡ଼ଗା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ପରିସରରେ ୩୮ ଜଣ ମେଡିକାଲ ଛାତ୍ରଙ୍କୁ ରିଲ୍ସ କରିବା ମହଙ୍ଗା ପଡ଼ିଛି। ହସ୍ପିଟାଲର ନିୟମ ଉଲ୍ଲଙ୍ଘନ କରିଥିବାରୁ ସମସ୍ତ ଛାତ୍ରଙ୍କ ହାଉସମ୍ୟାନଶିପ୍ ଅବଧିକୁ ୧୦ ଦିନ ପର୍ଯ୍ୟନ୍ତ ବଢ଼ାଇଛନ୍ତି ମେଡିକାଲ ଇନ୍‌ଷ୍ଟିଚ୍ୟୁଟ କର୍ତ୍ତୃପକ୍ଷ। ଏହି ସମ୍ପୂର୍ଣ୍ଣ ଘଟଣାକୁ ନାପସନ୍ଦ କରିଛନ୍ତି ଗଡ଼ଗା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ନିର୍ଦ୍ଦେଶକ ବସଭରାଜ୍ ବୋମନ୍‌ହଲ୍ଲୀ। ଏହା ଏକ ଗମ୍ଭୀର ପ୍ରସଙ୍ଗ ହୋଇଥିବାବେଳେ ଏହା ଦ୍ୱାରା ମେଡିକାଲରେ ଥିବା ରୋଗୀମାନେ ସମସ୍ୟାରେ ପଡିଥିବା ସେ କହିଛନ୍ତି। ଆଗାମୀ ୧୦ରୁ ୨୦ ଦିନ ମଧ୍ୟରେ ରିଲ୍ସ କରୁଥିବା ସମସ୍ତ ଛାତ୍ରଙ୍କର ହାଉସମ୍ୟାନଶିପ୍ ଅବଧି ସରୁଥିବା ବେଳେ ଏହାକୁ ଆହୁରି ୧୦ ଦିନ ଯାଏ ବଢ଼ାଯାଇଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ହସ୍ପିଟାଲର ଗ୍ୟାଲେରିରେ କେତେଜଣ ମେଡିକାଲ ଛାତ୍ର ରିଲ୍ସ ମାଧ୍ୟମରେ ବିଭିନ୍ନ ହିନ୍ଦୀ ଓ କନ୍ନଡ ଗୀତରେ ନାଚିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

# ଓଡ଼ିଶାରେ ଭାଜପା ୮୦ ବିଧାନସଭା ଆସନରେ ଜିତିବ: ବିଜୟ ପାଲ୍ ସିଂ

ଭୁବନେଶ୍ୱର,୧୧।୨(ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ଏଥର ନିଶ୍ଚିତ ସରକାର ଗଠନ କରିବ। ଏନେଇ ଭାଜପା ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୋମବାର ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଆସିଥିବା ଅବସରରେ ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବ। ଏଥର ୮୦ରୁ ଅଧିକ ବିଧାୟକ ଜିତିକି ଆସିବେ ଏବଂ ଲୋକ ସଭାରେ ୧୬ରୁ ଅଧିକ ଏମ୍‌ପି ଭାଜପାରୁ ଜିତିବେ। ସେହିପରି ସହ ପ୍ରଭାରୀ ଲତା ଉସେଣ୍ଡି କହିଛନ୍ତି, ଜଗନ୍ନାଥଙ୍କ ଭୂମିକୁ ଆସି ବହୁତ ଖୁସି ଲାଗୁଛି। ଜଗନ୍ନାଥଙ୍କ ଭୂମିରେ ଏଥର ଭାଜପାର ହିଁ ସରକାର ହେବ। ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମହିଳାଙ୍କ ବହୁତ ବିକାଶମୂଳକ କାର୍ଯ୍ୟ ହୋଇଛି। ମହିଳାମାନେ ଆମ ସହିତ ଅଛନ୍ତି। ଓଡ଼ିଶାରେ ମଧ୍ୟ ଭାଜପା ସରକାର ଆଣିବାରେ ମହିଳାମାନଙ୍କ ସବୁଠୁ ବଡ଼ ଅବଦାନ ରହିବ। ଭାଜପା ଓଡ଼ିଶାରେ ଏକାକୀ ସରକାର ଗଢ଼ିବା ପାଇଁ ଲଢ଼ିବ। ରାମ ମନ୍ଦିର ପ୍ରଭାବ ଓଡ଼ିଶାରେ ମଧ୍ୟ ପଡ଼ିବ। ଆମେ ଏଠି ସରକାର ଗଢ଼ିବାରେ ସମର୍ଥ ହେବୁ ବୋଲି ଲତା ଉସେଣ୍ଡି କହିଛନ୍ତି। ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି ଓଡ଼ିଶାରେ ରବିବାର ରାଜ୍ୟ କାର୍ଯ୍ୟାଳୟରେ ଶୀର୍ଷ ନେତୃତ୍ୱଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବା ସହ ସୋମବାର ପଦାଧିକାରୀ ବୈଠକରେ ଯୋଗଦେବେ।


OFFICE OF THE PANCHAYAT SAMITI, KANKADAHAD, DHENKANAL
Kankadahad Dhenkanal - 759028
Tel No.: 06768-264022, Mob.: +918280405104, E-mail: ori-kankadahad@nic.in
Letter No. 378 Dt.07.02.2024
No. i-618
Tender Call Notice No. BDOKANKADAHAD/03/2023-24

| Sl. No. | Name of the Work | Approximately Value of Work (In Rs.) | Concerned T.I.A. | Cost of Bid Documents | Class of Bidder | EMD 1% | Period of Completion (In Month) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of New Panchayat Samiti Building & Conference Hall at Panchayat Samiti, Kankadahad | Rs.52,93,152.29 | 'B' Class | BDO, Kankadahad | Rs.10,000 | Rs.51,932 | 5 (Five Calendar Months) |

1. Total Number of Work : 01 No.
2. Date & time of availability of the bid document in the portal : 12.02.2024 10.00 A.M. to 20.02.2024 5.30 P.M.
3. Last date/time of receipt of the Original Bid Documents : 20.02.2024 5.30 P.M.
4. Date of seeking Clarification : 15.02.2024 within office hours
5. Date of Opening : 21.02.2024 11.00 A.M.
6. Name & Address of the Office : Office of the Block Development Officer, Kankadahad

Further details can be seen from the Dhenkanal Portal www.dhenkanal.nic.in.
OIPR-19381/11/0003/2324 Sd./- BDO, Kankadahad

GOVERNMENT OF ODISHA No. O-2484
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL
E-Mail: sencrwangul@yahoo.co.in, Ph.: 06764-236404
SHORT TENDER CALL NOTICE FOR ROAD & BRIDGE WORK IN ODISHA
Bid Identification No. Road Online AGL - 44/2023-24
No. 433 Dt.08.02.24

1. Name of the work : Road Works
2. Total No. of Work : 1 No.
3. Estimated Cost : Rs.562.34 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online AGL-44/2023-24 | 12.02.2024 at 10.00 A.M. | 19.02.2024 upto 4.30 P.M. | 17.02.2024 upto 1.00 P.M. | 19.02.2024 upto 5.00 P.M. | Will be intimated Separately |

For detailed Notice inviting tenders, please visit to the website www.tendersorissa.gov.in.
OIPR-25180/11/0064/2324 Sd./- Chief Construction Engineer, Rural Works Circle, Angul

GOVERNMENT OF ODISHA No. O-2490
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No. 740 Date: 06.02.2024
"e" Procurement Notice for Road Works

| | | | |
|---|---|---|---|
| 1 | Name of the Work | : | Road Works under MMSY-TRIP |
| 2 | Total No. of Works | : | 09 Nos. of Road Works under MMSY |
| 3 | Estiamted Cost of the work | : | Varies from Rs.421.11 lakhs to Rs.1093.56 lakhs |
| 4 | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crores upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5 | Period of Completion | : | As mentioned in Column-7 of Annexure |
| 6 | Offer rates by bidder | : | The offered rate by the contractor shall be excluding GST |
| 7 | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online C.C. 06 of 2024 | 13.02.2024 at 10.00 A.M. | 27.02.2024 upto 5.00 P.M. | 28.02.2024 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in.
Sd./- Chief Construction Engineer
Central Rural Works Circle, Bhubaneswar
OIPR-25194/11/0003/2324

GOVERNMENT OF ODISHA No. O-2488
"e" Procurement Notice
e-mail ID: rw_sambalpur@yahoo.co.in, Phone No.: 0663-2401850
No. 1082 Dated: 08.02.24
Bid Identification No. TENDER ONLINE SBPR - 20 of 2023-24

1. Name of the Work : Road & Building Works as per DTCN available in the website: www.tendersodisha.gov.in
2. Total No. of Work : 06 (Six) Nos.
3. Estimated Cost : Varies from Rs.5.04 lakhs to Rs.37.21 lakhs
4. Period of Completion : 01 (One) to 06 (Six) Calendar Months
5. Period and time of availability of bid document in the portal for bidding : 12.02.2024 at 11.00 A.M. to 19.02.2024 upto 5.00 P.M.
6. Date and time of opening of Tender : 20.02.2024 at 11.00 A.M.
7. Name and address of the Officer Inviting Bid : S.E.R.W. Divn., Sambalpur

(1) Other details can be seen from detailed notice inviting tenders, available in website: www.tendersodishagov.in.
(2) Corrigendum if any shall only be published in the website: www.tenderodisha.gov.in.

Sd./- Superintending Engineer
OIPR-25076/11/0029/2324 Rural Works Division, Sambalpur

ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା
OFFICE OF THE NOTIFIED AREA COUNCIL, ATTABIRA
Dist.: Bargarh (Odisha), PIN - 768027
Email: attabiranac.2013@gmail.com, Ph.: 06682-221212
No. 189/ATTB Dated: 09.02.2024
Bidding through e-Procurement
Bid Identification No. NAC-ATTB-13/2023-24

No. C-3043: The Executive Officer, N.A.C., Attabira on behalf of NAC invites percentage bid through e-procurement in single cover system according to norm of e-Procurement system in online mode.

1. Name of works : Civil Works
2. No. of works : 10 (Ten) Nos. of work
3. Estimated Cost : 4.5 to 19.99 lakhs
4. Class of Contractor : "D" & "C"
5. Period of Completion : As per DTCN
6. Date & time availability of bids documents in the portal : From 10 A.M. hours of 12.02.2024 to 5 P.M. hours of Dt.22.02.2024
7. Last date & time of received of bids in portal : 5 P.M. hours of Dt.22.02.2024
8. Date & time of opening of bids : Dt.23.02.2024 at 11.00 A.M.
9. Name & Address of the Office : Executive Officer, Attabira NAC

The biddes have to participate in online bidding only. Further details can be seen from the e-procurement portal www.tendersorissa.gov.in.
OIPR--13176/11/0017/2324 Sd./- Executive Officer, Attabira NAC

ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
(ରାସ୍ତା ଓ ଗୃହ) ବିଭାଜନ ନଂ. ୫
ବିଜ୍ଞାପନ

No. B-1765: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ଉକ୍ତ ବିଭାଜନ ଅଧୀନରେ ଭୁବନେଶ୍ୱରର କ୍ୟାପିଟାଲ ରିଙ୍ଗରୋଡ୍‌ର ନିର୍ମାଣ କାର୍ଯ୍ୟ ତମାଣ୍ଡୋଠାରୁ ପାଇକରାପୁର ପର୍ଯ୍ୟନ୍ତ ଚାଲୁଅଛି। ଉକ୍ତ ରାସ୍ତାର ନିର୍ମାଣ ନିମନ୍ତେ ଆବଶ୍ୟକ ହୋଇଥିବା ଜମିର ବିଜୁପୁର ମୌଜାରୁ ଅଧିଗ୍ରହଣ କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଅଛି। ମାତ୍ର ଉକ୍ତ ମୌଜାର ଖାତା ସଂଖ୍ୟା ୨୩୮ରେ ଥିବା ପ୍ଲଟ ନଂ. ୩୪୧ର ସବ୍‌ପ୍ଲଟ ହୋଇ ବିକ୍ରି ହୋଇଅଛି। ଉକ୍ତ ସବ୍‌ପ୍ଲଟ ରେକର୍ଡଭୁକ୍ତ ହୋଇଥିବା ପ୍ରଜାମାନଙ୍କର କୌଣସି ସଠିକ୍ ବିବରଣୀ ଉକ୍ତ ବିଭାଜନ ଦ୍ୱାରା ମିଳିପାରୁ ନାହିଁ।
ତେଣୁ ଏହି ବିଜ୍ଞାପନ ଦ୍ୱାରା ଉକ୍ତ ପ୍ଲଟ ଖାତା ସଂଖ୍ୟା ୨୩୮ ଓ ପ୍ଲଟ ନଂ. ୩୪୧ର ସବ୍‌ପ୍ଲଟ ପ୍ରଜାମାନଙ୍କୁ ଅନୁରୋଧ କରାଯାଉଅଛି କି, ସେମାନେ ଏହି ବିଜ୍ଞାପନ ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜର ଦାବି ଉପସ୍ଥାପନ କରିପାରିବେ। ଏହି ଦାବିକୁ ସରଜମିନ୍ ତଦନ୍ତ କରାଯାଇ କ୍ଷତିପୂରଣ ପ୍ରଦାନ ନିମନ୍ତେ ସରକାରୀ ନିୟମ ଅନୁସାରେ ବିହିତ ପଦକ୍ଷେପ ନିଆଯିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଭୁବନେଶ୍ୱର (ରାସ୍ତା ଓ ଗୃହ)
ବିଭାଜନ ନଂ. ୫, ନିର୍ମାଣ ସୌଧ
OIPR-34135/11/0016/2324 କେଶରୀ ନଗର, ଭୁବନେଶ୍ୱର

OFFICE OF THE
MUNICIPAL COUNCIL, BHAWANIPATNA
Letter No. 305 Date: 07.02.2024
Expression of Interst (EoI) for Selection of Mission Shakti Groups for Processing of Waste for Bio-Mining of Legacy Waste under Bhawanipatna Municipality

No. C-3045: The Expression of Interest (EOI) in sealed cover with Prescribed Format (Annexure - I & II) are invited from local MSG/ALF/Ragpicker Groups for processing of Legacy Waste for Bio-mining of Dumpsite at Bhangaban, Bhawanipatna Municipality.
The proposal should reach the office of the Executive Officer, Bhawanipatna Municipality on or before 15.02.2024 by 03.00 P.M. through Courier/Speed Post/Registered Post or by hand and the same will be opened on the same day at 04.30 P.M. in presence of MSG/ALF/Ragpicker Groups and their authorised agent if any.

| | | |
|---|---|---|
| 01 | Available of EOI documents in website | http:/www.kalahandi.nic.in, www.bhawanipatnamunicipality.in |
| 02 | Last date and time of submission of EOI | 15.02.2024, 3.00 P.M. |
| 03 | Date & time of Opening of EOI | 15.02.2023, 04.30 P.M. |
| 04 | For downloading the EOI documents and term and condition of assignment, please visit http:/www.kalahandi.nic.in www.bhawanipatnamunicipality.in | http:/www.kalahandi.nic.in, www.bhawanipatnamunicipality.in |

The authority reserves right to reject any or all the EOIs without assigning any reason thereof. Any Change/Correction/Corrigendum in respect the above shall be placed in http:/www.kalahandi.nic.in and www.bhawanipatnamunicipality.in website.

Sd./- Executive Officer
Bhawanipatna Municipality
OIPR-13100/11/0015/2324



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ରେ ରବିବାର ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।



ଦର୍ଶକମାନେ ମ୍ୟାଚ ଉପଭୋଗ କରୁଛନ୍ତି। (ଫଟୋ: ବିକାଶ ନାୟକ)।

# ଶୁଟ୍‌ଆଉଟରେ ଜିତିଲା ଭାରତ

ଭୁବନେଶ୍ୱର, ୧୧।୨
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ର ରବିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ଶୁଟ୍‌ଆଉଟ ୪-୨ ଗୋଲରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ସ୍ଥିତିରେ ରହିଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଭାରତ ପକ୍ଷରୁ ଶମଶେର ସିଂ, ଲଳିତ କୁମାର ଉପାଧ୍ୟାୟ, ସୁଖଜିତ ସିଂ ଓ ହରମନପ୍ରୀତ ସିଂ ଆଦି ୪ ଜଣ ଯାକ ଖେଳାଳି ଗୋଲ ଦେଇଥିଲେ। ନେଦରଲାଣ୍ଡର ବିଜେନ କୋଏନ ଓ ଥିଏରୀ ବ୍ରିଙ୍କମାନ ଗୋଲ ଦେଇଥିବାବେଳେ ଡି ଜିଉସ ଜୋନାସ ଓ କ୍ରୁନ ଜୋରିଟ ମିସ୍ କରିଥିଲେ। ୨ ମ୍ୟାଚରୁ ଗୋଟିଏ ବିଜୟ ଓ ଗୋଟିଏ ଶୁଟ୍ ଆଉଟ ବିଜୟ ସହ ଭାରତର ପଏଣ୍ଟ ସଂଖ୍ୟା ୫ରେ ପହଞ୍ଚିଛି। ଅନ୍ୟପକ୍ଷରେ ୬ ମ୍ୟାଚରୁ ପ୍ରଥମ ପରାଜୟ ସ୍ୱାଦ ଚାଖିଥିବା ନେଦରଲାଣ୍ଡ୍ସ ୧୨ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛି।



ଭାରତ ବିଜୟରେ ଉଲ୍ଲସିତ ଗୋଲକିପର ପି.ଆର. ଶ୍ରୀଜେଶ।

ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଖେଳିଥିଲା। ୧୨ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ କରିପାରି ନ ଥିଲା। ତେବେ ୧୩ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ହାର୍ଦ୍ଦିକ ସିଂ ଭାରତକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ୨୩ ଓ ୨୪ତମ ମିନିଟରେ କ୍ରମାଗତ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ବେକାର ଯାଇଥିଲା। ୨୪ତମ ମିନିଟରେ ଆକାଶଦୀପ ସିଂ ଗ୍ରୀନ୍‌କାର୍ଡ ପାଇଥିଲେ। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ୨୫ତମ ମିନିଟରେ ପେନାଲ୍ଟି କର୍ନର ହାତଛଡ଼ା କରିଥିଲେ ହେଁ ୩୦ତମ

**ହରମନପ୍ରୀତ ଖେଳିଲେ ୨୦୦ତମ ମ୍ୟାଚ**

ମିନିଟରେ ସୁଯୋଗର ସଦୁପଯୋଗ କରି ଜିପ୍ ଜାନସେନଙ୍କ ମାଧ୍ୟମରେ ଗୋଲ ପରିଶୋଧ କରି ଦେଇଥିଲା। ତୃତୀୟ କ୍ୱାର୍ଟରରେ ନେଦରଲାଣ୍ଡ୍ସ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦଳ ୩୯ତମ ମିନିଟରେ ପେନାଲ୍ଟି କର୍ନରରୁ ଦ୍ୱିତୀୟ ଗୋଲଟି ସ୍କୋର କରି ଅଗ୍ରଣୀ ହାସଲ କରିଥିଲା। ବିଜେନ କୋଏନ ଏହି ଗୋଲଟି ଦେଇଥିଲେ। ୪୫ତମ ମିନିଟରେ ଦଳ ଆଉଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଭାରତର ସୁଖଜିତ ସିଂ ୫୨ତମ ମିନିଟରେ ଏବଂ ନେଦରଲାଣ୍ଡ୍ସର ବ୍ଲକ୍ ଜଷ୍ଟେନ ୫୩ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ଏହି କ୍ୱାର୍ଟରରେ ଭାରତ ଓ ନେଦରଲାଣ୍ଡ୍ସ ୩ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲେ। ତେବେ ଭାରତ ୫୮ତମ ମିନିଟରେ ପାଇଥିବା ପେନାଲ୍ଟି କର୍ନରକୁ ଅଧିନାୟକ ହରମନପ୍ରୀତ ସିଂ ଗୋଲରେ ପରିଣତ କରିବାରୁ ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା।

ଏହି ମ୍ୟାଚରେ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୨୦୧୫ରୁ ଅନ୍ତର୍ଜାତୀୟ ହକି ଖେଳି ଆସୁଥିବା ହରମନପ୍ରୀତ ଏବେ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି। ମାଇଲଖୁଣ୍ଟ ମ୍ୟାଚ ଖେଳିଥିବାରୁ ହରମନପ୍ରୀତଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

# ଅଷ୍ଟ୍ରେଲିଆର ସଂଘର୍ଷପୂର୍ଣ୍ଣ ବିଜୟ



ସ୍ପେନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର, ୧୧।୨
(ତପନ ସ୍ୱାଇଁ

ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ରେ ରବିବାର ଅଷ୍ଟ୍ରେଲିଆ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୪-୩ ଗୋଲରେ ସ୍ପେନ୍‌କୁ ହରାଇ ଦେଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଶାର୍ପ ଲଚଲାନ ୯ ଓ ୫୨ତମ ମିନିଟରେ ୨ଟି ଏବଂ ଜ୍ୟାକ ହ୍ୱିଟନ ୧୯ ଓ ବ୍ଲେକ୍ ଗୋଭର୍ସ ୨୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସ୍ପେନ୍‌ର ମାର୍କ ମିରାଲେସ ୨୯, ନିକୋଲାସ ଆଲଭାରେଜ ୩୬ ଓ ପଲ ଭାର୍ଡେଲ କାବ୍ରି ୩୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଏଠାରେ ବିଜୟ ସହ ଅଷ୍ଟ୍ରେଲିଆ ଏହାର ବିଜୟ ଅଭିଯାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ସ୍ପେନ୍ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ଦଳ ଶନିବାର ଭାରତ ନିକଟରୁ ୧-୪ ଗୋଲରେ ପରାସ୍ତ ହୋଇଥିଲା। ମ୍ୟାଚରେ ସ୍ପେନ୍ ମାତ୍ର ୨ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ଗୋଟିଏକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୬ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏଥିରୁ ଖେଳାଳିମାନେ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲେ। ସ୍ପେନ୍‌ର ଡି ଇଗ୍ନାସିଓ-ସିମୋ ଏଡୁଆର୍ଡ ୨୩ ଓ ରୋଡ୍ରିଗ୍ୱେଜ ଇଗ୍ନାସିଓ ୨୪ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ଅଷ୍ଟ୍ରେଲିଆର ଟମ୍ କ୍ରେଗ୍ ୨୦ ଓ କି ୱିଲଟ ୬୦ତମ ମିନିଟରେ ୟେଲୋ କାର୍ଡ ପାଇଥିଲେ।

# ପରାଜୟ ଆଶଙ୍କାରେ ଓଡ଼ିଶା

**ରଣ୍‌ଜୀ ଟ୍ରଫି**

ଭୁବନେଶ୍ୱର, ୧୧।୨
(ତପନ ସ୍ୱାଇଁ)

ଚଳିତ ରଣ୍‌ଜୀ ଟ୍ରଫି ସିଜନରେ ଅସ୍ଥିର ପ୍ରଦର୍ଶନ ଏବଂ ଖରାପ ବ୍ୟାଟିଂ ଓଡ଼ିଶାକୁ ପୁଣି ଅଡୁଆରେ ପକାଇଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଉତ୍ତରାଖଣ୍ଡ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପରାଜୟ ଆଶଙ୍କାରେ ରହିଛି। ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୧୬୯ ରନରେ ଅଲ୍‌ଆଉଟ ହୋଇଛି। ଉତ୍ତରାଖଣ୍ଡ ଏହାର ଦ୍ୱିତୀୟ ଇନିଂସକୁ ୨୦୩/୮ରେ ଘୋଷଣା କରିବାରୁ ଓଡ଼ିଶା ସମ୍ମୁଖରେ ୩୭୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରବିବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୧୭ ରନ ମଧ୍ୟରେ ୨ଟି ଉଇକେଟ ହରାଇଛି। ଫଳରେ ୮ ଉଇକେଟ ସୁରକ୍ଷିତ ଥାଇ ଓଡ଼ିଶା ଆହୁରି ୩୬୦ ରନ ପଛରେ ରହିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ତେବେ ଓଡ଼ିଶା ପାଇଁ ମ୍ୟାଚ ବଞ୍ଚାଇବା କଷ୍ଟକର ହୋଇପଡ଼ିବ।

ଓଡ଼ିଶା ପୂର୍ବଦିନର ପ୍ରଥମ ଇନିଂସ ସ୍କୋରରେ ଆଉ ୪୬ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ଉତ୍ତରାଖଣ୍ଡ ପକ୍ଷରୁ ଦୀପକ ଧପୋଲା ଓ ମୟଙ୍କ ମିଶ୍ର ୩ଟି ଲେଖାଏ ଏବଂ ଅଭୟ ନେଗୀ ଓ ସ୍ୱପ୍ନିଲ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭରେ ବିନା ସ୍କୋରରେ ଯଦିଓ ବୈଭବ ଭଟ୍ଟଙ୍କ ଉଇକେଟ ହରାଇଥିଲା ତେବେ ଅଧିନାୟକ ଜିଓ୍ୱନଜୋତ ସିଂ (୭୪ ରନ)ଙ୍କ ଅର୍ଦ୍ଧଶତକ ଏବଂ କୁନାଲ ଚାଣ୍ଡେଲା (୩୮), ଆଦିତ୍ୟ ତାରେ (୨୫) ଓ ମୟଙ୍କ ମିଶ୍ର (୨୫*)ଙ୍କ ଉପଯୋଗୀ ଅବଦାନ ବଳରେ ୨୦୩/୮ରେ ଇନିଂସ ଘୋଷଣା କରିଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ଓ ବିପ୍ଲବ ସାମନ୍ତରାୟ ୩ଟି ଲେଖାଏ ଏବଂ ହର୍ଷିତ ରାଠୋଡ ୨ଟି ଉଇକେଟ ନେଇଥିଲେ। ୩୭୭ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ମାତ୍ର ୭ ରନରେ ଅଧିନାୟକ ଶାନ୍ତନୁ ମିଶ୍ର (୪) ଓ ସ୍କୋର ୧୦ ଥିବାବେଳେ ଆଶୀର୍ବାଦ ସ୍ୱାଇଁ (୩)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟରେ ରହିଛି। ସନ୍ଦୀପ ପଟ୍ଟନାୟକ ୮ ଓ ଦେବବ୍ରତ ପ୍ରଧାନ ୧ ରନରେ ଅପରାଜିତ ରହିଛନ୍ତି। ବିପକ୍ଷ ଦଳର ଦୀପକ ଧପୋଲା ୨ଟିଯାକ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୩୪୨। ଓଡ଼ିଶା ପ୍ରଥମ ଇନିଂସ: ୧୬୯। ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ: ୨୦୩/୮/ଘୋଷଣା (ଜିଓ୍ୱନଜୋତ ସିଂ-୭୪, କୁନାଲ ଚାଣ୍ଡେଲା-୩୮, ରାଜେଶ ମହାନ୍ତି-୩/୧୭, ବିପ୍ଲବ ସାମନ୍ତରାୟ-୩/୩୧, ହର୍ଷିତ ରାଠୋଡ-୨/୫୦)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୭/୨।

# ୱେଷ୍ଟଇଣ୍ଡିଜକୁ ୩୪ ରନ୍‌ରେ ହରାଇଲା ଅଷ୍ଟ୍ରେଲିଆ

ଆଡିଲେଡ୍, ୧୧।୨ (ଏପି)

ଗ୍ଲେନ ମ୍ୟାକ୍ସୱେଲଙ୍କ ରେକର୍ଡ ସମକକ୍ଷ ଶତକ ସହାୟତାରେ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍ ୩୪ ରନରେ ଜିତି ନେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଏକଦା ୬.୪ ଓଭରରେ ୩ ଉଇକେଟ ବିନିମୟରେ ୬୪ ରନ କରିଥିଲା। ବଡ଼ ଶଟ୍ ଖେଳିବାକୁ ଯାଇ ଜୋଶ ଇଂଲିଶ (ଚାରି), ମିଚେଲ ମାର୍ଶ (୧୨ ବଲ୍‌ରୁ ୨୯) ଏବଂ ଡେଭିଡ୍ ୱାର୍ନର (୧୯ ବଲ୍‌ରୁ ୨୨ ରନ)। ୪ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ମ୍ୟାକ୍ସୱେଲ ଲଢୁଆ ବ୍ୟାଟିଂ କରି ୫୫ ବଲ୍‌ରୁ ୧୨୦ ରନ କରି ଅପରାଜିତ ରହିଥିଲେ। ସେ ୮ ଛକା ଏବଂ ୧୨ ଚୌକା ମାରିଥିଲେ। ଟିମ୍ ଡେଭିଡ (୧୪ ବଲ୍‌ରୁ ୩୧ରନ)ଙ୍କ ସହ ୯୨ ରନ ଯୋଗ କରିଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୨୪୧ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ୭ ଓଭରରେ ୫ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଅଧିନାୟକ ରୋଭମ୍ୟାନ ପାୱେଲ (୩୬ ବଲ୍‌ରୁ ୬୩ ରନ) ଏବଂ ଆନ୍ଦ୍ରେ ରସେଲ (୧୬ ବଲ୍‌ରୁ ୩୭) ଭ୍ରମଣକାରୀ ଦଳ ପାଇଁ କିଛି ସମୟ ଲାଗି ଆଶା ସଞ୍ଚାର କରିଥିଲେ। ମାତ୍ର ମାର୍କସ ଷ୍ଟୋଇନିସ (୩/୩୬) ଓ ନବାଗତ ସ୍ପେନସର ଜନସନ (୨/୩୯)ଙ୍କ ନେତୃତ୍ୱରେ ଅଷ୍ଟ୍ରେଲୀୟ ବୋଲିଂ ଆକ୍ରମଣ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୨୦୭/୯ରେ ସୀମିତ ହୋଇଯାଇଥିଲା।



କିଟ୍ ପରିସରରେ ଅନୁଷ୍ଠିତ ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ଟାଇଟଲ ବିଜୟୀ ତାମିଲନାଡୁ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ବାପୁଜୀ କ୍ଲବ ଭୁବନେଶ୍ୱର ଚାମ୍ପିୟନ




ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ବନ୍ତ,୧୧।୨
(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ମିନି ଷ୍ଟାଡିୟମରେ ଶାନ୍ତି ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୨ତମ ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ରବିବାର ଭଦ୍ରକ ଇଷ୍ଟକୋଷ୍ଟ ରେଳବାଇକୁ ହରାଇ ବାପୁଜୀ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଟସ୍ ଜିତି ବାପୁଜୀ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ସର୍ବାଧିକ ୪୭ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ନୀହାର ଭୂୟାଁ ୩ ଉଇକେଟ ନେଇଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଳବାଇ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ୍ କରି ହାରିଯାଇଥିଲା। ଦଳ ପକ୍ଷରୁ ଆକାଶ ମହାପାତ୍ର ସର୍ବାଧିକ ୫୮ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର କ୍ଷମାସାଗର ବଳ ୩ ଉଇକେଟ ନେଇଥିଲେ। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ, ଶାନ୍ତନୁ ରାଉତ, ଭାଷ୍ୟକାର ସଞ୍ଜୟ ମଜୁମଦାର, ସୁକାନ୍ତ ବେହେରା, ଅପୂର୍ବ ଚାନ୍ଦ, ଆଶିଷ ଚକ୍ରବର୍ତ୍ତୀ, ସେକ୍ ଆଜାରୁଦ୍ଦିନ ଏବଂ ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା ଦାୟିତ୍ୱ ତୁଲାଇଥିଲେ। ମ୍ୟାନ୍ ଅଫ୍ ଦି ସିରିଜ୍ ଆକାଶ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କ୍ଷମାସାଗରଙ୍କୁ ପୁରସ୍କୃତ କରାଯାଇଥିଲା।

ପୁରସ୍କାର ବିତରଣ ସଭାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ସାମାଜିକ କର୍ମୀ ବୁଢୁ ପଟ୍ଟନାୟକ, ଇଂ.ଉତ୍ତମ ନାୟକ, କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ବାରିକ ଓ ସମ୍ପାଦକ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ଗୀତା ଇଞ୍ଜିନିୟରିଂ କଲେଜର ଅଧକ୍ଷ ଇଂ.ମନ୍ମଥ କୁମାର ରାଉଳ, ନୃତ୍ୟଶିଳ୍ପୀ ସାନିଆ ସା, ହାସ୍ୟାଭିନେତା ଗିରିଜା ପଣ୍ଡା, କ୍ରିକେଟର ଅଜୟ ଜେନା, ସଫଳ ଚାଷୀ ଉଦୟନାଥ କର ଓ ଡା. ମଳୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା କମିଟିର ଉମାକାନ୍ତ ନାୟକ, ଅଜୟ ନାୟକ, ଇଂ.ସୁଧାଂଶୁ ନାୟକ, ପ୍ରଶାନ୍ତ ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

सत्यमेव जयते
Goverment Of India

# ସଶକ୍ତ ଯୁବଶକ୍ତି ସୁଦୃଢ଼ କରୁଛନ୍ତି 'ବିକଶିତ ଭାରତ'ର ସଂକଳ୍ପ



## ରୋଜଗାର ମେଳା ମାଧ୍ୟମରେ
## ସରକାରୀ ଚାକିରିରେ ଯୁବବର୍ଗଙ୍କ ନିଯୁକ୍ତି ପାଇଁ

**ସାରା ଦେଶରେ ସରକାରୀ ଚାକିରି ନିମନ୍ତେ ମନୋନୀତ ହୋଇଥିବା**
**୧ ଲକ୍ଷ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ**

ପ୍ରଧାନମନ୍ତ୍ରୀ
## ନରେନ୍ଦ୍ର ମୋଦିଙ୍କ
ଦ୍ୱାରା

**୧୨ ଫେବୃଆରୀ ୨୦୨୪, ପୂର୍ବାହ୍ନ ୧୦.୩୦ ଘଟିକା**

(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

CBC19101/13/0020/2324

- ସହଭାଗୀ ରାଜ୍ୟ ସରକାରମାନଙ୍କ ସହବନ୍ଧନରେ ଭାରତ ସରକାରଙ୍କ ଦ୍ୱାରା ନୂଆ ଚାକିରି ସୁଯୋଗର ସୃଜନ
- ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
- ସହଜ, ନିରପେକ୍ଷ ଏବଂ ସ୍ୱଚ୍ଛ ମନୋନୟନ ପ୍ରକ୍ରିୟା
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳପଥ ନିଯୁକ୍ତି ପରିଷଦ ଏବଂ ଆଇବିପିଏସ୍ ଭଳି ଏଜେନ୍ସି ମାଧ୍ୟମରେ ଦିଆଯାଉଛି
- ସ୍ୱତନ୍ତ୍ର ଅନ୍‌ଲାଇନ୍ ପ୍ରଣାଳୀ ମାଧ୍ୟମରେ ଖାଲିପଦବୀ ଏବଂ ନିଯୁକ୍ତି ପ୍ରକ୍ରିୟାର ନିରବଚ୍ଛିନ୍ନ ତଦାରଖ
- "କର୍ମଯୋଗୀ ପ୍ରାରମ୍ଭ" ମଡ୍ୟୁଲ୍ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗରେ ସମସ୍ତ ନବନିଯୁକ୍ତ କର୍ମଚାରୀଙ୍କ ଅନ୍‌ଲାଇନ୍ ପ୍ରଶିକ୍ଷଣ ପାଠ୍ୟକ୍ରମ

DD NEWS
ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ କର୍ମଯୋଗୀ ମଡ୍ୟୁଲ୍ ୱେବ୍‌ସାଇଟ୍ https://igotkarmayogi.gov.in ପରିଦର୍ଶନ କରନ୍ତୁ କିମ୍ବା ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୨/୨୦୨୪ Bhubaneswar, Monday, February 12/ 2024

# ଅଷ୍ଟ୍ରେଲିଆ ଚାମ୍ପିୟନ

**ବେନୋନି, ୧୧।୨**

ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଟାଇଟଲ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ଗତଥରର ଚାମ୍ପିୟନ ଭାରତକୁ ୭୯ ରନରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୫୦ ଓଭରରେ ୭ ଉଇକେଟ ହରାଇ ୨୫୩ ରନ କରିଥିବାବେଳେ ଭାରତ ୪୩.୫ ଓଭରରେ ୧୭୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଷ୍ଟ୍ରେଲିଆର ମାହଲି ବିୟର୍ଡମ୍ୟାନ ଭାରତର ଟପ୍ ଅର୍ଡର ଓ ରାଫ୍ ମ୍ୟାକମିଲାନ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ପକ୍ଷରୁ ଆଦର୍ଶ ସିଂ ସର୍ବାଧିକ

**୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ**

୪୭, ମୁରୁଗାନ ଅଭିଷେକ ୪୨ ଓ ମିଶିର ଖାଁ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ବିୟର୍ଡମ୍ୟାନ ଓ ମ୍ୟାକମିଲାନ ୩ଟି ଲେଖାଏ, କାଲୁମ ଭିଡଲେର ୨ଟି ଏବଂ ଚାର୍ଲି ଆଣ୍ଡରସନ ଓ ଟମ୍ ଷ୍ଟ୍ରାକର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ରେ ଚାମ୍ପିୟନ ହୋଇଥିବାବେଳେ ଏଥର ରନରଅପ୍‌ରେ ସନ୍ତୁଷ୍ଟ



ଉଇକେଟ ନେବାପରେ ମାହଲି ବିୟର୍ଡମ୍ୟାନ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ହୋଇଛି। ଅନ୍ୟପକ୍ଷରେ ୧୯୮୮, ୨୦୦୨ ଓ ୨୦୧୦ରେ ଟାଇଟଲ ହାସଲ କରିବା ଅଷ୍ଟ୍ରେଲିଆ ୪ର୍ଥ ଥରପାଇଁ ଚାମ୍ପିୟନ ହୋଇଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ମାତ୍ର ୧୬ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ହାରି ଡିକ୍ସନ ଓ ଅଧିନାୟକ ହ୍ୟୁଗ୍ ୱିବଗେନ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ମିଡିଲ ଅର୍ଡରରେ ହର୍ଜାସ ସିଂଙ୍କ ଅର୍ଦ୍ଧଶତକ ଏବଂ ଓଲିଭର ପିକେଙ୍କ ଦୃଢ଼ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆ (୨୫୩/୭) ଏକ ଚ୍ୟାଲେଞ୍ଜିଂ ସ୍କୋର କରିବାରେ ସକ୍ଷମ ହୋଇଥିଲା। ହର୍ଜାସ ସର୍ବାଧିକ ୫୫, ୱିବଗେନ ୪୮ ଓ ଡିକ୍ସନ ୪୨ ରନକରି ଆଉଟ ହୋଇଥିବାବେଳେ ଓଲିଭର ୪୬ ରନରେ ଅପରାଜିତ ରହିଥିଲେ। ଭାରତୀୟ ଯୁବ ବୋଲରଙ୍କ ମଧ୍ୟରେ ରାଜ ଲିମ୍ବାନି ସର୍ବାଧିକ ୩ଟି, ନମନ ତିୱାରୀ ୨ଟି ଏବଂ ସୌମି ପାଣ୍ଡେ ଓ ମୁଶିର ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ଏହା ସର୍ବାଧିକ ସ୍କୋର ଥିଲା। ୧୯୯୮ରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଇଂଲଣ୍ଡ ୨୪୨/୩ କରି ରେକର୍ଡର ଅଧିକାରୀ ଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୨୫୩/୭ (ହର୍ଜାସ ସିଂ-୫୫, ହ୍ୟୁଗ୍ ୱିବଗେନ-୪୮, ହାରି ଡିକ୍ସନ-୪୨, ଓଲିଭର ପିକେ-୪୬*, ରାଜ ଲିମ୍ବାନି- ୩/୩୮, ନମନ ତିୱାରୀ-୨/୬୩, ସୌମି ପାଣ୍ଡେ-୧/୪୧, ମୁଶିର ଖାଁ-୧/୪୬)। ଭାରତ ୪୩.୫ ଓଭରରେ ୧୭୪/ଅଲ୍‌ଆଉଟ (ଆଦର୍ଶ ସିଂ-୪୭, ମୁରୁଗାନ ଅଭିଷେକ-୪୨, ମାହଲି ବିୟର୍ଡମ୍ୟାନ-୩/୧୫, ରାଫ୍ ମ୍ୟାକମିଲାନ-୩/୪୩, କାଲୁମ ଭିଡଲେର-୨/୩୫, ଟମ୍ ଷ୍ଟ୍ରାକର-୧/୩୨, ଚାର୍ଲି ଆଣ୍ଡରସନ-୧/୪୨)।

## ଅବଶିଷ୍ଟ ୩ ଟେଷ୍ଟରୁ ଓହରିଲେ ଲିଚ୍

**ଲଣ୍ଡନ, ୧୧।୨ (ପି.ଟି.):** ବାମ ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ଭାରତ ବିପକ୍ଷ ଅବଶିଷ୍ଟ ୩ ଟେଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି ଇଂଲଣ୍ଡର ବାମହାତୀ ସ୍ପିନର ଜ୍ୟାକ୍ ଲିଚ୍। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଏ ବିଷୟରେ ସୂଚନା ଦିଆଯାଇଛି। ତେବେ ତାଙ୍କ ବଦଳରେ ଅନ୍ୟ କୌଣସି ଖେଳାଳିଙ୍କୁ ଡକାଯିବ ନାହିଁ। ଇଂଲଣ୍ଡ ଟିମ୍‌ର ଅବଶିଷ୍ଟ ୩ ସ୍ପିନର ଟମ୍ ହାର୍ଟଲି, ରେହାନ ଅହମଦ ଓ ଶୋଏବ ବଶିରଙ୍କୁ ନେଇ ଖେଳିବ। ଏହି ୩ ନିୟମିତ ସ୍ପିନରଙ୍କ ବ୍ୟତୀତ ଚତୁର୍ଥ ବିକଳ୍ପ ସ୍ପିନର ଭାବେ ଭ୍ରମଣକାରୀ ଦଳ ଜୋ ରୁଟ୍‌ଙ୍କୁ ବ୍ୟବହାର କରିପାରିବ। ହାଇଦ୍ରାବାଦରେ ଇଂଲଣ୍ଡର ପ୍ରଥମ ଟେଷ୍ଟ ବିଜୟରେ ଲିଚ୍ ଆଘାତପ୍ରାପ୍ତ ହୋଇଥିଲେ। ଫଳତଃ ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ସେ ଖେଳିପାରି ନ ଥିଲେ। ରାଜକୋଟଠାରେ ତୃତୀୟ ଟେଷ୍ଟ ଫେବୃଆରୀ ୧୫ (ଗୁରୁବାର)ରୁ ଆରମ୍ଭ ହେବାକୁଥିବା ବେଳେ ଭ୍ରମଣକାରୀ ଇଂଲଣ୍ଡ ଦଳ ବର୍ତ୍ତମାନ ଆବୁଧାବିରେ ଅଭ୍ୟାସ ଚଳାଇଛି। ଲିଚ୍ ସେଠାରୁ ସିଧାସଳଖ ସ୍ୱଦେଶ ଫେରିଯିବେ। ସେ ଇଂଲଣ୍ଡ ଓ ସମରସେଟ୍ ମେଡିକାଲ ଟିମ୍ ଅଧୀନରେ ଚିକିତ୍ସିତ ହେବେ ବୋଲି ଇସିବି କହିଛି।


କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ୫ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ ର୍‍ୟାପିଡ ଚେସ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ରାଜ୍ୟ ଓପନ ଚେସ୍: ସୌମ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୧୧।୨**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ୫ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ ର୍‍ୟାପିଡ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ସେ ୪.୫ ପଏଣ୍ଟ ପାଇଛନ୍ତି। ଓପନ ବର୍ଗରେ ସୌମ୍ୟଙ୍କର ଏହା ୮୧ତମ ଟାଇଟଲ। ଫକୀର ମାଝି, ସାଇ ଶକ୍ତି ପଣ୍ଡା, ମନୀନ୍ଦ୍ର କାର୍ଜି, ରବୀନ୍ଦ୍ର କୁମାର ଓଝା, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଅବିନାଶ ବଳିୟାରସିଂ, ଲଳିତ ରଞ୍ଜନ ସାହୁ, ଅମରେଶ ସାହୁ, କମଲ କୁମାର ନାୟକ, ଆଦିତ୍ୟ ପଟ୍ଟନାୟକ, ଓମ୍ ସ୍ୱରୂପ ପାଢ଼ୀ, ସତ୍ୟମ ସ୍ୱରୂପ ସାହୁ ଓ ରାଜବୀର ନାୟକ ଶୀର୍ଷ ୧୪ ଜଣଙ୍କ ମଧ୍ୟରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳି ଏବଂ ୭ ପ୍ରତିଭାଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ରୟାଲ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ୍‌ର ଅବସରପ୍ରାପ୍ତ ବ୍ରାଞ୍ଚ୍ ମ୍ୟାନେଜର ବିଷ୍ଣୁ ଚରଣ ବେହେରା, ଶିଳ୍ପପତି ଦିଲୀପ ବାରିକ ଓ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଟ୍ରଫି ସହ ସୌମ୍ୟ ରଞ୍ଜନ ମିଶ୍ର।

## ଶ୍ରଦ୍ଧାଞ୍ଜଳିଙ୍କ ହାତରେ ସାଫ୍ ଟ୍ରଫି




ଢାକାରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ମହିଳା ସାଫ୍ ଫୁଟ୍‌ବଲରେ ଭାରତ-ବାଂଲାଦେଶ ଯୁଗ୍ମ ଚାମ୍ପିୟନ ହୋଇଛି। ସହକାରୀ କୋଚ୍ ଦାୟିତ୍ୱ ତୁଲାଇ ଭାରତକୁ ସଫଳତା ଦେବାରେ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ରବିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ପାଇଁ ସମର୍ଥନ କରିଥିବା ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ତାଙ୍କ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ଶ୍ରଦ୍ଧାଞ୍ଜଳି କୃତଜ୍ଞତା ଜଣାଇଛନ୍ତି।

## ନାଗାଲ ଜିତିଲେ ଚେନ୍ନାଇ ଓପନ

**ଚେନ୍ନାଇ, ୧୧।୨ (ପି.ଟି.)**

ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ରବିବାର ତାଙ୍କର ପଞ୍ଚମ ଚ୍ୟାଲେଞ୍ଜର ଲେଭଲ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏଠାରେ ଚାଲିଥିବା ଚେନ୍ନାଇ ଓପନ ଟେନିସ ପ୍ରତିଯୋଗିତା ଫାଇନାଲରେ ସେ ଇଟାଲୀର ଲୁକା ନାର୍ଡିଙ୍କୁ ୬-୧, ୬-୪ରେ ହରାଇ ଦେଇଛନ୍ତି। ଫଳତଃ ସୋମବାର ପ୍ରକାଶିତ ହେବାକୁଥିବା ର୍‍ୟାଙ୍କିଙ୍ଗ ତାଲିକାରେ ସେ ୯୮ତମ ସ୍ଥାନକୁ ଉନ୍ନୀତ ହେବେ। ଏହା ଦ୍ୱାରା ୨୦୧୯ରେ ବାମହାତୀ ପ୍ରଜନେଶ ଗୁଣେଶ୍ୱରନଙ୍କ ପରେ ସିଙ୍ଗଲ୍ସ ଟପ୍ ୧୦୦ରେ ପ୍ରବେଶ କରିବାରେ ନାଗାଲ ପ୍ରଥମ ଭାରତୀୟ ହେବେ। ଭାରତର ଏହି ୨୬ ବର୍ଷୀୟ ଖେଳାଳିଙ୍କର ୨୦୨୪ ସିଜନରେ ଭଲ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆନ ଓପନ ପାଇଁ କ୍ୱାଲିଫାଏ କରିବା ପରେ ପ୍ରଥମ ରାଉଣ୍ଡରେ ସେ ଟପ୍ ୩୦ ଖେଳାଳି ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କୁ ହରାଇ ଦେଇଥିଲେ। ଜବରଦସ୍ତ ଫର୍ମରେ ରହିଥିବା ନାଗାଲ ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି ଚେନ୍ନାଇ ଓପନ ଜିତିପାରିଛନ୍ତି।


ସୁମିତ ନାଗାଲ

# ସାକ୍ରୋ ବେସ୍ରା, ପଙ୍କଜ ସୋରେନ ବିଜେତା

**ଭୁବନେଶ୍ୱର, ୧୧।୨**
**(ତପନ ସ୍ୱାଇଁ)**

କଳିଙ୍ଗ ରନର୍ସ ପକ୍ଷରୁ ରବିବାର ସେଣ୍ଟ୍ରୋକ୍ସି ସିଟି ମାରାଥନ ଅନୁଷ୍ଠିତ ହୋଇଯାଇଛି। ମାରାଥନର ୬ଷ୍ଠ ସଂସ୍କରଣ ଶିଖରଚଣ୍ଡୀ ମନ୍ଦିରଠାରୁ ଆରମ୍ଭ ହୋଇ ପଥରଗଡ଼ିଆରେ ଶେଷ ହୋଇଥିଲା । ଅର୍ଥୋପେଡିକ୍ ସର୍ଜନ ସାର୍ଥକ ପଟ୍ଟନାୟକ ଓ କଳିଙ୍ଗ ରନର୍ସର ଅଧ୍ୟକ୍ଷ ଦୁଃଖୀଶ୍ୟାମ ପାଢ଼ୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ କଳିଙ୍ଗ ରନର୍ସର ଉପସଭାପତି ସ୍ୱାତୀ ମହାନ୍ତି, ସମ୍ପାଦକ ସଂଗ୍ରାମ କେଶରୀ ଜେନା, ସେଣ୍ଟ୍ରୋକ୍ସିର ପ୍ରତିଷ୍ଠାତା ତଥା ସିଇଓ ଯଯାତି ବସ୍ତୁ, କଳିଙ୍ଗ ରନର୍ସ ରେସ ନିର୍ଦ୍ଦେଶକ ଦୀପକ କୁମାର ମିଶ୍ର, କନ୍‌ଭେନର ଅନିଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ବିଭିନ୍ନ ସ୍ଥାନରୁ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୩ଟି ବର୍ଗ ୨୧

**ଭୁବନେଶ୍ୱର ସିଟି ମାରାଥନ୍**

କିଲୋମିଟର, ୧୦ କିଲୋମିଟର ଏବଂ ୫ କିଲୋମିଟରରେ ମାରାଥନ ହୋଇଥିଲା। ୨୧ କିମି ଦୌଡ଼ର ପୁରୁଷ ବର୍ଗରେ ପଙ୍କଜ ସୋରେନ ଏବଂ ମହିଳା ବର୍ଗରେ ସାକ୍ରୋ ବେସ୍ରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୦ କିମି ପୁରୁଷ ବର୍ଗରେ ସୂର୍ଯ୍ୟକାନ୍ତ ରାୟ ଏବଂ ମହିଳା ବର୍ଗରେ ଶୁଭଶ୍ରୀ ସାହୁ ପ୍ରଥମ ହୋଇଥିଲେ। ସେହିପରି ମାରାଥନ ଶିଖରଚଣ୍ଡୀଠାରୁ ଆରମ୍ଭ କରି ପଥରଗଡ଼ିଆ ପର୍ଯ୍ୟନ୍ତ କରାଯାଇଥିଲା। ୫୦ ବର୍ଷରୁ ଊର୍ଦ୍ଧ୍ୱରେ ୪୩ ଜଣ ଅଂଶଗ୍ରହଣ କରିଥିଲେ।



ସାକ୍ରୋ ବେସ୍ରାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ମୃତ୍ତିକା ସଂରକ୍ଷଣ ସଚେତନତା ପାଇଁ ମାରାଥନରେ ସୁବ୍ରମଣ୍ୟ

ମୃତ୍ତିକା ସଂରକ୍ଷଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଲାଗି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ମାରାଥନରେ ଭାଗ ନେଉଛନ୍ତି ବିଶାଖାପାଟଣାର ସୁବ୍ରମଣ୍ୟ ଶର୍ମା ଛଲ୍ଲା ନାମକ ଜଣେ ଚାର୍ଟର୍ଡ ସିଭିଲ ଇଞ୍ଜିନିୟର। ରବିବାର ଭୁବନେଶ୍ୱର ମାରାଥନରେ ତାଙ୍କୁ ଦେଖିବାକୁ ମିଳିଥିଲା। ସେ କହିଛନ୍ତି ଯେପରି ଭାବେ ମୃତ୍ତିକା କ୍ଷୟ ହେବାରେ ଲାଗିଛି, ତାହାକୁ ଯଦି ରୋକା ନ ଯାଏ ତେବେ ଦିନ ଆସିବ ମାଟି ବାଲିରେ ପରିଣତ ହୋଇଯିବ। ଇଶା ଫାଉଣ୍ଡେଶନର ପ୍ରତିଷ୍ଠାତା ସଦ୍‌ଗୁରୁଙ୍କ ଦ୍ୱାରା ୨୦୨୨ ମାର୍ଚ୍ଚ ୨୧ରୁ ମୃତ୍ତିକା ସଞ୍ଚୟ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସୁବ୍ରମଣ୍ୟଙ୍କର ବିଶାଖାପାଟଣାରେ ଏକ କନ୍‌ସଲ୍‌ଟେନ୍‌ସି ଅଫିସ ରହିଛି। ସେ ମୃତ୍ତିକା ସଂରକ୍ଷଣ ଆନ୍ଦୋଳନରେ ସାମିଲ ହେବା ପରଠାରୁ ଇତିମଧ୍ୟରେ ୩, ୭୦୩ କିଲୋମିଟର ଦୌଡ଼ି ସାରିଲେଣି ବୋଲି କହିଛନ୍ତି।



ସୁବ୍ରମଣ୍ୟ ଶର୍ମା ଛଲ୍ଲା




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ